# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

VOLUME- 41 • ISSUE-154 • BHUBANESWAR • WEDNESDAY • 29 NOVEMBER 2023 • PAGE-16 • ₹ 6.00

• ବର୍ଷ-୪୧ • ସଂଖ୍ୟା-୧୫୪ • ଭୁବନେଶ୍ୱର • ବୁଧବାର • ୨୯ ନଭେମ୍ବର ୨୦୨୩ • ପୃଷ୍ଠା-୧୬ • ଟ.୬.୦୦




'ମର୍ଦ୍ଦାନି-୩'
ଏଥର ବି ରାଣୀ

ପୃଷ୍ଠା ୧୩ ଦେଖନ୍ତୁ...


ODISHA
INDIA'S BEST KEPT SECRET.
ଆମ ଓଡ଼ିଶା ନବୀନ ଓଡ଼ିଶା

#ନୂଆ-ଓ
ଯୁବ ଓଡ଼ିଶା ନବୀନ ଓଡ଼ିଶା

# କ୍ରୀଡ଼ା ପ୍ରତିଯୋଗିତା

## ବ୍ଲକ୍ / ବିଜ୍ଞାପିତ ଅଞ୍ଚଳ ପରିଷଦ / ମ୍ୟୁନିସିପାଲିଟି / ମହାନଗର ନିଗମ

(କ୍ରିକେଟ୍, ହକି, ଫୁଟବଲ୍, କବାଡ଼ି, ଖୋ-ଖୋ, ଭଲିବଲ୍)



ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ମାନ୍ୟବର ମୁଖ୍ୟମନ୍ତ୍ରୀ

### ଅଂଶଗ୍ରହଣ ପାଇଁ ଯୋଗ୍ୟତା

- ଏଥିରେ ଉଭୟ ବାଳକ ଓ ବାଳିକା ଅଂଶଗ୍ରହଣ କରିପାରିବେ।
- ବୟସ ଯୋଗ୍ୟତା: ୧୩-୩୫ ବର୍ଷ ।
- ଅଂଶଗ୍ରହଣ ସମ୍ପୃକ୍ତ ସ୍ଥାନୀୟ ଅଞ୍ଚଳରେ ସୀମିତ।
- ବ୍ୟକ୍ତିବିଶେଷ ଏକାଧିକ କ୍ରୀଡ଼ା ବିଭାଗରେ ଅଂଶଗ୍ରହଣ କରିପାରିବେ।

### କିପରି ନାମ ପଞ୍ଜୀକରଣ କରିବେ ?

ୱେବ୍‌ସାଇଟ୍ https://sports.odisha.gov.in କୁ ଯାଆନ୍ତୁ ଏବଂ ନିର୍ଦ୍ଧାରିତ ଅନ୍‌ଲାଇନ୍ ଫର୍ମରେ ସମସ୍ତ ସୂଚନା ପୂରଣ କରନ୍ତୁ ।

**ପଞ୍ଜୀକରଣ ଶେଷ ତାରିଖ**

୩୦ ନଭେମ୍ବର ୨୦୨୩

ବ୍ଲକ୍ / ମ୍ୟୁନିସିପାଲିଟି/ମହାନଗର ନିଗମ/ଜିଲ୍ଲା/ରାଜ୍ୟ ସ୍ତରରେ ବିଜେତା ଦଳମାନଙ୍କୁ ଆକର୍ଷଣୀୟ ଅର୍ଥ ରାଶି ପୁରସ୍କାର ରୂପେ ପ୍ରଦାନ କରାଯିବ।

ବିଜେତା ଦଳମାନଙ୍କ ପାଇଁ ନଗଦ ପୁରସ୍କାର ରାଶିର ପରିମାଣ

**ପୁରସ୍କାର ରାଶି ଟଙ୍କାରେ**

| ପ୍ରତିଯୋଗିତାର ସ୍ତର | ଚାମ୍ପିୟନ ଦଳ | ପ୍ରଥମ ଉପ-ବିଜେତା | ଦ୍ୱିତୀୟ ଉପ-ବିଜେତା(୧) | ଦ୍ୱିତୀୟ ଉପ-ବିଜେତା(୨) |
|---|---|---|---|---|
| ବ୍ଲକ୍ / ବିଜ୍ଞାପିତ ଅଞ୍ଚଳ ପରିଷଦ/ ମ୍ୟୁନିସିପାଲିଟି | ୨୦,୦୦୦ | ୧୫,୦୦୦ | ୧୦,୦୦୦ | ୧୦,୦୦୦ |
| ଜିଲ୍ଲା/ ମହାନଗର ନିଗମ | ୫୦,୦୦୦ | ୩୦,୦୦୦ | ୨୦,୦୦୦ | ୨୦,୦୦୦ |
| ରାଜ୍ୟ | ୨୦୦,୦୦୦ | ୧୦୦,୦୦୦ | ୫୦,୦୦୦ | ୫୦,୦୦୦ |



" କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ ଶକ୍ତି "

ସକାଳ THE SAKALA



## ତାମିଲନାଡୁ ମନ୍ତ୍ରୀଙ୍କ ଆବେଦନ ଖାରଜ

ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): ତାମିଲନାଡୁ ମନ୍ତ୍ରୀ ତଥା ଡିଏମ୍‌କେ ନେତା ସେନ୍ଥିଲ ବାଲାଜୀଙ୍କୁ ପୁଣି ଝଟ୍‌କା ଲାଗିଛି। ହାଇକୋର୍ଟଙ୍କ ପରେ ମେଡିକାଲ ଆଧାରରେ ସେ କରିଥିବା ଜାମିନ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ବାଲାଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ବହୁତ ଗୁରୁତର ନାହିଁ ବୋଲି କୋର୍ଟ କହିଛନ୍ତି। ତେବେ ଜାମିନ ପାଇଁ ଟ୍ରାଏଲ କୋର୍ଟରେ ଆବେଦନ କରିବାକୁ ଅନୁମତି ଦେଇଛନ୍ତି। ସୂଚନାଯୋଗ୍ୟ ଯେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନି ଲଣ୍ଡରିଂ ମାମଲାରେ ଜୁନ୍ ୧୪ ତାରିଖରେ ବାଲାଜୀଙ୍କୁ ଗିରଫ କରିଥିଲା। ଅକ୍ଟୋବର ୧୯ ରେ ମାଡ୍ରାସ ହାଇକୋର୍ଟ ତାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ। ହାଇକୋର୍ଟଙ୍କ ଆଦେଶ ବିରୋଧରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାମିନ ମିଳିଲେ ମନ୍ତ୍ରୀ ସାକ୍ଷୀଙ୍କୁ ପ୍ରଭାବିତ କରିପାରିନ୍ତି ବୋଲି ହାଇକୋର୍ଟ କହିଥିଲେ।

## ଚନ୍ଦ୍ରବାବୁ ନାଇଡୁଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): କୌଶଳ ବିକାଶ ନିଗମ ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଡ଼ିପି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁଙ୍କୁ ନୋଟିସ ଜାରି କରିଛନ୍ତି। ଡିସେମ୍ବର ୮ ତାରିଖରେ ହେବାକୁ ଥିବା ରାଲି ଏବଂ ବୈଠକରେ ଭାଗ ନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଜାମିନ ସର୍ତ୍ତରେ ଆସୁଛି। ତେଣୁ ଜାମିନ ସର୍ତ୍ତକୁ ପାଳନ କରିବାକୁ ଜଷ୍ଟିସ ବେଲା ଏମ ତ୍ରିବେଦୀ ଏବଂ ଜଷ୍ଟିସ ଏସ୍‌ସି ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି। ଆନ୍ଧ୍ର ସରକାରଙ୍କ ପକ୍ଷରୁ ଏହି ଆବେଦନ କରାଯାଇଥିଲା। ଏଥିରେ ସରକାର ହାଇକୋର୍ଟ ଦେଇଥିବା ଜାମିନକୁ ବିରୋଧ କରିଥିଲେ। ସେ ଜାମିନ ସର୍ତ୍ତ ଉଲ୍ଲଙ୍ଘନ କରି ରାଲିରେ ସାମିଲ ହେବାକୁ ଯାଉଥିବା କହିଥିଲେ।

## ଅର୍ଶଦୀପର ୫ ସାର୍ପ ସୁଟର ଗିରଫ

ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): ଦିଲ୍ଲୀ ପୁଲିସକୁ ବଡ଼ ସଫଳତା ମିଳିଛି। ଖଲିସ୍ତାନୀ ଆତଙ୍କବାଦୀ ଅର୍ଶଦୀପ ଓରଫ ଅର୍ଶ ଡାଲାର ୫ ସାର୍ପ ସୁଟର ରାଜପ୍ରୀତ ସିଂହ ଓରଫ ରାଜା, ବୀରେନ୍ଦ୍ର ସିଂହ ଓରଫ ବିମ୍ପି, ସଚିନ ଭାଟି, ଅର୍ପିତ ଧନଖର, ଏବଂ ସୁଶୀଲ ପ୍ରଧାନକୁ ଅକ୍ଷରଧାମ ମନ୍ଦିର ନିକଟରୁ ପୁଲିସ ଗିରଫ କରିଛି। ଏମାନଙ୍କ ନିକଟରୁ ହ୍ୟାଣ୍ଡ ଗ୍ରେନେଡ୍, ଅନେକ ପିସ୍ତଲ ଏବଂ କ୍ୟାଟ୍ରିଜ ମଧ୍ୟ ଜବତ କରାଯାଇଛି। ଅର୍ଶ ଡାଲା କାନାଡ଼ାରେ ରହିଛି। ସେଠାରୁ ଭାରତରେ ଗ୍ୟାଙ୍ଗ ଚଳାଇଛି। ସେ ଖଲିସ୍ତାନ ଟେରରିଷ୍ଟ ଫ୍ରଣ୍ଟର ସଦସ୍ୟ।

## ସଞ୍ଜୟ ସିଂଙ୍କ ମାମଲାରେ ଇଡିକୁ ନୋଟିସ୍

ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): ଦିଲ୍ଲୀ ମଦ ନୀତି ମାମଲାରେ ଗିରଫ ଆମ୍ ଆଦମୀ ପାର୍ଟି (ଆପ୍) ସାଂସଦ ସଞ୍ଜୟ ସିଂହକୁ ମଙ୍ଗଳବାର ମଧ୍ୟ ନିରାଶ ହେବାକୁ ପଡ଼ିଛି। ରାଉଜ ଆଭିନ୍ୟୁ କୋର୍ଟରୁ ତାଙ୍କୁ ଜାମିନ ମିଳିପାରି ନାହିଁ। ମାତ୍ର କୋର୍ଟ ଏହି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)କୁ ନୋଟିସ ଜାରି କରିଛନ୍ତି। ସଞ୍ଜୟଙ୍କ ଜାମିନ ଆବେଦନ ଉପରେ ୬ ତାରିଖର ସୁଦ୍ଧା ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦିନ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସଞ୍ଜୟ ସିଂ ୫୬ ଦିନ ହେଲା ଜେଲ୍‌ରେ ଅଛନ୍ତି। ଅକ୍ଟୋବର ୪ ତାରିଖରେ ଇଡି ତାଙ୍କୁ ଗିରଫ କରିଥିଲା। ସେ ଡିସେମ୍ବର ୪ରୁ ନ୍ୟାୟିକ ହେପାଜତରେ ଅଛନ୍ତି।

## କ୍ରିଷ୍ଟୋଫର ନ୍ୟୁଜିଲାଣ୍ଡର ନୂଆ ପ୍ରଧାନମନ୍ତ୍ରୀ

ୱେଲିଂଟନ, ୨୮।୧୧ (ଏଜେନ୍ସି): ପୂର୍ବତନ ବ୍ୟବସାୟୀ କ୍ରିଷ୍ଟୋଫର ଲକ୍ସନ (୫୩) ନ୍ୟୁଜିଲାଣ୍ଡର ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ସୋମବାର ପଦ ଏବଂ ଗୋପନୀୟତାର ଶପଥ ପାଠ କରିଛନ୍ତି। ଅର୍ଥବ୍ୟବସ୍ଥାକୁ ସୁଧାରିବାକୁ ପ୍ରାଧାନ୍ୟ ଦେବେ ବୋଲି ସେ କହିଛନ୍ତି। କ୍ରିଷ୍ଟୋଫର ଏକ ରକ୍ଷଣଶୀଳ ମେଣ୍ଟର ନେତୃତ୍ୱ ନେଉଛନ୍ତି। ଗତ ଶୁକ୍ରବାର ତାଙ୍କ ଦଳ ଆଉ ୨ଟି ଛୋଟ ଦଳ ସହ ମେଣ୍ଟ କରିଥିଲା। ଖୁବଶୀଘ୍ର ୧୦୦ ଦିନିଆ ଯୋଜନାକୁ ଅନ୍ତିମ ରୂପ ଦିଆଯିବ ବୋଲି କ୍ରିଷ୍ଟୋଫର କହିଛନ୍ତି।

## ମହିଳା ଅଗ୍ନିବୀରଙ୍କ ଆତ୍ମହତ୍ୟା



ମୁମ୍ବଇ, ୨୮।୧୧ (ଏଜେନ୍ସି): ଭାରତୀୟ ନୌସେନାରେ ଅଗ୍ନିବୀର ଭାବେ ମୁମ୍ବାଇରେ ପ୍ରଶିକ୍ଷଣ ନେଉଥିବା ଅପର୍ଣ୍ଣା ନାୟର (୨୦) ଆତ୍ମହତ୍ୟା କରିଛନ୍ତି। ସେ ମଲାଡ଼ର ମାଲୱାନୀ ଅଞ୍ଚଳରେ ଥିବା ଆଇଏନ୍‌ଏସ୍ ହମ୍‌ଲାର ଛାତ୍ରାବାସରେ ରହୁଥିଲେ। ସୋମବାର ନିଜ ପ୍ରକୋଷ୍ଠରୁ ଅପର୍ଣ୍ଣାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ସେ ବେଡ୍‌ସିଟ୍ ମାଧ୍ୟମରେ ଫାଶୀ ଦେଇଥିଲେ। ପୁଲିସ ମଙ୍ଗଳବାର ଏହି ସୂଚନା ଦେଇଛି। ଅପର୍ଣ୍ଣ କେରଳ ପାଥନମଥିଟ୍ଟାର ବାସିନ୍ଦା। ସେ ଗତ ୧୫ ଦିନ ହେଲା 'ଆଡଭାନ୍ସ ଟ୍ରେନିଂ' ନେଉଥିଲେ। ଏହା ପୂର୍ବରୁ ସେ ଓଡ଼ିଶାରେ ୬ ମାସ ପର୍ଯ୍ୟନ୍ତ ପ୍ରଶିକ୍ଷଣ ନେଇଥିଲେ। ଗତ ମାସରେ ସେ ମୁମ୍ବଇ ଆସିଥିଲେ। ତାଙ୍କ ପ୍ରକୋଷ୍ଠରୁ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ। ଏବେ ମାମଲାର ଯାଞ୍ଚ ଜାରି ରହିଛି। ପୁଲିସ ତାଙ୍କ କଲ୍ ବିବରଣୀ ଯାଞ୍ଚ କରୁଛି। ଅପର୍ଣ୍ଣାଙ୍କ ସହ ପ୍ରକୋଷ୍ଠରେ ରହୁଥିବା ମହିଳା ପ୍ରଥମେ ଏହାର ସୂଚନା ଦେଇଥିଲେ। ପୁଲିସ ସୂଚନା ଅନୁଯାୟୀ ଅପର୍ଣ୍ଣାଙ୍କ ସାଧାରଣ ପ୍ରଶିକ୍ଷଣ ଶେଷ ହୋଇ ଯାଇଥିଲା। ସେ ବ୍ୟକ୍ତିଗତ କାରଣ ପାଇଁ ଆତ୍ମହତ୍ୟା କରିଥିବା ପୁଲିସ ଦାବି କରିଛି।

## ଭାଣିଜୀକୁ କୋଟିଏ ଟଙ୍କା ବନ୍ଧାଇଲେ ମାମୁଁ



ଚଣ୍ଡିଗଡ଼, ୨୮।୧୧ (ଏଜେନ୍ସି): ହରିୟାଣା ରେୱାଡି ସହରର ଜଣେ ବ୍ୟକ୍ତି ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଏହାକୁ ନେଇ ସବୁଠି ତାଙ୍କ ଚର୍ଚ୍ଚା ହେଉଛି। ସେ ବାହାଘରରେ ନିଜ ଭାଣିଜୀକୁ କୋଟିଏ ଟଙ୍କା ବନ୍ଧାଇଛନ୍ତି। ବିଧବା ଭଉଣୀର ଘରେ ଭାଇ ନୋଟ ବିଡ଼ା ଗଦେଇ ଦେଇଛନ୍ତି। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି। ସମସ୍ତେ ଏହାକୁ ପ୍ରଶଂସା କରୁଛନ୍ତି। ସେ ଏକ କୋଟି ଏକ ଲକ୍ଷ ୧୧ ହଜାର ୧୦୧ ଟଙ୍କା ଦେଇଛନ୍ତି। ସୂଚନା ଅନୁଯାୟୀ ରେୱାଡ଼ି ଜିଲ୍ଲା ଆସଲବାସ ଗ୍ରାମର ସତବୀରଙ୍କ ଭଉଣୀର ବିବାହ ସିନ୍ଦରପୁରରେ ହେଉଥିଲା। ସତବୀର ନିଜ ଭାଣିଜୀ ବାହାଘରରେ ସାମିଲ ହେବାକୁ ପରିବାର ସଦସ୍ୟଙ୍କ ସହ ଗାଁରେ ପହଞ୍ଚି ଥିଲେ। ସନ୍ଧ୍ୟାରେ ବନ୍ଧାପନା କାର୍ଯ୍ୟ ଆରମ୍ଭ ହେବା ସମୟରେ ଦେଖଣାହାରୀ ଚକିତ ହୋଇ ଯାଇଥିଲେ। ସେ ୫୦୦ ଟଙ୍କିଆ ନୋଟ୍ ବିଡ଼ା ଗଦା କରି ଚାଲିଥିଲେ। ଏହା ବ୍ୟତୀତ କୋଟି କୋଟି ଟଙ୍କାର ଗହଣା ଏବଂ ଅନ୍ୟ ସାମଗ୍ରୀ ଭଉଣୀ ଓ ଭାଣିଜୀକୁ ଦେଇଥିଲେ। ସତବୀର ଜଣେ କ୍ରେନ୍ ବ୍ୟବସାୟୀ। ସେ ପରିବାର ସହ ଗାଁରେ ରହୁଛନ୍ତି।

### ଶ୍ରମିକଙ୍କୁ ଉଦ୍ଧାର ପରେ ସାରା ଦେଶରେ ଖୁସିର ଲହରି

# ବରଦାନ ସାଜିଲା ର୍‍ୟାଟ୍-ହୋଲ୍ ମାଇନିଂ



ଡେରାଡୁନ, ୨୮।୧୧ (ଏଜେନ୍ସି):

ଦୀର୍ଘ ୧୭ ଦିନର ପ୍ରତିକ୍ଷାର ଅନ୍ତ ଘଟିଛି। ଅନେକ ବାଧାବିଘ୍ନ ସତ୍ତ୍ୱେ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉତ୍ତରାଖଣ୍ଡର ସିଲକ୍ୟାରା ସୁଡ଼ଙ୍ଗରୁ ଉଦ୍ଧାର କରାଯାଇଛି। ଏହି ଉଦ୍ଧାର କାର୍ଯ୍ୟରେ ଦେଶବିଦେଶର ବଡ଼ ବଡ଼ ବିଶେଷଜ୍ଞ ଏବଂ ମେସିନ ଲାଗିଥିଲା। ଭାରତୀ ସେନା, ଏନଡିଆରଏଫ୍, ଏସଡିଆରଏଫ, ଅଗ୍ନିଶମ ବାହିନୀଙ୍କୁ ମଧ୍ୟ ଲଗା ଯାଇଥିଲା। ଏହି ଉଦ୍ଧାର କାର୍ଯ୍ୟରେ ଆମେରିକାରୁ ଆସିଥିବା ଆଗର ମେସିନ ମଧ୍ୟ ବିଫଳ ହୋଇଥିଲା। ଏହି ମେସିନ ଶ୍ରମିକଙ୍କଠାରୁ ୧୨ ମିଟର ଦୂରରେ ଭାଙ୍ଗି ଯାଇଥିଲା। ସବୁ ପଦ୍ଧତି ଫେଲ୍ ମାରିବା ପରେ ର୍‍ୟାଟ୍-ହୋଲ୍ ମାଇନିଂ ବରଦାନ ସାବ୍ୟସ୍ତ ହୋଇଥିଲା। ଆଗର ମେସିନ ଖୋଳିଥିବା ସୁଡ଼ଙ୍ଗୁ ପୁରୁଣା ମେସିନ ବାହାର କରିବା ପରେ ଏହା ମାଧ୍ୟମରେ ର୍‍ୟାଟ୍ ମାଇନିଂ ଟିମ୍ ଭିତରକୁ ଯାଇ ହାତରେ ସୁଡ଼ଙ୍ଗ ଖୋଳିଥିଲେ। ଟନେଲ ଭିତରେ ଏହି ମାନୁଆଲ ଭାବେ ଖନନ କରାଯାଇଥିଲା। ଏହା ମାଧ୍ୟମରେ ୫୭ ମିଟର ପର୍ଯ୍ୟନ୍ତ ଖନନ କରାଯାଇଥିଲା। ଏହା ଅତ୍ୟନ୍ତ ଜଟିଳ ଥିଲା। ପୂର୍ବରୁ ଏହି ପଦ୍ଧତିକୁ ମଧ୍ୟ ନିଷିଦ୍ଧ କରିଦିଆ ଯାଇଥିଲା। ଶେଷରେ ଏହା ହିଁ ସଫଳତା ଆଣିଥିଲା।



ର୍‍ୟାଟ୍-ହୋଲ୍ ମାଇନିଂ ପଦ୍ଧତିରେ ଖନନକାରୀ କୋଇଲା ବାହାର କରିବା ପାଇଁ ସଂକୀର୍ଣ୍ଣ ଗର୍ତ୍ତକୁ ପ୍ରବେଶ କରିଥାନ୍ତି। କିନ୍ତୁ ଏହାକୁ ନିଷିଦ୍ଧ କରାଯାଇଛି। ଏହି ପଦ୍ଧତି ଉତ୍ତର-ପୂର୍ବ ରାଜ୍ୟ ମେଘାଳୟରେ ପ୍ରଚଳିତ ଥିଲା। ଖନନକାରୀ ଗାତ ଖୋଳି ଚାରି ଫୁଟ ଚଉଡା ସଂକୀର୍ଣ୍ଣ ଗର୍ତ୍ତରେ ଓହ୍ଲାଉ ଥିଲେ। ଏଥିରେ କେବଳ ଜଣେ ବ୍ୟକ୍ତି ଯାଇ ପାରୁଥିଲେ। ସେମାନେ ବାଉଁଶ ସିଡ଼ି ଏବଂ ଦଉଡି ବ୍ୟବହାର କରି ଓହ୍ଲାଉ ଥିଲେ। ଟୋକେଇରେ କୋଇଲା ବାହାର କରୁଥିଲେ।






ଏହି ପଦ୍ଧତି ଅତ୍ୟନ୍ତ ବିପଜ୍ଜନକ ମଧ୍ୟ। କାରଣ ଖନନକାରୀ ସୁରକ୍ଷା ଓ ସାବଧାନତାର ସହ ଗର୍ତ୍ତ ଭିତରକୁ ଯାଉଥିଲେ ମଧ୍ୟ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଥିଲେ। ବର୍ଷା ଦିନେ ଏହା ବେଶି ବିପଜ୍ଜନକ ସାବ୍ୟସ୍ତ ହେଉଥିଲା। ଖନନ ଯୋଗୁଁ ଖଣି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିଲା। ଏଥିପାଇଁ ଶ୍ରମିକଙ୍କ ଜୀବନ ଯାଉଥିଲା। ୨୦୧୪ରେ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନ୍‌ଜିଟି) ଏହି ପଦ୍ଧତିକୁ ନିଷିଦ୍ଧ କରି ଦେଇଥିଲେ। ମେଘାଳୟରେ ଏହାର ବ୍ୟବହାର ଉପରେ କଟକଣା ଲଗା ଯାଇଥିଲା। ଉଦ୍ଧାର କାର୍ଯ୍ୟ ପାଇଁ ଅନେକ ବିକଳ୍ପ ବିଫଳ ହେବା ପରେ ସୋମବାର ର୍‍ୟାଟ୍ ଟିମ୍ ସମ୍ବେଦନଶୀଳ ଅଞ୍ଚଳରେ ଏହି ପ୍ରକ୍ରିୟା ଆପଣାଇ ଥିଲା। ଏହି ଟିମ୍ ୮୦୦ ଏମଏମ ପାଇପରେ ପ୍ରବେଶ କରି ଡ୍ରିଲ୍ କରିଥିଲେ। ଏମାନେ ଥରକୁ ଥର ଭିତରକୁ ଯାଆନ୍ତି ଏବଂ ଛୋଟ ଫାଉଡ଼ା ମାଧ୍ୟମରେ ଖୋଳିଥାନ୍ତି। ଟ୍ରଲିରେ ଥରକେ ପ୍ରାୟ ୨.୫ କ୍ୱିଣ୍ଟାଲ ଅବଶେଷ ବାହାରକୁ ଆସିଥାଏ। ପାଇପ ଭିତରେ ଏମାନଙ୍କ ପାଇଁ ଅମ୍ଳଜାନ ପଠା ଯାଇଥାଏ। ଏମାନେ ଅମ୍ଳଜାନ ମାସ୍କ, ଆଖିର ସୁରକ୍ଷା ପାଇଁ ବିଶେଷ ଚଷମା ପିନ୍ଧିଥାନ୍ତି।

## ୧୧ ବନ୍ଦୀଙ୍କୁ ମୁକ୍ତକଲା ହମାସ

ତେଲ ଆଭିଭ୍, ୨୮।୧୧ (ଏଜେନ୍ସି): ହମାସ୍-ଇସ୍ରାଏଲ ଯୁଦ୍ଧବିରତିର ମଙ୍ଗଳବାର ପଞ୍ଚମ ଦିନରେ ପହଞ୍ଚିଛି । ଆତଙ୍କବାଦୀ ସଂଗଠନ ଆଜି ଆଉ ୧୧ଜଣ ବନ୍ଦୀଙ୍କୁ ମୁକ୍ତ କରିଛି। ଏମାନଙ୍କ ମଧ୍ୟରେ ମହିଳା ଏବଂ ଶିଶୁ ସାମିଲ ଅଛନ୍ତି। ଅକ୍ଟୋବର ୭ ତାରିଖ ଆତଙ୍କବାଦୀ ଏମାନଙ୍କୁ ଅପହରଣ କରି ନେଇଥିଲେ। ଏହା ପୂର୍ବରୁ ଚତୁର୍ଥ ଦିନରେ ୧୭ ଜଣ ବନ୍ଦୀଙ୍କୁ ମୁକ୍ତ କରିଥିଲା। ଏମାନଙ୍କ ଜଣେ ୪ ବର୍ଷର ଇସ୍ରାଏଲୀ ଆମେରିକୀୟ ଶିଶୁ ସାମିଲ ରହିଥିଲା। ଏହା ବ୍ୟତୀତ ୧୩ ଇସ୍ରାଏଲି, ଥାଇଲାଣ୍ଡର ୩ ଜଣ ଏବଂ ଋଷର ଜଣେ ନାଗରିକ ସାମିଲ ଥିଲେ। ଅନ୍ୟପକ୍ଷରେ ଗତ ତିନି ଦିନ ମଧ୍ୟରେ ଇସ୍ରାଏଲ ପାଲେଷ୍ଟାଇନର ୬୯ ଜଣ ବନ୍ଦୀଙ୍କୁ ମୁକ୍ତ କଲାଣି। ଏ ପର୍ଯ୍ୟନ୍ତ ମୋଟ ୧୫୦ ଜଣଙ୍କୁ ମୁକ୍ତ କରିସାରିଲାଣି । ରମଲ୍ଲାରେ ସମସ୍ତ ପାଲେଷ୍ଟିନୀୟଙ୍କୁ ସ୍ୱାଗତ କରାଯାଇଛି। ବର୍ତ୍ତମାନ ସୁଦ୍ଧା ହମାସ ୫୮ ଜଣ ପଣବନ୍ଦୀଙ୍କୁ ମୁକ୍ତ କଲାଣି।

ଅନ୍ତର୍ଜାତୀୟ ରେଡକ୍ରସ ସଂସ୍ଥାକୁ ହମାସ ପ୍ରଥମ ଦିନରେ ୨୪, ଦ୍ୱିତୀୟ ଦିନରେ ୧୭ ଏବଂ ତୃତୀୟ ଦିନରେ ୧୭ ଜଣଙ୍କୁ ହସ୍ତାନ୍ତର କରିଥିଲା। ସମସ୍ତେ ଇଜିପ୍ଟର କରିମ ସାଲମ କ୍ରସିଂ ଦେଇ ଇସ୍ରାଏଲକୁ ଫେରିଛନ୍ତି। ସୂଚନାଯୋଗ୍ୟ ଯେ କାତାର ମଧ୍ୟସ୍ଥତାରେ ହମାସ ପଣବନ୍ଦୀଙ୍କୁ ଛାଡୁଛି। ମାତ୍ର ୪ ଦିନ ଯୁଦ୍ଧ ବିରତିରେ ପାଲେଷ୍ଟାଇନର ୧୫୦ ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଚୁକ୍ତି ହୋଇଥିଲା। ଏହା ମଧ୍ୟରେ ଆଉ ୨ରୁ ୪ ଦିନ ଯୁଦ୍ଧବିରତି ଜାରି ରଖିବାକୁ କାତାର ଉଦ୍ୟମ କରୁଛି। ଉଭୟେ ଯୁଦ୍ଧବିରତିକୁ ୨ ଦିନ ପାଇଁ ବଢ଼ାଇ ଦେଇଛନ୍ତି। ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ଉଦ୍ୟମକୁ ସ୍ୱାଗତ କରିଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ। ତେବେ ଯୁଦ୍ଧ ବିରତି ମଧ୍ୟରେ ଇସ୍ରାଏଲ ଗାଜାରେ ହମାସ ବାହିନୀର ୫ ବରିଷ୍ଠ କମାଣ୍ଡରଙ୍କୁ ହତ୍ୟା କରିଛି।



### ଏମ୍‌ଏସ୍‌ସି ପାସ୍ କଲେ ସୁରକ୍ଷାକର୍ମୀ

# ୨୫ ବର୍ଷରେ ୨୩ ପ୍ରୟାସ ପରେ ସଫଳତା

ଭୋପାଳ, ୨୮।୧୧ (ଏଜେନ୍ସି):

କଠିନ ପରିଶ୍ରମ ଏବଂ ଦୃଢ଼ ନିଷ୍ଠା ବଳରେ ଅସମ୍ଭବକୁ ସମ୍ଭବ କରିହେବ। ଏହି ଉକ୍ତିକୁ ସତ୍ୟ ପ୍ରମାଣିତ କରିଦେଇଛନ୍ତି ଉତ୍ତରପ୍ରଦେଶ ଜବଲପୁରର ୫୬ ବର୍ଷୀୟ ସୁରକ୍ଷାକର୍ମୀ (ସିକ୍ୟୁରିଟି ଗାର୍ଡ) ରାଜକିରନ ବରୁଆ। ଘର, ପରିବାର, ଟଙ୍କା ଏବଂ ସ୍ଥାୟୀ ଚାକିରି ନ ଥିବା ସତ୍ତ୍ୱେ ସେ ହାର୍ ମାନିନାହାନ୍ତି। ମାସକୁ ପ୍ରାୟ ୫ ହଜାର ଟଙ୍କାରେ କାମ କରୁଥିବା ରାଜକିରନ ନିଜର ୨୫ ବର୍ଷର ଲକ୍ଷ୍ୟ ପୂରଣ କରିଛନ୍ତି। ଏହି ଲକ୍ଷ୍ୟ ହାସଲ ପାଇବା ପାଇଁ ସେ ଅଧା ଜୀବନ ଲଗାଇ ଦେଇଛନ୍ତି। ଦିନକୁ ୧୬ ଘଣ୍ଟା କାର୍ଯ୍ୟ କରିବା ସତ୍ତ୍ୱେ ମଧ୍ୟ ସେ ହାର୍ ଥକି ଯାଇନାହାନ୍ତି। ନିଜ ନିଶାକୁ ବଜାୟ ରଖିଛନ୍ତି। ପଢ଼ା ଜାରି ରଖି ୨୪ ତମ ପ୍ରୟାସରେ ଗଣିତରେ ସ୍ନାତୋକତର (ଏମ୍‌ଏସ୍‌ସି) ପାସ୍ କରିଛନ୍ତି। ମୋ ପାଖରେ ଟଙ୍କା, ପରିବାର ଏବଂ ଘର ନାହିଁ, କିନ୍ତୁ ଡିଗ୍ରୀ ଅଛି ବୋଲି ସେ ଗର୍ବର ସହ କହିଛନ୍ତି। ଏହି ସୁରକ୍ଷାକର୍ମୀ ଅନ୍ୟମାନଙ୍କ ପାଇଁ ଏବେ ଉଦାହରଣ ପାଲଟି ଯାଇଛନ୍ତି। ସେ ଜବଲପୁରର ରାଣୀ ଦୁର୍ଗାବତୀ ୟୁନିଭର୍ସିଟିରୁ ଚଳିତ ବର୍ଷ ଗଣିତରେ ପୋଷ୍ଟ-ଗ୍ରାଜୁଏଟ ହୋଇଛନ୍ତି। ଏବେ ତାଙ୍କ ପାଖରେ ୨ଟି ମାଷ୍ଟର୍ସ ଡିଗ୍ରୀ ରହିଛି।



**'ମୋ ପାଖରେ ଟଙ୍କା ନାହିଁ; କିନ୍ତୁ ଡିଗ୍ରୀ ଅଛି: ରାଜକିରନ**

**ମୁଁ ମୋ ସ୍ୱପ୍ନକୁ ବିବାହ କରିଛି**

ସୂଚନା ଅନୁଯାୟୀ ରାଜକିରନ ୧୯୯୬ରେ ପ୍ରତ୍ନତତ୍ତ୍ୱରେ ପ୍ରଥମ ମାଷ୍ଟର୍ସ ଡିଗ୍ରୀ ହାସଲ କରିଥିଲେ। କିନ୍ତୁ ସେ ଗଣିତରେ ମାଷ୍ଟର୍ସ ଡିଗ୍ରୀ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ୨୫ ବର୍ଷ ସେ କଠିନ ପରିଶ୍ରମ କରିଥିଲେ। ରାତିରେ ସୁରକ୍ଷାକର୍ମୀ ଏବଂ ଦିନରେ ସହାୟକ ଭାବେ କାର୍ଯ୍ୟ ଗୁଜରାଣ ମେଣ୍ଟାଇବା ସହ ପଢ଼ାପଢ଼ି ଜାରି ରଖିଥିଲେ। ପ୍ରଥମେ ଇଂରାଜୀ ପୁସ୍ତକ ପଢ଼ିବା ଏବଂ ବୁଝିବା ସହଜ ନ ଥିଲେ। ଗୋଟିଏ ବିଷୟରେ ପାସ୍ ହୋଇ ସେ ଅନ୍ୟ ସବୁଥିଲେ ଫେଲ୍ ହେଇ ଯାଉଥିଲେ। ପରେ ଏକ ଅଭିଧାନ ମାଧ୍ୟମରେ ପଢ଼ା ଆରମ୍ଭ କଲେ। ଶେଷରେ ୨୦୨୧ରେ ଗଣିତରେ ମାଷ୍ଟର୍ସ ଡିଗ୍ରୀ ହାସଲ କଲେ। ସେ ଏ ବିଷୟରେ କୌଣସି କର୍ମଚାରୀଙ୍କୁ କହି ନ ଥିଲେ। କାରଣ ସେମାନେ ନିଜ ପିଲାଙ୍କୁ ଉପହାସ କରିଥାନ୍ତେ। ଯଦି ମୁଁ କୌଣସି ସୁବିଧା ବିନା ପଢ଼ି ପାରୁଛି ତେବେ ସେମାନେ କାହିଁକି ଏପରି କରିପାରିବେ ନାହିଁ ବୋଲି ପ୍ରଶ୍ନ କରିଥାନ୍ତେ। ରାଜକିରନ କହିଛନ୍ତି ଯେ କିଛି ବଙ୍ଗଳାରେ କାମ କରିବା ସମୟରେ ତାଙ୍କୁ ଅନେକ ଥର ଅସମ୍ମାନ କରାଯାଇଛି। କର୍ମଚାରୀ ଅପମାନିତ କରନ୍ତି। ଏହା ସତ୍ତ୍ୱେ ରାତିରେ ଖାଲି ସମୟ ପାଇଲେ ସିଡ଼ିରେ ବସି ପାଠ ପଢ଼ିଥାନ୍ତି। କାହିଁକି ବିବାହ କରିନାହାନ୍ତି ପଚାରାଯିବାରୁ ସେ ରୋଚକ ଉତ୍ତର ଦେଇଥିଲେ। ମୁଁ ବାହା ହୋଇନାହିଁ। କିନ୍ତୁ ମୁଁ ମୋ ସ୍ୱପ୍ନକୁ ବିବାହ କରିଛି।

## 'ଚୀନ୍‌ର ରହସ୍ୟମୟ ରୋଗ କରୋନା ଭଳି ଘାତକ'

ଜେନେଭା, ୨୮।୧୧ (ଏଜେନ୍ସି): କରୋନାର ଜନନୀ ଚୀନ୍‌ରେ ଏକ ରହସ୍ୟମୟ ରୋଗ ବ୍ୟାପିବାରେ ଲାଗିଛି। ଏହାକୁ ନେଇ ସାରା ବିଶ୍ୱରେ ଭୟ ଲାଗି ରହିଛି। ଏହି ରୋଗରେ ଅନେକ ଶିଶୁ ଆକ୍ରାନ୍ତ ହେଉଛନ୍ତି। ଚୀନ୍ ସ୍ଥିତି ଏପରି ହୋଇଛି ଯେ ସମସ୍ତ ସ୍କୁଲ୍ ବନ୍ଦ କରିବାକୁ ପଡିଛି। ଦିନକୁ ଏହି ରୋଗରେ ସଂକ୍ରମିତ ୧୨୦୦ରୁ ଅଧିକ ଶିଶୁ ଡାକ୍ତରଖାନାରେ ଭର୍ତ୍ତି ହେଉଛନ୍ତି। ଏହା ମଧ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ଚେତାବନୀ ଭୟ ବଢ଼ାଇ ଦେଇଛି। ଏହି ରୋଗ କରୋନା ଭଳି ଘାତକ ବୋଲି 'ହୁ' ପକ୍ଷରୁ କୁହାଯାଇଛି। ଏହି ରୋଗ ଜଣଙ୍କ ଠାରୁ ଅନ୍ୟଜଣକୁ ଦ୍ରୁତଗତିରେ ବ୍ୟାପୁଛି। ସଂକ୍ରମିତଙ୍କ କାଶ ହେଉଛି। ନିଃଶ୍ୱାସପ୍ରଶ୍ୱାସରେ ମଧ୍ୟ ସମସ୍ୟା ହେଉଛି।

## ଯୁଦ୍ଧ ଜାହାଜ ଇମ୍ଫାଲ ଉନ୍ମୋଚିତ

### ମଣିପୁର ଲୋକଙ୍କ ବଳିଦାନକୁ ଶ୍ରଦ୍ଧାଞ୍ଜଳୀ: ରାଜନାଥ

ନୂଆଦିଲ୍ଲୀ, ୨୮।୧୧ (ଏଜେନ୍ସି): ବିଶାଖାପଟନମ୍ ଶ୍ରେଣୀର ତଥା ୧୫ତମ ପ୍ରକଳ୍ପରେ ପ୍ରସ୍ତୁତ 'ଇମ୍ଫାଲ' ଯୁଦ୍ଧ ଜାହାଜକୁ ମଙ୍ଗଳବାର ନୂଆଦିଲ୍ଲୀରେ ଉନ୍ମୋଚିତ କରାଯାଇଛି। ଏହି ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, ମଣିପୁର ମୁଖ୍ୟମନ୍ତ୍ରୀ ଏନ୍ ବୀରେନ ସିଂ, ନୌସେନା ମୁଖ୍ୟ ଆର୍ ହରିକୁମାର ଉପସ୍ଥିତ ଥିଲେ। ଭାରତର ସ୍ୱାଧୀନତାରେ ମଣିପୁର ଲୋକ ଦେଇଥିବା ବଳିଦାନକୁ ପାଇଁ ଏହି ଯୁଦ୍ଧ ଜାହାଜ ପ୍ରକୃତ ଶ୍ରଦ୍ଧାଞ୍ଜଳୀ ବୋଲି ବାୟୁସେନା ପକ୍ଷରୁ କୁହାଯାଇଛି। ଉନ୍ମୋଚନ ପରେ ବାୟୁସେନା ମୁଖ୍ୟ ଯୁଦ୍ଧ ଜାହାଜରୁ କ୍ରୁ ସଦସ୍ୟ, ଅଧିକାରୀ ଏବଂ ସେଲର୍ସଙ୍କୁ ଭେଟି ଥିଲେ। ସୂଚନା ଅନୁଯାୟୀ ଆଇଏନଏସ୍ ଇମ୍ଫାଲରେ ବ୍ରହ୍ମୋସ କ୍ଷେପଣାସ୍ତ୍ର ମୁତୟନ କରାଯାଇଛି। ପ୍ରଥମ ଥର ପାଇଁ ଉତ୍ତର-ପୂର୍ବ ଭାରତର କୌଣସି ସହର ନାମରେ ଯୁଦ୍ଧ ଜାହାଜର ନାମକରଣ ହୋଇଛି। ରାଷ୍ଟ୍ରପତି ୨୦୧୯ ଏପ୍ରିଲ ୧୬ରେ ଏହି ନାମକୁ ମଞ୍ଜୁର ଦେଇଥିଲେ। ଏହି ଯୁଦ୍ଧ ଜାହାଜର ସମସ୍ତ ପରୀକ୍ଷଣ ହୋଇସାରିଛି। ଆସନ୍ତା ୨୩ ତାରିଖରେ ଏହାକୁ ନୌସେନାରେ ସାମିଲ କରାଯିବ। ଏହା ଦ କ୍ରଷ୍ଟ ଅଫ୍ ୟାର୍ଡ (ଇମ୍ଫାଲ) ପ୍ରକଳ୍ପର ୧୫ତମ ଗାଇଡେଡ ମିସାଇଲ ଡେଷ୍ଟ୍ରୟର। ନୌସେନାର 'ୱାର୍‌ସିପ ଡିଜାଇନ ବ୍ୟୁରୋ' ଏହାର ଡିଜାଇନ ପ୍ରସ୍ତୁତ କରିଛି। ଏହା ବିଶ୍ୱର ଆଧୁନିକ ଯୁଦ୍ଧ ଜାହାଜ ମଧ୍ୟରୁ ଅନ୍ୟତମ। ଏହି ଜାହାଜରେ ଏମ୍‌ଆର୍ ଏସଏଏମ୍, ବ୍ରହ୍ମୋସ୍ ଏସ୍‌ଏସ୍‌ଏମ୍, ଟରପିଡୋ ଟ୍ୟୁବ ଲଞ୍ଚର୍ସ, ଆଣ୍ଟି ସବମେରାଇନ ରକେଟ ଲଞ୍ଚର୍ସ ଏବଂ ୭୬ ଏମଏମର ଏସ୍‌ଆରଜିମି ଭଳି ଆଧୁନିକ ଅସ୍ତ୍ରଶସ୍ତ୍ର ଏବଂ କ୍ଷେପଣାସ୍ତ୍ର ଲାଗିଛି।



RNI REGD NO: 42041/83
www.sakalaepaper.com
/thesakalanews
/TheSakala
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-154 •BHUBANESWAR •WEDNESDAY •29 NOVEMBER 2023 •PAGE-16 •₹ 6.00
•ବର୍ଷ-୪୧ •ସଂଖ୍ୟା-୧୫୪ •ଭୁବନେଶ୍ୱର •ବୁଧବାର •୨୯ ନଭେମ୍ବର ୨୦୨୩ •ପୃଷ୍ଠା-୧୬ •ଟ.୬.୦୦



ଶ୍ରମିକଙ୍କ ୧୭ ଦିନ ଜୀବନ ଯୁଦ୍ଧର ଅନ୍ତ

# ଟନେଲ୍‌ରୁ ବାହାରିଲେ ୪୧

■ **ଡେରାଡୁନ/ଭୁବନେଶ୍ୱର, ୨୮।୧୧ (ସମିସ):** ଆସନ୍ନ ମୃତ୍ୟୁର ଆଶଙ୍କା ମଧ୍ୟରେ ବ୍ୟସ୍ତବିବ୍ରତ ୫ ଓଡ଼ିଆଙ୍କ ସମେତ ୪୧ଜଣ ଶ୍ରମିକଙ୍କ ବଞ୍ଚିବାର ଅଦମ୍ୟ ଆଶା ଶେଷରେ ଫଳପ୍ରସୂ ହୋଇଛି। ଉତ୍ତରକାଶୀର ସିଲକ୍ୟାରା ଟନେଲ୍ ମଧ୍ୟରେ ଫସି ରହିଥିବା ସମସ୍ତ ଶ୍ରମିକମାନଙ୍କର ୧୭ ଦିନର ସଂଘର୍ଷ ପରେ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ଉତ୍ତରାଖଣ୍ଡ ରାଜ୍ୟ ପ୍ରଶାସନ ସହ ଏନ୍‌ଡିଆର୍‌ଏଫ୍, ସେନା ଓ ବିଭିନ୍ନ ସଂସ୍ଥା ତରଫରୁ ଉଦ୍ଧାର କାର୍ଯ୍ୟ ପାଇଁ ସମ୍ମିଳୀତ ଅଭିଯାନ ମଙ୍ଗଳବାର ସନ୍ଧ୍ୟାରେ ସଫଳତାର ସହ ସମ୍ପନ୍ନ ହୋଇଛି। ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ସହ ଶେଷ ପର୍ଯ୍ୟାୟରେ 'ର୍‍ୟାଟ୍ ମାଇନର୍' ଖନନକାରୀ ଦଳର ନିରନ୍ତର ପ୍ରୟାସ ଏହି ଉଦ୍ଧାରକାର୍ଯ୍ୟକୁ ଚୁଡ଼ାନ୍ତ ରୂପ ଦେଇଛି। ଏଭଳି ଆକସ୍ମିକ ବିପର୍ଯ୍ୟୟକୁ ସାମ୍ନାକରି ସମନ୍ୱିତ ଢଙ୍ଗରେ ମୁକାବିଲା କରିବାରେ ଏହି ଘଟଣା ଦେଶରେ ବିରଳ ଇତିହାସ ସୃଷ୍ଟି କରିଛି।

ମଙ୍ଗଳବାର ରାତି ୮ଟା ୪୫ ସୁଦ୍ଧା ସମସ୍ତ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ଏଥିରେ ଓଡ଼ିଶାରୁ ୫ଜଣ ଶ୍ରମିକ ମଧ୍ୟ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ତେବେ ଶ୍ରମିକମାନେ ବାହାରିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଶ୍ୱସ୍ତି ପ୍ରକାଶ କରିବା ସହ ଉଦ୍ଧାରରେ ନିୟୋଜିତ ହୋଇଥିବା ସମସ୍ତ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶ୍ରମିକମାନଙ୍କ ସୁରକ୍ଷିତ ଉଦ୍ଧାର ଘଟଣା ମତେ ବହୁତ ଖୁସି ଦେଇଛି। ଓଡ଼ିଆ ଶ୍ରମିକମାନେ ନିଜ ସୁରକ୍ଷିତ ଭାବେ ବାହାରିବା ଅତ୍ୟନ୍ତ ଖୁସିର ବିଷୟ ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ ଉତ୍ତରାଖଣ୍ଡ ସରକାର, ଏନ୍‌ଡିଆର୍‌ଏଫ୍ ଓ ସେନାକୁ ଧନ୍ୟବାଦ ଜଣାଇଛନ୍ତି। ଏହି ଉଦ୍ଧାର ଅଭିଯାନ ସଫଳ ହେବା ପରେ ଭାରତ ନିଜର ଲୋକଙ୍କ ସୁରକ୍ଷା ବା ଜୀବନ ବଞ୍ଚାଇବା ପାଇଁ ସବୁ ସମୟରେ ସବୁ ପ୍ରକାର ପଦକ୍ଷେପ ନେଇପାରିବ ବୋଲି ପ୍ରମାଣିତ ହୋଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

**ମିଠା, ଫୁଲମାଳ ଦେଇ ଶ୍ରମିକଙ୍କୁ ସ୍ୱାଗତ**
**ଶ୍ରମିକଙ୍କୁ ୧ଲକ୍ଷ ଲେଖାଏଁ ମିଳିବା ନେଇ ଘୋଷଣା**
**ଉତ୍ତରାଖଣ୍ଡ ସରକାର ଦେବେ ଅନୁକମ୍ପା ରାଶି**
**ଉଦ୍ଧାର ଶ୍ରମିକଙ୍କ ମଧ୍ୟରେ ଓଡ଼ିଶାରୁ ଅଛନ୍ତି ୫**
**ଆଶ୍ୱସ୍ତି ସହ ଆନନ୍ଦ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ**
**ଉଦ୍ଧାରକାରୀ ଦଳକୁ ଧନ୍ୟବାଦ ଦେଲେ ନବୀନ**
**ଶ୍ରମିକ ଓ ପରିବାରକୁ ଶୁଭେଚ୍ଛା ଜଣାଇଲେ ସୁଜାତା**

ଅନ୍ୟପଟେ ଟନେଲ୍‌ରୁ ଓଡ଼ିଆ ଶ୍ରମିକମାନେ ବାହାରିବା ପରେ ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ନାୟକଙ୍କ ସମେତ ଶ୍ରମ ବିଭାଗର ଟିମ୍ ସେଠାରେ ଓଡ଼ିଆ ଶ୍ରମିକଙ୍କୁ ସ୍ୱାଗତ କରିଛନ୍ତି। ▶ପୃଷ୍ଠା-୯

# ୭୪୫ ପଞ୍ଚାୟତରେ 'ଆମ ବ୍ୟାଙ୍କ'

## ଆର୍ଥିକ ଅନ୍ତର୍ଭୁକ୍ତୀକରଣ; ହାତ ପାଆନ୍ତାରେ ମିଳିବ ସେବା

■ **ଭୁବନେଶ୍ୱର, ୨୮।୧୧ (ସମିସ):** ରାଜ୍ୟର ପ୍ରତ୍ୟେକ ବର୍ଗର ଲୋକଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣର ଆଭିମୁଖ୍ୟ ନେଇ ରାଜ୍ୟର ବ୍ୟାଙ୍କ ନଥିବା ପଞ୍ଚାୟତ ପାଇଁ 'ଆମ ବ୍ୟାଙ୍କ' ଯୋଜନା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆରମ୍ଭ କରାଯାଇଛି। ଏପରି ବିତ୍ତୀୟ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ଆରମ୍ଭ କରିବାରେ ଓଡ଼ିଶା ହେଉଛି ଦେଶରେ ପ୍ରଥମ ରାଜ୍ୟ। ରାଜ୍ୟ ସରକାର ଏଥିପାଇଁ ୫୦୦ କୋଟି ଟଙ୍କା ବିନିଯୋଗ କରିଛନ୍ତି। 'ଆମ ବ୍ୟାଙ୍କ' ଯୋଜନାରେ ଦେଶର ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗ୍ରାମାଞ୍ଚଳର ଲୋକଙ୍କୁ ଆର୍ଥିକ ସେବା ପ୍ରଦାନ କରିବେ। ରାଜ୍ୟ ସରକାରଙ୍କ '୫-ଟି' ଉପକ୍ରମ ଅଧୀନରେ ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କ ପ୍ରତିଷ୍ଠା କରାଯାଉଛି।

**୩୦ ବର୍ଷର କାର୍ଯ୍ୟ ମୁଖ୍ୟମନ୍ତ୍ରୀଙ୍କ ଯୋଗୁଁ ୬ମାସରେ ହେଲା ସମ୍ଭବ: କାର୍ତ୍ତିକ ପାଣ୍ଡିଆନ**

ମଙ୍ଗଳବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ୭୫୪ ପଞ୍ଚାୟତରେ 'ଆମ ବ୍ୟାଙ୍କ' ଲୋକାର୍ପିତ କରିଛନ୍ତି। ୨୦୨୪ ମାର୍ଚ୍ଚ ସୁଦ୍ଧା ୪୩୭୩ ପଞ୍ଚାୟତରେ 'ଆମ ବ୍ୟାଙ୍କ' ଖୋଲିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଆଜି ଏହି ଲୋକାର୍ପଣ କାର୍ଯ୍ୟକ୍ରମକୁ ରାଜ୍ୟର ୧୦୦୦ଟି ସ୍ଥାନରେ ୪ ଲକ୍ଷରୁ ଅଧିକ ଲୋକ ▶ପୃଷ୍ଠା-୯

- **ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ**
- **ଆମ ବ୍ୟାଙ୍କ ସମଗ୍ର ଦେଶ ପାଇଁ ମଡେଲ ହେବ: ମୁଖ୍ୟମନ୍ତ୍ରୀ**
- **ମାର୍ଚ୍ଚ ସୁଦ୍ଧା ୪୩୭୩ ପଞ୍ଚାୟତରେ ଖୋଲିବ ବ୍ୟାଙ୍କ**
- **ଗ୍ରାହକଙ୍କୁ ୧୫ ପ୍ରକାର ସେବା ଯୋଗାଇବ 'ଆମ ବ୍ୟାଙ୍କ'**
- **ପ୍ରତି ପଞ୍ଚାୟତରେ ଖୋଲିବ; ଖର୍ଚ୍ଚହେବ ୫୦୦ କୋଟି**



### '୫-ଟି' ଅଧ୍ୟକ୍ଷଙ୍କୁ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଅଧ୍ୟକ୍ଷଙ୍କ ପ୍ରଶଂସା

## 'ଆମ ବ୍ୟାଙ୍କ' ଏକ ଚମତ୍କାର ପଦକ୍ଷେପ



**ସମସ୍ତ ସହଯୋଗ ଯୋଗାଇଦେବାକୁ ୟୁକୋ ବ୍ୟାଙ୍କ ପକ୍ଷରୁ ପ୍ରତିଶ୍ରୁତି**

■ **ଭୁବନେଶ୍ୱର, ୨୮।୧୧(ସମିସ):** 'ଆମ ବ୍ୟାଙ୍କ' ଓଡ଼ିଶାର ଗ୍ରାମାଞ୍ଚଳରେ ଏକ ବିରାଟ ପରିବର୍ତ୍ତନ ଆଣିବା ସହିତ ଆର୍ଥିକ କ୍ଷେତ୍ରରେ ଏହାକୁ ଏକ ବଳିଷ୍ଠ ରାଜ୍ୟରେ ପରିଣତ କରିବ ବୋଲି ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଅଧ୍ୟକ୍ଷ ତଥା ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଅଶ୍ୱିନୀ କୁମାର କହିଛନ୍ତି। ଆଜି ନବୀନ ନିବାସଠାରେ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଶ୍ରୀ କୁମାର ସାକ୍ଷାତ କରିବା ଅବସରରେ ଏହି ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଶ୍ରୀ କୁମାର ନୂଆ ଦାୟିତ୍ୱ ଗ୍ରହଣ କରିଥିବାରୁ ଶ୍ରୀ ପାଣ୍ଡିଆନ୍‌ଙ୍କୁ ଶୁଭେଚ୍ଛା ଜଣାଇବା ସହ '୫-ଟି' ଉପକ୍ରମରେ କାର୍ଯ୍ୟକାରୀ ହେଉଥିବା 'ଆମ ବ୍ୟାଙ୍କ' ▶ପୃଷ୍ଠା-୯



# କାର୍ତ୍ତିକ ପାଣ୍ଡିଆନଙ୍କୁ ମନ୍ତ୍ରୀ ଓ ସାଂସଦଙ୍କ ଶୁଭେଚ୍ଛା





**ଭୁବନେଶ୍ୱର,୨୮ ।୧୧(ସମିସ):** ବିଜେଡିରେ ଯୋଗ ଦେବା ପରେ ୫-ଟି ଅଧ୍ୟକ୍ଷ ତଥା ନବୀନ ଓଡିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବହୁ ସାଂସଦ ଓ ମନ୍ତ୍ରୀ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, ସାଂସଦ ଅଚ୍ୟୁତ ସାମନ୍ତ ପ୍ରମୁଖ ଶ୍ରୀ ପାଣ୍ଡିଆନଙ୍କୁ ଭେଟିବା ସହ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବା ପାଇଁ ଶ୍ରୀ ପାଣ୍ଡିଆନଙ୍କ ଉଦ୍ୟମକୁ ସେମାନେ ପ୍ରଶଂସା କରିଛନ୍ତି। ୫-ଟି ଏବଂ ନବୀନ ଓଡିଶାର ଅଧ୍ୟକ୍ଷ ଭାବେ ନୂତନ ଦାୟିତ୍ୱ ଗ୍ରହଣ କରିଥିବାରୁ ସେମାନେ ଖୁସିବ୍ୟକ୍ତ କରିଛନ୍ତି। ଏକ ନୂତନ ଓଡିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ବାସ୍ତବ ରୂପ ଦେବାପାଇଁ ଶ୍ରୀ ପାଣ୍ଡିଆନଙ୍କ କଠିନ ପରିଶ୍ରମ ଅତୁଳନୀୟ। ଏହି ପରିଶ୍ରମ ଓଡିଶାକୁ ନିଶ୍ଚିତ ରୂପେ ଆଗକୁ ନେବ ବୋଲି ସେମାନେ କହିଛନ୍ତି।

# ଡିଲେଶ୍ୱର ରଣା ପାଇବେ 'କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର'

**ଭୁବନେଶ୍ୱର/ଭବାନୀପାଟଣା, ୨୮ ।୧୧(ସମିସ):** ଚଳିତ ବର୍ଷର 'କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର' ପାଇବେ କଳାହାଣ୍ଡିର ପୁଅ ତଥା ଯୁବ ସାହିତ୍ୟିକ ଡିଲେଶ୍ୱର ରଣା। ଗଳ୍ପ ସଂକଳନ 'ସେଁରରା' ପାଇଁ ସେ ଏହି ପୁରସ୍କାର ପାଇବାକୁ ଯୋଗ୍ୟବିବେଚିତ ହୋଇଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀର ସଚିବ କେ.ଶ୍ରୀନିବାସ ରାଓ ଏକ ପ୍ରେସ୍ ବିବୃତିରେ ଏହି ସୂଚନା ଦେଇଛନ୍ତି। ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଡିଲେଶ୍ୱରଙ୍କୁ ପୁରସ୍କାର ବାବଦକୁ ୫୦ ହଜାର ଟଙ୍କା ନଗଦ ଅର୍ଥରାଶି ସହ ଫଳକ ଏବଂ ଉପଢ଼ୌକନ ପ୍ରଦାନ କରାଯିବ। ଓଡ଼ିଆ ଭାଷା ପାଇଁ ମିଳୁଥିବା ଏହି ପୁରସ୍କାରର ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକ ଥିଲେ, ବିଶିଷ୍ଟ ସାହିତ୍ୟିକ ଡକ୍ଟର ବିଭୂତି ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଓ ଦାଶ ବେନହୁର। ଏହାକୁ ଏକାଡେମୀ ସଭାପତି ମାଧବ କୌଶିକ ଅନୁମୋଦନ କରିଛନ୍ତି। ପ୍ରତିବର୍ଷ ଦେଶର ଭିନ୍ନଭିନ୍ନ ଭାଷାରେ ୩୫ ବର୍ଷ ବା ତା'ଠୁ କମ୍ ବୟସର ଯୁବ ଲେଖକମାନଙ୍କୁ ପ୍ରୋତ୍ସାହିତ କରିବାକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି। ଡିଲେଶ୍ୱରଙ୍କ ଘର କଳାହଣ୍ଡି ଜିଲ୍ଲା ଅନ୍ତର୍ଗତ ଧାଆଁରାମାଲ। ବ୍ରଜ ରଣା ଓ ବିଦୁସୁତା ରଣାଙ୍କ ସୁପୁତ୍ର ଡିଲେଶ୍ୱରଙ୍କ ଗଳ୍ପ, କବିତା, ଫିଚର ଓ ଗୀତ ଆଦି ରଚନାରେ ବେଶ୍ ରୁଚି ରହିଛି। ସେ ୨୦୧୮ ମସିହାରେ 'କଥା ନବପ୍ରତିଭା ସମ୍ମାନ', ୨୦୧୯ରେ 'କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର', 'ନବନୀତା ପଲ୍ଲବନ ଶବ୍ଦ ସମ୍ମାନ' ଓ 'ତପସ୍ୟା ସମ୍ଭାବନା' ପୁରସ୍କାର ଭଳି ଏକାଧିକ ପୁରସ୍କାର ପାଇଛନ୍ତି। ତାଙ୍କର ଶିକ୍ଷାଗତ ଯୋଗ୍ୟତା ହେଉଛି ଏମ୍‌ଏ, ବିଇଡ୍। ଏବେ ସେ ପିଏଚ୍‌ଡି କରିବା ସହ ଶିକ୍ଷକତା କରୁଛନ୍ତି। ତାଙ୍କର ଅନ୍ୟତମ ରଚନା 'ମେଳିଭୂଇଁ' ନ୍ୟାସିନାଲ୍ ବୁକ୍ ଟ୍ରଷ୍ଟ ଦ୍ୱାରା ପ୍ରକାଶିତ ହୋଇଛି। ଏହା ସେ ସହିଦ ରେଣ୍ଡୋ ମାଝୀଙ୍କ ଉପରେ ରଚନା କରିଛନ୍ତି। ପୁରସ୍କାର ଘୋଷଣା ପରେ ଡିଲେଶ୍ୱର କେନ୍ଦ୍ର ସାହିତ୍ୟ ଏକାଡେମୀ, ବିଚାରକ ମଣ୍ଡଳୀ, ପ୍ରକାଶକ, ପାଠକ ଓ ଶୁଭେଚ୍ଛୁମାନଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି ଯେ ଯୁବ ପୁରସ୍କାର ମୋ ପାଇଁ ଏକ ଉତ୍ତରଦାୟିତ୍ୱ ବୋଲି ମୁଁ ମନେ କରୁଛି।



■ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିଲେ ଜଗଦୀଶ ପାରିଖ

# ଇନ୍ଫୋଭ୍ୟାଲିରେ ସ୍ଥାପନ ହେବ ଉଚ୍ଚଶିକ୍ଷା ପ୍ରତିଷ୍ଠାନ



■ ଓଡ଼ିଶାର ମେଧାବୀଙ୍କ ପାଇଁ ସଂରକ୍ଷଣ ରହିବ ୩୦% ଆସନ
■ ଡିସେମ୍ବର ୭ ତାରିଖରେ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୮ ।୧୧(ସମିସ):** ଭିଲେ ପାର୍ଲେ କେଲାଭଣି ମଣ୍ଡଳ ଟ୍ରଷ୍ଟ ପକ୍ଷରୁ ଓଡିଶା ପ୍ରକଳ୍ପର ଅଧ୍ୟକ୍ଷ ଜଗଦିଶ ପାରିଖ, ସେକ୍ରେଟେରୀ ଡଃ ଜୟନ୍ତ ଗାନ୍ଧୀ ଓ କ୍ୟାମ୍ପସ ପ୍ରତିନିଧି ରଜତ ଅଗ୍ରୱାଲ ପ୍ରମୁଖ ୫-ଟି ଅଧ୍ୟକ୍ଷ ତଥା ନବୀନ ଓଡିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟିଛନ୍ତି। ଶ୍ରୀ ପାଣ୍ଡିଆନଙ୍କୁ ନୂତନ ଦାୟିତ୍ୱ ପାଇଁ ଶୁଭେଚ୍ଛା ଜଣାଇବା ସହ ରାଜ୍ୟରେ ଶିକ୍ଷା ବିକାଶ କ୍ଷେତ୍ରରେ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଭିଲେ ପାର୍ଲେ କେଲାଭଣି ମଣ୍ଡଳ ଟ୍ରଷ୍ଟ ପକ୍ଷରୁ ଇନ୍ଫୋଭାଲୀ ଠାରେ ଏକ ମ୍ୟାନେଜମେଣ୍ଟ ଇନ୍ଷ୍ଟିଚ୍ୟୁଟ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାରଙ୍କ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପ୍ରତିଷ୍ଠାନ ପାଇଁ ରାଜ୍ୟ ସରକାର ସହଯୋଗ ଯୋଗାଇ ଦେଇଥିବାରୁ ସେମାନେ ଖୁସିବ୍ୟକ୍ତ କରିବା ସହିତ ମ୍ୟାନେଜମେଣ୍ଟ ଶିକ୍ଷା କ୍ଷେତ୍ରରେ ଓଡିଶାକୁ ଏକ ଅଗ୍ରଣୀ ଶିକ୍ଷା ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମର ଉଚ୍ଚ ପ୍ରଶଂସା କରିଛନ୍ତି।

## ଆଜି ମହାପ୍ରଭୁଙ୍କ ବନକଲାଗି



**ପୁରୀ, ୨୮ ।୧୧(ସମିସ):** ମାର୍ଗଶିର ମାସ ଦ୍ୱିତୀୟା ତିଥିରେ ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ଅପରାହ୍ଣ ୫ଟାରୁ ରାତି ୯ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥାନ୍ତି।

**୪ ଘଣ୍ଟା ବନ୍ଦ ରହିବ ଦର୍ଶନ**

## ୩୦ରେ ଲାଗିବ ନବମ ଛାତ୍ରଛାତ୍ରୀଙ୍କ ସାଇକେଲରେ ଷ୍ଟିକର୍

**ଭୁବନେଶ୍ୱର,୨୮ ।୧୧(ସମିସ):** ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମିଳିଥିବା ମାଗଣା ସାଇକେଲରେ ଆସନ୍ତା ୩୦ ତାରିଖରେ ଷ୍ଟିକରିଂ କରାଯିବ। 'ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା'ରେ ସାଇକେଲ ପାଇଁ ଛାତ୍ରଛାତ୍ରୀଙ୍କୁ ପୂର୍ବରୁ ୩୫୦୦ଟଙ୍କା ଲେଖାଁଏ ପ୍ରଦାନ କରାଯାଇଛି। ନୂଆ ସାଇକେଲ ନେଇ ଗୁରୁବାର ସେମାନେ ସ୍କୁଲକୁ ଆସିବେ। ସେଠାରେ ସାଇକେଲଗୁଡ଼ିକର ଭେରିଫିକେସନ୍ କରାଯିବା ସହ 'ଆମେ ଗଢ଼ିବୁ ନୂଆ ଓଡ଼ିଶା' ଷ୍ଟିକର୍ ଲଗାଯିବ। ଏହି କାର୍ଯ୍ୟ ପାଇଁ ବିଦ୍ୟାଳୟରେ କୌଣସି ଉତ୍ସବ ଆୟୋଜନ କରାଯିବ ନାହିଁ। ପିଲାଙ୍କ ପାଠପଢ଼ା ଯେମିତି ବ୍ୟାଘାତ ନ ହେବ, ସେଥିପାଇଁ ଖେଳଛୁଟି ସମୟରେ କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମୋ ସ୍କୁଲ୍ ପକ୍ଷରୁ ଆବଶ୍ୟକ ଷ୍ଟିକର୍ ମଧ୍ୟ ଯୋଗାଇ ଦିଆଯାଇଛି। ବିନିଯୋଗ ପ୍ରମାଣପତ୍ର ଡିସେମ୍ବର ୧୫ତାରିଖ ମଧ୍ୟରେ ଦାଖଲ କରିବାକୁ ସମସ୍ତ ବ୍ଲକ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ରତ୍ନଭଣ୍ଡାର ଲେଜର ସ୍କାନିଂ ଆରମ୍ଭ

**ପୁରୀ, ୨୮ ।୧୧(ସମିସ):** ଆରମ୍ଭ ହୋଇଛି ବହୁପ୍ରତୀକ୍ଷିତ ଶ୍ରୀମନ୍ଦିର ରତ୍ନଭଣ୍ଡାର ବାହାର କାନ୍ଥର ଲେଜର ସ୍କାନିଂ। ଏକ ସ୍ୱତନ୍ତ୍ର ବୈଷୟିକ ଟିମ୍ ଅନୁସନ୍ଧାନ ଆରମ୍ଭ କରିଛି। ସ୍ୱତନ୍ତ୍ର ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପନ୍ନ ଥ୍ରି-ଡି ଲେଜର୍ ସ୍କାନିଂ ଦ୍ୱାରା ରତ୍ନଭଣ୍ଡାର ଘରର ବାହାର ପାର୍ଶ୍ୱରୁ ଯାଞ୍ଚ କରାଯାଇଛି। ଏଥିରେ ଶ୍ରୀମନ୍ଦିର ବୈଷୟିକ କୋର୍ କମିଟି ସଦସ୍ୟ, ପରିଚାଳନା କମିଟି ସଦ୍ୟ ଓ ଏଏସ୍‌ଆଇର ଅଧିକାରୀ ମଙ୍ଗଳବାର ଶ୍ରୀମନ୍ଦିରକୁ ଯାଇ ଏହି ପ୍ରକ୍ରିୟାରେ ସାମିଲ ହୋଇଥିଲେ। ତେବେ ଲେଜର୍ ସ୍କାନିଂ ସମ୍ପୂର୍ଣ୍ଣ ହେବା ପରେ ଏହାର ଡକ୍ୟୁମେଣ୍ଟେସନ୍ ହୋଇ ରିପୋର୍ଟ ପ୍ରସ୍ତୁତ କରାଯିବ। ଏହି ରିପୋର୍ଟ ଏଏସ୍‌ଆଇ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିବା ପରେ ତାହା ପରିଚାଳନା କମିଟିରେ ଉପସ୍ଥାପନ କରାଯିବ। ଏହାକୁ ଆଧାର କରି ଉଚ୍ଚସ୍ତରୀୟ କମିଟି ଗଠନ ହୋଇ ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି ଜଣାଯାଇଛି।

ଶ୍ରୀମନ୍ଦିର ଭିତରେ ଦେବସଭା ମଣ୍ଡପ ସମ୍ମୁଖସ୍ଥ ରତ୍ନଭଣ୍ଡାର ବାହାର କାନ୍ଥ ଲେଜର ସ୍କାନିଂ କରାଯାଇଛି। ପ୍ରଥମେ ରତ୍ନଭଣ୍ଡାରର ଘଣ୍ଟିଦ୍ୱାର ଓ ନାଭିକଟା ମଣ୍ଡପର ମଝି ଅଂଶରେ ତିନୋଟି ସ୍ଥାନରେ ଲେଜର ସ୍କାନିଂ ହୋଇଥିଲା। ଏହି ଲେଜର୍ ସ୍କାନିଂ ଜରିଆରେ ୩୬୦ଡିଗ୍ରୀରେ ୩ଟି ଫଟୋ ଉତ୍ତୋଳନ କରାଯାଉଛି, ଯାହାକି ପଥର କାନ୍ଥରେ ସୂକ୍ଷ୍ମ ଫାଟ ଥିଲେ ବି ଡିଜିଟାଲ ପଦ୍ଧତିରେ ଚିହ୍ନଟ ହୋଇପାରିବ। ପ୍ରତି ଫଟୋ ଉତ୍ତୋଳନ ପାଇଁ ୩ରୁ ୪ଘଣ୍ଟା ସମୟ ଲାଗୁଛି। ଏଣୁ ରତ୍ନଭଣ୍ଡାରର ଲେଜର୍ ସ୍କାନିଂ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ବେଳେ ସରିବାକୁ ୩/୪ ଦିନ ଲାଗିବ ବୋଲି ଜଣାପଡ଼ିଛି। ଲେଜର ସ୍କାନିଂ ଦ୍ୱାରା କେବଳ ପଥର କାନ୍ଥର ଫଟୋ ଉଠିଥିବା ସ୍ଥାନର ସ୍ଥିତି ଜଣାପଡ଼ିବ। ମାତ୍ର ଭିତର ଅଂଶର ସ୍ଥିତି ଜଣାପଡ଼ିବ ନାହିଁ। ଯଦି ବାହାର ରତ୍ନଭଣ୍ଡାରର ସ୍ଥିତି ଦୁର୍ବଳ ଥିବା ଲେଜର ସ୍କାନିଂରୁ ଜଣାପଡ଼େ, ତେବେ ଭିତର ରତ୍ନଭଣ୍ଡାରର ସ୍ଥିତି ପରଖାଯିବ ବୋଲି ଏଏସ୍‌ଆଇ ଅଧିକାରୀ କହିଛନ୍ତି।

ଏହି ଲେଜର୍ ସ୍କାନିଂରେ ଶ୍ରୀମନ୍ଦିର ବୈଷୟିକ କୋର କମିଟି ସଦସ୍ୟ, ପରିଚାଳନା କମିଟି ସଦସ୍ୟ ଓ ଏଏସ୍‌ଆଇର ମୋଟ ୧୫ଜଣିଆ ସଦସ୍ୟ ସାମିଲ ଅଛନ୍ତି। ଏଏସ୍‌ଆଇ ସୁପରିନ୍‌ଟେଣ୍ଡେଣ୍ଟ ଦେବାଶିଷ ଗଡ଼ନାୟକଙ୍କ ନେତୃତ୍ୱରେ ଟେକ୍ନିକାଲ ଟିମ୍ ଲେଜର ସ୍କାନିଂ କରୁଛି। ଏହି ଟିମ୍‌ରେ ମୁମ୍ବାଇର ସେନ୍‌ଜେନ କମ୍ପାନୀର ୩ଜଣିଆ ବୈଷୟିକ ଟିମ୍ ନିୟୋଜିତ ଅଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ଇଞ୍ଜିନିୟର ଓ ଦୁଇଜଣ ଟେକ୍ନିସିଆନ ରହିଛନ୍ତି। ଏହି ଲେଜର୍ ସ୍କାନର୍ କ'ଣ ଓ କିଭଳି ପଥର କାନ୍ଥର ସୂକ୍ଷ୍ମ ଫାଟ ଚିହ୍ନଟ କରିପାରିବ, ସେ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି ଇଞ୍ଜିନିୟର ଏବଂ ଟେକ୍ନିସିଆନ୍। ସେମାନଙ୍କ ସୂଚନା ଅନୁଯାୟୀ, ଏହା ୩୬୦ ଡିଗ୍ରୀର ୩-ଡି ଫଟୋ ଉଠେଇବା ସହ ଡିଜିଟାଲ ପଦ୍ଧତିରେ ଦୁର୍ବଳ ସ୍ଥିତି ଚିହ୍ନଟ କରିପାରିବ। ଏହି ଲେଜର ସ୍କାନର୍‌ର ଉଚ୍ଚତା ୭ ଇଞ୍ଚ ଓ ଚଉଡ଼ା ୪ଇଞ୍ଚ। ଏଥିରେ ପଏଣ୍ଟ କ୍ଲାଉଡ୍ ପ୍ରୋସେସିଂରେ ଫଟୋ ଉତ୍ତୋଳନ ଏବଂ ଅଟୋଡେସ୍କ ସଫ୍ଟୱେରରେ କ୍ୟାପ୍‌ଚର ପ୍ରୋସେସ୍ ହେବ। ଏହା ୩ ମିନିଟରେ ଫୁଲ ଡୋମ ସ୍କାନ କରିବା ସହ ୧୫୦ ମେଗାପିକ୍ସ ସ୍ପିଅରିକାଲ ଇମେଜ କରିବ। ଏଥିରେ ପୂରା ଫାଟର ସମ୍ପୂର୍ଣ୍ଣ ମାପ ଅନୁସାରେ ଫଟୋ ଆସିବ ବୋଲି ଟିମ୍‌ରେ ସାମିଲ ଟେକ୍ନିସିଆନ କହିଛନ୍ତି।

ଅନ୍ୟପକ୍ଷରେ ଅପରାହ୍ଣ ୪ଟା ସୁଦ୍ଧା ରତ୍ନଭଣ୍ଡାରର ପ୍ରଥମ ଦିନର ଲେଜର ସ୍କାନିଂ ପ୍ରକ୍ରିୟା ଶେଷ ହୋଇଥିଲା। ଲୋକେ ଯାହା ଅମୁହା ଦେଉଳ କୁହନ୍ତି, ତାହାର ଉତ୍ତର ପଶ୍ଚିମ ଓ ଉତ୍ତର ପୂର୍ବ କୋଣର ୩୭ଟି ପଏଣ୍ଟରେ ଲେଜର ସ୍କାନିଂ ପରେ ଡକ୍ୟୁମେଣ୍ଟେସନ୍ ସରିଛି। ବୁଧବାର ସକାଳ ୮ଟାରେ ରତ୍ନଭଣ୍ଡାର ବାହାର ପାର୍ଶ୍ୱ କାନ୍ଥର ଉତ୍ତର ଭାଗରେ ଲେଜର ସ୍କାନିଂ କରାଯିବ ବୋଲି ଏଏସ୍‌ଆଇ ସୁପରିନ୍‌ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକଙ୍କ ସୂଚନା ଦେଇଛନ୍ତି।



■ ୩୭ଟି ପଏଣ୍ଟରେ ସରିଛି ସ୍କାନିଂ ଡକ୍ୟୁମେଣ୍ଟେସନ୍
■ ସ୍କାନିଂ ସମ୍ପୂର୍ଣ୍ଣ ହେବାକୁ ଲାଗିବ ୩ରୁ ୪ ଦିନ
■ ରିପୋର୍ଟ ଆଧାରରେ ନିଆଯିବ ପରବର୍ତ୍ତୀ ନିଷ୍ପତ୍ତି

## ଲେଜର ସ୍କାନିଂ କ'ଣ

ଲେଜର ସ୍କାନିଂ ଏକ ହାଇପାୱାର ଟେକ୍ନୋଲୋଜି, ଯେଉଁଥିରେ ଥ୍ରି-ଡି ଡିଜିଟାଇଜ୍ ସ୍କାନିଂ କରାଯାଏ। ଏହା ଦେଖିବାକୁ ଛୋଟ କ୍ୟାମେରା ସଦୃଶ। ଏହାକୁ ଏକ ଟ୍ରାଇପଡ୍ ଉପରେ ରଖି କାନ୍ଥର ଫଟୋ ଉଠାଯିବ। ଆକାର ଛୋଟ ହୋଇଥିଲେ ସୁଦ୍ଧା ଏହାର ଦାମ ପ୍ରାୟ କୋଟିଏ ଟଙ୍କା ବୋଲି ଏଏସ୍‌ଆଇର କନିଷ୍ଠ ସଂରକ୍ଷକ ଜ୍ୟୋତି ରଞ୍ଜନ ପ୍ରଧାନ କହିଛନ୍ତି। ଏହା ଗୋଟିଏ ସ୍ଥାନରେ ୩୬୦ ଡିଗ୍ରୀ ବୁଲି ସ୍କାନିଂ କରିପାରିବ। ମନ୍ଦିରର ବିଭିନ୍ନ ସ୍ଥାନରେ ଏହାକୁ ରଖି ସ୍କାନିଂ କରାଯିବ, ଯାହା ମନ୍ଦିରର ପ୍ରତିଟି ସ୍ଥାନର ଥ୍ରି-ଡି ଫଟୋ ଉଠାଇପାରିବ। ଏଥିରୁ ନିର୍ଗତ ଲେଜର ବିମ୍‌ଗୁଡ଼ିକ କାନ୍ଥର ସୂକ୍ଷ୍ମ ଛିଦ୍ର ଦେଇ ଅତିକ୍ରମ କରିବ। ପ୍ରତିଟି ସ୍ଥାନର ଫଟୋକୁ କମ୍ପ୍ୟୁଟରରେ ଅପ୍‌ଲୋଡ୍ କରାଯିବ। ଏସବୁ ଫଟୋ, ଭିଡିଓକୁ ତର୍ଜମା କରିବା ଲାଗି ଏକ ସ୍ୱତନ୍ତ୍ର ସଫ୍ଟୱେର ରହିଛି। ସଫ୍ଟୱେରରେ ଭିଡିଓଗୁଡ଼ିକୁ ଆସେମ୍ବିଂ(ସମ୍ମିଳନ) ପରେ ଏକକ ଭିଡିଓ ପ୍ରସ୍ତୁତ ହେବ, ଯାହାକୁ ଅନୁଧ୍ୟାନ କରିବା ସହଜ ହୋଇଥାଏ। ଏହି ଲେଜର ସ୍କାନର ଫଟୋ ଓ ଭିଡିଓ ହାଇ-ରିଜୋଲୁସନ୍‌ର ହୋଇଥିବାରୁ କୌଣସି ସ୍ଥାନର ଫଟୋକୁ କମ୍ପ୍ୟୁଟରରେ ସମ୍ପ୍ରସାରଣ କରି ଅନୁଧ୍ୟାନ କଲେ ସେଥିରେ ଫାଟ ରହିଛି କି ନାହିଁ, ତାହା ସ୍ପଷ୍ଟ ଜଣାପଡ଼ିଯିବ। ଏପରିକି ଶହଶହ ବର୍ଷ ତଳୁ ରହିଥିବା ପଥର ବା ମୂର୍ତ୍ତିର ସ୍ଥିତି କିଭଳି ରହିଛି, ତାକୁ ସହଜରେ ତର୍ଜମା କରାଯାଇପାରିବ। ଫଳରେ କେଉଁ ସ୍ଥାନରେ ମରାମତିର ଆବଶ୍ୟକତା ରହିଛି, ତାହା ସହଜରେ ଜଣାପଡ଼ିଯିବ। ଦେଶର ଅନେକ ଐତିହ୍ୟର ଲେଜର ସ୍କାନିଂ କରି ସେସବୁର ଡକ୍ୟୁମେଣ୍ଟେସନ୍ (ବୃତ୍ତ ଚିତ୍ର) ପ୍ରସ୍ତୁତ କରାଯାଇ ରଖାଯାଉଛି। ଏହି ଲେଜର ସ୍କାନର୍ ମାଧ୍ୟମରେ କୋଣାର୍କ ମନ୍ଦିର, ଶ୍ରୀଲିଙ୍ଗରାଜ ମନ୍ଦିରର ବୃତ ଚିତ୍ର ପ୍ରସ୍ତୁତ କରାଯାଇଛି। ସେହିପରି ରାଜଧାନୀର ଅନେକ ଛୋଟ ମନ୍ଦିରର ମଧ୍ୟ କରାଯାଇଛି। ଶ୍ରୀମନ୍ଦିରର ପ୍ରଥମଥର ଲାଗି ବିସ୍ତୃତ ଭାବେ ଏହି ଲେଜର ସ୍କାନିଂ କରାଯାଉଛି। ପୂର୍ବରୁ ଥରେ ଡ୍ରୋନ ମାଧ୍ୟମରେ ଥ୍ରି-ଡି ସ୍କାନିଂକରାଯାଇଥିଲା। ହେଲେ ତାହା ଅଧାରୁ ବନ୍ଦ ରହିଥିଲା। ଏଥର ଏହି ଲେଜର ସ୍କାନିଂ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କରାଯିବା ଲାଗି ଏଏସ୍‌ଆଇ ପକ୍ଷରୁ ନିଷ୍ପତ୍ତି ହୋଇଛି।



## ଲୋକକଥା



ମହଙ୍ଗା ବଜାର କରେ କଲବଲ
ଜନତାଙ୍କୁ ଖାଏ ଝୁଣି,
ହୁ-ହୁ ହୋଇ ଦଅର ବଢ଼ୁଛି
ନଈ କି ବଢ଼େ ଉଜାଣି !
ଆହେ, ଶାସକ ମଉଡ଼ମଣି,
ଖୁଚୁରା ବଜାର ଦର ପ୍ରାଦୁର୍ଭାବ
ନିଗାଡ଼େ ଆଖିରୁ ପାଣି !!

# ୨୦୨୪ ସୁଦ୍ଧା ରାଜ୍ୟରେ ଦୈନିକ ୧୨୦ ଲକ୍ଷ ଅଣ୍ଡା ଉତ୍ପାଦନ ଲକ୍ଷ୍ୟ

**ଭୁବନେଶ୍ୱର, ୨୮ ।୧୧(ସମିସ):** ରାଜ୍ୟରେ ୨୦୧୯-୨୦ ମସିହାରେ ଦୈନିକ ଅଣ୍ଡା ଉତ୍ପାଦନ ପ୍ରାୟ ୬୫ ଲକ୍ଷ ଥିଲାବେଳେ ବର୍ତ୍ତମାନ ଏହା ପ୍ରାୟ ୧ କୋଟିରୁ ଅଧିକ ହୋଇଛି। ଗତ ୪ ବର୍ଷରେ ରାଜ୍ୟରେ ଅଣ୍ଡା ଉତ୍ପାଦନ ୫୮ ପ୍ରତିଶତ ବୃଦ୍ଧି ପାଇଛି। ରାଜ୍ୟ ସରକାରଙ୍କ ପ୍ରଶାସନ ମୂଳମନ୍ତ୍ର ୫-ଟି କାର୍ଯ୍ୟକ୍ରମ ଅଧିନରେ ସମ୍ପ୍ରତି ଓଡ଼ିଶା ଅଣ୍ଡା ଉତ୍ପାଦନରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି ବୋଲି କୃଷି ଓ କୃଷକ ସଶକ୍ତିକରଣ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

● ଗତ ୪ ବର୍ଷରେ ୫୮ ପ୍ରତିଶତ ବୃଦ୍ଧି ପାଇଛି ରାଜ୍ୟରେ ଅଣ୍ଡା ଉତ୍ପାଦନ
● ଅଣ୍ଡା ଉତ୍ପାଦରେ ଓଡ଼ିଶାର ପ୍ରଗତି ଉଲ୍ଲେଖନୀୟ ରହିଛି : ମନ୍ତ୍ରୀ ରଣେନ୍ଦ୍ର
● ଖୁବ୍ ଶୀଘ୍ର ଅଣ୍ଡା ଉତ୍ପାଦନରେ ରାଜ୍ୟ ସ୍ୱାବଲମ୍ବୀ ହେବ: ସାଂସଦ ମାନସ




ଅଣ୍ଡା ଉତ୍ପାଦନରେ ରାଜ୍ୟକୁ ସ୍ୱାବଲମ୍ବୀ କରାଇବା ଲକ୍ଷ୍ୟରେ ଆୟୋଜିତ କର୍ମଶାଳାକୁ ଉଦଘାଟନ କରି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ରାଜ୍ୟରେ ଉଦ୍ୟୋଗୀ ସୃଷ୍ଟି କରିବାରେ ସର୍ବାଧିକ ଅଭିବୃଦ୍ଧି ହାର ସହିତ ଅଣ୍ଡାଦିଆ କୁକୁଡା ପାଳନ ଏକ ଅଗ୍ରଣୀ କ୍ଷେତ୍ର ପାଲଟିଛି। ଉଦ୍ୟୋଗୀମାନଙ୍କୁ କୁକୁଡା ଫାର୍ମ ପାଇଁ ରାଜ୍ୟର ଯେକୌଣସି ଅଞ୍ଚଳରେ ଜମି କ୍ରୟ ଉପରେ ୧୦୦ ପ୍ରତିଶତ ଷ୍ଟାମ୍ପ ଡ୍ୟୁଟି ଛାଡ କରାଯାଇଛି। ୨୦୧୮-୧୯ ମସିହାରେ ରାଜ୍ୟ ମୁଣ୍ଡପିଛା ବାର୍ଷିକ ହାରାହାରି ୫୦ଟି ଅଣ୍ଡା ଉପଲବ୍ଧତା ବୃଦ୍ଧି ୩୬% ବୃଦ୍ଧି ପାଇ ୬୭ ରେ ପହଞ୍ଚିଛି। ଅଣ୍ଡା ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ପାଇଁ ୨୦୨୪-୨୫ ସୁଦ୍ଧା ଦୈନିକ ୧୨୦ ଲକ୍ଷ ଅଣ୍ଡା ଉତ୍ପାଦନ କରିବାକୁ ରାଜ୍ୟ ଲକ୍ଷ୍ୟ ରଖିଛି ବୋଲି ସ୍ୱାଇଁ କହିଛନ୍ତି।

କାର୍ଯ୍ୟକ୍ରମରେ ରାଜ୍ୟ ଅଣ୍ଡାଦିଆ କୁକୁଡ଼ା ଚାଷୀ ସଂଘ ଅଧ୍ୟକ୍ଷ ତଥା ରାଜ୍ୟସଭା ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଥିଲେ ଯେ, ରାଜ୍ୟରେ ଅଣ୍ଡା ଉତ୍ପାଦନ ପାଇଁ ଲେୟର ଫାର୍ମରମାନଙ୍କ ଗୁରୁତ୍ୱ ବହୁତ କିଛି ମହତ୍ତ୍ୱ ରଖେ। ସରକାରଙ୍କ ପ୍ରୋତ୍ସାହନ ଓ ଲେୟର ଫାର୍ମର ମାନଙ୍କ ପରିଶ୍ରମ ଫଳରେ ଓଡ଼ିଶା ଆଜି ଅଣ୍ଡା ଉତ୍ପାଦନରେ ଆଗକୁ ଆଗକୁ ବଢ଼ି ଚାଲିଛି ଓ ୨୦୨୪-୨୦୨୫ ମସିହା ବେଳକୁ ରାଜ୍ୟ ଅଣ୍ଡା ଉତ୍ପାଦନରେ ସ୍ୱାବଲମ୍ବୀ ହେବ। ସାରା ଭାରତରେ ଲେୟାର ଫାର୍ମର କୁକୁଡ଼ା ଚାଷୀମାନେ କ୍ଷତି ସହୁଛନ୍ତି। ଦର ନିର୍ଦ୍ଧାରଣରେ ତ୍ରୁଟିବିଚ୍ୟୁତି ଏ କ୍ଷେତ୍ରରେ ବାଧକ ହୋଇଛି। ଚାଷୀ ଉତ୍ପାଦନ କରୁଥିବା ଅଣ୍ଡାର ମୂଲ୍ୟ ଏନ୍‌ଇସିସି ଧାର୍ଯ୍ୟ କରୁଛି। ଆନ୍ଧ୍ରର ଅଣ୍ଡା ବ୍ୟବସାୟୀ ଓଡ଼ିଶା ଅଣ୍ଡା ଚାଷୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ସେ ନିଜେ ୧୭ ବର୍ଷ ହେଲା ଅଣ୍ଡାଦିଆ କୁକୁଡ଼ା ଚାଷ ସହ ସମ୍ପୃକ୍ତ ଓ ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବରେ ଅବଗତ। ତେଣୁ ରାଜ୍ୟର ଲେୟାର ଫାର୍ମର ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବିଭାଗ ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି।

କର୍ମଶାଳାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା' ମାଧ୍ୟମରେ ଯୋଗାଇ ଦିଆଯାଉଥିବା ସହାୟତା, ପୁଞ୍ଜି ନିବେଶ ଓ ରିଆତି ଆଦି ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ସଚ୍ଚିଦ୍ରନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ରାଧାରାଣୀ ସାମଲ
ଆବିର୍ଭାବ - ୦୧.୦୫.୧୯୩୨ ତିରୋଧାନ - ୧୯.୧୧.୨୦୨୩

ଚାହୁଁ ଚାହୁଁ ୧୧ ଦିନ ବିତିଗଲା, ଯେମିତି ଲାଗୁଛି ଆପଣ ଆମ ଗହଣରେ। ଆପଣଙ୍କ ଆତ୍ମାର ସଦ୍‌ଗତି ହେଉ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

- : ଶୋକସନ୍ତପ୍ତ :-
ଜ୍ୱାଇଁ - ରବିନ୍ଦ୍ର, ପର୍ଶୁରାମ, ନିରଞ୍ଜନ,
ଝିଅ - ସୁଲୋଚନା, ସ୍ୱର୍ଣ୍ଣପ୍ରଭା, ସୁନନ୍ଦା ମିତା, ରିତା, ରିନା, ମୁନି, ନିଲୁ, ସାବି,
ପୁତ୍ର - ଅକ୍ଷୟ, ଅରୁଣ, ସୌମ୍ୟରଞ୍ଜନ, ସତ୍ୟରଞ୍ଜନ, ଧିରେନ୍ଦ୍ର, ବିରେନ, ଅଶୋକ, ଦିପଙ୍କର, ଦିଲ୍ଲିପ, ବିନୋଦ, ବିରଞ୍ଚି,
ପୁତ୍ରବଧୂ - କୁସୁମ, ସୁମନ, ଶୈଳ, ବିବ୍ଲୁ, ମିଞ୍ଜୁ, ଭଗବତି, ଅନୁ, ଶଶି, ବୁଢ଼ିଆ, ଦିପା, ପ୍ରିୟଙ୍କା ନାତିନାତୁଣୀ, ଆତ୍ମୀୟସ୍ୱଜନ ଓ ବନ୍ଧୁ ପରିବାର ବର୍ଗ।

# ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର

**ଅନୁଗୋଳ, ୨୮।୧୧(ସମିସ):** ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି ଶିବିର ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ଏହି ଶିବିରରେ ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୩୭ଟି ଅଭିଯୋଗରୁ ୩୪ଟି ବ୍ୟକ୍ତିଗତ ଓ ୩ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଏହାଛଡା ଦାଖଲ ହୋଇଥିବା ୩୭ ଅଭିଯୋଗ ମଧ୍ୟରୁ ୧୭ଟି ଅଭିଯୋଗର ଫଇସଲା କରାଯାଇଥିଲା। ସେହିପରି ରେଡକ୍ରସ୍ ପାଣ୍ଠିରୁ ୩ ଜଣଙ୍କୁ ୧୫ ହଜାର ଟଙ୍କା ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଅନୁଗୋଳ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ଭିନ୍ନକ୍ଷମଙ୍କୁ ନୂତନ ବସ୍ତ୍ର ଦାନ



**ତାଳଚେର, ୨୮ ।୧୧(ସମିସ):** ହାଣ୍ଡିଧୁଆ ସ୍ଥିତ ଲିଙ୍ଗରାଜ ଟାଉନସିପ୍ କଲୋନୀ ନିକଟରେ ଥିବା ଲିଙ୍ଗରାଜେଶ୍ୱର ମନ୍ଦିରରେ ପ୍ରତି ବର୍ଷ ଭଳି କାର୍ତ୍ତିକ ମାସ ଶେଷ ସୋମବାର ପାଳନ ଅବସରରେ ୧୧୦ ଜଣ ଅସହାୟ ଭିନ୍ନକ୍ଷମମାନଙ୍କୁ ନୂତନ ବସ୍ତ୍ର ଦାନ କରାଯାଇଛି। ସାଉଥ୍ ବଳଣ୍ଡା ନିକଟସ୍ଥ ବଗାଧର କୁଷ୍ଠ କଲୋନୀ ଓ ବଳଣ୍ଡା ଅଞ୍ଚଳରେ ବୁଲି ବୁଲି ଭିକ୍ଷା ବୃତ୍ତି କରୁଥିବା ୭୦ ଜଣ ମହିଳାଙ୍କୁ ଲୁଗା, ୪୦ ଜଣ ପୁରୁଷଙ୍କୁ ଲୁଙ୍ଗି, ଗାମୁଛା ପ୍ରଦାନ କରାଯାଇଛି। ଘଣ୍ଟପଡ଼ା ଗ୍ରାମର ଜିତେନ୍ଦ୍ର ସାହୁ ଓ ଧର୍ମପତ୍ନୀ ମନୋରମା ସାହୁ, ଜୁଲି ସାହୁ, ଜୟନ୍ତୀ ସ୍ୱାଇଁ ବସ୍ତ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ କ୍ଷିରୋଦ ସାହୁ, ରତ୍ନାକର ସାହୁ, ଅନାମ ସାହୁ, ରଞ୍ଜନ ଦାସ, ସୂର୍ଯ୍ୟକାନ୍ତ ପଣ୍ଡା, ରାଜକିଶୋର ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ପବିତ୍ରନଗର, ୨୮।୧୧(ସମିସ):** କଣିହାଁ ବ୍ଲକ ଅନ୍ତର୍ଗତ ସମଲ ଥାନା ଶରଧାପୁର ହାଟ ନିକଟସ୍ଥ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଖମାର ଥାନା ଅନ୍ତର୍ଗତ ବୈତସରେଇ ଗ୍ରାମର ସଞ୍ଜୟ ସେଠୀ(୨୬) ବୋଲି ଜଣାପଡ଼ିଛି। ସେ ଆତ୍ମହତ୍ୟା କରିଥିବା ନେଇ ସନ୍ଦେହ କରାଯାଉଛି। ସୂଚନା ପାଇ ସମଲ ଥାନା ପୁଲିସ ଶବକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଥାନା ସୂତ୍ରରୁ ପ୍ରକାଶ ଯେ, ସଞ୍ଜୟ ପୂର୍ବ ଦିନରୁ ଘରୁ କୁଆଡେ ପଳାଇଥିଲା। ତେବେ ଏହା ଆତ୍ମହତ୍ୟା ନା ହତ୍ୟା ସେ ନେଇ ସନ୍ଦେହ ସୃଷ୍ଟି ହୋଇଛି।

# ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କ୍ୟାରମ ପ୍ରତିଯୋଗିତା



**କିଶୋରନଗର, ୨୮।୧୧(ସମିସ):** କିଶୋରନଗର ଡିଗ୍ରୀ କଲେଜରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ କ୍ୟାରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇ ଆସନ୍ତା ଏକ ତାରିଖରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ତରଣୀ ସେନ ସାହୁ, ଜୟକୃଷ୍ଣ ପ୍ରଧାନ, ପୁରୁଷୋତ୍ତମ ସାହୁ, ଅଧ୍ୟାପିକା ବୀଣାପାଣି ସାହୁ, କର୍ମଚାରୀ ନଳିନ ପ୍ରଧାନ ସୁଶାନ୍ତ ରାଉଳ ସହଯୋଗ କରିଥିଲେ।

# କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ନାମଯଜ୍ଞ

**ତାଳଚେର ସହର, ୨୮।୧୧(ସମିସ):** କଣିହାଁ ବ୍ଲକ ଅନ୍ତର୍ଗତ ସମଲ ବ୍ୟାରେଜ୍ ବିଷ୍ଣୁ ମନ୍ଦିର ପରିସରରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କାର୍ତ୍ତିକ ପୂର୍ଣ୍ଣିମା ଦିନ ସକାଳୁ ଅଷ୍ଟପ୍ରହରୀ ନାମ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମଙ୍ଗଳବାର ସକାଳେ ନଗର ପରିକ୍ରମା ସହ ଅଷ୍ଟପ୍ରହର ନାମଯଜ୍ଞ ସମାପନ କରାଯାଇଥିଲା। ସମସ୍ତ କାର୍ଯ୍ୟରେ ବିଷ୍ଣୁ ମନ୍ଦିର କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

# ଆଧୁନିକ ଯନ୍ତ୍ରପାତି ବ୍ୟବହାର କରିବାକୁ କୃଷକଙ୍କୁ ପରାମର୍ଶ

**ଅନୁଗୋଳ, ୨୮।୧୧(ସମିସ)**

ଅନୁଗୋଳ ପିଟିସି ପଡ଼ିଆରେ କୃଷି ବିଭାଗ ତରଫରୁ ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆଜି ଶୁଭାରମ୍ଭ ହୋଇଛି। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ଚାରାରେ ଜଳ ପ୍ରଦାନ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାପରେ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରଦତ୍ତ ବାର୍ତ୍ତା ସ୍କ୍ରିନ୍ ମାଧ୍ୟମରେ ପ୍ରଦର୍ଶିତ ହୋଇଥିଲା। ୫ ଦିନ ବ୍ୟାପି ଚାଲିବାକୁ ଥିବା ଏହି ମେଳାର ପ୍ରଥମ ଦିବସରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗ ଦେଇ ଆଧୁନିକ ଯନ୍ତ୍ରପାତିର ବ୍ୟବହାର କରି ଅଧିକ ଫସଲ ଅମଳ କରିବା ପାଇଁ କୃଷକଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ପୌର ପାଳିକା ଅଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ପ୍ରଦୀପ କୁମାର ପ୍ରଧାନ, ଅଧିକ୍ଷଣ ଯନ୍ତ୍ରୀ(କୃଷି) ଉତ୍ତରାଞ୍ଚଳ ସମ୍ବଲପୁର ପୃଥୁରାଜ ମହାନ୍ତି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜ୍ୟୋତିଦୀପ୍ତ ପଟ୍ଟନାୟକ, ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନିରୋଦ ଦାସ, ଜିଲ୍ଲା ମତ୍ସ୍ୟ ଅଧିକାରୀ ରାଜେନ୍ଦ୍ର କୁମାର ପାତ୍ର, ବରିଷ୍ଠ



ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର ଡ. ଦେବାଶିଷ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ର(କୃଷି) ପ୍ରମୋଦ କୁମାର ଦାସ ପ୍ରମୁଖ ଯୋଗ ଦେଇ କୃଷିର ଯାନ୍ତ୍ରିକ କରଣ ଉପରେ ଗୁରୁତ୍ୱ ଦେଇଥିଲେ। ମଞ୍ଚାସିନ ଅତିଥିଗଣ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଜିଲ୍ଲାର କୃଷକଙ୍କୁ ଏହି ମେଳାର ଭରପୁର ଫାଇଦା ନେବା ପାଇଁ ଅନୁରୋଧ କରିଥିଲେ। ଉକ୍ତ ମେଳାରେ ସର୍ବମୋଟ ୭୨ଟି ଷ୍ଟଲରେ କୃଷି ଓ ଆନୁସଙ୍ଗିକ ବିଭାଗର ବିଭିନ୍ନ ଯୋଜନା ସହ ଯନ୍ତ୍ରପାତି ବିକ୍ରେତାଙ୍କ ଦ୍ୱାରା ଆଧୁନିକ ଯନ୍ତ୍ରପାତି ପ୍ରଦର୍ଶିତ ହୋଇଥିଲା। ଡ୍ରୋନ ମାଧ୍ୟମରେ କିପରି ସାର ଓ କୀଟନାଶକ ପ୍ରୟୋଗ କରାଯାଇପାରିବ ତାହା ଏହି ମେଳାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥିଲା। ଅନୁଗୋଳ ବ୍ଲକ କୃଷି ଅଧିକାରୀ ଭଗିନୀ ନବନୀତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପରିଶେଷରେ ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ କଣିହାଁ ଡ. ରାଜେଶ କବି, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଆଠମଲ୍ଲିକ ଡ. ଦେବାଶିଷ ରାଉତ, ଅନୁଗୋଳ କୁକୁଡ଼ା ଫାର୍ମ ମ୍ୟାନେଜର ଡ. ଦୀପ୍ତି ରଞ୍ଜନ ସ୍ୱାଇଁ ପ୍ରମୁଖଙ୍କ ସମେତ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ହିଙ୍ଗୁଳା ପୀଠରେ ମହାଚଣ୍ଡୀ ଯଜ୍ଞ



**ତାଳଚେର, ତାଳଚେର ସଦର, ୨୮।୧୧(ସମିସ):** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ଗୋପାଳପ୍ରସାଦ ପୀଠ ପରିସରରେ ଚାଲିଥିବା ୩୮ତମ ମହାଚଣ୍ଡୀ ଯଜ୍ଞର ଉଦ୍ୟାପନୀ ସମାରୋହ ସୋମବାର ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ମା' ହିଙ୍ଗୁଳାଙ୍କ ଷୋଡ଼ଶ ଉପଚାର ପୂଜା, ସପ୍ତଶତୀ ଚଣ୍ଡୀ ମହାଯଜ୍ଞ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ପାରମ୍ପରିକ ବିଧିବିଧାନ ଅନୁଯାୟୀ କରାଯାଇଥିଲା। ରାଜଗୁରୁ ପଙ୍କଜ ଲୋଚନ ପତିଙ୍କ ପୌରୋହିତ୍ୟରେ ପଣ୍ଡିତ ପୂର୍ଣ୍ଣଚନ୍ଦ୍ର ଶତପଥି, ବାବା ମୈତ୍ରେୟ ବ୍ରହ୍ମଚାରୀ, ଗୋପାଳ ଚନ୍ଦ୍ର ଷଡ଼ଙ୍ଗୀ, ସୁବାଷ ଚନ୍ଦ୍ର ନନ୍ଦ, ଚନ୍ଦ୍ରଶେଖର ମହାପାତ୍ର, ଉତ୍କଳ ତ୍ରିପାଠୀ, ରାନୁରାଜ ପାଣି, ମିଳନ ଦାସ, ସୁରେଶ ଧର, ହୃଦୟ ଚନ୍ଦ୍ର ଶତପଥୀ, ସନ୍ତୋଷ ତ୍ରିପାଠୀ, ରାମଚନ୍ଦ୍ର ଦାସ, ମାର୍କଣ୍ଡ ଦାଶ, ପ୍ରସନ୍ନ ଦାସ ପ୍ରମୁଖ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ। ଯଜ୍ଞକର୍ତ୍ତା ଭାବରେ ଏମସିଏଲ୍ ହିଙ୍ଗୁଳା କୋଇଲା ଖଣିର ପ୍ରକଳ୍ପ ଅଧିକାରୀ ଏସ୍.ଭି. ଜୋଶୀ, ତାଙ୍କ ସ୍ତ୍ରୀ ଅସ୍ମିତା ଯୋଶୀ, ହିଙ୍ଗୁଳା ଖଣି ପ୍ରବନ୍ଧକ ଶଶି ପ୍ରସାଦ, ତାଙ୍କ ସ୍ତ୍ରୀ ପିଙ୍କି ପ୍ରସାଦ, ସମାଜସେବୀ ସଞ୍ଜୟ କୁମାର ସାହୁ, ତାଙ୍କ ସ୍ତ୍ରୀ ଅଞ୍ଜଳୀ ସାହୁ, ଅଧ୍ୟାପକ ଲଲାଟେନ୍ଦୁ ଗଡ଼ନାୟକ, ତାଙ୍କ ସ୍ତ୍ରୀ ଶର୍ମିଷ୍ଠା ଦାସ, ଲିପୁନା ଭୂକ୍ତା, ତାଙ୍କ ସ୍ତ୍ରୀ ସୁପ୍ରଭା ଭୂକ୍ତା, ଲକ୍ଷ୍ମୀକାନ୍ତ ସାମଲ ଓ ତାଙ୍କ ସ୍ତ୍ରୀ ସୁକନ୍ୟା ଖଣ୍ଡୁଆଳ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ପାଞ୍ଚଦିନ ବ୍ୟାପୀ ଅନୁଷ୍ଠିତ ଏହି ମହାଚଣ୍ଡୀ ଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ତାଳଚେର ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ମା' ହିଙ୍ଗୁଳା ଦର୍ଶନ କରିଥଲେ। ଏହି ଅବସରରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ମା' ହିଙ୍ଗୁଳାଙ୍କ ଦର୍ଶନ କରିବା ସହିତ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତଙ୍କର ମଙ୍ଗଳ କାମନା କରିଥିଲେ। ମା' ହିଙ୍ଗୁଳା ଠାକୁରାଣୀ ଟ୍ରଷ୍ଟବୋର୍ଡର ବରିଷ୍ଠ ସଦସ୍ୟ ଜଗନ ମୋହନ ଗଡ଼ନାୟକ, ସୌଭାଗ୍ୟ ଚନ୍ଦ୍ର ସାହୁ, ମୁରଲୀଧର ସାହୁ, ରାଜେନ୍ଦ୍ର ସିଂହ, ସନ୍ତୋଷ କୁମାର ପ୍ରଧାନ, ଅରୁଣ କୁମାର ପ୍ରଧାନ, ଗଗନ ବିହାରୀ ସାହୁ, ସଞ୍ଜୟ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ମା' ହିଙ୍ଗୁଳା ବିଶ୍ୱଶାନ୍ତି ଯଜ୍ଞାନୁଷ୍ଠାନ କମିଟି ଓ ଗୋପାଳପ୍ରସାଦ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏହି ଯଜ୍ଞ ମା'ଙ୍କ ଗୋପାଳପ୍ରସାଦ ପୀଠ ପରିସରରେ ଦୀର୍ଘ ୩୭ ବର୍ଷ ହେଲା ନିରବିଚ୍ଛିନ୍ନ ଭାବରେ ଅନୁଷ୍ଠିତ ହୋଇଆସୁଛି।

## ■ ରାଜ୍ୟସ୍ତରୀୟ ବଲ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍

# ବାଳକରେ ଭୁବନେଶ୍ୱର, ବାଳିକାରେ ପୁରୀ ଚାମ୍ପିଅନ




**କିଶୋରନଗର, ୨୮।୧୧(ସମିସ):** କିଶୋରନଗର ବର ପଡ଼ିଆରେ ୩ ଦିନ ଧରି ଚାଲିଥିବା ୨୯ ତମ ଜୁନିୟର ବଲ୍ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଆଜିର ଉଦଯାପନୀ ମ୍ୟାଚ୍‌ରେ ବାଳକ ବିଭାଗରେ ଭୁବନେଶ୍ୱର ଚାମ୍ପିଅନ ହୋଇଥିବା ବେଳେ ବାଳିକାରେ ପୁରୀ ଚାମ୍ପିଅନ ହୋଇଛନ୍ତି। ଏଥିରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବଲ୍ ବ୍ୟାଡମିଣ୍ଟନ ଜିଲ୍ଲା ସଂଘର ସଭାପତି ଦିଲୀପ ମହାରଣା, +୨ କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ଅନୀତା ଦାଶ, ଓଷ୍ଟାପାଲ୍ଲୀ ସରପଞ୍ଚ ବିଜୟିନୀ ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ସଂଯୋଜନା କରିଥିବା ବେଳେ ସରୋଜ ସେନାପତି, ପ୍ରୀୟବ୍ରତ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ।

# ବିବାହିତା ମହିଳାଙ୍କ ଆତ୍ମହତ୍ୟା

**ତାଳଚେର ସଦର, ୨୮ ।୧୧(ସମିସ):** ତାଳଚେର ସଦର ଥାନା ଅନ୍ତର୍ଗତ ପୌର ପରିଷଦ ୱାର୍ଡ ନଂ ୯ ଜାମ୍ବୁବଣିଆ ସାହିର ଜଣେ ବିବାହିତା ମହିଳା ବେକରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ବବୁଲ ସାହୁଙ୍କ ପତ୍ନୀ ରୂପାଲି ସାହୁ(୨୦) ବର୍ଷକ ତଳେ ବିବାହ କରିଥିବା ବେଳେ କୌଣସି କାରଣ ନେଇ ସେ ନିଜେ ଶୋଇବା ଘରେ ଆତ୍ମହତ୍ୟା କରିଥିଲେ ବୋଲି ରୂପାଲିଙ୍କ ପିତା ପୁଲିସ ନିକଟରେ ଲିଖିତ ଭାବେ ଜଣାଇଛନ୍ତି। ପୁଲିସ ଘଟଣା ସ୍ଥଳକୁ ଯାଇ ମୃତଦେହ ଜବତ କରିବା ସହ ତାଳଚେର ସରକାରୀ ମଣ୍ଡାପାଳ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଠାକୁରଙ୍କ ଆଜ୍ଞା ଲଡୁ ପାଇଲେ ଲକ୍ଷ୍ମଣ



**କିଶୋରନଗର, ୨୮।୧୧(ସମିସ):** କିଶୋରନଗର ବ୍ଲକ କରଡିଙ୍ଗବାହାଳ ଗ୍ରାମରେ ରାହାସ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗତକାଲି ଠାକୁରଙ୍କ ଆଜ୍ଞା ଲଡୁ ଲଟେରୀ ଜରିଆରେ ଉଠାଣ ହୋଇଥିଲା। ଏହି ଲଟେରୀ ଉଠାଣରେ କରଡିଙ୍ଗବାହାଳର ଲକ୍ଷ୍ମଣ ସେଠୀ ଆଜ୍ଞା ଲଡୁ ପାଇଛନ୍ତି।

# ଖଣି ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ତାଳଚେର ସଦର, ୨୮ ।୧୧(ସମିସ):** ତାଳଚେର ବ୍ଲକ ଗୋପାଳ ପ୍ରସାଦ ଥାନା ଅନ୍ତର୍ଗତ ଅନନ୍ତ ଖଣିର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ଠିକାଶ୍ରମିକ ମନୋଜ ଯାଦବ(୫୬)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମନୋଜ କାର୍ଯ୍ୟ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା ଓ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପ୍ରସାରିତ ପରେ ଶ୍ରମିକମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କମ୍ପାନୀ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବା ପାଇଁ ଦାବି କରାଯାଇଥିଲା। ପୁଲିସ ଘଟଣା ସ୍ଥଳରୁ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଯୋରରେ ବୁଡ଼ି ନାବାଳିକା ମୃତ

**କିଶୋରନଗର, ୨୮।୧୧(ସମିସ):** କିଶୋରନଗର ଥାନା ଜଏରାଟ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। କିଆକଟା ଥାନା ଟୁସର ପଞ୍ଚାୟତର ଗୁଆପଦା ଗ୍ରାମର ଏକା ବିଶ୍ୱାଳଙ୍କ ୪ ବର୍ଷର ଝିଅ ରିଙ୍କି ନିଜ ବଡ ମା' ସହ କରମଳକଟାକୁ ଆସିଥିଲେ। ଲୋକ ଗହଳିରେ ରିଙ୍କି ଚାଲି ତାଳିକା ଗ୍ରାମର ଯୋର ଆଡେ ଯାଇଥିବା ବେଳେ ଗୋଡ ଖସି ପାଣିରେ ବୁଡି ଯାଇଥିଲେ। ଗ୍ରାମବାସୀ ଖୋଜାଖୋଜି କରି ଜୋରରୁ ରିଙ୍କିକୁ ଉଦ୍ଧାର କରି କିଶୋରନଗର ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ରିଙ୍କିକୁ ମୃତ ଘୋଷଣା କରିଥିଲେ।

# ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ



**ଅନୁଗୋଳ, ୨୮।୧୧(ସମିସ):** ପ୍ରବାସୀ ଶ୍ରମିକଙ୍କ ନିମନ୍ତେ ଉଦ୍ଦିଷ୍ଟ ବିଭିନ୍ନ ସହାୟତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଆଜି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ପ୍ରବାସୀ ଶ୍ରମିକ ସଚେତନତା ରଥକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ସମସ୍ତ ଅଞ୍ଚଳ ବୁଲି ଅନ୍ୟ ରାଜ୍ୟ ପ୍ରବାସୀ ଶ୍ରମିକ ଆଇନ୍ ୧୯୭୭ରେ ଥିବା ସମସ୍ତ ସୁବିଧା ସୁଯୋଗ ଓ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବ। ପ୍ରତି ଶ୍ରମିକଙ୍କୁ ଠିକାଦାର ଗୋଟିଏ ପରିଚୟ ପତ୍ର ଦେବା ଆବଶ୍ୟକ। ଶ୍ରମିକଙ୍କୁ ଓଡ଼ିଶା ବାହାରକୁ ନେବା ପୂର୍ବରୁ ଠିକାଦାରଙ୍କ ଲାଇସେନ୍ସ ଥିବା ଆବଶ୍ୟକ। ପ୍ରବାସୀ ଶ୍ରମିକ ନିଜର ନାମ, କେଉଁ ଯାଗାକୁ ଓ କେତେ ଦିନ ପାଇଁ ଯିବେ, ଠିକାଦାରଙ୍କ ସହିତ କିମ୍ବା ସ୍ୱଇଚ୍ଛାରେ ଯାଉଥିଲେ ଏ ସମ୍ବନ୍ଧରେ ସୂଚନା ଗ୍ରାମ ପଞ୍ଚାୟତରେ ଜଣାଇବାକୁ ପଡ଼ିବ। ଠିକାଦାରଙ୍କ ସହିତ ବାହାରକୁ କାମ କରିବାକୁ ଗଲେ ଠିକାଦାର ଶ୍ରମିକଙ୍କ ଯାତାୟାତ ଖର୍ଚ୍ଚ ବହନ କରିବେ। ତାହା ମଜୁରୀରୁ କଟାଯାଇ ପାରିବ ନାହିଁ। ଯାହା ସହ ଠିକାଦାର ସ୍ଥାନାନ୍ତର ଭତ୍ତା ପ୍ରଦାନ କରିବା ଆଇନରେ ଅଛି। ମଜୁରୀ ଚୁକ୍ତି ଅନୁସାରେ ଦୈନିକ, ସାପ୍ତାହିକ ଓ ମାସ ଭିତ୍ତିରେ ଦିଆଯିବା ଉଚିତ୍। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ଯୁଗ୍ମ ଶ୍ରମ କମିଶନ ମହେଶ୍ୱର ନାଏକ, ଡିଭିଜନାଲ୍ ଶ୍ରମ ଅଧିକାରୀ ଇତିଶ୍ରୀ ଗାଗରାଇ ଏବଂ ଅନୁଗୋଳ ଓ ତାଳଚେରର ସହକାରୀ ଶ୍ରମ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିକଶିତ ଭାରତ ସଂକଳ୍ପ ଯାତ୍ରା ଆରମ୍ଭ



**ଅନୁଗୋଳ, ୨୮।୧୧(ସମିସ):** ଜିଲ୍ଲା କାର୍ଯ୍ୟାଳୟଠାରେ ବିକଶିତ ଭାରତ ସଂକଳ୍ପ ଯାତ୍ରାକୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶୁଭାରମ୍ଭ କରିଛନ୍ତି। ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ୨ଟି ରଥ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମର ପ୍ରଚାର ଓ ପ୍ରସାର ପାଇଁ ଜିଲ୍ଲାର ସମସ୍ତ ୨୨୫ଟି ଗ୍ରାମ ପଞ୍ଚାୟତକୁ ଦୁଇମାସ ମଧ୍ୟରେ ଯାତ୍ରା କରିବ। ଏହି କାର୍ଯ୍ୟକ୍ରମ ଆଜିଠାରୁ ଆରମ୍ଭ ହୋଇ ଆସନ୍ତା ଜାନୁଆରୀ ମାସ ୨୪ ତାରିଖ ସୁଦ୍ଧା ସରିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂହ, ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପଦ୍ମନାଭ ସାମନ୍ତରାୟ, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅରବିନ୍ଦ ବେହେରା, ଜିଲ୍ଲା ସୂଚନା ଅଧିକାରୀ ସୁବ୍ରତ କୁମାର ଚାଟାର୍ଜୀ, ଜିଲ୍ଲା ପରିଷଦ ପ୍ରୋଗ୍ରାମ ମ୍ୟାନେଜର ଓ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଞ୍ଚଳିକ ଟ୍ରକ୍ ସଂଘର ମୁକ୍ତିରଥ ଲୋକାର୍ପିତ

**କଣିହାଁ, ୨୮।୧୧(ସମିସ):** କଣିହାଁ ଆଞ୍ଚଳିକ ଟ୍ରକ୍ ସଂଘ ପକ୍ଷରୁ ସୋମବାର ସନ୍ଧ୍ୟାରେ ରାମମନ୍ଦିର ପଡ଼ିଆ ବିଜିଗୋଳ ନିକଟରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଅଞ୍ଚଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁକ୍ତିରଥକୁ ଲୋକାର୍ପିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ନିର୍ମଳ ସାହୁ, ସରପଞ୍ଚ ରୁକ୍ମଣୀ ପ୍ରଧାନ, ସଂଘର ସଭାପତି ଶାଶ୍ୱତ ଶାନ୍ତିସ୍ୱରୂପ ପ୍ରଧାନ, ସମ୍ପାଦକ ଆଲୋକ ସାହୁ, ବଣିକ ସଂଘର ସଭାପତି ଶଶାଙ୍କ ଶେଖର ପାଣି, ସମ୍ପାଦକ ଲଳିତ ମୋହନ ପ୍ରଧାନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ ସଭାପତି ସୁନୀଲ କୁମାର ପ୍ରଧାନ ସଂଯୋଜନା କରିଥିଲେ।



## ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର

# ୩୯ ଅଭିଯୋଗ ପଞ୍ଜୀକୃତ

ଡେରାବିଶ, ୨୮।୧୧(ସମିସ)




ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଆରକ୍ଷୀ ଅଧିକ୍ଷକ ସତ୍ୟପ ସମ୍ପଦ ମଡକର ଉପସ୍ଥିତ ରହି ମିଳିତ ଜନଶୁଣାଣି କରିଥିଲେ। ଏହି ଶିବିରରେ ସମୁଦାୟ ୩୯ଟି ଅଭିଯୋଗ ଶୁଣାଣି କରାଯାଇଥିଲା। ତନ୍ମଧ୍ୟରୁ ୩୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୨ ଗୋଟି ସାମୂହିକ ଅଭିଯୋଗ ହୋଇଥିଲା। ଆଜିର ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ଡେରାବିଶ ବିଡିଓ ଦାଶରଥି ଜେନା, ତହସିଲଦାର ପ୍ରଜ୍ଞାପରମିତା ପୃଷ୍ଟି, ଏବିଡିଓ ଭଞ୍ଜକିଶୋର ନାୟକ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗର ଶୁଣାଣି କରିଥିଲେ। ଅଭିଯୋଗଗୁଡ଼ିକ ମଧ୍ୟରେ ଆବାସ ଯୋଜନା ଓ ଭତ୍ତା ସମ୍ପର୍କିତ ଅଧିକ ଅଭିଯୋଗ ଥିବାବେଳେ ସ୍ୱାସ୍ଥ୍ୟ ବିଭାଗ ଉପରେ ଥିବା ଅଭିଯୋଗଗୁଡ଼ିକୁ ତୁରନ୍ତ ସମାଧାନ କରାଯିବାକୁ ଉପସ୍ଥିତ ଅଧିକାରୀ ଗୁରୁତ୍ୱାରୋପ କରିଥିଲେ। ଏହି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ ବିଭାଗ ବାଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଜଳସମ୍ପଦ ଇତ୍ୟାଦି ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ

**ଡେରାବିଶ, ୨୮।୧୧(ସମିସ):** ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ଅନ୍ତର୍ଗତ ଥକେଇନେଉଳି ଗ୍ରାମରେ ଆଜି ଅଗ୍ନିକାଣ୍ଡ ଘଟି ୨ ବଖରା ଭସ୍ମୀଭୂତ ହୋଇଯାଇଛି। ସୂଚନାରୁ ପ୍ରକାଶ ଆଜି ସନ୍ଧ୍ୟାରେ ଥକେଇ ନେଉଳି ଗ୍ରାମର ବାରେଣି ସେଠୀଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଘରଟି ନୂଆଁଣିଆ ଚାଳଘର ହୋଇଥିବା ବେଳେ ନିଆଁର ତିବ୍ରତା ଏତେ ଥିଲା ଯେ ପରିବାର ସଦସ୍ୟ ଘର ଭିତରୁ ଜୀବନ ବିକଳରେ ପଦାକୁ ବାହାରି ଯାଇଥିଲେ। ଘର ମଧ୍ୟରୁ କୌଣସି ସାମଗ୍ରୀ ଉଦ୍ଧାର ହୋଇପାରିନଥିବା ବେଳେ ପରିବାରର ବର୍ଷକର ଆହାର ପୋଡ଼ି ନଷ୍ଟ ହୋଇଯାଇଛି। ଖବର ପାଇ ବ୍ଲକ ଅଗ୍ନିଶମ ଗାଡ଼ି ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲା। ବାରେଣି ସେଠୀଙ୍କ ପରିବାର ଖୋଲା ଆକାଶ ତଳେ ରହିଥିବା ବେଳେ ସରପଞ୍ଚ ପ୍ରତାପ ବେହେରା ଘଟଣା ସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ପାଲ ଓ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ବାରେଣୀର ପରିବାର ଅତ୍ୟନ୍ତ ଗରିବ ହୋଇଥିବା ବେଳେ ପରର ମୂଲଲାଗି ପରିବାର ପ୍ରତିପୋଷଣ କରିଥାଏ। ଏହି ଅସହାୟ ପରିବାରକୁ ସହାୟତା ଯୋଗାଇ ଦେବା ପାଇଁ ତାଙ୍କ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।

## ଗଙ୍ଗାଧର ପ୍ରସାଦ ଡିଆରେ ୨ ବଖରା ଭସ୍ମୀଭୂତ

**ରାଜକନିକା, ୨୮।୧୧(ସମିସ):** ରାଜକନିକା ଥାନା ଅଧୀନ ନଦୀ ପରିବେଷ୍ଟିତ ଦ୍ୱୀପ ଗ୍ରାମ ଗଙ୍ଗାଧର ପ୍ରସାଦ ଡିଆରେ ଅଗ୍ନିକାଣ୍ଡ ଘଟି ୨ ବଖରା ଚାଳଘର ସମ୍ପୂର୍ଣ୍ଣ ଜଳିଯାଇଛି। ଏହି ଗାଁର ପବିତ୍ର ପ୍ରଧାନଙ୍କ ରୋଷେଇ କରୁଥିବା ସମୟରେ ଅସାବଧାନତା ଯୋଗୁ ଚୁଲି ନିଆଁ ଚାଳରେ ଲାଗି ଜଳିଯାଇଥିଲା। ପବିତ୍ରଙ୍କ ସମେତ ତାଙ୍କର ୫ ଭାଇ ରହୁଥିବା ଖଞ୍ଜା ଘରେ ନିଆଁ ଲାଗିଯିବାରୁ ଗାଁ ଲୋକେ ନିଜ ଚେଷ୍ଟାରେ ଏକ ସପ୍ଲାଇ ପାଣିକୁ ପାଇପରେ ପକାଇ ନିଆଁକୁ ଆୟତ କରିଥିଲେ। ତେବେ ଘଟଣା ଘଟିବା ସମୟରେ ସଙ୍ଗେ ସଙ୍ଗେ ଦମକଳ ବାହିନୀକୁ ଖବର ଦିଆ ଯାଇଥିଲେ ବି ସେମାନେ ଏହି ଗାଁ କୁ ବାଟ ନ ପାଇଁ ଅନ୍ୟ ଆଡ଼େ ଚାଲିଯାଇଥିଲେ। ନିଆଁ ଆୟତ ପରେ ରିପୋର୍ଟ ପାଇଁ ଗାଁକୁ ଯିବାରୁ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଯୋଗାଯୋଗ ନ ଥିବା ଡିଆ ଗାଁରେ ଏମିତି ଅଘଟଣ ଯୋଗୁ ପବିତ୍ରଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଅତ୍ୟନ୍ତ ଗରୀବ ଶ୍ରେଣୀର ପରିବାରକୁ ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ବଡ଼ତୋଟାରେ ଅମ୍ବିକା ସୁନ୍ଦରୀ ଠାକୁରାଣୀଙ୍କ ଉତ୍ସବ




**ମହାକାଳପଡ଼ା, ୨୮।୧୧(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ବଡ଼ତୋଟା ଗ୍ରାମରେ ଶରତ ରାହାସ ମହୋତ୍ସବ ଓ ଶ୍ରୀ ଅମ୍ବିକା ସୁନ୍ଦରୀ ଠାକୁରାଣୀଙ୍କ ବାର୍ଷିକ ଜନ୍ମ ଉତ୍ସବ ଆନନ୍ଦ ଉଲ୍ଲାସ ସହିତ ପାଞ୍ଚ ଦିନ ବ୍ୟାପୀ ପାଳିତ ହୋଇଛି। ୧୦୮ ଜଣ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ଜଳ ଆଣିବା ପରେ ପୂଜା ଆରମ୍ଭ ହୋଇଥିଲା। ପ୍ରତିଦିନ ସନ୍ଧ୍ୟାରେ ଠାକୁରାଣୀଙ୍କ ନିକଟରେ ଆଳତି ସହିତ ରାହାସ ଗାନ କରାଯିବା ସହିତ ପ୍ରତ୍ୟୁଷରୁ ପ୍ରଭାତ କୀର୍ତ୍ତନ ସହିତ ଗ୍ରାମ ପରିକ୍ରମା କରାଯାଉଥିଲା। ଏହି ଉତ୍ସବରେ ଭୁବନ ମୋହନ ଜେନା, ରୋଜାଲିନ ମହାନ୍ତି, ସୌଭାଗ୍ୟ ପରିଡ଼ା, ସଞ୍ଜୟ ରଥ, ଚିତ୍ତରଞ୍ଜନ ଦାସ, ରାକେସ ମହାନ୍ତି, ବଉଳକଣି ସରପଞ୍ଚ ସାଲବେଗ ମହାଳି ପ୍ରମୁଖ ଯୋଗଦେଇଥିଲେ। ଗ୍ରାମ କମିଟିର ସଭାପତି ପବିତ୍ର ପରିଡ଼ା, ମୋହନ ଚରଣ ଦାସ, ବୈଷ୍ଣବ ପରିଡ଼ା, କସ୍ତୁରୀ ଗାହାଣ, ମହେଶ୍ୱର ରାଉତ, ପରମାନନ୍ଦ ହାତୀ, ଲଙ୍ଗୁଳୀ ସାମଲ, ସୁବାସ ହାତୀ, ନକୁଳ ରାଉତ, ଚରଣ ରାଉତ, ଜଳଧର ସ୍ୱାଇଁ, ଅଭୟ ରାଉତ ପ୍ରମୁଖ ସମସ୍ତ କାର୍ଯକ୍ରମ ପରିଚାଳନା କରିଥିଲେ। ରିନାରାଣୀ ପରିଡ଼ା, ମମତା ସାମଲ, ସସ୍ମିତା ଚୌଧୁରୀ, ଜ୍ୟୋତ୍ସ୍ନା ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ।

## ଟ୍ରଲର ଜବତ; ୧୦ ମତ୍ସ୍ୟଜୀବୀ ଗିରଫ




**ରାଜନଗର, ୨୮।୧୧(ସମିସ):** ବିରଳ ଅଲିଭରିଡଲେ କଇଁଛଙ୍କ ଏନ୍ତୁଡ଼ିଶାଳ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନବିଭାଗ ଗୋଟିଏ ଟ୍ରଲର ଜବତ କରିବା ସହ ସେଥିରେ ଥିବା ୧୦ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣା, ଫରେଷ୍ଟର ସୁରେଶ ଚନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ବନବିଭାଗ ପାଟ୍ରୋଲିଂ ଟିମ୍ ଗଭୀର ସମୁଦ୍ରରେ ପଇଁତରା ମାରୁଥିବା ବେଳେ ଏକକୂଳା ନିକଟରେ ମାଛ ମାରୁଥିବା ଆଲୋକଜ୍ୟୋତି ନାମକ ଟ୍ରଲର ଜବତ କରିଥିଲେ। ଟ୍ରଲରରେ ଥିବା ରାମକୃଷ୍ଣ ମଣ୍ଡଳ, ବାଦଲ ଚନ୍ଦ୍ର ପାଲ, ଭବେଶ କୁମାର ମଣ୍ଡଳ, ଶଶାଙ୍କ ମଣ୍ଡଳ, ବଳରାମ ଦାସ, ଶ୍ରୀକାନ୍ତ ମଣ୍ଡଳ, ତ୍ରିପତୀ ଜାନା, ସୁନିଲ ମଣ୍ଡଳ, ଶ୍ରୀକ୍ରୀଷ୍ଣା ମଣ୍ଡଳ, ଘନଶ୍ୟାମ ମଣ୍ଡଳ ପ୍ରମୁଖ ୧୦ଜଣଙ୍କୁ ମତ୍ସ୍ୟଜୀବୀଙ୍କୁ ୧୯୭୨ ବନ୍ୟପ୍ରାଣୀ ଆଇନ ଅନୁସାରେ ଗିରଫ କରାଯାଇଛି। ଜବତ ଟ୍ରଲରରୁ ଗୋଟିଏ ଜିପିଏସ, ୩ଟି ଭିଏଚଏଫ, ୧୧ଟି ଟ୍ରଲିଂ ନେଟ ଓ ୭ କ୍ୟୁଣ୍ଟାଲ ମାଛ ଜବତ କରାଯାଇଥିବା ବନବିଭାଗ ସୂଚନା ଦେଇଛି। ଚଳିତ କଇଁଛ ଋତୁ ପାଇଁ କଟକଣା ଲାଗୁ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ୫ଟି ଟ୍ରଲର ଜବତ ହେବା ସହିତ ୪୬ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଛି।

## ସ୍ୱାମୀ ବିକିଦେଲେ ଘର; ବେସାହାରା ପରିବାର

**ରାଜନଗର, ୨୮।୧୧(ସମିସ):** ରାଜନଗର ଥାନା ଅନ୍ତର୍ଗତ ଗୁପ୍ତି ଗାଁର ଚନ୍ଦ୍ରମଣି ପ୍ରଧାନ ନିଜ ପରିବାର ସହ ରହୁଥିବା ଘରକୁ ବିକିଦେବା ଫଳରେ ପରିବାର ଲୋକେ ବେସାହାରା ହୋଇ ପଡ଼ିଛନ୍ତି। ତାଙ୍କ ପତ୍ନୀ ଶାନ୍ତି ପ୍ରଧାନ ରାଜନଗର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କର ଏକମାତ୍ର ପୈତୃକ ସମ୍ପତ୍ତି ୧୪ ଡେସିମିଲ ଜମିରେ ସେ ୨୫ବର୍ଷ ହେଲା ଚାଳଘର କରି ରହୁଥିଲେ। ୩ବର୍ଷ ହେଲା ସେ ଚାରି ବଖରା କୋଠାଘର ନିର୍ମାଣ କରିଛନ୍ତି। ଜମି ବନ୍ଧକ ରଖିବା ନାଁରେ ଜମିକୁ ଦଲିଲ କରି ରୋହିତ କୁମାର ବେହେରା ନେଇ ଯାଇଛନ୍ତି। ରବିବାର ସେ ତାଙ୍କ ଝିଅ ଘରକୁ ଯାଇଥିଲେ। ଫେରିବା ବେଳକୁ ତାଙ୍କ ଘରକୁ ଜଣେ ଲୋକ କିଣିଥିବା ଦାବି କରି ଘରଭିତରେ ପ୍ଲାଷ୍ଟର କରୁଛନ୍ତି। ତାଲା ଭାଙ୍ଗି ତାଙ୍କର ସମସ୍ତ ସାମଗ୍ରୀ ନେଇଯିବା ସହ ତାଙ୍କୁ ଅସଦାଚରଣ ସହିତ ଜୀବନରୁ ମାରି ଦେବାକୁ ଧମକ ଦେଇଥିବା ନେଇ ଶାନ୍ତି ଥାନାରେ ଅଭିଯୋଗ କରିଛନ୍ତି। ସେ ଏବେ ବାସହରା ହୋଇ ବାହାରେ ବୁଲୁଛନ୍ତି। ତାଙ୍କୁ ନ୍ୟାୟ ଦେବା ସହିତ ତାଙ୍କ ଘରେ ଥିବା ଟଙ୍କା, ଗହଣା ଓ ଅନ୍ୟାନ୍ୟ ସାମଗ୍ରୀ ଉଦ୍ଧାର କରିବାକୁ ସେ ଲିଖିତ ଭାବେ ଥାନାରେ ଜଣାଇଛନ୍ତି।

## ମେଧାବୀ ଛାତ୍ରୀ ସଙ୍ଗୀତାଙ୍କ କୃତିତ୍ୱ



**କେନ୍ଦ୍ରାପଡ଼ା, ୨୮।୧୧(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ତରାଣ୍ଡୋ ସରକାରୀ ନୋଡାଲ ହାଇସ୍କୁଲର ଷଷ୍ଠ ଶ୍ରେଣୀର ଛାତ୍ରୀ କୁମାରୀ ସଙ୍ଗୀତା ନାୟକ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାର କୃତିତ୍ୱ ଅର୍ଜନ କରିଛନ୍ତି। ମାର୍ଶାଘାଇ ବ୍ଲକର କୁସୁନୁପୁର ଗ୍ରାମ ନିବାସୀ ଜ୍ଞାନରଞ୍ଜନ ନାୟକ ଏବଂ ସୁଜାତା ନାୟକଙ୍କ ଝିଅ ସଙ୍ଗୀତା ଜଣେ ମେଧାବୀ ଛାତ୍ରୀ ଭାବରେ ବିଦ୍ୟାଳୟରେ ସମସ୍ତଙ୍କ ଶ୍ରଦ୍ଧା ଭାଜନ ହୋଇପାରିଥିଲେ। ତାଙ୍କର ଏପରି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବନ୍ଦନା ପାଣି, ଭାବଗ୍ରାହୀ କଳା ନିକେତନର ସମ୍ପାଦକ ସଙ୍ଗୀତ ନୈର୍ଦ୍ଦେଶକ ବିମଳ ପ୍ରସାଦ ପରିଡ଼ା, ରେଡିଓ ଭାବଗ୍ରାହୀର ସୁଶ୍ରୀ ସଙ୍ଗୀତା ଜେନା ଏବଂ ବିଶ୍ୱଜିତ୍ ପରିଡ଼ା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରତାଦିଆ ପଞ୍ଚାୟତ ପକ୍ଷରୁ ମୁରୁଜ ପ୍ରତିଯୋଗିତା

**ଡେରାବିଶ, ୨୮।୧୧(ସମିସ):** ଡେରାବିଶ ବ୍ଲକ ଅନ୍ତର୍ଗତ ରତାଦିଆଖଣ୍ଡସାହି ଗ୍ରାମ ପଞ୍ଚାୟତର ବାୟାକଣ ସ୍କୁଲ ପ୍ରାଙ୍ଗଣରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରତାଦିଆଖଣ୍ଡସାହି ଗ୍ରାମ ପଞ୍ଚାୟତ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାକୁ ସରପଞ୍ଚ ଶିଶିର କୁମାର ସାମଲ ସଂଯୋଜନା କରିଥିବା ବେଳେ ଏହି ପ୍ରତିଯୋଗିତାରେ ୨୫ଟି ଦଳ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସରପଞ୍ଚ ଶିଶିର ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ ଅତିଥି ଭାବେ ପାଟକୁରାର ବିଶିଷ୍ଟ ସମାଜସେବୀ ପ୍ରାଧ୍ୟାପକ ଅଜୟ କୁମାର ରାଉତ ଯୋଗଦେଇ ଏଭଳି ପ୍ରତିଯୋଗିତା ମହିଳାମାନଙ୍କ ଠାରେ ସୃଜନଶୀଳତାକୁ ବୃଦ୍ଧି କରାଇବ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଓଡ଼ିଶା ସଂସ୍କୃତି ଓ ପରମ୍ପରା ପୁନଃଉଦ୍ଧାର ସମିତିର ସଭାନେତ୍ରୀ ଜ୍ୟୋତ୍ସ୍ନାମୟୀ ପରିଡ଼ା ଅତିଥିଭାବେ ଯୋଗଦେଇ ପ୍ରତିଯୋଗିଙ୍କ କଳାକୃତିକୁ ପ୍ରଶଂସା କରିବା ସହିତ ଭବିଷ୍ୟତରେ ଏହି କଳାକୁ ବଞ୍ଚାଇ ରଖିବା ପାଇଁ ଆୟୋଜକ ଓ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ସୌଦାମିନୀ ସାହୁ, ତପସ୍ୱିନୀ ସାହୁ ଓ ବର୍ଷା ପ୍ରିୟଦର୍ଶିନୀ ସାହୁଙ୍କ ଦଳ ପ୍ରଥମ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ମଧୁସ୍ମିତା ବେଉରା



ଓ ଗାୟତ୍ରୀ ଦ୍ୱିବେଦୀଙ୍କ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ସ୍ନେହଲତା ସାହାଣୀ, ପାୟଲ ସାହାଣୀ, ଗୁଗୁଲ ସାହାଣୀ ଓ ରାକ୍ଷୀ ଦାସ ତୃତୀୟ ସ୍ଥାନ ଅଧିକାରୀ କରିଥିଲେ। ଏହି ତିନି ଦଳଙ୍କୁ ପୁରସ୍କାର ସ୍ୱରୂପ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରାଯାଇଛି। ବିଶିଷ୍ଟ ଚିତ୍ରଶିଳ୍ପୀ ଅଜୟ ପଣ୍ଡା ଓ ସମବାୟସମିତି ସଭାପତି ବିମଳକାନ୍ତ ତ୍ରିପାଠୀ ବିଚାରକ ଭାବେ ସମସ୍ତ କୃତୀମାନଙ୍କୁ ବିଚାର କରିଥିଲେ। ଏହି କାର୍ଯ୍ୟକ୍ରମକୁ ମିଶନଶକ୍ତିର ମନୋରମା ମହାରଣା, ମମତା ନାୟକ, କଳ୍ପନା କୁମାରୀ ଜେନା, ରଶ୍ମିତା ନାୟକ, ଗାୟତ୍ରୀ ଦ୍ୱିବେଦୀ, ରଶ୍ମିରେଖା ବେହେରା, ରାଜଲକ୍ଷ୍ମୀ ଦ୍ୱିବେଦୀ, ଦୀପକ ସାହାଣୀ, ରମେଶଚନ୍ଦ୍ର ସାହୁ ଓ ସୁଧାକର ଷଣ୍ଢ ପ୍ରମୁଖ ପରିଚାଳନା କରିଥିବା ବେଳେ ମିହିର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ପଶୁପକ୍ଷୀଙ୍କୁ ହତ୍ୟା ନକରିବାକୁ ନିଆରା ପ୍ରୟାସ

## ନିରାମିଷ ଛାଡ଼ଖାଇ ପାଳିବାକୁ ଆହ୍ୱାନ

**କେନ୍ଦ୍ରାପଡ଼ା, ୨୮।୧୧(ସମିସ):** ଛାଡଖାଇରେ ନିରାମିଷ ମଟନ, ଚିକେନ ଆଉ ମାଛକୁ ନେଇ ସହରରେ ଦିନତମାମ ଚର୍ଚ୍ଚା ଲାଗିରହିଥିଲା। ମଣିଷ ପରି ସଂସାରରେ ଅନ୍ୟ ପଶୁପକ୍ଷୀଙ୍କ ବଞ୍ଚିବାର ଅଧିକାର ରହିଛି। ଯେହେତୁ ମଣିଷ ନିଜ ବଳ ପ୍ରୟୋଗ କରି ନିରୀହ ପଶୁପକ୍ଷୀଙ୍କୁ ହତ୍ୟା କରି ଭୋଜନ କରୁଛି। ନିରିହ ପଶୁପକ୍ଷୀଙ୍କୁ ରକ୍ଷା କରିବାକୁ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ନିଆରା ପ୍ରୟାସ ଆରମ୍ଭ ହୋଇଛି। ମନୁଷ୍ୟର ମାଂସାସୀ ପ୍ରକୃତିକୁ ଦୂର କରିବାକୁ ଅବିକଳ ମଟନ, ଚିକେନ, ଅଣ୍ଡା ଆଉ ମାଛ ଭଳି ଦୃଶ୍ୟ ହେଉଥିବା ଖାଦ୍ୟ ଲୋକଙ୍କୁ ପରଷା ଯାଇଥିଲା। କାର୍ତ୍ତିକ ମାସ ବଡ଼ଓଷା ପରେ ହେଉଥିବା ଛାଡଖାଇ ପର୍ବରେ ବହୁମାତ୍ରାରେ ହେଉଥିବା ଜୀବହତ୍ୟା ବଦଳରେ 'ଜିବେଦୟା' ପାଇଁ ଟ୍ରଷ୍ଟର ସଭାପତି ଦମନ ମହାନ୍ତି ବାର୍ତ୍ତା ଦେଇଛନ୍ତି। ଏହି ନିଆରା କାର୍ଯ୍ୟକ୍ରମରେ ଟ୍ରଷ୍ଟ ପକ୍ଷରୁ ନିରାମିଷ ଭୋଜନ ବ୍ୟବସ୍ଥା ଆୟୋଜନ ହୋଇଥିଲା। ଏହି ନିରାମିଷ ଛାଡଖାଇ ପର୍ବ କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଥିବା ସ୍ୱାଧୀନ ହୋଟେଲ ପରିସରରେ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟକ୍ତିମାନେ ସାମିଲ ହୋଇଥିଲେ। ନିରାମିଷ ଖାଇବା, ସୁସ୍ଥ ରହିବାର ବାର୍ତ୍ତା ପ୍ରଦାନ ପୂର୍ବକ କାର୍ଯ୍ୟକ୍ରମରେ ଜରିଆରେ ଲୋକଙ୍କୁ ସଚେତନ କରାଯାଇଥିଲା। ନିରାମିଷ ଛାଡଖାଇ କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତିଙ୍କ ନେତୃତ୍ୱରେ ହୋଇଥିବା ବେଳେ ଉପସଭାପତି ରଶ୍ମିରଞ୍ଜନ ବାରିକ ସବୁ ବ୍ୟଞ୍ଜନ ପ୍ରସ୍ତୁତ କରିଥିଲେ। ଦିଲ୍ଲୀପ କୁମାର ନାଥ, କାଳନ୍ଦି ମଲ୍ଲିକ, କେଦାର ସ୍ୱାଇଁ, ମନୋଜ ରାଉତ, ରଜତ କୁମାର ନାଥ, ଅଜୟ ସେଠୀ, ସୂର୍ଯ୍ୟକାନ୍ତ ପରିଡ଼ା, ମମତା ମହାନ୍ତି, ନିହାର ରଞ୍ଜନ ସାହୁ, ସାଧୁ ସୁଦନ ଦାସ ଓ ନିଗମ ରାଜ ପ୍ରମୁଖ ସହଯୋଗ କରିଥିଲେ।

## କେନ୍ଦ୍ରାପଡ଼ା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା, ୨୮।୧୧(ସମିସ):** କେନ୍ଦ୍ରାପଡ଼ା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପରିସରରେ 'ନୂଆ- ଓ' କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଆଜି ମଙ୍ଗଳବାର ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ନିମନ୍ତେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ଯୁବ ସମାଜସେବୀ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ରୂପେ ପ୍ରଫେସର ଜ୍ଞାନେନ୍ଦ୍ର ଦାଶ ଯୋଗଦାନ ପୂର୍ବକ ଯୁବ ଶକ୍ତିର ସଦୁପୋଯୋଗ ନିମନ୍ତେ ଆହ୍ୱାନ ଦେଇଥିଲେ। ଜିଲ୍ଲା ନୋଡାଲ ଅଫିସର ପ୍ରଫେସର ପ୍ରମୋଦ କୁମାର ବେହେରା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ପ୍ରତିଭାର ସଫଳ ରୂପାୟନ ନିମନ୍ତେ ଛାତ୍ର ସମାଜକୁ ବାର୍ତ୍ତା ଦେଇଥିଲେ। ପରିଶେଷରେ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଅଧ୍ୟାପିକା ରତ୍ନ ମଞ୍ଜରୀ ଦାଶ ନିଜର ମତ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱରୂପ ରାଉତରାୟ, କ୍ୟାପଟେନ ସୀମା ମହାନ୍ତି, କ୍ରୀଡା ଅଧ୍ୟାପିକା ପ୍ରତୀମାରାଣୀ ଦ୍ୱିବେଦୀ, ପ୍ରଫେସର ରଞ୍ଜିତ କୁମାର ଦାସ, ଅଧ୍ୟାପିକା ଆର୍ସିୟା ଅଞ୍ଜୁମ ପ୍ରମୁଖ ଉପସ୍ଥିତ ଥିଲେ। ମୋନାଲିସା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା'ର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ



**ରାଜନଗର, ୨୮।୧୧(ସମିସ):** ରାଜନଗର ବ୍ଲକ କୃଷ୍ଣନଗର ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ପ୍ରକଳ୍ପର ଶୁଭ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ୧୦ଟି ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକଳ୍ପ ଗୁଡିକର ଶିଳାନ୍ୟାସ କରିଛନ୍ତି। କାର୍ଯ୍ୟକ୍ରମରେ ସରପଞ୍ଚ ନନ୍ଦ ଦୁଲାଲ ପରିଡ଼ା, ସମିତିସଭ୍ୟ ବିଶ୍ୱନାଥ ମାଇତି, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପୂର୍ବତନ ଉପାଧ୍ୟକ୍ଷ ସୁଦର୍ଶନ ଦାସ, ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ବାରିକ, ସୋସିଆଲ ମିଡିଆ ସଂଯୋଜକ ବିଜୟ ନାୟକ, ସାନବଡଗୋପାଳପୁର ସମିତିସଭ୍ୟା ନଳିନୀପ୍ରଭା ରାଉତ, କୃଷ୍ଣନଗର ପଞ୍ଚାୟତ ସଭାପତି ସୁବିମଲ ମାଇତି, ନାଏବ ସରପଞ୍ଚ କୁନି ଆଡି, ବରିଷ୍ଠ ନେତା ବିଜୟ ମାଇତି, ମୀନକେତନ ଦାସ, ପ୍ରଭାତ ବେହେରା, ତପନ ମଣ୍ଡଳ, ବୁଦ୍ଧଦେବ ମାଇତି, ମିଥୁନ ଆଡି, ରବୀନ୍ଦ୍ର ସିଂ, ସୁଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ବଟେଶ୍ୱରୀ ଯୁବକ ସଂଘ ପକ୍ଷରୁ ନୃତ୍ୟ ପ୍ରତିଯୋଗିତା

**ରାଜନଗର, ୨୮।୧୧(ସମିସ):** ରାଜନଗର ସଦର ମହକୁମା ବଡଦାଣ୍ଡର ବଟେଶ୍ୱରପୀଠରେ ବଟେଶ୍ୱରୀ ଯୁବକ ସଂଘ ତରଫରୁ ନୃତ୍ୟ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଛତ୍ରଧାରୀ ପାଟଣାର କୁନି କୁନି ନୃତ୍ୟଶିଳ୍ପୀଙ୍କ ଦ୍ୱାରା ନୃତ୍ୟ ପରିବେଶଣ କରାଯାଇଥିଲା। ପରେ ଗାଁର ଛୋଟଛୋଟ ପିଲାମାନଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ଏହି ଉପଲକ୍ଷେ ସଙ୍ଗୀତ ନିର୍ଦ୍ଦେଶକ ଚକ୍ରଧର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀ ଦାସ ମୁଖ୍ୟଅତିଥି, ନାଏବ ସରପଞ୍ଚ ବାଇଧର ସେଠୀ, ପ୍ରଶାନ୍ତ କୁମାର ବିଶ୍ୱାଳ, ସଞ୍ଜୟ କୁମାର ମହାରଣା ନିଳମଣୀ ସାହୁ, ଅଜୟ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୃତ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା ନୃତ୍ୟଶିଳ୍ପୀଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରକୁ ବଟକୃଷ୍ଣ ମହାରଣା, ଚନ୍ଦ୍ରମଣି ସାହୁ, ଦିପ୍ତୀ ରଞ୍ଜନ ମହାରଣା, ଗୋପବନ୍ଧୁ ସାହୁ, ତୃପ୍ତି ମହାରଣା ସନାତନ ମହାରଣା, ଦେବଦତ ଦାସ, ବିଟୁ ସାହୁ, ଦେବ ପ୍ରସାଦ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ସମ୍ବର୍ଦ୍ଧିତ ହେଲେ ୨୧ଟି ପାଲା ଓ ସଙ୍କୀର୍ତ୍ତନ ମଣ୍ଡଳୀ

**ଗରଦପୁର, ୨୮।୧୧(ସମିସ):** "ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାରଙ୍କ ସହ ଭାଗିତାରେ ଓ ପ୍ରେରଣା ଫାଉଣ୍ଡେସନ ଟ୍ରଷ୍ଟ ଦ୍ୱାରା ଆୟୋଜିତ କାର୍ତ୍ତିକ ମହୋତ୍ସବ ୨୦୨୩ କେନ୍ଦ୍ରାପଡ଼ା ଜିଲ୍ଲା ନଡିଆବରାଇ ଗ୍ରାମ ପଞ୍ଚାୟତ ଓଡପଡ଼ା ଗ୍ରାମ ଶ୍ରୀ ବଟମହାପୁରୁଷ କାର୍ତିକେଶ୍?ର ପୂଜା ପଡ଼ିଆରେ ୪ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିଲା। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ତଥା ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗରଦପୁର ବ୍ଲକରୁ ଆସିଥିବା ୨୧ଟି ପାଲା ଓ ସଙ୍କୀର୍ତ୍ତନ ମଣ୍ଡଳୀକୁ ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା, କଟକ, ଯାଜପୁର, ପୁରୀ, ଭୁବନେଶ୍?ର ଆସିଥିବା କଳାକାରମାନେ ସେମାନଙ୍କ କଳା ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ଉଦଯାପନୀ ଉତ୍ସବରେ ସମାଜସେବୀ ଭଗବାନ ଜେନା, ଟିପିସିଓଡିଏଲର କୋରୁଆ ସେକ୍ସନ ଜେଇ ଯୋଗଦାନ କରି ସୁରଭିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରଶ୍ମିରଞ୍ଜନ ପ୍ରଧାନ, ଅବିନାଶ ପ୍ରଧାନ, ପ୍ରଭାତ ପ୍ରଧାନଙ୍କ ସମେତ ସ୍ଥାନୀୟ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ପରିବେଶବିତ୍‌ଙ୍କ ଭିଡିଓ ଭାଇରାଲ

## ପ୍ରତିକ୍ରିୟା ପରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା

**ରାଜନଗର, ୨୮।୧୧(ସମିସ):** ରାଜନଗର ବନ୍ୟପ୍ରାଣୀ ଡିଭିଜନ ପକ୍ଷରୁ ଶାସନପେଟା ଠାରେ ଅନୁଷ୍ଠିତ କଇଁଛ ସୁରକ୍ଷା ସଚେତନତା ଶିବିରରେ ଯୋଗଦେଇ ପରିବେଶବିତ୍ ହେମନ୍ତ କୁମାର ରାଉତ ଆଇନଜୀବୀଙ୍କ ପ୍ରତି ଅତ୍ୟନ୍ତ କଟୁଶବ୍ଦ କହିଥିଲେ। ପ୍ରଧାନମନ୍ତ୍ରୀ ନାମ୍ବିଆ ଆଫ୍ରିକାରୁ ୩ଟି ଚିତାବାଘ ଆଣି ତୁନୋ ଅଭୟାରଣ୍ୟରେ ଛାଡିଲେ। କିନ୍ତୁ ରାଜସ୍ଥାନର ଗୋଟିଏ ଅଭୟାରଣ୍ୟରୁ ୧୫୦ ହରିଣ ଆଣି ସେଠି ଛାଡିଲେ। ତାହା ବଷ୍ଣୋଇ ସମ୍ପ୍ରଦାୟକୁ ଭଲ ଲାଗିଲା ନାହିଁ। ସୁପ୍ରିମ କୋର୍ଟରେ ବିଷ୍ଣୋଇ ସମ୍ପ୍ରଦାୟ ନିଜେ ଲଢୁଛନ୍ତି, କାରଣ ସବୁ ଯାକ ଆଡଭୋକେଟ ବଦମାସ ଗୁଡାକ। ପଇସା ନେଇ ଏପଟ ସେପଟ କରିବେ। ପରିବେଶବିତ୍ ଆଇନଜୀବୀଙ୍କ ପ୍ରତି ଦେଇଥିବା କଟୁ ମନ୍ତବ୍ୟ କେବଳ ଆଇନଜୀବୀଙ୍କ ମଧ୍ୟରେ ନୁହେଁ, ବୁଦ୍ଧିଜିବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ନେଇ ପ୍ରତିକ୍ରିୟା ବଢ଼ିବା ପରେ ନିଜ ତରଫରୁ ଦୁଇଟି ଭିଡିଓ ଜାରି କରି କ୍ଷମା ପ୍ରାର୍ଥନା କରିଥିଲେ। ଏହାସତ୍ତ୍ୱେ ମଧ୍ୟ ପତିକ୍ରିୟା ବଢ଼ିବାରୁ ସମ୍ବିଧାନ ଦିବସରେ ରାଜନଗର ଓକିଲ ସଂଘରେ ପହଁଞ୍ôଚ ଭୂଲ ସ୍ୱୀକାର କରିବାସହ ନିସର୍ତ୍ତ କ୍ଷମା ପ୍ରାର୍ଥନା କରିଥିବା ନେଇ ଲିଖିତ ଭାବେ ରାଜନଗର ବାର ଆସୋସିଏସନକୁ ଦେଇଛନ୍ତି। ଜଣେ ପରିବେଶବିତ୍, କବି ସର୍ବସାଧାରଣ ବୈଠକରେ ଆଇନଜୀବୀଙ୍କ ପ୍ରତି କଟୁଶବ୍ଦ ପ୍ରୟୋଗ କରିବା ଘଟଣା ସମଗ୍ର ଜିଲ୍ଲାରେ ତୀବ୍ର ପତିକ୍ରିୟା ସୃଷ୍ଟି କରିଛି।

## ଦେଉଳପଡ଼ା ପଞ୍ଚାୟତରେ 'ଆମ ବ୍ୟାଙ୍କ' ଉଦ୍‌ଘାଟିତ

**ମହାକାଳପଡ଼ା, ୨୮।୧୧(ସମିସ):** ବ୍ୟାଙ୍କିଂ ସୁବିଧା ନ ଥିବା ଗ୍ରାମପଞ୍ଚାୟତରେ ଜନସାଧାରଣଙ୍କୁ ବ୍ୟାଙ୍କ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର 'ଆମ ବ୍ୟାଙ୍କ' ଯୋଜନା କାର୍ଯ୍ୟକାରୀ କରିଛନ୍ତି। ମଙ୍ଗଳବାର ଭିଡିଓ କନଫରେନସି ଜରିଆରେ 'ଆମ ବ୍ୟାଙ୍କ'କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। '୫-ଟି' ଏବଂ 'ନବୀନ ଓଡ଼ିଶା' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣରେ ମହାକାଳପଡ଼ା ବ୍ଲକର ଦେଉଳପଡ଼ା ପଞ୍ଚାୟତରେ ବ୍ୟାଙ୍କକୁ ମଧ୍ୟ ଉଦ୍‌ଘାଟନ କରାଯାଇଥିଲା। ଦେଉଳପଡ଼ାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଡିଓ ସାଗର କୁମାର ନନ୍ଦ, ସରପଞ୍ଚ ନିବେଦିତା ଦାସ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜଲକ୍ଷ୍ମୀ ସାହୁ, କନିଷ୍ଠ ଯନ୍ତ୍ରୀ ମନୋଜ ଜେନା, ପୂର୍ବତନ ସରପଞ୍ଚ ଦେବଦତ୍ତ ପରିଡ଼ା, କଳ୍ପତରୁ ଦାସ, ଶଶୀଭୁଷଣ ଦାସ, ବିଜ୍ଞାନ ଦାସ, ଶ୍ରୀମନ୍ତ ଦାସ ଓ ବାସନ୍ତୀ ଦାସ ପ୍ରମୁଖ ସାମିଲ ହୋଇଥିଲେ। ଏହି ଯୋଜନାରେ ଯେଉଁ ପଞ୍ଚାୟତରେ ବ୍ୟାଙ୍କ ନାହିଁ ସେହି ସବୁ ପଞ୍ଚାୟତରେ 'ଆମ ବ୍ୟାଙ୍କ' ଖୋଲାଯାଇ ଲୋକମାନଙ୍କୁ ବ୍ୟାଙ୍କ ସୁବିଧା ଯୋଗାଇଦେବ।

# କୃଷ୍ଣନଗର ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ

**ରାଜନଗର, ୨୮।୧୧(ସମିସ):** ରାଜନଗର ବ୍ଲକ କୃଷ୍ଣନଗର ପଞ୍ଚାୟତରେ ବିଜୁ ଜନତା ଦଳର ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବିଜେଡି ନେତା ବିଜୟ ମାଇତିଙ୍କ ବାସଭବନରେ ବିଧାୟକ ଧ୍ରୁବ ସାହୁ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ଉପସ୍ଥିତିରେ ମିଶ୍ରଣପର୍ବ ହୋଇଥିଲା। କଂଗ୍ରେସ ଓ ବିଜେପି ଦଳ ତ୍ୟାଗ କରି ଭାନୁ ଗାହାଣ, ଶମ୍ଭୁ ଦଳାଇ, ଜୟରାମ ଆଡି, ଲାଲୁ ଗାହାଣ, ଶ୍ରୀନିବାସ ଦଳାଇ, ପଞ୍ଚାନନ ରାୟ, ଉଦୟଆଡି, କ୍ଷେତ୍ରମୋହଣ ଆଡି, ବଳରାମ ଆଡି, ଅଜାମ୍ବିଳ ଆଡି, ଶମ୍ଭୁପଦ ମଣ୍ଡଳ, ସରୋଜ ମଣ୍ଡଳ, ଜଗନ୍ନାଥ ମଣ୍ଡଳ, ବିଷ୍ଣୁ ଦ୍ୱିବେଦୀ, ପରମେଶ୍ୱର ରାୟ, ରବି ଦାସ, ବିଶ୍ୱନାଥ ଆଡି, ଚମ୍ପା ଆଡି, ଗୌର ପାତ୍ର, ଚିତ୍ତ ରଞ୍ଜନ ମଣ୍ଡଳ, ସତ୍ୟ ରଞ୍ଜନ ମଣ୍ଡଳ, ନିରଞ୍ଜନ ମଣ୍ଡଳ, ଶ୍ରୀମନ୍ତ ମଣ୍ଡଳ, ପୁଷ୍ପ ମଣ୍ଡଳ, ଶ୍ରୀରାମ ମଣ୍ଡଳ, ରାମକୃଷ୍ଣ ଦଳାଇ, ରତନ ଦାସ, ଅନୁକୂଳ ମାଇତି ପ୍ରମୁଖ ୨୮ ପରିବାର ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ବିଧାୟକ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ସରପଞ୍ଚ ନନ୍ଦ ଦୁଲାଲ ପରିଡ଼ା, ସମିତିସଭ୍ୟ ବିଶ୍ୱନାଥ ମାଇତି, ବ୍ଲକ ବିଜେଡି ଉପସଭାପତି ସୁଦର୍ଶନ ଦାସ, ୩୨ନଂ ଜୋନର ପର୍ଯ୍ୟବେକ୍ଷକ ତଥା ବରିଷ୍ଠ ବିଜେଡି ନେତା ଲକ୍ଷ୍ମୀଧର ବାରିକ, ନିର୍ବାଚନମଣ୍ଡଳୀ ସୋସିଆଲ ମିଡିଆ ସଂଯୋଜକ ବିଜୟ ନାୟକ, ସାନବଡଗୋପାଳପୁର ସମିତିସଭ୍ୟା ନଳିନୀପ୍ରଭା ରାଉତ, କୃଷ୍ଣନଗର ପଞ୍ଚୟତ ସଭାପତି ସୁବିମଲ ମାଇତି, ନାଏବ ସରପଞ୍ଚ କୁନି ଆଡି, ବରିଷ୍ଠ ନେତା ବିଜୟ ମାଇତି, ମୀନକେତନ ଦାସ, ପ୍ରଭାତ ବେହେରା, ତପନ ମଣ୍ଡଳ, ବୁଦ୍ଧଦେବ ମାଇତି, ମିଥୁନ ଆଡି, ରବୀନ୍ଦ୍ର ସିଂ, ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ।



# କାର୍ତ୍ତିକେଶ୍ୱର ପୂଜା ଓ ଭସାଣି ଶେଷ









**ଛେଣ୍ଡିପଦା, ୨୮।୧୧(ସମିସ):** ଛେଣ୍ଡିପଦା ସଦର ମହାକୁମାରରେ କାର୍ତ୍ତିକେଶ୍ୱରଙ୍କ ପୂଜା ଓ ଭସାଣି ଉତ୍ସବ ଶେଷ ହୋଇଛି। ଛେଣ୍ଡିପଦା ବିକାଶ ସମିତି ସଭାପତି ସୁଭାଷ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୭ଦିନ ଧରି କାର୍ତ୍ତିକେଶ୍ୱରଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜାରେ ପ୍ରତିଦିନ ନାମ ସଂକୀର୍ତ୍ତନ କରାଯିବା ସହିତ ସନ୍ଧ୍ୟାରେ 'ମୟୂରୀ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଭୁ ପାଦ, ଅର୍ପିତା ଚୌଧୁରୀ, ଲୋପାମୁଦ୍ରା, ଅବିନାଶ, ଅଙ୍କର ସେଲିନା ପ୍ରମୁଖ ଯୋଗ ଦେଇ ସଙ୍ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସହ ପର୍ଯ୍ୟବେକ୍ଷକ କୁନୁବିହାରୀ ଦାଶ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ ଯୋଗ ଦେଇଥିଲେ।

ମଙ୍ଗଳବାର କାର୍ତ୍ତିକେଶ୍ୱରଙ୍କ ଭସାଣି ସମାପନ ହୋଇଛି। ଭସାଣିରେ ସମିତି ପକ୍ଷରୁ ଗ୍ରାମାଞ୍ଚଳର ଲୋକକଳାକୁ ପ୍ରାଧାନ୍ୟ ଦିଆଯାଇଥିଲା। ଦେବଗଡ଼ର ଅଘୋରୀ ନୃତ୍ୟ, ଛେଣ୍ଡିପଦା ବ୍ଲକ ବାହାଳସାହିର ଲଉଡ଼ି ନୃତ୍ୟ, ପାତ୍ରପଡ଼ାର ଶିଙ୍ଗ ବାଜା, ବାଘୁଆବୋଲ ଗ୍ରାମର ଘଣ୍ଟୁଆ, ଅନୁଗୋଳ ପଣ୍ଡପୁର ଗ୍ରାମର ପାଇକ ଆଖଡ଼ା, ବୁଢାବୁଢୀ ନୃତ୍ୟ, ଟେଙ୍ଗୁଲୋଇ ଗ୍ରାମର ଛାତିଚଉରା ଆଦି ସାଙ୍ଗକୁ ଡିଜେ ଓ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭସାଣି ଶୋଭାଯାତ୍ରା ଛେଣ୍ଡିପଦା ସଦର ମହାକୁମାର ଜଗନ୍ନାଥ ମନ୍ଦିରଠାରୁ ବାହାରି ବଜାର ଓ ଗ୍ରାମ ପରିକ୍ରମା କରିବା ପରେ ବିସର୍ଜନ ହୋଇଥିଲା। ଏହି ଉତ୍ସବକୁ ବିକାଶ ସମିତିର ସମ୍ପାଦକ ବିଷ୍ଣୁ ଚରଣ ବେହେରା, ଉପସଭାପତି ପଦ୍ମନ ପ୍ରଧାନ, କୋଷାଧ୍ୟକ୍ଷ ଶ୍ରୀହର୍ଷ ଦାସ, ଉପଦେଷ୍ଟା ସତ୍ୟବ୍ରତ ଦେହୁରୀ, ସୌରଭ ବେହେରା, ତ୍ରିନାଥ ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଲୁଟ୍ ଘଟଣାରେ ୨ ଅଭିଯୁକ୍ତ ଗିରଫ

## ଲୁଟେରାଙ୍କୁ ଧରିବା ବେଳେ ପୁଲିସକୁ ଆକ୍ରମଣ

**ଅନୁଗୋଳ, ୨୮।୧୧(ସମିସ):** ଅନୁଗୋଳ ସହର ଡିଆଇସି ଛକ ନିକଟ ଫ୍ଲିପକାର୍ଟ୍ ଅଫିସରୁ ଗତ ମେ ମାସ ୨୫ରେ ଲୁଟ ହୋଇଥିଲା। ଏହି ମାମଲାରେ ଅନୁଗୋଳ ଟାଉନ ଥାନା ପୁଲିସ ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଧାରମଣପଡ଼ାର ସତ୍ୟବ୍ରତ ନାଏକ ଓ ଆଶିଷ ପାତ୍ର। ଗତ ମେ ମାସ ୨୫ରେ ଡିଆଇସି ଛକରେ ଥିବା ଫ୍ଲିପକାର୍ଟ ଅଫିସରେ ୪ ଜଣ ମୁଖା ପିନ୍ଧା ଯୁବକ କର୍ମଚାରୀଙ୍କୁ ମାଡ ମାରି ୨ଟି ମୋବାଇଲ ସହ ଲକର ଭାଙ୍ଗି ୨ ଲକ୍ଷ ୪୩ ହଜାର ୯୮୩ ଟଙ୍କା ଲୁଟି ନେଇଥିଲେ। ତେବେ ସେବେଠାରୁ ଅଭିଯୁକ୍ତମାନେ ଫେରାର ଥିଲେ। ତେବେ ଦୁଇ ଅଭିଯୁକ୍ତ ଗତକାଲି ସନ୍ଧ୍ୟାରେ ସେମାନଙ୍କ ଘର ସାମ୍ନାରେ ବସିଥିବା ବେଳେ ପୁଲିସ ଚଢ଼ଉ କରିଥିଲା। ସେମାନେ ପୁଲିସକୁ ଦେଖି ଫେରାର୍ ହେବାକୁ ଉଦ୍ୟମ କରୁଥିବା ବେଳେ ଅଭିଯୁକ୍ତ ଚନ୍ଦୁର ପରିବାର ଲୋକ ପୁଲିସ ଉପରକୁ ଢେଲା ପଥର ମାଡ଼ କରିଥିଲେ। ଏଥିରେ ଜଣେ ପୁଲିସ ଏସଆଇ ଗୁରୁତର ହୋଇଥିବା ବେଳେ ପୁଲିସ ଗାଡ଼ି ମଧ୍ୟ ଭାଙ୍ଗି ଯାଇଥିଲ। ପୁଲିସକୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ପୁଲିସ ପୃଥକ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଚନ୍ଦୁର ବାପା ଓ ମା'ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଭୀମଭୋଇ ସାମର୍ଥ୍ୟ ଶିବିର

**ଗଁଦିଆ, ୨୮।୧୧(ସମିସ):** ଜିଲ୍ଲା ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ଆଜି ଗଁଦିଆ ବ୍ଲକ ସଭାଗୃହ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗଁଦିଆ ବ୍ଲକର ୨୯ଟି ପଞ୍ଚାୟତରୁ ବିଭିନ୍ନ ସ୍ଥାନରୁ ଭିନ୍ନକ୍ଷମମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ସାର୍ଟିଫିକେଟ ପାଇଁ ଆବେଦନ କରାଯାଇଥିଲା। ଶତାଧିକ ଭିନ୍ନକ୍ଷମ ଆସି ଏହି ଶିବିରରେ ଯୋଗ ଦେଇଥିଲେ। ଏହି ଶିବିରରେ ମୋଟ ୪୩୬ଜଣ ହିତାଧିକାରୀ ସେମାନଙ୍କର ନାମ ପଞ୍ଜୀକାରଣ କରିଥିଲେ। ସେଥିମଧ୍ୟରୁ ମାନସିକ ଅନଗ୍ରସର ବିଭାଗରେ ୫୪ଜଣ, ଅସ୍ଥିଶଲ୍ୟ ବିଭାଗର ୧୬୯ଜଣ, ଦୃଷ୍ଟିଶକ୍ତି ବିଭାଗର ୫୭ଜଣ, ଶ୍ରବଣ ବିଭାଗର ୫୯ଜଣ ମେଡିସିନ ବିଭାଗର ୧୯ଜଣ ବସ୍‌ପାସ ପାଇଁ ୨ଜଣ, ମଧୁବାବୁ ପେନସନ ପାଇଁ ୩୧ଜଣ ଓ ଲୋନ ପାଇଁ ୫ଜଣ ଆବେଦନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷା ରିନାରାଣୀ ଖଟୁଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର କୁମାର ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ ଖୁଣ୍ଟିଆ, ଡିପିଏ ଦିବ୍ୟରଞ୍ଜନ ମହାନ୍ତି ଓ ଗୋଷ୍ଠୀ ସାମାଜିକ ଅଧିକାରୀ ଶୁଭାଶିଷ ମହାପାତ୍ର ଶିବିରରେ ଉପସ୍ଥିତ ଥିଲେ।

## ବଇଣ୍ଡାରେ ବିଜେଡିର ତାଲିମ ଶିବିର

**କିଶୋରନଗର, ୨୮।୧୧(ସମିସ):** ବଇଣ୍ଡା କଲ୍ୟାଣ ମଣ୍ଡପଠାରେ ୩ଦିନ ଧରି ହେବାକୁଥିବା ବିଜେଡିର ପ୍ରଶିକ୍ଷଣ ଶିବିର ଆଜି ଉଦଘାଟିତ ହୋଇଯାଇଛି। ଏଥିରେ ବରିଷ୍ଠ ବିଜେଡି ନେତା ନଳିନୀକାନ୍ତ ପ୍ରଧାନ, ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ଆଠମଲ୍ଲିକ ବିଧାନସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଚିନ୍ମୟ ସାହୁ ଯୋଗଦେଇ ବିଜେଡି ସରକାର ଅମଳରେ ବିଭିନ୍ନ ଜନହିତକର କାର୍ଯ୍ୟ ଗ୍ରାମାଞ୍ଚଳର ଲୋକଙ୍କ ନିକଟରେ ପହଞ୍ଚାଇବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ବ୍ଲକ ବିଜେଡି ସଭାପତି କୁମୁଦ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ।

## ସିଦ୍ଧେଶ୍ୱର ମହାଦେବଙ୍କ ୨୪ତମ ପ୍ରତିଷ୍ଠା ଉତ୍ସବ

**କଣିହାଁ, ୨୮।୧୧(ସମିସ):** କଣିହାଁ ବ୍ଲକ ବଡଗୁଣ୍ଡିରି ପଞ୍ଚାୟତ ବଡହୀରା ଗ୍ରାମରେ ସୋମବାର ସିଦ୍ଧେଶ୍ୱର ମହାଦେବଙ୍କ ୨୪ତମ ପ୍ରତିଷ୍ଠା ଉତ୍ସବ ସହିତ ବୋଇତବନ୍ଦାଣ ପାଳିତ ହୋଇଛି। ଏହାକୁ ନେଇ ମନ୍ଦିରସ୍ଥଳ ଉତ୍ସବମୁଖର ହୋଇ ଉଠିଥିଲା। କଣିହାଁ ପଞ୍ଚାୟତର ମସୁଣୀହଡା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ବଡହୀରା ଗ୍ରାମବାସୀ ପ୍ରତିବର୍ଷ ପାଳନ କରୁଛନ୍ତି। ପଡ଼ୋଶୀ ଗ୍ରାମ ଯୋରାଡଙ୍ଗା, ବାଲିପଟ୍ଟା, ଭୂଇଁପୁର ସମେତ ଅନେକ ଗ୍ରାମର ଶ୍ରଦ୍ଧାଳୁ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ନାମ ସଙ୍କୀର୍ତ୍ତନ ଦଳ ଗ୍ରାମ ପରିକ୍ରମା କରି ମନ୍ଦିର ସ୍ଥଳକୁ ଆସି ଦେବ ସହିତ ଦର୍ଶନ କରି ବାଙ୍ଖୁଲି ନାଳରେ ବୋଇତ ବନ୍ଦାଣ କରି ଡଙ୍ଗା ଭସାଇ ଥିଲେ। ସେହିପରି କଣିହାଁ ଗ୍ରାମରେ ବାର୍ଷିକ ଉତ୍ସବକୁ ନେଇ ନାମ ସଙ୍କୀର୍ତ୍ତନ ବ୍ୟବସ୍ଥା ହୋଇଥିଲା। ରାତ୍ରିରେ ବଡଗୁଣ୍ଡିରି, କଂସମୁଣ୍ଡା, କଣିହାଁରେ ଉତ୍ସବ ନେଇ ବାଦଦଣ୍ଡ ପ୍ରତିଯୋଗିତା ହୋଇଥିଲା। ସେହିପରି ଦଣ୍ଡସିଂହା ଗ୍ରାମ ତୈଳିକ ସମାଜ ତରଫରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## କାମାକ୍ଷାନଗରରେ 'ଆମ ବ୍ୟାଙ୍କ' ଉଦ୍‌ଘାଟିତ

**କାମାକ୍ଷାନଗର, ୨୮।୧୧(ସମିସ):** କାମାକ୍ଷାନଗର ବ୍ଲକରେ ଆମ ବ୍ୟାଙ୍କର ଦୁଇଟି ଶାଖା ଉଦଘାଟିତ ହୋଇଛି। ବ୍ଲକର ବାଲିଗୋରଡ଼ ଓ ବାଇସିଙ୍ଗା ପଞ୍ଚାୟତରେ ଆମବ୍ୟାଙ୍କ ଉଦଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ଦୁଇଟି ବ୍ୟାଙ୍କକୁ ଉଦଘାଟନ କରିଛନ୍ତି। ବାଲିଗୋରଡ଼ ପଞ୍ଚାୟତଠାରେ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ, ବିଡିଓ ଅବିନାଶ ପାଣ୍ଡିଆ, ୟୁକୋ ବ୍ୟାଙ୍କର ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବାଇସିଙ୍ଗା ଗ୍ରାମ ପଞ୍ଚାୟତ ଠାରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ସରପଞ୍ଚ ଉପସ୍ଥିତ ଥିଲେ।

## ତାଳଚେର କଲେଜର ପ୍ରତିଷ୍ଠାତା ଡ. ବିକ୍ରମଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି

**ତାଳଚେର, ୨୮ ।୧୧(ସମିସ):** ତାଳଚେର କଲେଜ୍‌ର ପ୍ରତିଷ୍ଠାତା ଡ. ବିକ୍ରମ ଦାସଙ୍କ ପ୍ରତିମୂର୍ତ୍ତି କଲେଜ୍ ପରିସରରେ ସ୍ଥାପନ ପାଇଁ ଅଞ୍ଚଳବାସୀ ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ତାଳଚେର କଲେଜ୍‌ର ଅବଦାନ ରହିଛି। ତାଳଚେର କଲେଜ୍‌କୁ ଯିଏ ପ୍ରଥମେ ପ୍ରତିଷ୍ଠା କରିଥିଲେ ତାଙ୍କର ପ୍ରତିମୂର୍ତ୍ତିଟିଏ ମଧ୍ୟ ପରିସରରେ ନାହିଁ। ତେଣୁ ଏହି ମହାନ୍ ବ୍ୟକ୍ତିଙ୍କର ମୂର୍ତ୍ତି ପ୍ରତିଷ୍ଠା କରାଗଲେ ତାଙ୍କ ପ୍ରତି ଶ୍ରେଷ୍ଠ ସମ୍ମାନ ହେବ ବୋଲି ଦାବିପତ୍ରରେ କୁହାଯାଇଛି।

## ବ୍ଲକ୍ କାର୍ଯ୍ୟାଳୟରେ ସୀମା ଟପିଗଲା ଜେଇଙ୍କ ଭାଷା

**କଣିହାଁ, ୨୮ ।୧୧(ସମିସ):** କଣିହାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଜଣେ ଜେଇଙ୍କ ଭାଷା ଶୁଣି ସମସ୍ତଙ୍କ କାନ ବନ୍ଦ ହୋଇଗଲା। ସମ୍ପୃକ୍ତ ଜେଇ ଜଣଙ୍କ ମହିଳାଙ୍କ ସମ୍ମୁଖରେ ପାଟିରୁ ଅନର୍ଗଳ ଅଶ୍ଳୀଳ ଭାଷା ବାହାର କରୁଥିଲେ। ଲୋକେ ବାରଣ କରିବା ସତ୍ତ୍ୱେ ସେ ପାଟି ବନ୍ଦ ନକରି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି।

ଆଜି ବ୍ଲକ ଅଫିସ୍‌କୁ ବିବାହ ପଞ୍ଜୀକରଣ କାମରେ ଆସିଥିଲେ ଦୁଇଟି ପରିବାର। ଏହି ସମୟରେ ହଠାତ୍ ଜୈନେକ ଜେଇଙ୍କ ମୁହଁରୁ ଅଶ୍ରାବ୍ୟ ଭାଷା ବାହାରିଥିଲା। ଶେଷରେ ଦୁଇ ମହିଳା କାନରେ ଅଙ୍ଗୁଠି ଦେଇ ସେଠାରୁ ଦୂରକୁ ପଳାଇଯାଇଥିଲେ। ସମ୍ପୃକ୍ତ ଜେଇ ସେହି କାର୍ଯ୍ୟାଳୟର ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀଙ୍କ ସହିତ କଥା ହେଉଥିଲେ। ଏଭଳି ଭାଷାରେ କଥାବର୍ତ୍ତାକୁ ବାରଣ କରିଥିଲେ ସମ୍ପୃକ୍ତ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ। ଏହାସତ୍ତ୍ୱେ ଜେଇଙ୍କୁ କୌଣସି

**ଅଶ୍ରାବ୍ୟ ଭାଷା ଶୁଣି କାନ ବନ୍ଦକଲେ ମହିଳା**

ଫରକ୍ ପଡ଼ିନଥିଲା। ଖାଲି ସେତିକି ନୁହେଁ ବ୍ଲକ ପରିସରରେ ବିଭିନ୍ନ କାର୍ଯ୍ୟାଳୟରେ ମହିଳା କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ବ୍ଲକ ପରିସରରେ ଉପସ୍ଥିତ ଥିବା ଜଣେ ଗଣମାଧ୍ୟମ ପ୍ରତିନିଧି ଜେଇଙ୍କୁ ଅଭଦ୍ର ଭାଷାରୁ ନିବୃତ୍ତ ରହିବାକୁ କହିବା ପରେ ଜେଇ ଜଣକ କୁଆଡେ ଚିହିଁକି ଉଠିଥିଲେ। ସେହିପରି ବ୍ଲକ ପରିସରରେ ଉପସ୍ଥିତଥିବା କେତେକ ବ୍ୟକ୍ତି ବିଶେଷ ଅନୁରୂପ ବାରଣ କରିଥିଲେ। ଏଭଳି ଅଭାବନୀୟ ପରିସ୍ଥିତି ମଙ୍ଗଳବାର ଅପରାହ୍ଣରେ ଘଟିଥିଲା। ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଜେଇ କାର୍ତ୍ତିକ ମଲ୍ଲିକ୍ ଏଭଳି ବ୍ଲକ ପରିସରରେ ମହିଳାଙ୍କ ଉପସ୍ଥିତିରେ ଏଭଳି ଅଭାବନୀୟ ଘଟଣା ଘଟାଇଥିବା ଜଣାପଡ଼ିଛି। ଏନେଇ ଉଭୟ ଦମ୍ପତିଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଫେରାଦ୍ ହେବ ବୋଲି କହିଛନ୍ତି। ଏଣୁ ତୁରନ୍ତ ଅନୁଗୋଳ ଜିଲ୍ଲାପାଳ ଏହି ଘଟଣାର ତଦନ୍ତ କରି ସମ୍ପୃକ୍ତ ଜେଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

## ଚପଲ ଘରେ ପଡ଼ିବାରୁ ନାବାଳକକୁ ନିସ୍ଥୁକ ମାଡ଼

**ଢେଙ୍କାନାଳ, ୨୮ ।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସିରେ କାର୍ଯ୍ୟରତ କର୍ମଚାରୀଙ୍କ ଦବଙ୍ଗଗିରିକୁ ନେଇ ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ କଳଙ୍କିତ ହୋଇଛି। ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି ବୁଦ୍ଧିଜିବୀ ମାନେ କର୍ମଚାରୀଙ୍କ ଏଭଳି ଅମାନବୀୟ କାର୍ଯ୍ୟକୁ ନିନ୍ଦା କରିବା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ହିନ୍ଦୋଳ ଏନଏସି ୩ ନମ୍ବର ୱାର୍ଡର ଅଶୋକ ସାହୁଙ୍କ ପୁଅ ସରୋଜ ସାହୁ(୧୪) ଘର ଛାତ ଉପରେ ଚପଲରେ ବଲ ଖେଳୁଥିବା ବେଳେ ଅସାବଧାନତା ବଶତଃ ଚପଲଟି ହାତରୁ ଖସିଯାଇ ଅମଲାପଡ଼ାରେ ଏକ ଭଡାଘରେ ରହୁଥିବା ଏନଏସିର କିରାଣୀ ପ୍ରଦୀପ ପଣ୍ଡାଙ୍କ ଘର ଭିତରେ ପଡ଼ିଥିଲା। ଚପଲଟିକୁ ଘର ଭିତରୁ ଆଣିବାକୁ ଯାଇଥିବା ବେଳେ

**ଏନ୍‌ଏସି କର୍ମଚାରୀ ଥାନାରେ ଅଟକ**

ହିନ୍ଦୋଳ ଏନଏସିରେ କାର୍ଯ୍ୟରତ କର୍ମଚାରୀ ହଠାତ୍ ଉତକ୍ଷିପ୍ତ ହୋଇ କିଛି ନବୁଝି ନାବାଳକକୁ ବାନ୍ଧିବା ସହିତ ଏକ ବାଉଁଶ ବାଡିରେ ଅତି ଅମାନୁଷିକ ଭାବରେ ମାଡ ମାରିଥିଲେ। ନିକଟରେ ଥିବା କିଛି ଲୋକ ଏହା ଦେଖି ପିଲାକୁ ଉଦ୍ଧାର କରିବା ସହିତ ପରିବାର ଲୋକଙ୍କୁ ଜଣାଇଥିଲେ। ଏପରିକି ତାଙ୍କୁ ଆଣ୍ଠେଇ ଦେଇଥିବା ସରୋଜ ଅଭିଯୋଗ କରିଛନ୍ତି। ପରିବାର ଲୋକ ପ୍ରଥମେ ସରୋଜକୁ ହିନ୍ଦୋଳ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଥାନାରେ ଅଭିଯୋଗ କରିଛନ୍ତି। ଘଟଣାକୁ ନେଇ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ପୁଲିସ ଅଭିଯୋଗ ପରେ କିରାଣୀକୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି।

## ୩୦ରେ ଖଣି ଓ ରାସ୍ତାକୁ ବନ୍ଦ କରିବ ଫାର୍ମ ମହାସଂଘ

**ତାଳଚେର, ୨୮ ।୧୧(ସମିସ):** ଆସନ୍ତା ୩୦ ତାରିଖ ଦିନ ସକାଳ ୯ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ତାଳଚେର ଜଗନ୍ନାଥ କ୍ଷେତ୍ରର ଅନନ୍ତ ଓସିପି ଓ ଭୁବନେଶ୍ୱରୀ ଓସିପିର କୋଇଲା ଉତ୍ତୋଳନ ଓ କୋଇଲା ପରିବହନ ରାସ୍ତାକୁ ପାପ୍ ପାର୍ଟନରସିପ୍ ଫାର୍ମ ମହାସଂଘ ତରଫରୁ ବନ୍ଦ କରାଯିବ ବୋଲି ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

ପ୍ରକାଶଥାଉକି, ଗତ ୨୦୧୫ରେ ମା' ଜଗତଜନନୀ, ମା' ଗିରିଜା ନନ୍ଦିନୀ ଓ ମା' କୁଟେଇଗୁଣି ପ୍ରମୁଖ ୩ଟି ଫାର୍ମକୁ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ଏରିଆର କର୍ତ୍ତୃପକ୍ଷ ବେଆଇନ ଫାର୍ମ କହି ଫେରାଇ ଦେଇଥିଲେ। ମହାସଂଘ ପକ୍ଷରୁ ବାରମ୍ବାର ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କଲା ପରେ ମଧ୍ୟ କେହି ଏନେଇ କର୍ଣ୍ଣପାତ କଲେନାହିଁ। କିନ୍ତୁ ପରବର୍ତ୍ତି ସମୟରେ ଏହିପରି ୧୦୦ରୁ ଉର୍ଦ୍ଧ୍ୱ ଫାର୍ମ ବେଆଇନ ଭାବରେ ରଖି କୋଇଲା ପରିବହନ କରୁଛନ୍ତି। ମହାସଂଘ ତରଫରୁ ତାଳଚେର ଉପଜିଲ୍ଲାପାଳଙ୍କୁ ଏନେଇ ଲିଖିତ ଭାବେ ଅବଗତ କରାଯାଇଥିଲା। ଏନେଇ ପ୍ରଶାସନ ପକ୍ଷରୁ ଜଗନ୍ନାଥ କ୍ଷେତ୍ର, ଭରତପୁର କ୍ଷେତ୍ର, ଲିଙ୍ଗରାଜ କ୍ଷେତ୍ରର ଅଧିକାରୀଙ୍କୁ ଡାକି ବେଆଇନ ଫାର୍ମକୁ ଖାରଜ କରିବା ପାଇଁ ନିଷ୍ପତି ନିଆଯାଇଥିଲା।

ଏକ ବୈଠକ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଢେଙ୍କାନାଳ ସାଂସଦ, ଅନୁଗୋଳ ଏସ୍‌ଡିପିଓ, ଉପଖଣ୍ଡ ପୁଲିସ ଅଧିକାରୀ, ଏମ୍‌ସିଏଲ୍‌ର ସମସ୍ତ ଅଧିକାରୀ ଓ ପାପ୍ ମହାସଂଘ ସଦସ୍ୟଙ୍କ ମଧ୍ୟରେ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳଙ୍କ ନିଷ୍ପତି ଅନୁଯାୟୀ ମାର୍ଚ୍ଚ ୨୦୨୩ ରିଖ ସୁଦ୍ଧା ଖାରଜ ତାଲିକା ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏମ୍‌ସିଏଲ କର୍ତ୍ତୃପକ୍ଷ ଖାରଜ ତାଲିକା ଦାଖଲ ନକରିବାରୁ ମହାସଂଘ ପକ୍ଷରୁ ପୁଣି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦରଖାସ୍ତ ଦେଇ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣ ଦିଆଯାଇଥିଲା। କିନ୍ତୁ ଏହାର କୌଣସି ପ୍ରତିଶ୍ରୁତି ନମିଳିବାରୁ ହୋଇ ମହାସଂଘ ନଭେମ୍ବର ୩୦ରେ କୋଇଲା ଖଣି ବନ୍ଦ କରିବା ପାଇଁ ନିଷ୍ପତି ନେଇଛି। ଏନେଇ ମହାସଂଘର ସଭାପତି ମନମୋହନ ନାଏକ, ସମ୍ପାଦକ କାଳନ୍ଦି ଚରଣ ବିଶ୍ୱାଳ ଓ ଉପଦେଷ୍ଟା ବିନୋଦ ଲାଲ୍ ସୂଚନା ଦେଇଛନ୍ତି।

## ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷଙ୍କ ପରଲୋକ

**ଢେଙ୍କାନାଳ/ଗଁଦିଆ, ୨୮।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷ ତଥା ବିଜୁ ଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ କୁମାର ନନ୍ଦ(୬୦)ଙ୍କର ହୃଦ୍‌ଘାତରେ ପରଲୋକ ଘଟିଛି। ଏନେଇ ବହୁ ଦଳୀୟ ନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ନନ୍ଦ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କର ମୃତ୍ୟୁ ଖବର ଶୁଣି ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଥିଲା। ଖବରପାଇ ସାଂସଦ ମହେଶ ସାହୁ, ବିଧାୟକ ସୁଧିର କୁମାର ସାମଲ, ଜିଲ୍ଲା ମହିଳା ଜନତା ଦଳର ସଭାନେତ୍ରୀ ସାଗରିକା ମିଶ୍ର, କାର୍ଯ୍ୟକାରୀ ସଭନେତ୍ରୀ ରୁବି ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା, ବିଧାୟକଙ୍କ ବ୍ଲକ ପ୍ରତିନିଧି ନିରାକାର ରାଉତ, ବ୍ଲକ ଯୁବ ସଭାପତି ପ୍ରଦୀପ କୁମାର ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, ପ୍ରେସ କ୍ଲବର ସଭାପତି ମହେନ୍ଦ୍ର ସାହୁ, ସଂଗଠନର ସମ୍ପାଦକ ପ୍ରଦୀପ ଦାଶ, ସମିତିସଭ୍ୟ ବଳରାମ ପରିଡ଼ା, ବିଜେଡି ନେତା ସନ୍ତୋଷ ବିଶ୍ୱାଳ, ତାପସ ରାଉତ, ନବକିଶୋର ସାମଲ, ଶରତ ମହାନ୍ତି, ଧରଣିଧର ସାହୁଙ୍କ ସମେତ ବିଜେଡିର ଶତାଧିକ ଦଳୀୟ ନେତା ଓ କର୍ମୀ ତାଙ୍କର ଶେଷ ଦର୍ଶନ କରିବା ସହିତ ମର ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କର ପାର୍ଥିବ ଶରୀରକୁ ଦେଓଗାଁ ପଞ୍ଚାୟତର ବିଶ୍ୱନାଥପୁର ଗ୍ରାମରେ ଥିବା ପୈତୃକ ବାସଭବନକୁ ନିଆଯାଇଥିଲା। ସେଠାରେ ପୂର୍ବତନ ବିଧାୟକ ସରୋଜ



କୁମାର ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ ସିଂ, ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକ୍, ସ୍ଥାନୀୟ ସରପଞ୍ଚ ବିଜୟ କୁମାର ଦେହୁରୀ, ଯୁବନେତା ଅରୁଣ ଜେନା ପ୍ରମୁଖ ପାର୍ଥିବ ଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିଥିଲେ।

ସ୍ୱର୍ଗତ ନନ୍ଦ ପୂର୍ବତନ ବିଧାୟକ ନବୀନ ନନ୍ଦଙ୍କର ସାନଭାଇ ଥିଲେ। ସେ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଭାବେ କାର୍ଯ୍ୟକରି ବେଶ ସୁନାମ ଅର୍ଜନ କରିଥିଲେ। ବିଜୁ ଜନତା ଦଳର ସଂଗଠକ ଭାବେ କାର୍ଯ୍ୟକରି ଗଁଦିଆ ଅଞ୍ଚଳରେ ବେଶ ପରିଚିତ ଥିଲେ।

### ଗଁଦିଆ ସ୍ମୃତି ସଂସଦର ଶ୍ରଦ୍ଧାଞ୍ଜଳି

**ଗଁଦିଆ:** ଢେଙ୍କାନାଳ ଜିଲ୍ଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷ ରଞ୍ଜନ ନନ୍ଦଙ୍କର ଆଜି ପରଲୋକ ଘଟିଛି। ସେ ଜଣେ ପରୋପକାରୀ ଓ ବିଶିଷ୍ଟ ସମାଜସେବୀ ଥିଲେ। ତାଙ୍କ ବିୟୋଗରେ ଗଁଦିଆ ସ୍ମୃତି ସଂସଦ ତରଫରୁ ଶୋକସଭା କରାଯାଇଛି। ଏକ ଶୋକବାର୍ତ୍ତା ଗଁଦିଆ ସ୍ମୃତି ସଂସଦ ତରଫରୁ ସଭାପତି ହରିହର ସାହୁ ଓ ଉପଦେଷ୍ଟା ମଣ୍ଡଳୀରୁ ଡ. ସମୀର କୁମାର ସାହୁ ପ୍ରଦାନ କରି ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥି ସହିତ ଦେଓଗାଁ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସାଗରିକା ସାହୁ ମଧ୍ୟ ଶୋକ ପ୍ରକାଶ କରିଛନ୍ତି ଓ ପରିବାର ବର୍ଗଙ୍କୁ ଗଁଦିଆ ସ୍ମୃତି ସଂସଦ ସହିତ ସମବେଦନା ଜ୍ଞାପନ କରିଛନ୍ତି।

## ୫୧ ୟୁନିଟ୍ ରକ୍ତ ସଂଗୃହୀତ



**ଅନୁଗୋଳ ସହର, ୨୮।୧୧(ସମିସ):** ନାଲ୍‌କୋ ନଗର ସ୍ଥିତ ସାରେଗାମା ଭବନରେ ଏକ ରକ୍ତ ଦାନ ଶିବିର ସାରେଗାମା ଓ 'ସ୍ପନ୍ଦନ'ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ମୁଖ୍ୟ ଅତିଥି ଭାବେ ଅମିୟ କୁମାର ସ୍ୱାଇଁ, ନାଲକୋ ନିର୍ବାହୀ ନିର୍ଦ୍ଦେଶକ ଓ ଅନୁଗୋଳ ଜିଲ୍ଲାର ଲୋକପାଳ ବିଭୂତି ଭୂଷଣ ପଟ୍ଟନାୟକ ଉଦଘାଟନ କରିଥିଲେ। ଏହି ଶିବିରରେ ୫୧ ୟୁନିଟ ରକ୍ତ ସଂଗୃହୀତ କରାଯାଇଥିଲା। ଏହି ଶିବିରଟିକୁ 'ସ୍ପନ୍ଦନ'ର ବିଭୁ ଶତପଥୀ, ଦିବ୍ୟ ରଞ୍ଜନ ବେହେରା ଓ ସାରେଗାମାର ରଞ୍ଜନ ସ୍ୱାଇଁ, କିଶୋର ବେହେରା ପ୍ରମୁଖ ପରିଚାଳନା କରିଥିଲେ।

## ପାଲଲହଡ଼ାରେ ୫ କେନ୍ଦ୍ର, ବୁରୁକୁନା ଓ ଶୁଶୁବାରେ ମିଳିବ 'ଆମ ବ୍ୟାଙ୍କ ସେବା'

**ପାଲଲହଡ଼ା/ପବିତ୍ରନଗର/ରେଙ୍ଗାଳି, ୨୮ ।୧୧(ସମିସ)**



ରାଜ୍ୟସରକାରଙ୍କ ଲୋକ କଲ୍ୟାଣକାରୀ ଆମ ବ୍ୟାଙ୍କ ସେବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଏହି କ୍ରମରେ ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଲଲହଡ଼ା ବ୍ଲକରେ ୫ଟି ଆମ ବ୍ୟାଙ୍କ ସେବା କେନ୍ଦ୍ର ଉଦଘାଟିତ ହୋଇଯାଇଛି। ପ୍ରାରମ୍ଭିକ ଭାବେ ୧୫ଟି ବ୍ୟାଙ୍କିଂ ସେବା ଏଥିରେ ପ୍ରଦାନ କରାଯାଇଛି। ମହିଳା, ବୟସ୍କ ତଥା ଦିବ୍ୟାଙ୍ଗ ମାନଙ୍କ ହାତ ପାହାନ୍ତାରେ ସେବା ଯୋଗାଇଦେବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କହିଛନ୍ତି। ପାଲଲହଡ଼ା ବ୍ଲକର ବାଲିପଶି, ଝାରବେଡା, ଚଷାଗୁରୁଜାଙ୍ଗ, ବଡିସୁଁଆ ଓ କରଡ଼ାପାଳ ପଞ୍ଚାୟତରେ ଏହି ସେବା ଉପଲବ୍ଧ ହେବ। ପାଲଲହଡ଼ା ବିଧାୟକ ମୁକେଶ ପାଲ ବାଲିପଶି ପଞ୍ଚାୟତରେ ଏବଂ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିନାରାଣୀ ନାଏକ ଝାରବେଡା ପଞ୍ଚାୟତରେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଜନସାଧାରଣଙ୍କ ସହିତ ଦେଖିଥିଲେ।

କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତରେ ଆମ ବ୍ୟାଙ୍କ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ବୁରୁକୁନା ପଞ୍ଚାୟତ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଦୁଃଖବନ୍ଧୁ ବେହେରା, ସମିତି ସଭ୍ୟ ଯୁଗଳ କିଶୋର ସାହୁ, କଣିହାଁ ୟୁକୋ ବ୍ୟାଙ୍କର ସିନିୟର ମ୍ୟାନେଜର କିଶୋର ଚନ୍ଦ୍ର ରଣା, ମ୍ୟାନେଜର ସୌମ୍ୟ ରଞ୍ଜନ ସାହୁ, କନିଷ୍ଠ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଆମ ବ୍ୟାଙ୍କ ଯୋଜନାରେ ବ୍ୟାଙ୍କ ସେବା ଯୋଗାଇବା ପାଇଁ ପଞ୍ଜିକୃତ ସିଏସପି ପ୍ଲସ୍‌ର ପରିଚାଳକ ରୁଦ୍ରନାରାୟଣ ପ୍ରଧାନ ଓ ଅବନୀ ସେଠୀ କିଛି ଲୋକଙ୍କ ଆକାଉଣ୍ଟ ଖୋଲିବା ସହିତ ଟଙ୍କା ଉଠାଣ କରିଥିଲେ। ସେହିପରି ଶୁଶୁବା ପଞ୍ଚାୟତରେ ମଧ୍ୟ ଆମ ବ୍ୟାଙ୍କ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଶୁଶୁବା ପଞ୍ଚାୟତ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ୧୦ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ବେହେରା, ସ୍ଥାନୀୟ ସରପଞ୍ଚ ମାମାଲି ସାମଲ, ରେଙ୍ଗାଳି ଏସବିଆଇ ବ୍ୟାଙ୍କର ସିନିୟର ମ୍ୟାନେଜର ନିଶିକାନ୍ତ ନାୟକ, କନିଷ୍ଠ ଯନ୍ତ୍ରୀ ସଂଗ୍ରାମ କେଶରୀ ଦେବତା ଉପସ୍ଥିତ ଥିଲେ।



ସକାଳ
THE SAKALA

## ଉତ୍ତରାଖଣ୍ଡ ସୁଡ଼ଙ୍ଗରୁ ଉଦ୍ଧାର ଅଭିଯାନ ସଫଳ

# ଶୁଭ ସମ୍ବାଦ: ଜୀବନ ଜିତିଲା

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାର ସିଲ୍‌କ୍ୟାରା ସୁଡ଼ଙ୍ଗରୁ ଆସିଛି ସୁଖଦ ଖବର। ଦୀର୍ଘ ୧୭ ଦିନ ଧରି ଜାତୀୟ ସ୍ତରରେ ଲାଗି ରହିଥିବା ଆଶା-ଆଶଙ୍କାର ଅବସାନ ଘଟିଛି। ଏହି ନିର୍ମାଣାଧୀନ ସୁଡ଼ଙ୍ଗ ଭିତରେ ଗତ ୧୨ ତାରିଖରୁ ଅଟକି ରହିଥିବା ୪୧ ଜଣ ଶ୍ରମିକଙ୍କୁ ପାରମ୍ପରିକ ର୍‌ୟାଟ୍ ହୋଲ୍ ପଦ୍ଧତିରେ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୫ ଜଣ ଶ୍ରମିକ ମଧ୍ୟ ରହିଛନ୍ତି। ତେଣୁ ଅତ୍ୟନ୍ତ ଉତ୍କଣ୍ଠିତ ଅବସ୍ଥାରେ ଥିବା ସାରା ଦେଶରେ ଆଶ୍ୱସ୍ତି ପ୍ରକାଶ ପାଇବା ସ୍ୱାଭାବିକ। ଭୂପୃଷ୍ଠରୁ ପ୍ରାୟ ୨୦୦ ଫୁଟ ତଳେ ଦୀର୍ଘ ୧୭ ଦିନ ଅଟକି ରହିବାର ଯେଉଁ ବେଦନାଦାୟକ ଅନୁଭୂତି ତାହା କେବଳ ସେହି ଶ୍ରମିକମାନେ ହିଁ ଅନୁଭବ କରୁଥିବେ। ଜୀବନମରଣ ସ୍ଥିତିରେ ପ୍ରତିଟି ମୁହୂର୍ତ୍ତ ବିତାଇବାର ବାଧ୍ୟବାଧକତା ଯେ କେତେ ଭୀତିପ୍ରଦ ସେ କଥା ଅନୁମାନ କରିବା ସହଜ ନୁହେଁ। ଏବେ ସୁଖ ଓ ଆଶ୍ୱସ୍ତିର କଥା ଯେ ଉଦ୍ଧାର ପାଇଥିବା ଶ୍ରମିକ ଓ ତାଙ୍କ ପରିବାରବର୍ଗଙ୍କର ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ଏହାସହିତ ଏହି ଧରଣର ଉଦ୍ଧାର ଅଭିଯାନରେ ଭାରତ ବିଶ୍ୱରେ ଏକ ନୂଆ ଇତିହାସ ରଚିଛି।

ଏଥିରେ କିନ୍ତୁ ଯେଉଁ ଦୁର୍ବଳତା ପଦାକୁ ଆସୁଛି ତାହା ହେଲା ବିଶ୍ୱର ଅନ୍ୟତମ ପ୍ରଗତିଶୀଳ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ରାଷ୍ଟ୍ର ବୋଲାଉଥିବା ଭାରତରେ ଗଭୀର ଖଣି ଓ ସୁଡ଼ଙ୍ଗ ମଧ୍ୟରୁ ନିରାପଦରେ ଲୋକଙ୍କୁ ତୁରନ୍ତ ବାହାର କରିବାର ବୈଷୟିକ ଜ୍ଞାନକୌଶଳ ଓ ସାଧନ ଆମ ପାଖରେ ଅଭାବ ରହିଛି। ଏହାକୁ ଅସ୍ୱୀକାର କରାଯାଇ ପାରିବ ନାହିଁ। ଆମର ସବୁ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଓ ଯନ୍ତ୍ରପାତି ଏହି ଉଦ୍ଧାର କାର୍ଯ୍ୟରେ ବିଫଳ ହେଲା। ଆମେରିକାରୁ ଆସିଥିବା 'ଅଗର' ମେସିନ୍ ମଧ୍ୟ ଧସିଥିବା ପଥରକୁ କାଟି ପାରିଲା ନାହିଁ। ଏହା ସତ୍ତ୍ୱେ ଆମର ପୁରୁଣା, ପାରମ୍ପରିକ କୌଶଳ ର୍‌ୟାଟ୍ ହୋଲ୍ ପଦ୍ଧତି ଏଥିରେ ସଫଳ ହୋଇଛି। ଏହି ପଦ୍ଧତିରେ ଶ୍ରମିକମାନେ ଖଣି ଭିତରେ ମୂଷା ପରି ପାରମ୍ପରିକ ଆୟୁଧ ସାହାଯ୍ୟରେ ଗାତ ଖୋଳି ଖଣିଜ ଉତ୍ତୋଳନ କରିଥା'ନ୍ତି। ଉତ୍ତର-ପୂର୍ବାଞ୍ଚଳରେ ଏହା ଏକ ପୁରୁଣା କୌଶଳ। ଏହାଦ୍ୱାରା ପରିବେଶ ଓ ଖନନକାରୀଙ୍କ ପ୍ରତି ଅଧିକ ବିପଦ ଅବଶ୍ୟ ଥାଏ। କିଛି ବର୍ଷ ତଳେ ମେଘାଳୟର କୋଇଲା ଖଣିରେ ବେଆଇନ ଭାବେ ଏହି ର୍‌ୟାଟ୍ ହୋଲ୍ ପଦ୍ଧତିରେ ଲୋକେ ଖନନ କରି ଜାଳେଣି ଚୋରି କରୁଥିବାବେଳେ ଖଣି ଧସି ବହୁ ଲୋକ ନିଖୋଜ ହୋଇଥିଲେ। ତା'ପରଠାରୁ ସରକାର / ଏନ୍‌ଜିଟି ଏହି ପଦ୍ଧତିକୁ ନିଷିଦ୍ଧ କରିଛନ୍ତି। ବିଡ଼ମ୍ବନାର ବିଷୟ ହେଉଛି ଯେଉଁ ର୍‌ୟାଟ୍ ହୋଲ୍ ଟେକ୍‌ନୋଲୋଜିକୁ ଗ୍ରୀନ୍ ଟ୍ରିବ୍ୟୁନାଲ ନିଷିଦ୍ଧ କରିଛନ୍ତି ତାହା ହିଁ ସିଲ୍‌କ୍ୟାରା ସୁଡ଼ଙ୍ଗରୁ ଉଦ୍ଧାର ଅଭିଯାନରେ ଶେଷ ଓ ସଫଳ ବିକଳ୍ପ ହୋଇଛି। ୨୪ ଜଣିଆ ର୍‌ୟାଟ୍ ହୋଲ୍ ଖଣି ବିଶେଷଜ୍ଞ ମାନୁଆଲ୍ ଡ୍ରିଲିଂ ବା ପାରମ୍ପରିକ ଖନନ କରି ସୁଡ଼ଙ୍ଗରେ ଫସିଥିବା ଶ୍ରମିକଙ୍କୁ ଉଦ୍ଧାର କରିବାରେ ପ୍ରାୟ ସଫଳ ହୋଇଛନ୍ତି।

ତେବେ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଯେ ଏହି ଉଦ୍ଧାର କାର୍ଯ୍ୟରେ ସମ୍ପୂର୍ଣ୍ଣ ବିଫଳ ହୋଇଛି, ତାହା କୁହାଯାଇ ନ'ପାରେ। ଯେଉଁ ଦୂରତ୍ୱରେ ସୁଡ଼ଙ୍ଗ ଭିତରେ ଶ୍ରମିକମାନେ ଅଟକି ରହିଥିଲେ, ତାହାର ଦୁଇ-ତୃତୀୟାଂଶ ପର୍ଯ୍ୟନ୍ତ ଖନନ ବୈଷୟିକ ଜ୍ଞାନକୌଶଳ ସାହାଯ୍ୟରେ କରାଯିବା ସହିତ ଅଳ୍ପ ଗୋଲେଇର ପାଇପ ସମ୍ପୃକ୍ତ ଶ୍ରମିକଙ୍କ ପାଖକୁ ପଠାଇବା ସମ୍ଭବ ହୋଇଥିଲା। ଏହି ପାଇପ ଦ୍ୱାରା ସେମାନଙ୍କୁ ଖାଦ୍ୟ, ପାନୀୟ, ଔଷଧ ଓ ଅମ୍ଳଜାନ ଯୋଗାଇ ଦିଆଯାଉଥିଲା। ଯାହା ଫଳରେ ସେମାନେ ବଞ୍ଚିରହିବା ସମ୍ଭବ ହୋଇଥିଲା। ସିସି କ୍ୟାମେରା ସାହାଯ୍ୟରେ ସେମାନଙ୍କ ସହ ମଧ୍ୟ ବାହାରୁ ନିୟମିତ ସମ୍ପର୍କ ରକ୍ଷା କରାଯାଉଥିଲା। ତେବେ ସେ ଯା'ହେଉ ବିଭିନ୍ନ ପ୍ରକାର ପ୍ରୟାସ ଏବଂ ସବୁକ୍ଷେତ୍ରର ସହଯୋଗ ଫଳରେ ଅମୂଲ୍ୟ ଜୀବନଗୁଡ଼ିକୁ ରକ୍ଷା କରିବାରେ ପ୍ରାୟ ସଫଳ ହେବା ବଡ଼ ଆଶ୍ୱସନାର ବିଷୟ। ଏହି ଉଦ୍ଧାର କାର୍ଯ୍ୟରେ ସମ୍ପୃକ୍ତ ସମସ୍ତେ ଧନ୍ୟବାଦର ପାତ୍ର। ଏହା ଏକପ୍ରକାର ଜାତୀୟ ଆହ୍ୱାନ ଥିଲା ଏବଂ ତାହାର ପ୍ରଭାବଶାଳୀ ମୁକାବିଲା କରାଯିବା ନିଶ୍ଚିତ ଆନନ୍ଦର ବିଷୟ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହିତ ସମ୍ପୃକ୍ତ ସବୁ ମନ୍ତ୍ରଣାଳୟ, ଏନ୍‌ଡିଆର୍‌ଏଫ୍ ଓ ରାଜ୍ୟ ସରକାରଙ୍କ ସହଯୋଗ ଓ ତତ୍ପରତା ଅବଶ୍ୟ ପ୍ରଶଂସାଯୋଗ୍ୟ। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଗତ ତିନି/ଚାରିଦିନ ଧରି ଘଟଣାସ୍ଥଳରେ ଉପସ୍ଥିତ ଥିଲେ ଏବଂ ଉଦ୍ଧାର କାର୍ଯ୍ୟର ତଦାରଖ କରୁଥିଲେ। ବିପର୍ଯ୍ୟୟ ପ୍ରଶମନରେ ଉଲ୍ଲେଖନୀୟ ସଫଳତା ଓ ଅଭିଜ୍ଞତା ହାସଲ କରିଥିବା ଓଡ଼ିଶା ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ଉପସ୍ଥିତି ନିଶ୍ଚିତ ଗୁରୁତ୍ୱପୂର୍ଣ୍ଣ ଥିଲା।

ଦୁର୍ଘଟଣା ସର୍ବଦା ଦୁର୍ଘଟଣା। ସବୁ ପ୍ରସ୍ତୁତି ଏବଂ ନିରାପତ୍ତା ବ୍ୟବସ୍ଥା ସତ୍ତ୍ୱେ ବେଳେବେଳେ ଅଘଟଣ ଘଟିଥାଏ। ତଥାପି ହିମାଳୟର ଭଙ୍ଗୁର ପାର୍ବତ୍ୟମାଳାରେ ଭୂତଳ ଖନନ ଓ ସୁଡ଼ଙ୍ଗ ନିର୍ମାଣବେଳେ ଷ୍ଟାଣ୍ଡାର୍ଡ ଅପରେସନ ପ୍ରୋସିଡିଓର ବା ମାନକ ନିୟମାବଳି ଏବଂ ନିରାପତ୍ତା ବ୍ୟବସ୍ଥାରେ ତ୍ରୁଟି ଗ୍ରହଣୀୟ ନୁହେଁ। ଏକ ନିର୍ମାଣାଧୀନ ସୁଡ଼ଙ୍ଗ ମଝିରୁ ଧସି ପଡ଼ିବା ଅର୍ଥ ନିର୍ମାଣରେ ତ୍ରୁଟି ରହିଛି ଏବଂ ସମ୍ପୃକ୍ତ ଘରୋଇ କମ୍ପାନୀ ଆବଶ୍ୟକ ନିରାପତ୍ତା ବ୍ୟବସ୍ଥା ମାର୍ଗଦର୍ଶିକା ଅନୁସାରେ କାର୍ଯ୍ୟ କରିନାହିଁ। ଏହାର ଉପଯୁକ୍ତ ତଦନ୍ତ ହୋଇ ରିପୋର୍ଟ ଆଧାରରେ ଭବିଷ୍ୟତର ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ ହେବା ଆବଶ୍ୟକ। ଏଠି କାମ କିଏ କରୁଛି -ଘରୋଇ କିମ୍ବା ସରକାରୀ, ତାହା ବଡ଼ ପ୍ରଶ୍ନ ନୁହେଁ। ବହୁ ଘରୋଇ ସଂସ୍ଥା ଅନେକ ନିର୍ମାଣ କାମରେ ସଫଳତାର ସହ କାମ କରିଆସୁଛନ୍ତି। ସେମାନଙ୍କ ସୁରକ୍ଷା ଓ ନିଷ୍ଠା ପ୍ରଶ୍ନାତୀତ। ତଥାପି ଆମକୁ ଆମ ନିରାପତ୍ତା ମାର୍ଗଦର୍ଶିକାକୁ ଅଧିକ ସୁଦୃଢ଼ କରିବାକୁ ପଡ଼ିବ। କୁହାଯାଉଛି ଯେ ସରକାରୀ ନିର୍ଦ୍ଦେଶାବଳୀ ସତ୍ତ୍ୱେ ଭୁଶୁଡ଼ି ପଡ଼ିଥିବା ଏହି ଦେଢ଼କିମି ଲମ୍ବର ସୁଡ଼ଙ୍ଗରେ ଜରୁରୀ ପ୍ରସ୍ଥାନ ନିଷ୍କାସନ ପଥ ନଥିଲା। ତେଣୁ କେଉଁ ପରିସ୍ଥିତିରେ ଏହି ତ୍ରୁଟି ଘଟିଲା ତାହା ଅନୁସନ୍ଧାନ ସାପେକ୍ଷ। ବୋଧହୁଏ ତଦାରଖ ବ୍ୟବସ୍ଥାର ଅଭାବ ଯୋଗୁଁ ଏହି ଦୁର୍ଘଟଣା ଘଟିଛି।

ବିଭିନ୍ନ ଘଟଣାରୁ ଆମକୁ ବୁଦ୍ଧି ଶିଖାଏ। ଅନୁଭୂତି ଓ ଅନୁଭବ ଆମକୁ ନୂଆ ବାଟ ଦେଖାଏ। ଉତ୍ତରକାଶୀ ସୁଡ଼ଙ୍ଗ ଦୁର୍ଘଟଣାର ଏକ ସୁଖଦ ଅନ୍ତ ଘଟିବାକୁ ଯାଉଥିବା ନିଶ୍ଚୟ ଭଲ କଥା। ତେବେ ଏଥିରେ ଆମେ ଆତ୍ମହରା ନ ହୋଇ କିମ୍ବା ଏହି ସଫଳତାର ତୁଚ୍ଛା ରାଜନୀତିକରଣ ନ କରି ଆମ ନିର୍ମାଣ ନିରାପତ୍ତା ବ୍ୟବସ୍ଥା ଏବଂ ମାର୍ଗଦର୍ଶିକାକୁ ଭବିଷ୍ୟତ ପାଇଁ ଅଧିକ ସୁରକ୍ଷିତ କରିବା ଆବଶ୍ୟକ। ବିପତ୍ତିରୁ ଜୀବନ ବଞ୍ଚିବା ସର୍ବଦା ସୁଖଦ ଅନୁଭବ ଆଣେ। ଏହା ଯେ ଭାରତର ଏକ ବିରଳ ବିଜୟ, ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

# ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପର ନବୀନ ଅଭ୍ୟୁଦୟ



ଡକ୍ଟର ଚିତ୍ତରଞ୍ଜନ ମିଶ୍ର
ଭୁବନେଶ୍ୱର, ମୋ: ୯୩୩୮୨୦୪୯୯୩

ଆଧୁନିକ ଇଲେକଟ୍ରୋନିକ୍ସ ଯନ୍ତ୍ରପାତିର ମସ୍ତିଷ୍କ ହେଉଛି ସେମିକଣ୍ଡକ୍ଟର ବା ଅର୍ଦ୍ଧ-ପରିବାହୀ ଯନ୍ତ୍ରାଂଶ। ଏହି ବିଶେଷ ଯନ୍ତ୍ରାଂଶରେ ବିଦ୍ୟୁତ୍ ଶକ୍ତିର ପ୍ରବାହକୁ ଆବଶ୍ୟକତା ଅନୁସାରେ ନିୟନ୍ତ୍ରିତ କରାଯାଇ ବିଭିନ୍ନ ତଥ୍ୟ ଓ ସୂଚନାର ପରିବର୍ତ୍ତିତ ବୈଦ୍ୟୁତିକ ଉର୍ଜାର ସଂଚାରକୁ କାମରେ ଲଗାଯାଏ। ସେଥିପାଇଁ ଇଲେକ୍ଟ୍ରୋନିକ ଯନ୍ତ୍ରପାତିଗୁଡ଼ିକର ନିର୍ମାଣରେ ସେମିକଣ୍ଡକ୍ଟରର ବହୁଳ ବ୍ୟବହାର ହେଉଛି ଏବଂ ଆଜି ଏହା ଆମ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାଲଟିଯାଇଛି।

ଇଲେକ୍ଟ୍ରୋନିକ୍ ଯନ୍ତ୍ରପାତିକୁ ଛାଡ଼ି ଆଧୁନିକ ଜୀବନର କଳ୍ପନା କରାଯାଇପାରେନା। ରେଡିଓ, ଟେଲିଭିଜନ୍, କମ୍ପ୍ୟୁଟର, ଭିଡିଓ ଗେମ୍ ଏବଂ ମେଡିକାଲ୍ ରୋଗ ନିଦାନ ପଦ୍ଧତି ପାଇଁ ବ୍ୟବହୃତ ହେଉଥିବା ଯନ୍ତ୍ରପାତି ଆଦିରେ ସେମିକଣ୍ଡକ୍ଟର ବ୍ୟବହୃତ ହୋଇଥାଏ। ଯଦିଓ ଅନେକ ଇଲେକ୍ଟ୍ରୋନିକ୍ ଯନ୍ତ୍ରର ପ୍ରସ୍ତୁତି 'ଭ୍ୟାକମ୍ ଟ୍ୟୁବ୍ ଟେକ୍ନୋଲୋଜି' ମାଧ୍ୟମରେ ମଧ୍ୟ ସଂପାଦନ ହୋଇପାରୁଛି, କିନ୍ତୁ ଗତ ୫୦ ବର୍ଷ ମଧ୍ୟରେ ସେମିକଣ୍ଡକ୍ଟର ଟେକ୍ନୋଲୋଜିର ବହୁଳ ବିକାଶ କାରଣରୁ ଇଲେକ୍ଟ୍ରୋନିକ୍ ଯନ୍ତ୍ରଗୁଡ଼ିକ କ୍ଷୁଦ୍ରାତିକ୍ଷୁଦ୍ର, ଗତିଶୀଳ ଏବଂ ଅଧିକ ବିଶ୍ୱାସଯୋଗ୍ୟ ହୋଇସାରିଛି। ଯୋଗାଯୋଗ, ଗମନାଗମନ, କମ୍ପ୍ୟୁଟିଙ୍ଗ୍, ସ୍ୱାସ୍ଥ୍ୟ ସେବା, ପ୍ରତିରକ୍ଷା, ସ୍ୱଚ୍ଛଶକ୍ତି ଏବଂ ଅଗଣିତ ଅନ୍ୟାନ୍ୟ ଦୈନନ୍ଦିନ ବ୍ୟବହାର ପାଇଁ ସେମିକଣ୍ଡକ୍ଟର ବହୁଳ ଭାବେ ବ୍ୟବହୃତ ହୋଇଥାଏ। ଏହାର କାରଣ ହେଲା ସେମିକଣ୍ଡକ୍ଟର ଯନ୍ତ୍ରାଂଶକୁ ବିଶେଷ ଡିଜାଇନ୍ ତଥା ନିର୍ମାଣ କୌଶଳ ଦ୍ୱାରା ତିଆରି କରି, ସେଥିରେ ବିଦ୍ୟୁତ୍ ପ୍ରବାହକୁ ଆବଶ୍ୟକ ମତେ ନିୟନ୍ତ୍ରିତ କରାଯାଇପାରୁଥିବାରୁ ଏହା ବିଭିନ୍ନ ସୂଚନାର ପରିବହନ ଓ ସଂଯୋଗୀକରଣ କରିପାରୁଛି। ତେଣୁ ଏହାହିଁ କମ୍ପ୍ୟୁଟର "ଚିପ"ଗୁଡ଼ିକର ସ୍ନାୟୁତନ୍ତ୍ର ଭଳି ସୂକ୍ଷ୍ମ କାର୍ଯ୍ୟ କରିପାରୁଛି। ଆମେ ସଂପ୍ରତି ବ୍ୟବହାର କରୁଥିବା ପ୍ରାୟ ସମସ୍ତ ଇଲେକଟ୍ରୋନିକ୍ ଯନ୍ତ୍ର ଯଥା – ସ୍ମାର୍ଟ ଫୋନ୍ସ, ଗେମିଙ୍ଗ୍ କନସୋଲ୍ସ, ମୋଟର ଗାଡ଼ି ଏବଂ ମେଡିକାଲ ଯନ୍ତ୍ରପାତିରେ "ମାଇକ୍ରୋଚିପ୍ସ" (କ୍ଷୁଦ୍ର ଅର୍ଦ୍ଧ-ପରିବାହୀ) ବ୍ୟବହୃତ ହୋଇଥାଏ। ଉଦାହରଣ ସ୍ୱରୂପ ଆମେ ଯେତେବେଳେ ଆମ ଲ୍ୟାପଟପ୍‌ରେ ଅବସର ବିନୋଦନ ପାଇଁ ସିନେମା ଓ ନାଟକ ପାଇଁ ଟିକେଟ କରିଥାଉ, ରେଷ୍ଟୁରାଣ୍ଟ ଖୋଜିଥାଉ, କିମ୍ବା ସିନେମା ଦେଖୁ କିମ୍ବା ନିଜର ଇ-ମେଲ୍ ଦେଖୁ, ସେତେବେଳେ ଆମ ଲ୍ୟାପଟପ୍‌ରେ ସେମିକଣ୍ଡକ୍ଟର ଭିତ୍ତିକ ସେଣ୍ଟ୍ରାଲ ପ୍ରୋସେସିଂ ୟୁନିଟ୍ ଏବଂ ଗ୍ରାଫିକ୍ସ ପ୍ରୋସେସିଂ ୟୁନିଟ୍ , ଆମ କମ୍ପ୍ୟୁଟର କାର୍ଯ୍ୟକୁ ସଠିକ୍ ଦିଗରେ ପରିଚାଳିତ କରି ଆମର କାର୍ଯ୍ୟ ବରାଦର ନିର୍ଦ୍ଦିଷ୍ଟ ଓ ସଠିକ୍ ସମାଧାନ ତତ୍କାଳ ଦେଇପାରିଥାଏ। ଗତ ୫୦ ବର୍ଷ ମଧ୍ୟରେ ସେମିକଣ୍ଡକ୍ଟର ଜ୍ଞାନକୌଶଳର ବିକାଶ ଇଲେକ୍ଟ୍ରୋନିକ୍ ଯନ୍ତ୍ରଗୁଡ଼ିକୁ କ୍ଷୁଦ୍ରାତିକ୍ଷୁଦ୍ର, ଗତିଶୀଳ ଏବଂ ଅଧିକ ବିଶ୍ୱାସଯୋଗ୍ୟ କରିଦେଇଛି। ସତ କହିବାକୁ ଗଲେ "ଚିପ୍" ହେଉଛି ଏକ ଅତ୍ୟାଧୁନିକ ପ୍ରଯୁକ୍ତି ବିସ୍ମୟ, ଯାହାକି ମାନବ ସଭ୍ୟତାର ଚତୁରତା, ଅସୀମ ଦକ୍ଷତା ଓ ତୀକ୍ଷ୍ଣ ବୁଦ୍ଧିର ସ୍ପଷ୍ଟ ସ୍ୱାକ୍ଷର ଭାବେ ଆଜି ପ୍ରତିଭାତ ହୋଇଛି।

ଏବେ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଭାରତ ଏକ ପ୍ରମୁଖ ଖେଳାଳି ଭାବେ ମୁଣ୍ଡଟେକି ଠିଆ ହେଉଛି। ସେମିକଣ୍ଡକ୍ଟର କ୍ଷେତ୍ରରେ ଭାରତର ଚାହିଦାକୁ ଦେଖିଲେ ଏହା ପ୍ରତୀୟମାନ ହୋଇଥାଏ ଯେ ଭାରତବର୍ଷରେ ସେମିକଣ୍ଡକ୍ଟର ଶିଳ୍ପର ଅଭିବୃଦ୍ଧି, ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ, ଅଟୋମୋବାଇଲ୍ସ, ଇଲେକ୍ଟ୍ରିକ ଭେହିକିଲ୍, ସ୍ମାର୍ଟଫୋନ୍ କ୍ଷେତ୍ରରେ ବୃହତ୍ତର ଚାହିଦାରୁ ଜନ୍ମ ନେଉଛି ଓ ଏହି ଚାହିଦା ଦିନକୁ ଦିନ ଆହୁରି ବଢ଼ି ବଢ଼ି ଚାଲିବ। ୨୦୨୬ ମସିହା ସୁଦ୍ଧା ଭାରତବର୍ଷରେ ସ୍ମାର୍ଟଫୋନ୍‌ର ଚାହିଦା ଏକ ଶହ କୋଟି ହୋଇଯାଇଥିବ। ଏତଦ୍‌ବ୍ୟତୀତ ଦେଶରେ ୫ଜି ଟେକ୍ନୋଲୋଜିର ପ୍ରଚଳନ ଏବଂ "ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ" ର ବହୁଳ ବ୍ୟବହାର ସ୍ମାର୍ଟ ଫୋନ୍‌ର ବ୍ୟବହାରକୁ ବହୁଗୁଣିତ କରିଦେବ। ୨୦୨୨ ମସିହାରେ ଭାରତୀୟ ସେମିକଣ୍ଡକ୍ଟର ଶିଳ୍ପ ୨୭ ବିଲିୟନ ଆମେରିକୀୟ ଡଲାର ଥିଲା ଏବଂ ୯୦ ପ୍ରତିଶତରୁ ଅଧିକ ପରିମାଣର ସେମିକଣ୍ଡକ୍ଟର ବିଦେଶରୁ ଆମଦାନୀ ହେଉଥିବା କାରଣରୁ ଭାରତୀୟ ଚିପ୍ ନିର୍ମାତାମାନେ ବହୁ ପରିମାଣରେ ବିଦେଶୀ ରାଷ୍ଟ୍ର ଉପରେ ନିର୍ଭରଶୀଳ ହୋଇଥାଆନ୍ତି। ଆମେରିକା ଓ ୟୁରୋପ ମହାଦେଶର ଚିତ୍ର ମଧ୍ୟ ପ୍ରାୟ ଭାରତ ଭଳି, ଯେଉଁମାନେ କି ତାଇୱାନ ଓ ଚୀନ ଉପରେ ସେମିକଣ୍ଡକ୍ଟର ଆମଦାନୀ ପାଇଁ ନିର୍ଭରଶୀଳ ହୋଇଥା'ନ୍ତି, ଯେଉଁଠାରେ ସେମିକଣ୍ଡକ୍ଟରର ଉତ୍ପାଦନ କମ୍ପାନୀମାନେ ବହୁ ମାତ୍ରାରେ କେନ୍ଦ୍ରୀଭୂତ।

ଏଭଳି ପରିସ୍ଥିତିକୁ ଆଖିଆଗରେ ରଖି ଏ କ୍ଷେତ୍ରରେ ଭାରତ ସରକାର ୧୦ ବିଲିୟନ ଆମେରିକିୟ ଡଲାର (୭୬ ହଜାର କୋଟି) ବିଶେଷ ପ୍ରୋତ୍ସାହନ କାର୍ଯ୍ୟକ୍ରମର ଘୋଷଣା କରିଛନ୍ତି, ଯାହାକି ଦେଶରେ ସେମିକଣ୍ଡକ୍ଟରସ୍ ଓ ଡିସ୍‌ପ୍ଲେ ମାନୁଫ୍ୟାକ୍‌ଚରିଙ୍ଗ ଇକୋସିଷ୍ଟମ୍‌ର ବିକାଶ ପାଇଁ ବିନିଯୋଗ ହେବ ଏବଂ ମାନୁଫ୍ୟାକ୍‌ଚରିଙ୍ଗ ଓ ଡିଜାଇନ୍ ପାଇଁ ପୂର୍ଣ୍ଣ ଭାବେ ଅଭିପ୍ରେରିତ ହେବ। ଏହାର ମୂଳ ଲକ୍ଷ୍ୟ ହେବ ଦେଶରେ ସେମିକଣ୍ଡକ୍ଟରର ମାନୁଫ୍ୟାକ୍‌ଚରିଙ୍ଗ ଓ ଡିଜାଇନ୍ କ୍ଷେତ୍ରରେ ବୈଦେଶିକ ପୁଞ୍ଜିନିବେଶକୁ ଆକର୍ଷିତ କରିବା ତଥା ଭାରତବର୍ଷକୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ପ୍ରମୁଖ କେନ୍ଦ୍ର ଭାବେ ଉଭାସିତ କରିବା। ବୈଦେଶିକ ପୁଞ୍ଜିନିବେଶକାରୀଙ୍କୁ ଏକ ଆର୍ଥିକ ପ୍ୟାକେଜ୍ ମାଧ୍ୟମରେ ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରାଯିବ, ଯଦ୍ୱାରା ଭାରତବର୍ଷ ତାଙ୍କର ମୋଟ ପ୍ରକଳ୍ପ ମୂଲ୍ୟର ୫୦ ପ୍ରତିଶତ ବହନ କରିବ ଏବଂ ସେମିକଣ୍ଡକ୍ଟର କମ୍ପାନୀମାନେ କୌଣସି କ୍ଷତି, ବିପଦ ବା ଅନିଶ୍ଚିତ ଆଶଙ୍କା ବିହିନ ମଡେଲ ଉପଲବ୍ଧ କରିପାରିବେ। ଏ ସମସ୍ତ କଥାକୁ ବିଚାରକୁ ନେଲେ ଏହା ଜଣା ପଡ଼ିଥାଏ ଯେ ଭାରତବର୍ଷର ସେମିକଣ୍ଡକ୍ଟର ବଜାର ୨୦୨୬ ମସିହା ସୁଦ୍ଧା ୫୫ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚିବ, ଯାହାକି ୨୦୨୨ରୁ ୨୦୨୬ ମଧ୍ୟରେ ମୋଟ ହାରାହାରି ଅଭିବୃଦ୍ଧି ହାର ବାର୍ଷିକ ୨୦ ପ୍ରତିଶତ ହେବ।

ସଂପ୍ରତି ଭାରତବର୍ଷରେ ପ୍ରାୟ ୫୫ ହଜାର ସେମିକଣ୍ଡକ୍ଟର ଡିଜାଇନ୍ ଇଂଜିନିୟର କର୍ମରତ ଅଛନ୍ତି ଏବଂ ସେମାନେ ଇଂଜିନିୟରିଂ ସହାୟକ ସିଷ୍ଟମ ସହ ଓତପ୍ରୋତଃ ଭାବେ ଜଡ଼ିତ ଅଛନ୍ତି। 'ଡିଜାଇନ ଲିଙ୍କ୍‌ଡ ଇନ୍‌ସେଣ୍ଟିଭ୍ ସ୍କିମ୍' ମାଧ୍ୟମରେ ଭାରତବର୍ଷରେ ସେମିକଣ୍ଡକ୍ଟର ଚିପ୍ ଡିଜାଇନ୍ କ୍ଷେତ୍ରରେ 'ଭ୍ୟାଲୁ ଆଡେଡ୍ ରିସର୍ଚ୍ଚ'କୁ ସରକାର ପ୍ରୋତ୍ସାହିତ କରୁଛନ୍ତି। ଏହାଫଳରେ ଭାରତବର୍ଷରେ ସେମିକଣ୍ଡକ୍ଟର ଶିଳ୍ପ ଗବେଷଣା ଓ ଉନ୍ନୟନ, ମାନୁଫ୍ୟାକ୍‌ଚରିଙ୍ଗ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ୨ ଲକ୍ଷ ୫୦ ହଜାର ନୂତନ କର୍ମ ନିଯୁକ୍ତି ସୃଷ୍ଟି ହୋଇପାରିବ।

ଉଭୟ ଜାତୀୟ ଓ ବିଶ୍ୱସ୍ତରରେ ସେମିକଣ୍ଡକ୍ଟର ଶିଳ୍ପ ଅଭିବୃଦ୍ଧି ଏକ ବଳିଷ୍ଠ ଦଶକର ସମ୍ମୁଖୀନ ହେବାକୁ ଯାଉଛି, ଯାହାକି ଭାରତବର୍ଷ ପାଇଁ ସମୃଦ୍ଧି ଓ ସୁଯୋଗର ସିଂହଦ୍ୱାର ଉନ୍ମୋଚନ କରିଦେବ। ଭାରତ ସଂପ୍ରତି ବିଶ୍ୱ ସେମିକଣ୍ଡକ୍ଟରର ଏକ ମହାକେନ୍ଦ୍ର ଭାବେ ରୂପାନ୍ତରିତ ହେଉଛି।

ଏବେ ଆମ ଓଡ଼ିଶାରେ ସେମିକଣ୍ଡକ୍ଟର ଶିଳ୍ପର ସ୍ଥିତି ପ୍ରତି ନଜର ପକାଇବା। ଗତ ସେପ୍ଟେମ୍ବର ୧ ତାରିଖ ଦିନ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ନୂତନ 'ସେମିକଣ୍ଡକ୍ଟର ମାନୁଫ୍ୟାକ୍‌ଚରିଙ୍ଗ ଏବଂ ଫାବ୍‌ଲେସ୍ ପଲିସି – ୨୦୨୩' ଘୋଷଣା କରିଛନ୍ତି। କୌଣସି ରାଷ୍ଟ୍ରର ଅର୍ଥନୈତିକ ଅଭିବୃଦ୍ଧି ଓ ଦେଶରକ୍ଷା କ୍ଷେତ୍ରରେ ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଶିଳ୍ପ ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ। ଅନ୍ୟପକ୍ଷରେ, ନିକଟରେ 'ଓଡ଼ିଶା ଫର୍ ସିଲିକନ୍ ୨୦୨୩' ର ଆୟୋଜନ ରାଜ୍ୟର ସେମିକଣ୍ଡକ୍ଟର ଓ ଚିପ୍ ଯାତ୍ରାକୁ ସୁଗମ କରିବ। ସେମିକଣ୍ଡକ୍ଟର ଓ ଚିପ୍ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶା ନୂଆ ଅଧ୍ୟାୟ ସୃଷ୍ଟି କରିବାକୁ ଯାଉଛି। କେବଳ ଉତ୍ପାଦନ ହେବ ନାହିଁ, ବରଂ ଆନୁଷଙ୍ଗିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ରାଜ୍ୟରେ ନୂଆ ଉଦ୍ଭାବନ, ଦକ୍ଷତା ବିକାଶ ଏବଂ ଶିଳ୍ପ ଶିକ୍ଷା ପରିସର ସହଯୋଗ ସହ ଓଡ଼ିଶାକୁ ସେମିକଣ୍ଡକ୍ଟର ଗବେଷଣା ଓ ବିକାଶ କେନ୍ଦ୍ର ଭାବେ ପରିଣତ କରିବା ଲାଗି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ସେମିକଣ୍ଡକ୍ଟର କ୍ଷେତ୍ରରେ ନୂତନ ଭାଗିଦାରୀ ଏବଂ ସହଯୋଗର ପଥ ପ୍ରଶସ୍ତ କରିବା ଉଦ୍ଦେଶ୍ୟରେ ନଭେମ୍ବର ୨ ତାରିଖ ଦିନ ରାଜ୍ୟ ସରକାର ତିନିଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଛନ୍ତି।

ଇଣ୍ଡିଆନ୍ ଇଲେକ୍ଟ୍ରୋନିକ୍ସ ଓ ସେମିକଣ୍ଡକ୍ଟର ଆସୋସିଏସନ (ଆଇଇଏସ୍‌ଏ) ସହ ହୋଇଥିବା ବୁଝାମଣା ଅନୁଯାୟୀ, ଏହି ସଂଘ ଓଡ଼ିଶା ସରକାରଙ୍କୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ବିକାଶ ଓ କାର୍ଯ୍ୟକ୍ରମ ଆୟୋଜନ ସହିତ ଜ୍ଞାନ-ସାମଗ୍ରୀର ଅବଧାରଣା ସୃଷ୍ଟି ମାଧ୍ୟମରେ ରାଜ୍ୟରେ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ପ୍ରୋତ୍ସାହନ କ୍ଷେତ୍ରରେ ସହାୟତା ଦେବ। ସେହିପରି ଅନ୍ତର୍ଜାତୀୟ କ୍ଷେତ୍ରରେ ପ୍ରମୁଖ ସେମିକଣ୍ଡକ୍ଟର କମ୍ପାନୀ ଭାବେ ଖ୍ୟାତି ଅର୍ଜନ କରିଥିବା ସିନୋପ୍‌ସିସ୍ ସହ ସ୍ୱାକ୍ଷରିତ ବୁଝାମଣା ଅନୁସାରେ ଓ-ଚିପ୍ କାର୍ଯ୍ୟକ୍ରମ, ପ୍ରତିଭା ଓ କର୍ମଶକ୍ତିର ବିକାଶ, ସେମିକଣ୍ଡକ୍ଟର ଓ ଭିଏଲ୍‌ଏସ୍‌ଆଇ କ୍ଷେତ୍ରରେ ରାଜ୍ୟର ପ୍ରସ୍ତୁତି ଆକଳନ ଏବଂ ରାଜ୍ୟ ଇଞ୍ଜିନିୟରିଂ ଅନୁଷ୍ଠାନଗୁଡ଼ିକର ଛାତ୍ରଛାତ୍ରୀଙ୍କୁ ଇଣ୍ଟର୍ଣ୍ଣସିପ୍ ତଥା କର୍ମନିଯୁକ୍ତି ପ୍ରଦାନ ଦିଗରେ ସହଯୋଗ କରିବ। ଅପରପକ୍ଷେ ଦେଶରୁ ଇଲେକ୍ଟ୍ରୋନିକ୍ସ ଓ ଆଇଟି/ ଆଇଟିଇଏସ୍ ରପ୍ତାନୀ ବିକାଶ କାର୍ଯ୍ୟରେ ନିୟୋଜିତ ଇଲେକ୍ଟ୍ରୋନିକ୍ସ ଓ କମ୍ପ୍ୟୁଟର ସଫ୍‌ଟୱେର ଏକ୍ସପୋର୍ଟ ପ୍ରୋମୋସନ୍ କାଉନସିଲ୍ (ଇଏସ୍‌ସି) ପାଇଁ ରାଜ୍ୟ ସରକାର ଅଫିସ୍ ଯୋଗାଇ ଦେବାଲାଗି ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି।

ଏହି ଅବସରରେ ଆଇଇଏସ୍‌ଏ ଓଡ଼ିଶା ଚାପ୍ଟର ଓ କ୍ୟାମ୍ପସ୍ କନେକ୍ଟ କାର୍ଯ୍ୟକ୍ରମ ଭଳି ଏକାଧିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗ ଆନୁକୂଲ୍ୟରେ ଆୟୋଜିତ ଓଡ଼ିଶା ଫର୍ ସିଲିକନ୍ -୨୦୨୩ ଆୟୋଜନ ଅବସରରେ ଓଡ଼ିଶାକୁ ଏକ ସେମିକଣ୍ଡକ୍ଟର ହବ୍‌ରେ ପରିଣତ କରିବା ଲାଗି ପଥ ପ୍ରସ୍ତୁତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ତଥା ରାଜ୍ୟ ବାହାରୁ ଅନେକ ଅଗ୍ରଣୀ ସଂସ୍ଥା ଅଂଶଗ୍ରହଣ କରିଥିଲେ। ଏହାବ୍ୟତୀତ ରାଜ୍ୟର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରୁ ଅନେକ ଶିକ୍ଷାବିତ୍ ତଥା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଟ୍ୟାଲେଣ୍ଟ ଟ୍ରାନ୍ସଫର୍ମେସନ୍, ଚିପ୍ ଆର୍କିଟେକ୍ଚର୍ ଏବଂ ଚିପ୍ ଡିଜାଇନ୍ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଏହି କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଥିଲା। କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇବା ସହ କହିଥିଲେ ଯେ ଓଡ଼ିଶା ଫର୍ ସିଲିକନ୍ – ୨୦୨୩ ,ରାଜ୍ୟରେ ଏକ ଉତ୍ସାହଜନକ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ଗଢ଼ି ତୋଳିବାରେ ସହାୟକ ହେବ। ଏହା ନୂଆ ଉଦ୍ଭାବନ ଅର୍ଥନୈତିକ ବିକାଶ ସହ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବ ବୋଲି କହିଥିଲେ।

ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ସେମିକଣ୍ଡକ୍ଟର ଫ୍ୟାବ୍ ଏବଂ ଫ୍ୟାବ୍‌ଲେସ୍ ଇନୋଭେସନ୍ ଆଣ୍ଡ ଏକ୍ସିଲରେସନ୍ ପ୍ରୋଗ୍ରାମ (ଓ-ଚିପ୍) ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ଷ୍ଟାର୍ଟଅପ୍, ଏମ୍‌ଏସ୍‌ଏମ୍‌ଇ, ଶିକ୍ଷାନୁଷ୍ଠାନ, ସଂସ୍ଥାଗତ ଗବେଷକ ଏବଂ ଛାତ୍ରଛାତ୍ରୀମାନେ ଇଡିଏ ଉପକରଣ ଏବଂ ଆଇପି ଭଣ୍ଡାର, ମୂଳପାଣ୍ଠି ଯୋଗାଣ, ଗବେଷଣା ଅନୁଦାନ ବ୍ୟବସ୍ଥା, ବଜାର ପ୍ରବେଶ, ପରାମର୍ଶ ଓ ଭିତ୍ତିଭୂମି ସହାୟତା ତଥା ଏକ ସାଧାରଣ ସୁବିଧା କେନ୍ଦ୍ର ଆଦିର ସୁଯୋଗ ପାଇପାରିବେ। ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଏହି ନୀତି ଅଧିକ ଆକର୍ଷଣୀୟ ବୋଲି କୁହାଯାଇଛି।

ଏହାମଧ୍ୟରେ ଭୁବନେଶ୍ୱରରେ ପୂର୍ବ ଭାରତର ପ୍ରଥମ ବୈଷୟିକ କେନ୍ଦ୍ର – ସିନୋପସିସ୍ ଇଣ୍ଡିଆ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ ଡିଜାଇନ୍ ଅଟୋମେସନ୍ (ଇଡ଼ିଏ) ଉପକରଣ ଯୋଗାଣକାରୀ ସଂସ୍ଥା ସିନୋପ୍‌ସିସ୍‌ର ଡିଜାଇନ୍, ଗବେଷଣା ଓ ବିକାଶ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚଳିତ ନଭେମ୍ବର ୧୦ ତାରିଖରେ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଓଡ଼ିଶାରେ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ ଚିପ୍ ଡିଜାଇନ୍ ଇକୋସିଷ୍ଟମ୍ ଅଭିବୃଦ୍ଧି ହେବା ସହ ଉଚ୍ଚସ୍ତରୀୟ ନିଯୁକ୍ତି ସୃଷ୍ଟି ହୋଇପାରିବ ଏବଂ ରାଜ୍ୟରେ ସେମିକଣ୍ଡକ୍ଟର ଡିଜାଇନ୍ ଗବେଷଣା ଓ ବିକାଶ ସଶକ୍ତ ହୋଇପାରିବ। ଏହି ବୈଷୟିକ ଗବେଷଣା ଓ ବିକାଶ କେନ୍ଦ୍ରରେ ୩୦୦ରୁ ଊର୍ଦ୍ଧ୍ୱ ଦକ୍ଷ ଡିଜାଇନ୍ ଇଞ୍ଜିନିୟର କାର୍ଯ୍ୟ କରିବା ପାଇଁ ଭିତ୍ତିଭୂମିର ବ୍ୟବସ୍ଥା କରାଯାଇଛି। ଓଡ଼ିଶା ସରକାରଙ୍କ ଉଚ୍ଚସ୍ତରୀୟ ପ୍ରତିନିଧି ଦଳର ଆମେରିକା ଗସ୍ତ ଏବଂ ବିଶ୍ୱର ପ୍ରମୁଖ ଆଇଟି ଓ ସେମିକଣ୍ଡକ୍ଟର କମ୍ପାନୀ ସହିତ ସଫଳ ଆଲୋଚନା ଦ୍ୱାରା ବହୁରାଷ୍ଟ୍ରୀୟ କମ୍ପାନୀମାନେ ମଧ୍ୟ ଭୁବନେଶ୍ୱରରେ ସେମାନଙ୍କ କେନ୍ଦ୍ର ସ୍ଥାପନ ପାଇଁ ସମ୍ମତି ପ୍ରକାଶ କରିଛନ୍ତି। ସିନୋପ୍‌ସିସ୍‌ର ଏହି କେନ୍ଦ୍ର ରାଜ୍ୟ ସରକାରଙ୍କ ଉତ୍ସର୍ଗୀକୃତ ପ୍ରୟାସର ପ୍ରତିଫଳନ।

# ହଜି ଯାଉଛି ଜଳାଶୟ



ପଞ୍ଚାନନ ଅଗ୍ରୱାଲା
ଭୁବନେଶ୍ୱର, ମୋ: ୯୭୭୭୭୪୪୦୭୧

ଜଳ ହିଁ ଜୀବନ। ଏହା ଜାଣି ମଧ୍ୟ ଆମେ ପ୍ରକୃତି ଦତ୍ତ ଏହି ଅମୂଲ୍ୟ ସମ୍ପଦର ଯେପରି ଅପବ୍ୟବହାର କରୁଛୁ ତାହାର ପରିଣତି ଆଗକୁ ଭୟାବହ ହୋଇପାରେ। ବିଭିନ୍ନ ନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଥିବା ବେଳେ କୂଅ, ପୁଷ୍କରିଣୀ ଆଦି ଶୁଖିବାରେ ଲାଗିଛି। ବିଶେଷକରି ପୂର୍ବେ ଗ୍ରାମ ଓ ସହରାଞ୍ଚଳରେ ଜଳର ଆବଶ୍ୟକତା ମେଣ୍ଟାଉଥିବା ପୁଷ୍କରିଣୀଗୁଡ଼ିକ ଧୀରେ ଧୀରେ ହଜିଯାଉଛି।

୨୮ ଜାନୁଆରୀ ୨୦୨୧ରେ ସୁପ୍ରିମକୋର୍ଟର ବିଚାରପତି ମାର୍କଣ୍ଡେୟ କାଟଜୁ ଏକ ଯୁକ୍ତିସଙ୍ଗତ କଥା କହିଥିଲେ ଯେ ଆମ ପୂର୍ବ ପୁରୁଷମାନେ ମୂର୍ଖ ନ ଥିଲେ, ସେମାନେ ଜାଣିଥିଲେ ଏକ ନିଶ୍ଚିତ ଅବଧି ମଧ୍ୟରେ ମରୁଡ଼ି ବା ଜଳସମସ୍ୟା ଦେଖାଯିବ। ତେଣୁ ପ୍ରତ୍ୟେକ ଗାଁରେ ଜଳାଶୟ ନିର୍ମାଣ ହେଉଥିଲା, ପ୍ରତ୍ୟେକ ମନ୍ଦିର ନିକଟରେ ମଧ୍ୟ ପୁଷ୍କରିଣୀ ଖନନ ହେଉଥିଲା। ଏଗୁଡ଼ିକ ବର୍ଷାଜଳ ଧାରଣ କରୁଥିଲା ଭୂପୃଷ୍ଠ ଜଳସ୍ତର ବୃଦ୍ଧି କରୁଥିଲା। ଆଜି ଆମେ କୌଣସି ଗାଁ ବା ମନ୍ଦିର ଗଲେ ଜଳାଶୟମାନଙ୍କର ଉପେକ୍ଷା ହେଉଥିବା ବାସ୍ତବ ଚିତ୍ରମାନ ଦେଖୁଛୁ। ଦେଶ ସ୍ୱାଧୀନ ହେବା ସମୟରେ ଆମ ଦେଶରେ ୨୪ଲକ୍ଷ ପୋଖରୀ ବା ପୁଷ୍କରିଣୀ ଥିଲା। ୨୦୦୦-୨୦୦୧ରେ ଗଣନା ପରେ ଦେଶରେ ୫ଲକ୍ଷ ଜଳାଶୟ ଥିବା ଜଣା ପଡ଼ିଥିଲା। ଆଜି ମଧ୍ୟ ବୁନ୍ଦେଲଖଣ୍ଡ, କଳାହାଣ୍ଡି, ତେଲେଙ୍ଗାନା, ଲାଟୁର ଭଳି ଅଞ୍ଚଳରେ ମୁନ୍ଦାଏ ପାଣି ପାଇଁ ଲୋକେ ଅନାଇ ରହିଛନ୍ତି ଆକାଶକୁ।

ଓଡ଼ିଶାରେ ମୋଟ ୭୮ ହଜାର ୫୦୫ ଗୋଟି ଜଳାଶୟ ମଧ୍ୟରୁ ଅଧିକାଂଶ ପୋତି ହୋଇଗଲାଣି। ଆବର୍ଜନା, ନର୍ଦ୍ଦମା ପାଣି ଯୋଗୁଁ ଅନେକ ବ୍ୟବହାର ଉପଯୋଗୀ ହୋଇପାରୁନାହିଁ।ନିକଟରେ ଭୁବନେଶ୍ୱର ସହରାଞ୍ଚଳରେ ଥିବା ଜଳାଶୟଗୁଡ଼ିକର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା କରାଯାଇଛି। ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ୩୧ଟି, ଦକ୍ଷିଣପୂର୍ବ ଜୋନ୍‌ରେ ୪୭ଟି ଓ ଉତ୍ତର ଜୋନରେ ୨୭ଟି, ଏଭଳି ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୧୦୫ଟି ଜଳାଶୟ ରହିଥିବା ଜଣାପଡ଼ିଛି। ସେଥିରୁ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ଅଧୀନରେ ଥିବା ଜଳାଶୟଗୁଡ଼ିକୁ ଛାଡ଼ି ୯୨ଟି ଜଳାଶୟ ପୁନରୁଦ୍ଧାର କାମ ହାତକୁ ନେଇଛି ବିଏମସି। ଏହି ଜଳାଶୟଗୁଡ଼ିକର ବିକାଶ ପାଇଁ ବିଭିନ୍ନ କାମ ଯଥା- ମାଟିବନ୍ଧର ବିକାଶ, ବୃକ୍ଷରୋପଣ, ଜଳ ପରିଷ୍କାର, ପାଣି ଉଝଳା, ପଙ୍କୋଦ୍ଧାର ଓ ଜଳାଶୟ ଚାରିପାଖେ ପଥର ଛାଉଣୀ କରିବା ଇତ୍ୟାଦି କାମ କରିବାକୁ ନିଷ୍ପତ୍ତି ନିଆଯାଉଛି। ଡ୍ରେନ ନଂ ୧୦ ନିକଟସ୍ଥ ନିକୋପାର୍କ ଜଳାଶୟ, ଡ୍ରେନ ନଂ ୭ ନିକଟ ଝରଣା ଟ୍ୟାଙ୍କ, ନୟାପଲ୍ଲୀ ହଜ, ଗଙ୍ଗୁଆର ମୁହାଣ ନିର୍ମାଣ କାମ କରାଯାଉଛି।

ଦିଲ୍ଲୀ ସରକାରଙ୍କ ପାର୍କ ଆଣ୍ଡ ଗାର୍ଡେନ ସୋସାଇଟି ଅନୁସାରେ ବର୍ତ୍ତମାନ ଓଡ଼ିଶାରେ ୬୨୯ ଗୋଟି ପୋଖରୀ ଅଛି। ୧୮୦ ଗୋଟି ପୋଖରୀ ଜବରଦଖଲ ହୋଇଛି, ୭୦ରେ ଆଂଶିକ ଓ ୧୧୦ ପୋଖରୀରେ ସମ୍ପୂର୍ଣ୍ଣ ଅବୈଧ କବ୍‌ଜା କରାଯାଇଛି। ଅଧିକାଂଶ ପୋଖରୀରେ ଅଳିଆ, ନର୍ଦ୍ଦମା ଆଦି ପକାଯାଉଥିବାରୁ ତାହାର ଜଳ କୌଣସି କାମରେ ଆସୁନାହିଁ। ୨୦୧୪ରେ ଉତ୍ତର ପ୍ରଦେଶ ସରକାର ଆରଟିଆଇର ଉତ୍ତରରେ ଉଲ୍ଲେଖ କରିଥିଲେ ଯେ ଗତ ଦଶନ୍ଧି ମଧ୍ୟରେ ବୁନ୍ଦେଲଖଣ୍ଡରେ ୪୦୨୦ ପୋଖରୀ ବିଲୁପ୍ତ ହୋଇଛି। ଚିତ୍ରକୁଟରେ ୧୫୧, ବାନ୍ଦାରେ ୮୫୯, ହମୀରପୁରରେ ୫୪୧ ଝାନସୀରେ ୨୪୫୯ ପୋଖରୀ ନିଶ୍ଚିହ୍ନ ହୋଇସାରିଛି।

ଜଳାଶୟ ଲୋପ ପାଇବା ପଛରେ ସମାଜ ଆଉ ସରକାର ସମାନରୂପେ ଦାୟୀ ଅଟନ୍ତି। ଜଳାଶୟ କେଉଁଠି ଜମି ମାଫିଆଙ୍କ କବଜା ତ କେଉଁଠି ବୈଷୟିକ ଜ୍ଞାନକୌଶଳ ଅଭାବରୁ ଶୁଖିଲା ପଡ଼ିଛି। ଜଳାଶୟର ଦେଖାଶୁଣା କରିବାକୁ ଅଲଗା ଅଲଗା ବିଭାଗ ହାତରେ ରହିଛି। ରାଜସ୍ୱ ବିଭାଗ, ବନ ବିଭାଗ, ପଞ୍ଚାୟତ, ମତ୍ସ୍ୟ ଓ ପଶୁପାଳନ ବିଭାଗ, ବନ ବିଭାଗ, ପର୍ଯ୍ୟଟନ ବିଭାଗ, ଜଳ ସେଚନ ବିଭାଗ ଆଦି ଦାୟିତ୍ୱ ରକ୍ଷଣାବେକ୍ଷଣା ପାଇଁ ରହିଛି।

କେରଳର ଗୋଟିଏ ଗାଁରେ ଶୁଷ୍କ ଜଳାଶୟକୁ ପୋତାଯାଇ ଏକ ଶପିଂ ମଲ କରାଯାଇଥିଲା। ୧୭ ଅଗଷ୍ଟ ୨୦୦୫ରେ ସୁପ୍ରିମକୋର୍ଟର ବିଚାରପତି ଏସ.ବି.ସିହ୍ନା ଓ ବଲବୀର ଭଣ୍ଡାରୀଙ୍କ ଖଣ୍ଡପୀଠ ଏହି ମାମଲାର ବିଚାର କରି ବରେଲୀ ଜିଲ୍ଲାର ଦେଲାପୀର ପୋଖରୀକୁ ଜବରଦଖଲ ଉଚ୍ଛେଦ କରିବାକୁ ନୋଟିସ ଦିଆଯାଇଥିଲା। ସେହିପରି ଆଗ୍ରା ହାଇକୋର୍ଟ ସେପ୍ଟେମ୍ବର ୨୦୧୯ରେ ପୋଖରୀ ଜବରଦଖଲ କରିଥିବା ଜମି ମାଫିଆ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

୨୨ ଏକର ପରିମିତ ଐତିହାସି ପୁଷ୍କରିଣୀ ହେଉଛି ବିନ୍ଦୁସାଗର। ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀରେ ଆଶୋକ ନିଜ ବାପା ବିନ୍ଦୁସରଙ୍କ ନାଁ ଅନୁସାରେ ଏ ଉତ୍ସର ନାମକରଣ କରିଥିଲେ। ପୁରାଣରେ ଉଲ୍ଲେଖ ଅନୁସାରେ ମହାଦେବ ମାତା ପାର୍ବତୀଙ୍କୁ ବ୍ରହ୍ମଜ୍ଞାନ ଦେବାକୁ ଚାହିଁଲେ। ସେ ଏକାମ୍ର କ୍ଷେତ୍ରକୁ ଶ୍ରେଷ୍ଠ ସ୍ଥାନ ଭାବେ ବାଛିଥିଲେ। ବ୍ରହ୍ମଜ୍ଞାନ ଦେବା ଭିତରେ ମାତା ପାର୍ବତୀଙ୍କୁ ଶୋଷ ଲାଗିଲା, ତେଣୁ ତୃଷ୍ଣା ମେଣ୍ଟାଇବା ପାଇଁ ମହାଦେବ ଭୂମିରେ ତ୍ରିଶୂଳ ମାରି ଜଳଧାର ବାହାର କରିଥିଲେ। ଯେଉଁଠାରେ ତ୍ରିଶୂଳ ନିକ୍ଷେପ କରିଥବଲେ ତାର ନାମ ଶଙ୍କର ବାମ୍ପି। ପଙ୍କ ଉଦ୍ଧାର ସମୟରେ ସେ ବାମ୍ପି ଦେଖିବାକୁ ମିଳିଥାଏ। ଲିଙ୍ଗରାଜ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଏଠାରେ ହୋଇଥାଏ। ତେବେ ଏହାର ରକ୍ଷଣାବେକ୍ଷଣ ପାଇଁ ସରକାର ଆଉ ଅଧିକ ପଦକ୍ଷେପ ନେବା ଜରୁରୀ। ଶ୍ରାଦ୍ଧ ତିଳତର୍ପଣ ସମୟରେ ପୁଷ୍କରଣୀକୁ ନିର୍ମଳ ରଖିବାକୁ ଜନସାଧାରଣ ସଚେତନ ହେବା ମଧ୍ୟ ଆବଶ୍ୟକ। ପୁରୀର ମାର୍କଣ୍ଡେୟ ପୁଷ୍କରଣୀ ନିକଟରେ ବସ୍ତିଥିବାରୁ ଏଠାରେ ଏବେ ବି ଲୋକେ ଶୌଚ କରୁଛନ୍ତି। ଇନ୍ଦ୍ରଦ୍ୟୁମ୍ନ ପୋଖରୀରେ ନଳା ପାଣି ଦୂଷିତ ହେବାକୁ ଲାଗିଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଜୁଲାଇ ମାସରେ 'ଆମ ପୋଖରୀ' କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛନ୍ତି। ପୋତି ହୋଇଯାଇଥିବା ଜଳାଶୟର ପୁନରୁଦ୍ଧାର କରାଯାଇ ଏହାକୁ ସ୍ୱଚ୍ଛ ନିର୍ମଳ କରାଯିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ୧୧୫ଟି ପୌରାଞ୍ଚଳର ୨୦୦୦ଟି ବୃହତ୍ ଜଳାଶୟର ନବୀକରଣ କରାଯିବାର ଯୋଜନା ମଧ୍ୟ ସରକାର ହାତକୁ ନେଇଛନ୍ତି। ଏହା ସ୍ୱାଗତଯୋଗ୍ୟ।

ବିଶ୍ୱ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରଣୀ ଆଜି ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଥିବାର ଦେଖିବାକୁ ମିଳୁଛି। ପବିତ୍ର କାର୍ତ୍ତିକ ମାସରେ ହଜାର ହଜାର ଶ୍ରଦ୍ଧାଳୁ ଏଠାକୁ ବୁଡ଼ ପକାଇବାକୁ ଆସନ୍ତି। ଏଠାରେ ଗଜଲକ୍ଷ୍ମୀ ଦୁର୍ଗାପୂଜା ମେଢ଼ ବିସର୍ଜନ କରିବା ଦ୍ୱାରା ପାଣି ଦୂଷିତ ହେବା ସଂଗେ ସଂଗେ ରାସାୟନ ରଙ୍ଗର ପ୍ରଭାବରୁ ପାଣି ବିଷାକ୍ତ ହୋଇଥାଏ। ବୌଦ୍ଧ ରାଜାଙ୍କ ଦ୍ୱାରା ନଗରକୁ ସୁରକ୍ଷିତ ରଖିବା ପାଇଁ ଜରିଖଣ୍ଡି ନାମରେ ଜଳାଶୟ ନିର୍ମାଣ କରାଯାଇଥିଲା, ଯାହା ଏବେ ପ୍ରାୟ ପୋତିହୋଇ ସାରିଲାଣି।

ଆଜି ବାଙ୍ଗାଲୋର, ଦିଲ୍ଲୀ, ମୁମ୍ବାଇ, ଭୁବନେଶ୍ୱର ବଡ଼ ବଡ଼ ନଗରମାନଙ୍କରେ ବର୍ଷାଦିନେ କୃତ୍ରିମ ବନ୍ୟା ସୃଷ୍ଟି ହେଉଥିବା ପରିଲକ୍ଷିତ ହୋଇଛି। ତାହାର କାରଣ ହେଉଛି, ନାଳ ଆଉ ଜଳାଶ୍ରୟମାନ ପୋତି, ଜଳପ୍ଲାବନ ସ୍ରୋତକୁ ରୋକାଯାଇ ଅଟ୍ଟାଳିକାମାନ ନିର୍ମାଣ ହେବା ଯୋଗୁଁ ମଣିଷ କୃତ ବନ୍ୟା ସମସ୍ୟା ଦେଖାଯାଉଛି। ଅନେକ ଜମିମାଫିଆ ଏଥିରେ ସଂଶ୍ଳିଷ୍ଟ ରହିଥିବା ଅଭିଯୋଗ ହୁଏ। ଏହାର ନିରାକରଣ ତୁରନ୍ତ ଆବଶ୍ୟକ। ଜଳ କେବଳ ଜନସାଧାରଣଙ୍କ ନୁହେଁ, ନେତା, ପ୍ରଶାସକଙ୍କ ମଧ୍ୟ ଜୀବନ ଧାରଣ ପାଇଁ ଅତି ଆବଶ୍ୟକ। ତେଣୁ ସବୁସ୍ତରରେ ଏହାର ଯତ୍ନ ଜରୁରୀ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ପଶିବାକୁ ଭୟ କରୁଛନ୍ତି ବାହାର ରାଜ୍ୟ ମାଓବାଦୀ

# ଓଡ଼ିଶାରେ ସକ୍ରିୟ ପାଇଁ ବଳ ପାଉନି ଲାଲ୍ ବାହିନୀ

**ଭୁବନେଶ୍ୱର, ୨୮ ।୧୧ (ସମିସ):** ଓଡ଼ିଶାରେ ପଶିବାକୁ ଭୟ କରୁଛନ୍ତି ବାହାର ରାଜ୍ୟ ମାଓବାଦୀ । ପଡ଼ୋଶୀ ଆନ୍ଧ୍ର, ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ନିୟମିତ ଅନ୍ତରାଳରେ ମାଓବାଦୀଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି । ପୁଲିସ୍ ଇନ୍‌ଫର୍ମର୍ ସନ୍ଦେହରେ ଲୋକଙ୍କୁ ହତ୍ୟା କରିବା ସହ ଆଇଡି ବିସ୍ଫୋରଣ, ମୋବାଇଲ୍ ଟାୱାର୍ ନଷ୍ଟ କରିବା ଭଳି ବିଭିନ୍ନ ହିଂସାକାଣ୍ଡ ଘଟାଉଛନ୍ତି । କିନ୍ତୁ ଓଡ଼ିଶା ପୁଲିସର କାର୍ଯ୍ୟାନୁଷ୍ଠାନ, ଲଗାତାର କମ୍ବ ଅପରେସନ୍ ଓ ପାଟ୍ରୋଲିଂ ଏବଂ ସମାଜର ମୁଖ୍ୟସ୍ରୋତରେ ମାଓବାଦୀଙ୍କୁ ସାମିଲ କରିବା ପାଇଁ ସରକାରଙ୍କ 'ଘର ୱାପସୀ' ଯୋଜନା ଯୋଗୁଁ ଲାଲବାହିନୀ ଏଠାରେ ସକ୍ରିୟ ହେବା ପାଇଁ ବଳ ପାଉନାହାନ୍ତି । ପୁଲିସର କ୍ରମାଗତ ଉଦ୍ୟମ ଯୋଗୁଁ ଓଡ଼ିଶାରେ ମାଓବାଦୀଙ୍କ ଗଡ଼ ନିଜ ଅସ୍ତିତ୍ୱ ହରାଇ ସାରିଲାଣି । ଫଳରେ ଯେଉଁଠି ଦିନେ ସୁରକ୍ଷାକର୍ମୀ ପଶି ପାରୁନଥିଲା, ସେଠାରେ ଏବେ ତ୍ରିରଙ୍ଗା ଉଡୁଛି । ସ୍ଥାନୀୟ ଲୋକେ ବିନା ମାଓବାଦୀଙ୍କ ଭୟରେ ଖୁଲମ୍‌ଖୁଲା ଯାତାୟାତ କରୁଛନ୍ତି ।

ସରକାରଙ୍କ "ଘର ୱାପସୀ' ଯୋଜନାରେ ଚଳିତ ବର୍ଷ ସର୍ବାଧିକ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି । ହାତରୁ ବନ୍ଧୁକ ଛାଡ଼ି ବିଭିନ୍ନ ପ୍ରକାର ହସ୍ତଶିଳ୍ପ ଏବଂ ଅନ୍ୟାନ୍ୟ ଧନ୍ଦାମୂଳକ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି । ଗୃହ ବିଭାଗ ତଥ୍ୟ ଅନୁସାରେ, ବର୍ତ୍ତମାନ ୨ ହଜାରରୁ ଊର୍ଦ୍ଧ୍ୱ ମାଓବାଦୀ ପୁଲିସ ନିକଟରେ ଆତ୍ମସମର୍ପଣ କରିସାରିଲେଣି । ନିରନ୍ତର ଅପରେସନ୍ ଯୋଗୁଁ ୧୦ ହାର୍ଡକୋର୍ ମାଓବାଦୀ ଗିରଫ ହୋଇଥିବା ବେଳେ ୮ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ନାଁରେ ଲକ୍ଷାଧିକଟଙ୍କାର ପୁରସ୍କାର ରାଶି ରହିଥିଲା । ଆତ୍ମସମର୍ପଣ କରିବା ପରେ ସେମାନଙ୍କୁ ମେଡିକାଲ ଚିକିତ୍ସା, ପାଠପଢ଼ା, ରହିବା ବ୍ୟବସ୍ଥା ଏବଂ ଅନ୍ୟାନ ଥଇଥାନ ବ୍ୟବସ୍ଥା କରାଯାଉଛି ।

ବଡ଼ କଥା ହେଲା, ରାଜ୍ୟରେ ମାଓବାଦୀଙ୍କ ଗଡ଼ ଭାଙ୍ଗୁଛି । ଓଡ଼ିଶା ସୀମାରେ ଥିବା ଯବାନମାନେ ସେମାନଙ୍କ ସମସ୍ତ ପ୍ରକାର ଉଦ୍ୟମକୁ ଭଣ୍ଡୁର କରିଦେଉଛନ୍ତି । ବିଶେଷକରି ବାହାର ରାଜ୍ୟରୁ ଓଡ଼ିଶାକୁ ପଶିବା ଏବେ ମାଓବାଦୀଙ୍କ ପାଇଁ ବଡ଼ ସମସ୍ୟା ହେଉଛି । ଆହୁରି ମଧ୍ୟ ଏସ୍‌ଓଜି ଯବାନମାନେ ଛିତିଶଗଡ଼ ଏବଂ ଆନ୍ଧ୍ରରେ ଅପରେସନ୍‌କୁ ଜୋରଦାର କରିଛନ୍ତି । ଓଡ଼ିଶାରେ ମଧ୍ୟ ଯବାନମାନେ ନିୟମିତ ଭାବେ ଅପରେସନ୍ କରୁଛନ୍ତି । କିଭଳି ଜଙ୍ଗଲରେ ମାଓବାଦୀ ଅପରେସନ୍ କରାଯିବ, ସେନେଇ ପୁଲିସକୁ ଟ୍ରେନିଂ ଦିଆଯାଉଛି ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ଟନେଲ୍‌ରୁ ବାହାରିଲେ...

ସେମାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉତ୍ତରାଖଣ୍ଡ ସରକାରଙ୍କ ସହ ଆଲୋଚନା କରାଯାଇଛି । ଅନ୍ୟପଟେ ଓଡ଼ିଶାର ୫ ଶ୍ରମିକଙ୍କ ପରିବାରର ସଦସ୍ୟଙ୍କୁ ରାଜ୍ୟ ସରକାର ଉତ୍ତରାଖଣ୍ଡ ପଠାଇଛନ୍ତି । ଶନିବାରଠାରୁ ଶ୍ରମ ମନ୍ତ୍ରୀଙ୍କ ସହ ଶ୍ରମିକମାନଙ୍କ ପରିବାର ସଦସ୍ୟ ଉତ୍ତରକାଶୀ ଯାତ୍ରା କରିଥିବା ବେଳେ ସେଠାରେ ଉପସ୍ଥିତ ରହିଛନ୍ତି । ଓଡ଼ିଆ ଶ୍ରମିକଙ୍କ ଉଦ୍ଧାର ପରେ ସେମାନଙ୍କ ପରିବାର ସଦସ୍ୟଙ୍କୁ ଫୋନ୍ ଯୋଗେ ଏହି ସୂଚନା ଦିଆଯାଇଛି ।

ସେହିପରି ଶ୍ରମିକମାନଙ୍କୁ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ ପାଇଁ ୩୫ କିମି ଦୂର ଚିନ୍ୟାଲିସୌର ସ୍ଥିତ ୪୧ଟି ବେଡ୍ ବିଶିଷ୍ଟ ଅସ୍ଥାୟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ରାସ୍ତାରେ କୌଣସି ପ୍ରକାର ପ୍ରତିବନ୍ଧକକୁ ଦୁରେଇବା ପାଇଁ ସବୁଜ ବଳୟ ପ୍ରସ୍ତୁତ କରାଯାଇଥିଲା । ୪୦ ମିନିଟ୍‌ରୁ କମ୍ ସମୟ ମଧ୍ୟରେ ଆମ୍ବୁଲାନ୍ସ ଡାକ୍ତରଖାନାରେ ପହଞ୍ଚିଥିଲା । ଜରୁରୀ ସ୍ଥିତି ପାଇଁ ସେନାର ଚିନୁକ ହେଲିକପ୍ଟରକୁ ମଧ୍ୟ ପ୍ରସ୍ତୁତ କରି ରଖା ଯାଇଥିଲା । ଏବେ ସମସ୍ତ ଶ୍ରମିକ ସୁରକ୍ଷିତ ଏବଂ ସୁସ୍ଥ ଅଛନ୍ତି । ଏହି ଶ୍ରମିକମାନେ ୩୯୯ ଘଣ୍ଟା ହେଲା ଟନେଲ୍‌ରେ ଫସି ରହିଥିଲେ । ର୍ୟାଟ୍-ହୋଲ୍ ମାଇନିଂ ଦ୍ୱାରା ଏହି ସଫଳତା ମିଳିଛି । ଏହି କାର୍ଯ୍ୟରେ ସେନାର ର୍ୟାଟ୍ ମାଇନର୍ସଙ୍କୁ ଲଗା ଯାଇଥିଲା । ସେମାନେ ସମାନ୍ତର ଭାବେ ଟନେଲ୍ ଖୋଳିଥିଲେ । ମଙ୍ଗଳବାର ଅପରାହ୍ଣ ପ୍ରାୟ ୧ଟା ୨୦ରେ ସେମାନେ ଖୋଳା ଶେଷକରି ପାଇପରେ ବାହାରକୁ ଆସିଥିଲେ । ପ୍ରାୟ ୨୧ ଘଣ୍ଟାରେ ୧୨ ମିଟରର ଡ୍ରିଲ୍ କରିଥିଲେ । ଗତ ୨୪ ତାରିଖରେ ୧୨ ମିଟର ଦୂରରୁ ଆଗର ମେସିନ ଭାଙ୍ଗି ଯାଇଥିଲା । ଏଥିଯୋଗୁଁ ଉଦ୍ଧାର କାର୍ଯ୍ୟ ପ୍ରଭାବିତ ହୋଇଥିଲା । ମେସିନର କିଛି ଅଂଶ ଭିତରେ ଫସି ରହିଥିବାରୁ ହାଇଦରାବାଦରୁ ଲେଜର କଟର ମେସିନ ମଗାଯାଇଥିଲା । ଏହା ପରେ ସେନା ଏବଂ ର୍ୟାଟ ମାଇନର୍ସଙ୍କୁ ଉଦ୍ଧାର କାର୍ଯ୍ୟ ପାଇଁ ଡକା ଯାଇଥିଲା । ମଙ୍ଗଳବାର ସକାଳ ୧୧ଟାରେ ଶ୍ରମିକଙ୍କ ପୋଷାକ ଏବଂ ବ୍ୟାଗ୍ ପ୍ରସ୍ତୁତ ରଖିବାକୁ ସମ୍ପର୍କୀୟଙ୍କୁ କୁହା ଯାଇଥିଲା । ଏହା ଶୁଣି ଶ୍ରମିକଙ୍କ ମଧ୍ୟରେ ହସର ଲହରି ଖେଳି ଯାଇଥିଲା । ର୍ୟାଟ ମାଇନର୍ସ ଶେଷ ପଥର ଖୋଳା ସରିବା ସମୟରେ ଶ୍ରମିକ ଜୟ ଜୟକାର କରିଥିଲେ । ପାଇପ ଭିତରର ସ୍ଥିତି ଜାଣିବା ପାଇଁ ପ୍ରଥମେ ଏନ୍‌ଡିଆରଏଫ୍ ଟିମ୍‌କୁ ଭିତରକୁ ପଠା ଯାଇଥିଲା । ସେମାନେ ଶ୍ରମିକଙ୍କୁ ଉଦ୍ଧାର ବିଷୟରେ ବୁଝାଇ ଥିଲେ । ପରେ ଶ୍ରମିକଙ୍କୁ ସୁଡ଼ଙ୍ଗରୁ ବାହାର କରାଯାଇଥିଲା । କିଛି ଜଣ ଗୁରୁଣ୍ଡି ଗୁରୁଣ୍ଡି ତ ଆଉ କେତେ ଜଣଙ୍କୁ ଷ୍ଟ୍ରେଚରରେ ଟାଣି ବାହାର କରାଯାଇଥିଲା । ବାହାରକୁ ଆସିବା ପରେ ମିଠା, ଫୁଲମାଳ ଦେଇ ଶ୍ରମିକଙ୍କୁ ସ୍ୱାଗତ କରାଯାଇଥିଲା । ପରିବାର ଲୋକ ତାଙ୍କୁ ଦେଖିବା ପରେ ଆତ୍ମବିଭୋର ହୋଇ ଉଠିଥିଲେ ।

ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମୀ ଓ କେନ୍ଦ୍ରମନ୍ତ୍ରୀ ଭିକେ ସିଂହ ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ଉପରେ ନଜର ରଖିଥିଲେ । ସମସ୍ତ ଶ୍ରମିକଙ୍କୁ ଲକ୍ଷେ ଟଙ୍କା ଲେଖାଏଁ ସହାୟତା ଦିଆଯିବ ବୋଲି ଧାମି ଘୋଷଣା କରିଛନ୍ତି । ସେହିପରି ଓଡ଼ିଶାରୁ ଶ୍ରମମନ୍ତ୍ରୀ ସାରଦା ନାୟକଙ୍କ ନେତୃତ୍ୱରେ ଶ୍ରମ ବିଭାଗର ଏକ ଦଳ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ଶ୍ରମିକଙ୍କୁ ୧୫ଦିନର ଦରମା ସହିତ ଛୁଟି ମିଳିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଶ୍ରମିକଙ୍କ ଆରୋଗ୍ୟକାମନା କରିଛନ୍ତି । ଏହି ସଫଳତା ସମସ୍ତଙ୍କୁ ଭାବୁକ କରିଦେଇଛି ବୋଲି କହିଛନ୍ତି । ସେ ଶ୍ରମିକଙ୍କୁ ଧୈର୍ଯ୍ୟକୁ ପ୍ରଣାମ କରିଛନ୍ତି ।

### ୭୪୫ ପଞ୍ଚାୟତରେ...

ସିଧାପ୍ରସାରଣ ଜରିଆରେ ଦେଖିଥିଲେ । ନିଜ ପଞ୍ଚାୟତରେ ବ୍ୟାଙ୍କ ସେବା ମିଳିବାକୁ ଯାଉଥିବାରୁ ଉପସ୍ଥିତ ଜନତା ବେଶ୍ ଖୁସି ପ୍ରକଟ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜଣାଇଥିଲେ । ଏସ୍‌ବିଆଇ, ପିଏନ୍‌ବି, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ ଏବଂ ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ 'ଆମ ବ୍ୟାଙ୍କ'ରେ ଆର୍ଥିକ ସେବା ଯୋଗାଇ ଦିଆଯିବ । 'ଆମ ବ୍ୟାଙ୍କ' ଅଧୀନରେ ଲୋକଙ୍କୁ ୧୫ ପ୍ରକାର ସେବା ମିଳିବ ।

ଉପସ୍ଥିତ ରାଜ୍ୟବାସୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ 'ଆମ ବ୍ୟାଙ୍କ' ମଡେଲ ହେଉଛି ସାରା ଦେଶରେ ପ୍ରଥମ । ଆଗାମୀ ଦିନରେ ଆମର ଏହି ବ୍ୟାଙ୍କ ସେବା ସମଗ୍ର ଦେଶ ପାଇଁ ଏକ ମଡେଲ ହେବ । ଏହା ଦ୍ୱାରା ବରିଷ୍ଠ ନାଗରିକ, ଗର୍ଭବତୀ, ଦିବ୍ୟାଙ୍ଗଙ୍କୁ ସେମାନଙ୍କ ଘର ଦୁଆରେ ବ୍ୟାଙ୍କ ସେବା ଯୋଗାଇ ଦିଆଯିବ । ଗାଁରେ ରହୁଥିବା ଲକ୍ଷ ଲକ୍ଷ ଲୋକ ଆର୍ଥିକ ଦୃଷ୍ଟିରୁ ସଶକ୍ତ ହେବ ବୋଲି କହିବା ସହ ଏକ 'ନୂଆ ଓଡ଼ିଶା, ସଶକ୍ତ ଓଡ଼ିଶା' ଗଠନ ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଜଣାଇଥିଲେ । ସେ କହିଥିଲେ ଯେ ମୁଁ ଚାହୁଁଛି ଆମ ରାଜ୍ୟର ସବୁ ଲୋକ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଭିଯାନରେ ସାମିଲ ହୁଅନ୍ତୁ । ଜମିପଟ୍ଟା, ଆଧାର କାର୍ଡ, ଭୋଟର ଆଇଡି କାର୍ଡ ପରି ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଅତ୍ୟନ୍ତ ଆବଶ୍ୟକ । ଘର ପାଖରେ ବ୍ୟାଙ୍କ ସୁବିଧା ମିଳିଲେ ଆମର କାଳିଆ, ମମତା, ମଧୁବାବୁ ପେନସନ୍ ପରି ବିଭିନ୍ନ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର୍ (ଡିବିଟି) ତଥା ଛୋଟ ଛୋଟ ବ୍ୟବସାୟୀଙ୍କ ପାଇଁ ଋଣ ଆଦି ସୁବିଧା ଲୋକଙ୍କ ପାଖରେ ସିଧାସଳଖ ଓ ସୁବିଧାରେ ଉପଲବ୍ଧ ହୋଇପାରିବ । ଏହା ହିଁ ଆମ '୫-ଟି' ନୀତିର ମୂଳ ଲକ୍ଷ୍ୟ । 'ଆମ ବ୍ୟାଙ୍କ' ଲୋକଙ୍କ ଅର୍ଥନୈତିକ ସଶକ୍ତିକରଣ ଦିଗରେ ଆଉ ଏକ ମାଇଲଷ୍ଟୋନ୍ ହେବ ବୋଲି ମୁଖ୍ୟମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ । ଲୋକଙ୍କ ଆର୍ଥିକ ଅନ୍ତର୍ଭୁକ୍ତିକରଣ ବିନା କୌଣସି ଦେଶ ଅବା ରାଜ୍ୟ ସବୁ ବର୍ଗର ଲୋକଙ୍କ ପାଇଁ ବିକାଶ ଆଣିପାରିବେ ନାହିଁ । ଆଜି ଆର୍ଥିକ କ୍ଷେତ୍ରରେ ଉନ୍ନତି, ସାମାଜିକ ବିକାଶ, ଡିଜିଟାଲ ରୂପାନ୍ତରଣ, ଉତ୍ତମ ପ୍ରଶାସନିକ ବ୍ୟବସ୍ଥା, ସବୁ କ୍ଷେତ୍ରରେ ଓଡ଼ିଶା ଏକ ରୋଲ୍ ମଡେଲ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ସୂଚନାଯୋଗ୍ୟ ଯେ ରାଜ୍ୟର ସମୁଦାୟ ୬୭୯୮ ପଞ୍ଚାୟତ ମଧ୍ୟରୁ ପ୍ରାୟ ୬୫% ଅବା ୪୩୭୪ ପଞ୍ଚାୟତରେ ବ୍ୟାଙ୍କ ସେବା ଅପହଞ୍ଚ ଅଛି । ଏହାକୁ ଦୃଷ୍ଟିରେ ରଖି ଗତ ଅଗଷ୍ଟ ୧୧ ତାରିଖରେ ରାଜ୍ୟ କ୍ୟାବିନେଟ୍ ପଞ୍ଚାୟତ ସ୍ତରରେ ଆମ ସିଏସ୍‌ପି ପ୍ଲସ୍ ଜରିଆରେ ବ୍ୟାଙ୍କ ପ୍ରତିଷ୍ଠା ପାଇଁ ଆସିଥିବା ପ୍ରସ୍ତାବକୁ ଅନୁମୋଦନ ଦେଇଥିଲେ । ଆସନ୍ତା ୫ ବର୍ଷ ପାଇଁ ବ୍ୟାଙ୍କମାନଙ୍କୁ ରାଜ୍ୟ ସରକାର ଘର, ବିଦ୍ୟୁତ ସଂଯୋଗ, ଇଣ୍ଟରନେଟ୍ ସଂଯୋଗ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ଯୋଗାଇଦେବେ ।

କାର୍ଯ୍ୟକ୍ରମରେ ଯୋଗଦେଇ ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଓଡ଼ିଶା ଆଜି ଆର୍ଥିକ କ୍ଷେତ୍ରରେ ରୂପାନ୍ତର ଆଣିଛି । ଆଜି ଆମ ବ୍ୟାଙ୍କ ସେବା ଏହି ଆର୍ଥିକ ପ୍ରଗତୀକୁ ଆହୁରି ଆଗକୁ ନେବ । କାର୍ଯ୍ୟକ୍ରମକୁ ପରିଚାଳନା କରି ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କହିଥିଲେ, ବ୍ୟାଙ୍କ ନଥିବା ପଞ୍ଚାୟତରେ ବ୍ୟାଙ୍କ ପ୍ରତିଷ୍ଠା କରିବା ଲାଗି ଯେଉଁ ଗତିରେ କାମ ଚାଲିଛି, ସେହି ଅନୁସାରେ କାମ ଚାଲିଲେ ସବୁ ପଞ୍ଚାୟତରେ ବ୍ୟାଙ୍କ ଖୋଲିବା ଲାଗି ଆହୁରି ୩୦ ବର୍ଷ ସମୟ ଲାଗିଥାନ୍ତା । କିନ୍ତୁ ଲୋକଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଆଜି ଏହା ମାତ୍ର ୬ ମାସ ମଧ୍ୟରେ ସମ୍ଭବ ହୋଇପାରିଛି । ଏହା ହେଉଛି ଓଡ଼ିଶା ସରକାରଙ୍କ ରୂପାନ୍ତର ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରକାଶ କରିଥିଲେ ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧ୍ୟକ୍ଷ ଦିନେଶ କୁମାର ଖାରା ଆଭାସୀ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ଓଡ଼ିଶା ସରକାରଙ୍କର ଏହା ଏକ ଆକାଂକ୍ଷୀ କାର୍ଯ୍ୟକ୍ରମ । ଏହାଦ୍ୱାରା ରାଜ୍ୟର ଲୋକମାନଙ୍କ ପାଇଁ ଆର୍ଥିକ କ୍ଷେତ୍ରରେ ବିପୁଳ ସୁଯୋଗ ସୃଷ୍ଟିହେବ । ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶ ଅଶ୍ୱିନୀ କୁମାର କହିଥିଲେ, ଲୋକଙ୍କ ଆର୍ଥିକ ସଶକ୍ତିକରଣ ଦିଗରେ ଏହି ଛୋଟ ପଦକ୍ଷେପ ଏକ ବିରାଟ ପରିବର୍ତ୍ତନ ଆଣିବ । ସାଂସ୍କୃତିକ ଐତିହ୍ୟ ପାଇଁ ପରିଚିତ ଓଡ଼ିଶା ଆଜି ଆର୍ଥିକ କ୍ଷେତ୍ରରେ ଏକ ବଳିଷ୍ଠ ରାଜ୍ୟ ହୋଇପାରିବ ବୋଲି ଶ୍ରୀ କୁମାର ପ୍ରକାଶ କରିଥିଲେ । ଏହି ଅବସରରେ 'ଆମ ବ୍ୟାଙ୍କ' ଆରମ୍ଭ ହୋଇଥିବା ରାଜ୍ୟର ବିଭିନ୍ନ ପଞ୍ଚାୟତର ବାସିନ୍ଦା ମୁଖ୍ୟମନ୍ତ୍ରୀଙ୍କ ସହିତ ମତ ବିନିମୟ କରିବା ସହ ଏହି ଯୋଜନାକୁ ସ୍ୱାଗତ ଜଣାଇଥିଲେ । ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିତ୍ତିୟ ଅନୁଷ୍ଠାନର ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ ।

### 'ଆମ ବ୍ୟାଙ୍କ' ଏକ...

ଯୋଜନା ପାଇଁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ କୁମାର କହିଛନ୍ତି ଯେ 'ଆମ ବ୍ୟାଙ୍କ' ଏକ ବହୁତ ସୁନ୍ଦର ପରିକଳ୍ପନା । ଏହା ଦ୍ୱାରା ରାଜ୍ୟର ପ୍ରତ୍ୟେକ ବର୍ଗର ଲୋକେ ବ୍ୟାଙ୍କ ସେବା ପାଇବେ । ବିଶେଷକରି ମହିଳା, ବରିଷ୍ଠ ନାଗରିକ ଏବଂ ଦିବ୍ୟାଙ୍ଗ ମାନେ ଭୋଗୁଥିବା ସମସ୍ୟା ଦୂର ହେବ । ସର୍ବୋପରି ଜନସାଧାରଣଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାର ମିଳିବ । ଏଥିରେ ୟୁକୋ ବ୍ୟାଙ୍କ ସବୁ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ଶ୍ରୀ କୁମାର ପ୍ରକାଶ କରିଥିଲେ । ଏହି ଯୋଜନାର ପରିକଳ୍ପନା ପାଇଁ ଶ୍ରୀ କୁମାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇବା ସହ ୫-ଟି ଅଧ୍ୟକ୍ଷଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ ।

---

## AFFIDAVIT

I, Mithuna Jani S/O Sunadhar Jani, R/o Kamata, Anchalguma, Anchala Guma, Nabarangapur, Odisha- 764049, have changed my name and shall hereafter be Known as Mithuna Kochim.

---

## ସର୍ବସାଧାରଣ ବିଜ୍ଞପ୍ତି

ଏତଦ୍ ଦ୍ୱାରା ସମସ୍ତ ଜନସାଧାରଣ ଙ୍କୁ ଜଣାଇ ଦିଆଯାଉଛି କି ମୁ ଶ୍ରୀ ରାଜେଶ କୁମାର ବୁରୁଦା, ବୟସ ୨୬, ପିତା କୈଳାସ ଚନ୍ଦ୍ର ବୁରୁଦା ଗ୍ରାମ ସେରପାଲି, ପୋ-ପାଣ୍ଡ୍ରିପାଣି, ମାଲକାନଗିରି ବାସିନ୍ଦା, ମାଥିଲି ତହସିଲଦାରଙ୍କ ଦ୍ୱାରା ୨୫/୦୯/୨୦୨୦ ଚାଉଳମେଟି ବାଲି କୁଆଁରୀ ଓ ମାଲକାନଗିରି ତହସିଲଦାର ଙ୍କ ଦ୍ୱାରା ୦୧/୦୯/୨୦୨୧ କୋଡେଲମେଟଲା ବାଲି କୁଆଁରୀ ଲିଜ ସୂତ୍ରରେ ପାଇଥିଲି । ମୋର ବ୍ୟକ୍ତିଗତ କାରଣ ଓ ଅନୁପସ୍ଥିତ ରହିବା ଯୋଗୁଁ ମୁଁ ମୋର ଅଂଶୀଦାର ଭାବେ ଅରୁଣ କୁମାର ବୁରୁକା ବୟସ ୩୬, ପିତା-ରାମଚନ୍ଦ୍ର ବୁରୁକା, ଗ୍ରାମ ଚିଦାନନ୍ଦ ସାହି ମାଲକାନଗିରି ଙ୍କୁ ରେଜିଷ୍ଟ୍ରେସନ ନଂ ୧୨୩୭୨୦୦୪୬୬ ଏବଂ ୧୨୩୭୨୦୦୪୬୫/ ତା ୨୭/୦୪/୨୦୨୨ ରେ ପାୱାର ଅଫ ଆଟର୍ନି ଦେଇଥିଲି, କିନ୍ତୁ ବର୍ତ୍ତମାନ ମୁ ସୁସ୍ଥ ଓ ନିଜେ କାର୍ଯ୍ୟ କରିବାର ସକ୍ଷମ ହୋଇଥିବାରୁ ମୁ ଦେଇଥିବା ପାୱାର ଅଫ ଆଟର୍ନି କୁ ତା ୧୭/୧୧/୨୦୨୩ ରେ ରେଜିଷ୍ଟ୍ରେସନ ଅଫିସରେ ରଦ୍ଦ କରିବାପାଇଁ ଆବେଦନ କରିଛି । ଏହା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ।

---

O-1619

Tel. 06766-258301(O)
email: se_nerwkjr@rediffmail.com

**GOVT. OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE: KEONJHAR**
**eProcurement Notice for Road Works under MMSY-TRIP**
**Identification No. Road Online NCB No. 401**
**No. 4280 / Date 22.11.2023**

1. Name of the work :- Construction and Maintenance of roads under MMSY-TRIP for Financial Year 2023-24 in the District of Keonjhar.
2. No. of work :- 08 (Eight) Nos.
3. Estimated Cost :- As per Annexure in NIT.
4. Class of Contractor (Eligible) :- As per Annexure in NIT.
5. Period of Completion :- As per Annexure in NIT.
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | Road Online NCB No. 401 | Dt.30.11.23 at 11.00 A.M. | Dt.14.12.23 up to 5.00 P.M. | Dt.13.12.23 up to 5.00 P.M. | Dt.15.12.23 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in

OIPR-25177/11/0039/2324

Chief Construction Engineer,
R.W. Circle, Keonjhar

---

Forest, Environment and Climate Change Department, Odisha
OFFICE OF THE DIVISIONAL FOREST OFFICER
JHARSUGUDA FOREST DIVISION
Email – dfo.jharsuguda@odisha.gov.in
Ph – 06645 - 295040

MM-312

**E-PROCUREMENT BID IDENTIFICATION NO- DFO- JSG – 05 of 2023-24**
**No. 362 /1F (Accts.), Dated, Jharsuguda the 24th November 2023**

**e-Procurement Notice**

1. Name of work : Construction of Mega-Barrack at Jharsuguda for the Year 2023-24
2. Total No. of works : 01 No.
3. Estimated Cost : Rs.83,18,113.00 (Excluding GST)
4. Period of Completion : Four Calendar Months
5. Date of availability of bid Documents in portal : 24.11.2023 to 07.12.2023
6. Last date/time for receipt of bids in the Portal : Up to 05.00 PM of 07.12.2023
7. Date & Time of opening of Bid documents : At 11.00 AM of 08.12.2023
8. Class of Contractor : "A" "B" & "C" Class Contractor
9. Name and address of officer inviting bid : Divisional Forest Officer, Jharsuguda Forest Division, Jharsuguda

(a) Further, details can be seen from the e-procurement portal www.tenderodisha.gov.in. / www.dfojharsuguda.org / www.jharsuguda.nic.in
(b) The addendum / Corrigendum if any will be hosted in the website only.

Divisional Forest Officer
Jharsuguda Forest Division

OIPR-08054/11/0016/2324

---

M-57

**ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦୁଝର**

**ବିଜ୍ଞାପନ**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦୁଝରଙ୍କ ଅଧିନରେ ୧୩ ଗୋଟି ପରିଚାରକ/ ପରିଚାରିକା (Attendant) ପଦବୀ ପୂରଣ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏହି ପଦବୀ ଗୁଡ଼ିକ କେନ୍ଦୁଝର ଜିଲ୍ଲାରେ ଜାତୀୟ ଗୋ ମହିଷାଦି ପ୍ରଜନନ ପ୍ରକଳ୍ପ (NPCBB) ଅଧିନରେ ଚୟନ ହୋଇଥିବା କେବଳ ଗୋ ମିତ୍ର ପ୍ରାର୍ଥୀ/ ଗୋ ମିତ୍ର ପ୍ରାର୍ଥୀନୀମାନଙ୍କ ଦ୍ୱାରା ପୂରଣ କରାଯିବ । ତଦନୁଯାୟୀ ଜିଲ୍ଲା ସ୍ତରୀୟ ଜାତିଗତ ସଂରକ୍ଷଣ ଭିତ୍ତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| ଖାଲିଥିବା ପଦବୀ ସଂଖ୍ୟା | | | | |
|---|---|---|---|---|
| କ୍ରମିକ ସଂଖ୍ୟା | ବର୍ଗ | ପୁରୁଷ | ମହିଳା | ମୋଟ ପଦବୀ |
| ୧ | ଅନୁସୂଚିତ ଜନଜାତି (ST) | - | ୦୧ | ୦୧ |
| ୨ | ଅନୁସୂଚିତ ଜାତି (SC) | ୦୩ | ୦୨ | ୦୫ |
| ୩ | ଅଣସଂରକ୍ଷିତ (UR) | ୦୨ | ୦୫ | ୦୭ |
| | ମୋଟ | ୦୫ | ୦୮ | ୧୩ |

ଏହାର ବିଶଦ ବିବରଣୀ ଓ ଆବେଦନ ଫର୍ମ www.nic.keonjhar.inରେ ଉପଲବ୍ଧ ହୋଇପାରିବ ।

ପ୍ରକାଶ ଥାଉକି ଯେ କୌଣସି ସମୟ କୌଣସି କାରଣ ନଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କର ସଂରକ୍ଷିତ ରହିଅଛି । ନିଯୁକ୍ତି ସଂକ୍ରାନ୍ତରେ ଜିଲ୍ଲା ଚୟନ କମିଟିର ସମସ୍ତ ନିଷ୍ପତ୍ତି ଚୂଡ଼ାନ୍ତ ଅଟେ ।

ସ୍ୱା/ ଅକ୍ଷୟ କୁମାର ଘଡେଇ
ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, କେନ୍ଦୁଝର

OIPR-06073/11/0001/2324

---


**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**


---

**OFFICE OF THE MUNICIPAL COUNCIL, BALASORE**

C-1946

BALASORE, (ODISHA), PIN-756003
Tel. No. 06782-251267 (O), FAX No. 06782-25122
email: balasoremunicipality@rediffmail.com

Notification No. 11825/ DT. 24.11.2023.
The details can be download from official website of Balasore District, https://baleswar.nic.in.

**Sd/- Executive Officer,**
**Balasore Municipality**

OIPR-13154/11/0041/2324

---

L-164

**ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା,**
**ଗଜପତି**

ଆସନ୍ତା ତା. ୨୮.୧୧.୨୦୨୩ ରିଖ ଠାରୁ ତା. ୦୨.୧୨.୨୦୨୩ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ଗଜପତି ଷ୍ଟାଡିୟମ , ପାରଳା ଖେମୁଣ୍ଡି ପରିସରରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବ । ଉକ୍ତ ମେଳାରେ କୃଷି ପାଠଶାଳା, ବିଭିନ୍ନ କୃଷି ଯନ୍ତ୍ରପାତିର ପ୍ରଦର୍ଶନୀ ସହିତ ରିହାତି ଦରରେ ବିକ୍ରିର ବ୍ୟବସ୍ଥା କରାଯାଇଛି । ଏଥି ନିମନ୍ତେ ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ବହୁ ସଂଖ୍ୟାରେ ଚାଷୀ ଭାଇ ମାନେ ଯୋଗଦାନ କରିବା ପାଇଁ ଅନୁରୋଧ ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ,
ଗଜପତି

OIPR-01005/11/0003/2324

---

O-1629

**Government of Odisha "e" Procurement Notice**
**Bid Identification No 14 of 2023-24**

1. Name of the Work: - i) Laying of pipe lines & other ancillary works, const. of RCC OGR, installation of pumping unit and solar dual pump unit with providing 100% FHTC including 5 (five) years operation and maintenance in connection with piped water supply to village Didrabadi under Daringibadi block.
ii) Construction of 4 nos. F- type staff quarters (Double Stored) at RWS&S Colony, Phulbani.
(Refer DTCN available in the website: - tendersorissa.gov.in)
2. Total No of work :- 2 Nos.
3. Estimated Cost :- Rs. 48.41 Lakhs to 92.18 Lakhs
4. Eligible Bidder :- "B" class Contractor
5. Period of Completion: - 09 (Nine) months (Refer DTCN available in the Website tendersorissa.gov.in)
6. Other Details :-

| Procurement Officer | Bid Identification No. | Availability of Tender online for bidding | | Date and time for opening of Technical Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 14 of 2023-24 | Dt. 01.12.2023 At. 10.00 Hrs | Dt. 21.12.2023 Up to. 17.00 Hrs | Dt. 22.12.2023 at 11 00 A.M |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.

Executive Engineer
RWS&S Division, Phulbani

OIPR-25006/11/0004/2324

---

i-501

**Tender Call Notice**
**PANCHAYAT SAMITI, MANESWAR, DIST- SAMBALPUR**
**BID IDENTIFICATION No.01 PS/MAN / 01/ 2023-24**
**No. 2666 / Dtd. 24.11.2023**

The **Block Development Officer, Maneswar** on behalf of Governor of Odisha invites **Percentage Rate** bids in single cover system for the execution of works as detailed in the following table,

| Sl. No | Name of the Work | Value of work put to Tender(with out GST) | Period of Completion | Class of Contractor | Bid Security @1% (Rs) | Cost of bid document( Including GST) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day care New PHC at Parmanpur Maneswar Block, Sambalpur | 8220769.00 | 09 (Nine) Calender months | "B' class | 82208.00 | Rs.10000.00 + Rs.500 (for extra labour cost) |
| 2 | Construction & Completion of Radha Madhab Kalyan mandap near Samleswari Mandir, Badbazar, Maneswar Block, Sambalpur | 2452922.00 | 06 (Six) Calender months | B' & C class | 24529.00 | Rs.6000.00 + Rs.500 (for extra labour cost) |
| 3 | Completion of Kalyan Mandap at Parmanpur, Maneswar Block, Sambalpur | 1689858.00 | 06 (Six) Calender months | B' & C class | 16899.00 | Rs.6000.00 + Rs.500 (for extra labour cost) |

The sale of the Bid documents shall start from **Dt 28-11-2023. at 11.00 AM** and **close on Dt 12-12-2023 at 05.00 P.M in office days**. The Bids shall be received by this office up to **03.00 PM of 13-12-2023** through Registered Post/ Speed Post only **.Date& Time of opening 14-12-2023 at 11.00 A.M. Details available in DTCN. Website Address http://sambalpur.nic.in**

**N.B. The intending bidders who have defaulted in completing the execution of projects entrusted on them by the undersigned through tender in the last three years are not eligible to submit bids for this work..**

The undersigned reserves the right to reject any or all bids without assigning any reasons thereof.

Block Development Officer
Maneswar

OIPR-19383/11/0003/2324

---

O-1620

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BARIPADA**
e_mail = rw_mayurbhanj@yahoo.co.in
**e_Procurement Tender Call Notice No. Online 19 /RWD/BPD/2023-24**

1. Name of the work : Bridge cum weir Works
2. Total No.of works : 9 Nos
3. Estimated Cost : Approx Estimated Cost Rs.55.66lakhs to Rs.99.07 lakhs
4. Class of Contractor : 'B'
5. Period of completion : 6 (Six) Calendar months.
6. Other details :

| Procurement Officer | Bid Identification No | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E, Rural Works Division, Baripada. | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| S.E.R.W Division, Baripada. | 19(Online)/RWD-BPD of 2023-24 | 30.11. 2023 at 11.00 A.M. | 14.12.2023 up to 5.00 P.M. | 13.12 .2023 up to 5.00 P.M. | 15.12.2023 at 11.30 A.M. | 19.12.2023 at 11.30 A.M. |

Further details can be seen from the website www.tendersorissa.gov.in

Superintending Engineer
R.W. Division, Baripada

OIPR-25057/11/0030/2324

---

L-165

**OFFICE OF THE EXECUTIVE ENGINEER (AGRIL.), BALASORE DIVISION, BALASORE**
PHONE NO. 06782-295822, Email Id: eeag-balasore@gov.in, eeag.balasore@gmail.com
Govt. of Odisha "e" procurement Notice
Bid Identification No. : E.E. (A), Balasore Division-04/2023-24

The Executive Engineer (Agril.), Agriculture Engineering Division, Balasore on behalf of Governor of Odisha. invites percentage rate bids in single cover system in ONLINE MODE , as detailed below.

1.Name of the works : -
(i) "Construction of Boundary Wall at Govt. Agril. Farm, Dhamnagar"
(ii) "Construction of Pre-casted Boundary Wall in Govt. Agril. Farm, Bhadrak"
(iii) "Construction of RCC Pre-cast Boundary Wall at Govt. Agril. Farm, Baharda, Balasore"

1. Estimated Cost- Ranging from Rs. 1123378.00 to Rs. 1713822.00
2. Bid Cost: As Mentioned against each in Column - 04
3. Period of completion: Calendar Months Mentioned in Column - 07
4. No. of works (Tender): 3nos.
5. EMD: As mentioned in Column-05
6. Class of Contractor: As Mentioned in Column - 06
7. Date & Time of availability of bid document in the portal: 29.11.2023 at 10.00 A.M. To 08.12.2023 up to 5.00 P.M
8. Last date / Time for receipt of bids in the portal: 08.12.2023 up to 5.00 PM
9. Date of submission of documents: 30.11.2023 10.00 A.M. to 11.12.2023 up to 5.00 P.M.( Except Holidays)
10. Date & time of opening of online bids: 12.12.2023 11.00 AM & onwards
11. Name and address of the officer inviting Bid :Executive Engineer (Agril.), Agriculture Engineering Division, Balasore
Further details can be seen from the e-procurement portal http:// tendersodisha.gov.in

A. All the volumes / documents shall be uploaded in the portal by the Procurement Officer Administrator and published by Procurement Officer Publisher (Officer Inviting tender)
B. The Tender documents published by the Tender inviting Officer (Procurement Officer Publisher) in the website "http://tendersodisha.gov.in" will appear in the Latest.
C. The Bidders have to participate in ONLINE bidding only. Further details can be seen from the website "http://tendersodisha.gov.in". Any addendum / corrigendum / cancellation of tender can also be seen in the said website.

Executive Engineer (Agril.)
Agriculture Engineering Division, Balasore

OIPR-01491/11/0004/2324

## ନିଗମାନନ୍ଦଙ୍କ ଆଶ୍ରମରେ ରାହାସ ମହୋତ୍ସବ

ରାଜନଗର, ୨୮।୧୧(ସମିସ): ରାଜନଗରସ୍ଥ ଠାକୁର ଶ୍ରୀଶ୍ରୀ ନିଗମାନନ୍ଦ ସେବାଶ୍ରମରେ ୫ଦିନ ଧରି ଚାଲିଥିବା ପଞ୍ଚୁକ ଓ ରାହାସ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆଶ୍ରମ ପରିସରରେ ଠାକୁର ଶ୍ରୀଶ୍ରୀ ନିଗମାନନ୍ଦ ପରମହଂସ ଦେବଙ୍କ ଲୋକାଭିମୁଖୀ ଦର୍ଶନ, ସନାତନ ଧର୍ମର ପ୍ରଚାର ପ୍ରସାର, ଜୀବସେବା, ଭାତୃଭାବ ପ୍ରତିଷ୍ଠା, ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସଂଘ ପ୍ରତିଷ୍ଠା ଉପରେ ଆଲୋଚନା କରାଯାଇଥିଲା। ଆଞ୍ଚଳିକ ସଂଘ ସଭାପତି ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ଟାଉନ ସଂଘ ସଭାପତି ନିଗମାନନ୍ଦ ନାୟକ, କୁରୁଣ୍ଟି ଶାଖା ସଭାପତି ନିରଞ୍ଜନ ଶତପଥୀ, ରାଜନଗର ଆଞ୍ଚଳିକ ସେବା ସଂଘର ତ୍ରିଲୋଚନ ସାହୁ, ଅଭୟ କୁମାର ନାୟକ, ବାହାରଗଡ଼ ଶାଖା ସଂଘର ଗୋକୁଳ ଚନ୍ଦ୍ର ମାହୁନ୍ତ, ମଦନପୁର ଶାଖା ସଂଘର ଫକୀର ଚରଣ ରାଉତ, ମହିଁଷାସୁର ସରପଞ୍ଚ ଅଶୋକ କୁମାର ମହାନ୍ତି, ବାଲିସାହିପାଟଣା ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ଆଞ୍ଚଳିକ ମହିଳା ସଂଘର ସ୍ୱର୍ଣ୍ଣଲତା ପଡ଼ିହାରୀ, ସୁଲୋଚନା ରଥ ପ୍ରମୁଖ ଉପସ୍ଥିତ ଥିଲେ।

## ରୋଗୀଙ୍କୁ ଇଞ୍ଜେକ୍ସନ ଦେଉଛନ୍ତି ଷ୍ଟ୍ରେଚର ବୟ

କେନ୍ଦ୍ରାପଡ଼ା, ୨୮।୧୧(ସମିସ): ଶ୍ୟାମଗୁଡ଼ିଆଠାରେ ନୂତନ ହସ୍ପିଟାଲ୍ ନିର୍ମାଣ ହୋଇଥିବା ବେଳେ କର୍ମଚାରୀଙ୍କ ମନମାନି ଯୋଗୁଁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମେଡିକାଲରେ ଚିକିତ୍ସାଧୀନ ଜଣେ ରୋଗୀଙ୍କୁ ଜଣେ ଷ୍ଟ୍ରେଚର ବୟ ଇଞ୍ଜେକ୍ସନ ଦେଉଛନ୍ତି। ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମେଡିକାଲର ସ୍ୱାସ୍ଥ୍ୟସେବାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ମେଡିକାଲର ପୁରୁଷ ୱାର୍ଡରେ ଜଣେ ରୋଗୀଙ୍କୁ ଇଞ୍ଜେକ୍ସନ ଦେବା ପାଇଁ ରୋଗୀଙ୍କ ସମ୍ପର୍କୀୟ ଡ୍ୟୁଟିରେ ଥିବା ଡାକ୍ତର ଆଉ ନର୍ସଙ୍କୁ ଡାକିଥିଲେ। ନର୍ସ ଓ ଡାକ୍ତର ନ ଆସି ବରଂ ଷ୍ଟ୍ରେଚର ବୟକୁ ଇଞ୍ଜେକ୍ସନ ଦେବାକୁ ପଠାଇଥିଲେ। ତେବେ ଷ୍ଟ୍ରେଚର ବୟ ରୋଗୀକୁ ଇଞ୍ଜେକ୍ସନ ଦେଇଥିଲେ। ଏହି ଘଟଣାକୁ ଜଣେ ବ୍ୟକ୍ତି ନିଜ ମୋବାଇଲ ଫୋନରେ ରେକର୍ଡ କରିଥିଲେ। ସେହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ସାଧାରଣ ଲୋକ ଏବଂ ରୋଗୀଙ୍କ ସମ୍ପର୍କୀୟ ମେଡିକାଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପକୁ ସମାଲୋଚନା କରୁଥିବା ଦେଖିବାକୁ ମିଳିଛି।

## ନୀଳଚକ୍ର ୟୁଥ୍ କ୍ଲବ୍ ପକ୍ଷରୁ ବାଲିଯାତ୍ରା ପଡ଼ିଆ ସଫେଇ

**ପାରାଦୀପ, ୨୮।୧୧(ସମିସ):** ପାରାଦୀପ ବନ୍ଦର ବୋଇତ ବନ୍ଦାଣ ଉତ୍ସବରେ ଭାରତର ମହାମହିମ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ଯୋଗଦାନ ଓ ପବିତ୍ର କଳିଙ୍ଗ ବାଲିଯାତ୍ରାର ଉଦ୍‌ଘାଟନ ଅବସରରେ ବନ୍ଦର ନଗରୀ ଉତ୍ସବ ମୁଖର ହୋଇଉଠିଛି। କଳିଙ୍ଗ ବାଲିଯାତ୍ରାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ସଂଖ୍ୟାର ଲୋକଙ୍କ ଭିଡ଼ ଦେଖିବାକୁ ମିଳିଛି। ଚଳିତ ବର୍ଷ ଅଧିକ ଷ୍ଟଲ୍ ପଡ଼ିଥିବାରୁ ଓ ଅଧିକ ଜନସମାଗମ ଏବଂ ସ୍ୱଚ୍ଛତାକୁ ଆଖି ଆଗରେ ରଖି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ନୀଳଚକ୍ର ୟୁଥ୍ କ୍ଲବ୍ ତରଫରୁ ବାଲିଯାତ୍ରାର ଚତୁଃପାର୍ଶ୍ୱରେ ଆବର୍ଜନା ସଫେଇ ଆରମ୍ଭ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦାନ କରି କ୍ଲବର ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବ୍‌ର ସଭାପତି ଦେବ ମଣ୍ଡଳ ଓ ଉପଦେଷ୍ଟା ବିଶ୍ୱଭୂଷଣ ରାଉତରାୟ, ସମିର କୁମାର ସାହୁଙ୍କ ନେତୃତ୍ୱରେ ଏହି ସଫେଇ କାର୍ଯ୍ୟକ୍ରମରେ କ୍ଲବ୍‌ର ସଦସ୍ୟ ରାକେଶ କୁମାର ସାହୁ, ମୁନି ଛାଟୋଇ, ଶ୍ୟାମସୁନ୍ଦର ଦାସ, ପରମ ବେହେରା, ରାଜେଶ କୁମାର ସାହୁ, ପ୍ରଭାଶ ସାମିଲ, କ୍ରୀଷ୍ଣା ପ୍ରଧାନ, ରାଜୁ ମାଝୀ, ଚନ୍ଦନ ଗାଏନ୍, ରାଜେଶ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ପୋତାନଈରେ ଆମ ବ୍ୟାଙ୍କ୍ ଉଦ୍‌ଘାଟିତ

**କୁଜଙ୍ଗ, ୨୮।୧୧(ସମିସ):** କୁଜଙ୍ଗ ବ୍ଲକ ପୋତାନଈ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଜୀବଗାନ୍ଧି ସେବା କେନ୍ଦ୍ରରେ ଆମ ବ୍ୟାଙ୍କ୍ ଉଦ୍‌ଘାଟିତ ହୋଇଯାଇଛି। ପୋତାନଈ ସରପଞ୍ଚ ବ୍ରଜକିଶୋର ମହାରାଜଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକ ଉପାଧ୍ୟକ୍ଷ ଜ୍ଞାନଜିତ୍ ସ୍ୱାଇଁ, ବିଡିଓ ଦିପକ ପ୍ରସାଦ ସ୍ୱାଇଁଙ୍କ ସହ ବ୍ଲକର ବହୁ ଅଧିକାରୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହି ବ୍ୟାଙ୍କ୍‌କୁ ଆଭାସୀ ଭାବେ ଉଦ୍‌ଘାଟନ କରିଥିବା ବେଳେ ଏବେ ପୋତାନଈ ପରି ଗ୍ରାମାଞ୍ଚଳରେ ଦିବ୍ୟାଙ୍ଗ, ବୟସ୍କ ଓ ଗର୍ଭବତୀଙ୍କ ପାଇଁ ସହଜରେ ବ୍ୟାଙ୍କ୍ ସେବା ଉପଲବ୍ଧ ହୋଇପାରିବ ବୋଲି ବିଡିଓ କହିଛନ୍ତି। ୧୫ଟି ବ୍ୟାଙ୍କ୍ ସେବା ସହ ସାଧାରଣ ଲୋକ ବହୁ ସେବା ପାଇପାରିବେ। ଏହି ଅବସରରେ ପଞ୍ଚାୟତର ସମିତି ସଭ୍ୟ ସତ୍ୟବାନ ମୁଦୁଲିଙ୍କ ସମେତ ବହୁ ୱାର୍ଡସଭ୍ୟ, ସଭ୍ୟା ଓ ବହୁ ସଂଖ୍ୟାରେ ମହିଳାମାନେ ଉପସ୍ଥିତ ଥିଲେ। ସେହିପରି ଭାବେ ଗୋରଡ଼ରେ ମଧ୍ୟ ଅନୁରୂପ ଭାବେ ବ୍ୟାଙ୍କ୍ ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁଙ୍କ ସହ ବିଡିଓ ମଧ୍ୟ ଏହି ଉଦ୍‌ଘାଟନ ସମୟରେ ଉପସ୍ଥିତ ଥିଲେ।

## କୁକୁଡ଼ା ଫାର୍ମରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ରଘୁନାଥପୁର, ୨୮।୧୧(ସମିସ):** କିଶନନଗର ଥାନା ମାହାଳହାଟ ବିଟ୍‌ହାଉସ ଅନ୍ତର୍ଗତ ବାବୁଜଙ୍ଗର ଏକ କୁକୁଡ଼ା ଫାର୍ମରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ବାବୁଜଙ୍ଗ ଗ୍ରାମର ଲକ୍ଷ୍ମୀଧର ବେହେରାଙ୍କ ପୁଅ ବାପିନା ବେହେରା (୨୮)। ଅନ୍ୟପଟେ ବାପିନାଙ୍କ ଶବ ସତ୍କାର ଉଦ୍ୟମ ଚାଲିଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କିଶନନଗର ଥାନା ଆଇଆଇସି ରଶ୍ମି ରଞ୍ଜନ ଦାଶ ସେଠାରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଛନ୍ତି। ଏକ ଅପମୃତ୍ୟୁ ମାମଲା ନଂ ୨୧/୨୦୨୩ ରୁଜୁ କରି ପୁଲିସ ତଦନ୍ତ ଚଳାଇଛି। ତେବେ ଘରଠାରୁ ଏକ କିଲୋମିଟର ଦୂର ଏକ ନିଛାଟିଆ ସ୍ଥାନରେ ଥିବା ଏକ କୁକୁଡ଼ା ଫାର୍ମରେ ରାତିରେ ଶୋଇଥିବା ବେଳେ କେମିତି ମୃତ୍ୟୁ ଘଟିଲା ତାହା ଉପରେ ବାପିନାଙ୍କ ପରିବାର ଓ ସ୍ଥାନୀୟ ଲୋକେ ସନ୍ଦେହ ପ୍ରକଟ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି ଶ୍ରୀ ଦାଶ କହିଛନ୍ତି।

## ଟ୍ରକ୍ ଟାଙ୍କିରୁ ତେଲ ଚୋରିକରି ୮ ଗିରଫ

**ମହାକାଳପଡ଼ା/ମାର୍ଶାଘାଇ, ୨୮।୧୧(ସମିସ):** ଜାତୀୟ ରାଜପଥ ୫୩ରେ ଛିଡ଼ା ହୋଇଥିବା ଲୁହାପଥର ବୋଝେଇ ଟ୍ରକ୍ ଟାଙ୍କିରୁ ତେଲ ଚୋରି ଘଟଣାରେ ମାର୍ଶାଘାଇ ପୁଲିସ ୮ ଜଣଙ୍କୁ ଗିରଫ କରିଛି। ବଉଦଛକ ନିକଟରେ ଟ୍ରକ ରଖି ଶୋଇଥିବା ବେଳେ ରାତି ୩ଟା ବେଳେ ତେଲଟାଙ୍କିରୁ ଡିଜେଲ ବାହାର କରିନେଇଥିଲେ। ଚାଳକ ପ୍ରତିବାଦ କରିବାରୁ ତାକୁ ଧମକଚମକ ଦେବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରି କାଢ଼ିଥିବା ଡିଜେଲକୁ ଏକ ଗାଡ଼ିରେ ନେଇଯାଇଥିଲେ। ଏନେଇ ଆଠଗଡ଼ର ଅଞ୍ଜନ ମଲିକ ଏବଂ ମାନସ ମଲିକ ୨୨ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅନୁସନ୍ଧାନ କରି ସୋମବାର ବେଙ୍ଗଲୀ ସେଠୀ, ସମୀର ସ୍ୱାଇଁ, ଅମର ନାଉରୀ, ଦୀପକ ବେହେରା, ଜିତେନ୍ଦ୍ର ମଲିକ ଓ ସଞ୍ଜୟ ନାୟକଙ୍କୁ ଗିରଫ କରିଛି। ୧୫୦ଲିଟର ଡିଜେଲ, ୩ଟି କାର ଜବତ ହୋଇଛି। ଅନ୍ୟ ଏକ ଅଭିଯୋଗକ୍ରମେ ହୁଣ୍ଡା ଓରଫ କୈଳାସ ବେହେରା ଓ ମଣି ଓରଫ ସୁଦାମ ବେହେରା ଗିରଫ ହୋଇଥିବା ମାର୍ଶାଘାଇ ପୁଲିସ ସୂଚନା ଦେଇଛି।

## ଭାରତ ସଂକଳ୍ପ ଯାତ୍ରା ସଚେତନତା ରଥ ଶୁଭାରମ୍ଭ

**କେନ୍ଦ୍ରାପଡ଼ା, ୨୮।୧୧(ସମିସ):** କେନ୍ଦ୍ର ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ବାର୍ତ୍ତା ତୃଣମୂଳ ସ୍ତରରେ ପହଞ୍ଚାଇବା ସହ ଯୋଜନାରୁ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କ ନାମ ଯୋଜନାରେ ସାମିଲ କରିବା ଲକ୍ଷ୍ୟ ନେଇ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ପରିଭ୍ରମଣ କରିବା ପାଇଁ ଆସିଛି ବିକଶିତ ଭାରତ ସଙ୍କଳ୍ପ ଯାତ୍ରାର ଗୋଟିଏ ସଚେତନତା ରଥ। ଏହି ସଚେତନତା ରଥ ଆଜି ପୂର୍ବାହ୍ନ ୧୧ଘଟିକା ସମୟରେ କେନ୍ଦ୍ରାପଡ଼ା ବ୍ଲକରୁ ଓସ୍ତପୁର ପଞ୍ଚାୟତ ପରିଭ୍ରମଣରେ ବାହାରିଥିଲା। ଏହି କ୍ରମରେ ସଙ୍କଳ୍ପ ଯାତ୍ରା ରଥ ଓସ୍ତପୁର ପଞ୍ଚାୟତରେ ପହଞ୍ଚିବା ପରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର କୁମାର ପଣ୍ଡା ସେଠାରେ ପ୍ରଥମ ଦିନର ପରିଭ୍ରମଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କେନ୍ଦ୍ରାପଡ଼ା ବ୍ଲକର ଏବିଡିଓ ଅନିରୁଦ୍ଧ ବେହେରା, ଓସ୍ତପୁର ସରପଞ୍ଚ ପ୍ରସନ୍ନ କୁମାର ରାଉତ, ଜନ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଶିକ୍ଷକ, ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ଜିଲ୍ଲା ପରିଷଦର ଏପିଡି ଓ କେନ୍ଦ୍ରାପଡ଼ା ବ୍ଲକର କର୍ମଚାରୀ ଉପସ୍ଥିତ ଥିଲେ।

### ନାଉଗାଁ ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

# ୧୧ଟି ଅଭିଯୋଗର ତତ୍କାଳ ଫଇସଲା

**ଜଗତସିଂହପୁର/ନାଉଗାଁ, ୨୮।୧୧(ସମିସ):**



ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ପାରୁଲ ପଟାୱରୀ ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୪୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିୟ ୩୭ଟି ଅଭିଯୋଗ, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୭ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଜମିଜମା ସମସ୍ୟା ସମ୍ପର୍କୀୟ ୭ଟି, ରେଡକ୍ରସ୍ ପାଣିରୁ ସହାୟତା ପାଇବା ପାଇଁ ଗୋଟିଏ, ଭତ୍ତା ପାଇବା ପାଇଁ ୫ଟି, ପୁଲିସ ସହାୟତା ସମ୍ପର୍କୀୟ ଗୋଟିଏ ଏବଂ ଅନ୍ୟାନ୍ୟ୧୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା।ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର୍, ମୁଖ୍ୟ ବିକାଶତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରଶ୍ମି ରଞ୍ଜନ ସାହୁ, ଗୋଷ୍ଠି ଉନ୍ନୟନ ଅଧିକାରୀ, ନାଉଗାଁ ତପନ ମହାପାତ୍ର, ତହସିଲଦାର, ନାଉଗାଁ ଏସ୍‌କେ.ସାଗିର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଶୁଣାଣି କରିଥିଲେ।

## କଳିଙ୍ଗ ବାଲିଯାତ୍ରା ୧ ଘଣ୍ଟା ଅନ୍ଧାର

**ପାରାଦୀପ, ୨୮।୧୧(ସମିସ):** ପାରାଦ୍ୱୀପ କଳିଙ୍ଗ ବାଲିଯାତ୍ରାରେ ଅବ୍ୟବସ୍ଥା ଦେଖାଦେଇଛି। ପାରାଦ୍ୱୀପ ବନ୍ଦର ବିଦ୍ୟୁତ ବିଭାଗର ଦୁଇଜଣ କର୍ମଚାରୀ ବ୍ୟବସାୟୀମାନଙ୍କୁ ଅଧିକ ଟଙ୍କା ମାଗିଥିଲେ ସେମାନେ ଦେବାକୁ ମନା କରିବାରୁ ପାଖାପାଖି ଏକଘଣ୍ଟା କାଳ ବିଦ୍ୟୁତ କାଟି ଦେଇଥିଲେ। ବ୍ୟବସାୟ ସମୟରେ ବିଦ୍ୟୁତ୍ ସଂଯୋଗ କଟିଯିବାରୁ ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ୮ ହଜାର ଟଙ୍କା ଡିପୋଜିଟ୍ କରି ବିଦ୍ୟୁତ ବାବଦରେ ୫ଶହ ଟଙ୍କା ଦେଉଥିଲେ ମଧ୍ୟ କିଛି ଅସାଧୁ କର୍ମଚାରୀ ନିଜର ପକେଟ ଗରମ ପାଇଁ ବ୍ୟବସାୟୀମାନଙ୍କୁ ହଇରାଣ କରୁଥିବା ଦେଖିବାକୁ ମିଳିଛି। ଏ ନେଇ ବ୍ୟବସାୟୀମାନେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କୁ ଫେରାଦ ହୋଇଛନ୍ତି।

## ବଡ଼ଖଣ୍ଡାଏତାରେ ବୋଇତ ବନ୍ଦାଣ ଉତ୍ସବ

**ବିରିଡି, ୨୮।୧୧(ସମିସ):** କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ବିରିଡି ବ୍ଲକର ବଡ଼ଖଣ୍ଡାଏତା ମା ବୁଢ଼ିଜାଗୁଲାଇ ମନ୍ଦିର ପ୍ରାଙ୍ଗଣରେ ସୋମବାର ସନ୍ଧ୍ୟାରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୋଇତ ବନ୍ଦାଣ କମିଟି ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ଉପସଭାନେତ୍ରୀ ସ୍ମିତା ପ୍ରଧାନ, ସମ୍ମାନୀତ ଅତିଥିଭାବେ ବିରିଡି ବ୍ଲକ ପୂର୍ବତନ ଉପାଧ୍ୟକ୍ଷା ଗୀତାଞ୍ଜଳି ସାହୁ, ଜିଲ୍ଲା ଅନୁସୂଚିତ ଜାତି ସଭାପତି ବାମଦେବ ମଲିକ, ହାଜିପୁର ମଣ୍ଡଳ ଅନୁସୂଚିତ ଜାତି ସଭାପତି ପାର୍ଥସାରଥୀ ଭୋଇ, ଯୁବମୋର୍ଚ୍ଚା ପ୍ରମୁଖ ରଶ୍ମିରଞ୍ଜନ ଖୁଣ୍ଟିଆ, ଜିଲ୍ଲା ଓବିସି ମୋର୍ଚ୍ଚା କାର୍ଯ୍ୟନିର୍ବାହୀ ସଦସ୍ୟ ସୁଜନ ଖଟେଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ। ଗ୍ରାମାଞ୍ଚଳରେ ଓଡ଼ିଆ ପରମ୍ପରାକୁ ଆୟୋଜକ ମାନେ ଉଜ୍ଜିବିତ କରି ରଖିଥିବାରୁ ମୁଖ୍ୟ ଅତିଥି ଶ୍ରୀମତୀ ପ୍ରଧାନ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ।

## ଜଟାଧାର ବେଳାଭୂମି ବୋଇତ ବନ୍ଦାଣ ମହୋତ୍ସବ ଉଦ୍‌ଘାଟିତ



**ପାରାଦୀପ, ୨୮।୧୧(ସମିସ):** ଢ଼ିଙ୍କିଆ ଚାରିଦେଶର ଐତିହାସିକ ଜଟାଧାର ବେଳାଭୂମି ଠାରେ ଦ୍ୱିତୀୟ ବାର୍ଷିକ ଜଟାଧାର ବେଳାଭୂମି ବୋଇତ ବନ୍ଦାଣ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ପାଞ୍ଚଦିନ ଧରି ପାଳିତ ହେବାକୁ ଥିବା ମହୋତ୍ସବର ପ୍ରଥମ ଦିନରେ ବାଲିକୁଦା ଏରସମା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁନନ୍ଦନ ଦାଶ ଯୋଗଦେଇ ନବନିର୍ମିତ ସ୍ଥାୟୀ ସାଂସ୍କୃତିକ ସଭାମଞ୍ଚର ଉଦ୍‌ଘାଟନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ ମଞ୍ଚରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ମହିଳା ବିଜେଡ଼ି ସମ୍ପାଦିକା ଇତିଶ୍ରୀ ଭୂୟାଁ, ଗଡ଼କୁଜଙ୍ଗ ସରପଞ୍ଚଙ୍କ ପ୍ରତିନିଧି ଯଦୁନାଥ ଖଟୁଆ, ବାଲିତୁଠ ପୂର୍ବତନ ସରପଞ୍ଚ ବିଭୁରଞ୍ଜନ ସାମନ୍ତରାୟ, ଗଡ଼କୁଜଙ୍ଗ ପୂର୍ବତନ ସରପଞ୍ଚ ସମ୍ପଦ ବାରିକ, ବାଲିତୁଠ ପୂର୍ବତନ ସମିତି ସଭ୍ୟ ପ୍ରକାଶ ପରିଡ଼ା, ଗଡ଼କୁଜଙ୍ଗ ର ବରିଷ୍ଠ ମୁରବୀ ବିଷ୍ଣୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଢ଼ିଙ୍କିଆ ପଞ୍ଚାୟତର ସରପଞ୍ଚ ତଥା ମହୋତ୍ସବ କମିଟି ସଭାପତି କିଶୋର କୁମାର ପରିଡ଼ା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ପ୍ରଥମେ କୁନିକୁନି ପିଲାଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ଢ଼ିଙ୍କିଆ ଗ୍ରାମର କୁନି କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଏବଂ ଖୋର୍ଦ୍ଧାରୁ ଆସିଥିବା ଷ୍ଟାଇଲ ଆଣ୍ଡ ଷ୍ଟାଇଲ ଡ୍ୟାନ୍ସ ଗ୍ରୁପ୍ ତରଫରୁ ରଙ୍ଗାରଙ୍ଗ ନୃତ୍ୟ ପରିବେଷଣ କରିଥିଲେ।ଉକ୍ତ ସାଂସ୍କୃତିକ ସଭାମଞ୍ଚକୁ ମହୋତ୍ସବ କମିଟିର ଯୁବ ସଦସ୍ୟ ପ୍ରଭାତ କୁମାର ରାଉତ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ନିତ୍ୟାନନ୍ଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।ମହୋତ୍ସବ କମିଟି ତରଫରୁ ସମ୍ପାଦକ ହେମନ୍ତ ସ୍ୱାଇଁ, କୋଷାଧ୍ୟକ୍ଷ ଦିପ୍ତିରଞ୍ଜନ ସ୍ୱାଇଁ, ସନାତନ ବର୍ଦ୍ଧନ, କୈଳାସ ମହାନ୍ତି, ଅନିରୁଦ୍ଧ ପରିଡ଼ା, ପ୍ରସନ୍ନ ମହାନ୍ତି, ଭ୍ରମରବର ସେଠୀ, ସୁରେନ୍ଦ୍ର ଦାସ, ସୁରେଶ ରାଉତ, ପ୍ରଫୁଲ୍ଲ ମହାନ୍ତି, ମାନସ ଦଳେଇ, ବୁଟୁଲାଲ ମହାପାତ୍ର, ପ୍ରଶାନ୍ତ ଲେଙ୍କା, ପଦ୍ମିନ୍ଦ୍ର ପରିଡ଼ା, ସନ୍ତୋଷ ମହାନ୍ତି, ବିକାଶ ବର୍ଦ୍ଧନ, ଚନ୍ଦ୍ରକାନ୍ତ ଭୋଇ, ବିକ୍ରମଜିତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ହଂସୁଆ ଯୋରରୁ ଶବ ଉଦ୍ଧାର କଲା ପୁଲିସ

**ବିରିଡି, ୨୮।୧୧(ସମିସ):** ଅଡଙ୍ଗ ମଜୁରାଇ ଖରିପଡ଼ିଆ ନିକଟ ସୋମବାର ହଂସୁଆ ଯୋରରେ ଠାବ ହୋଇଥିବା ଜଣେ ଅଚିହ୍ନା ଯୁବକର ଗଳିତ ଶବ କୁ ମଙ୍ଗଳବାର ବିରିଡି ପୁଲିସ ଉଦ୍ଧାର କରିବା ସହ ସ୍ୱତନ୍ତ୍ର ଆମ୍ବୁଲାନ୍ସ ଯୋଗେ ପଞ୍ଚନାମା କରିବାକୁ ଏଫଏମସିକୁ ପଠାଇଥିବା ଜଣାପଡ଼ିଛି। ଉଦ୍ଧାର ପରେ ମୃତ ଯୁବକ ଜଣଙ୍କ ଏକ କଳାରଙ୍ଗର ଟ୍ରାକସୁଟ ଓ ଉପରକଳା ତଳ ଧୂସର ରଙ୍ଗଥାଇ ଏକ ବାନିଅନ ପିନ୍ଧିଛି।ଗୋଡ, ହାତ ଓ ବେକରେ କଳାରଙ୍ଗର ସୁତା ରହିଛି।ତେବେ ମୁହଁ, ହାତ ଓ ଅନ୍ୟାନ୍ୟ ସ୍ଥାନରେ ମାଂସ ନଥିବାରୁ ଏବଂ ଅତି ବିକୃତ ଅବସ୍ଥା ହୋଇପଡ଼ିଥିବାରୁ ତାହା ଚିହ୍ନଟ ହେବା ନେଇ ସନ୍ଦେହ ଦେଖାଦେଇଛି। ବିରିଡି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।ତେବେ ଶବ କାହାର ବୋଲି ଏପର୍ଯ୍ୟନ୍ତ କେହି ଦାବି କରିନଥିବା ଜଣାପଡ଼ିଛି।

### ● କଇଁଛ ସୁରକ୍ଷା ସଚେତନତା ଶିବିର

## ସୁରକ୍ଷା ଦେବା ଆମମାନଙ୍କ କର୍ତ୍ତବ୍ୟ



**ଏରସମା, ୨୮।୧୧(ସମିସ):** କୁଜଙ୍ଗ ବନଖଣ୍ଡ ଅଧୀନ ରାମତରାର ମୀରା ସାମୁଦ୍ରିକ ବେଳାଭୂମିରେ କୁଜଙ୍ଗ ବନ ବିଭାଗ ପକ୍ଷରୁ ଦିନିକିଆ କଇଁଛ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଯାଇଛି। କୁଜଙ୍ଗ ରେଞ୍ଜ ଅଧିକାରୀ ରଞ୍ଜନ ମିଶ୍ରଙ୍କ ସଭାପତତ୍ୱରେ ରାଜନଗର ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ଯୋଗଦେଇ ସାମୁଦ୍ରିକ କଇଁଛ କିଭଳି ପରିବେଶକୁ ସ୍ୱଚ୍ଛ ରଖୁଛି କହିବା ସହ ସେମାନଙ୍କୁ ସୁରକ୍ଷା ଦେବା ଆମମାନଙ୍କ କର୍ତ୍ତବ୍ୟ ବୋଲି ଲୋକଙ୍କୁ ବୁଝାଇଥିଲେ। ଶିବିରରେ ଯୋଗଦେଇ ସ୍ଥାନୀୟ ସରପଞ୍ଚ ପ୍ରତିଭା ରାଣୀ ପାତ୍ର, ସମିତି ସଭ୍ୟ ନାରାୟଣ ସେଠୀ, ଗ୍ରାମ୍ୟ ମୁରବୀ ଅସ୍ୱୀମ ବେରା, ପରିବେଶବିତ ବୈକୁଣ୍ଠ ସ୍ୱାଇଁ, ଏରସମା ଥାନା ଏଏସ୍‌ଆଇ ଉଦୟ ସିଂହ, ଆପୁଆ ସ୍ୱେଚ୍ଛସେବୀ ସଙ୍ଗଠନର ବିଜୟ କୁମାର କବି, ପ୍ରାଧାପକ ଡ ହେମନ୍ତ କୁମାର ମୁଦୁଲି ଯୋଗଦେଇ ଏରସମା ବ୍ଲକର ହୱାଖାନା ଠାରୁ ଜଟାଧାରୀ ମୁହାଣ ପର୍ଯ୍ୟନ୍ତ ୨୫ କିଲୋମିଟର ବ୍ୟାପୀ ବେଳାଭୂମିରେ କଇଁଛ ଅଣ୍ଡାଦାନ କରିବା ଖୁସିର ବିଷୟ, ଆମେ ସେମାନଙ୍କୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ ବୋଲି କହିଥିଲେ। ପଦ୍ମପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କେଶବ ପାତ୍ର ମାଛ ମାରିବାକୁ ସମୁଦ୍ରକୁ ଯାଉଥିବା ଟ୍ରଲରମାନଙ୍କ ଜାଲରେ ପଡ଼ି କଇଁଛ ମରୁଛନ୍ତି, ତେଣୁ ମେରାଇନ ବିଭାଗ ଓ କୋଷ୍ଟଲ ବିଭାଗ ମଧ୍ୟ ଟ୍ରଲରମାନଙ୍କୁ ଜବତ କରିବା ଉଚିତ୍ ବୋଲି କହିଥିଲେ। ସେହିଭଳି କଇଁଛ ସୁରକ୍ଷା ପାଇଁ କାମ କରୁଥିବା ଦୋଳଗୋବିନ୍ଦ ଜିୟୁ ୟୁଥ୍ କ୍ଲବ, ଶିଆଳି ଓ ନେତାଜୀ କ୍ଲବ୍ ରାମତରାର ସଭ୍ୟ ସୁକାନ୍ତ ସାମନ୍ତ ଓ ରାଜ କୁମାର ଜେନା ଅଲିଭ ରିଡେଲେ କଇଁଛମାନେ ସମୁଦ୍ରରେ ଲଘୁଚାପ ଜନିତ ବାତ୍ୟାର ଗତିପଥକୁ ବଦଳାଇ ଦିଅନ୍ତି, ସେମାନଙ୍କୁ ବଞ୍ଚିବା ପାଇଁ ପ୍ଲାଷ୍ଟିକ ସାମଗ୍ରୀକୁ ସମୁଦ୍ରରେ ଫିଙ୍ଗିବା ନାହିଁ ବୋଲି ସମସ୍ତଙ୍କୁ ସଚେତନତା କରିଥିଲେ। ହାୱାଖାନା ବନପାଳ ମଙ୍ଗଳ ହେମ୍ବ୍ରମ ଧନ୍ୟବାଦ୍ ଦେଇଥିବା ବେଳେ ବନରକ୍ଷୀ ଶ୍ରୀରାମ ମୁରୁମୁ, ନିରଞ୍ଜନ ମଣ୍ଡଳ ବନ କର୍ମଚାରି ମାଧବ ଗିରି, ହରି କାଣ୍ଡି, ପବନ ମାଇତି, ସୁବାଷ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ।

## ବିଜ୍ଞାନ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ

**ନାଉଗାଁ, ୨୮।୧୧(ସମିସ):** ନାଉଗାଁହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ୫୧ତମ ବାଲ୍ ବିଜ୍ଞାନ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟଗୁଡ଼ିକ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ବୈଜ୍ଞାନିକ ପଦ୍ଧତିର ମୋଟ ୭୫ଟି ପ୍ରକଳ୍ପକୁ ପ୍ରଦର୍ଶନ କରାଯାଇଥିବା ବେଳେ ଏଥିରୁ ୧୧ଟି ପ୍ରକଳ୍ପକୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଛି। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାମଦେବ ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ମୁଖ୍ୟ ବକ୍ତାଭାବେ ରାଜ୍ୟ ତଥା ଜାତୀୟ ପୁରସ୍କାରପ୍ରାପ୍ତ କୃତୀ ପ୍ରଧାନ ଶିକ୍ଷକ ସୁବାଷଚନ୍ଦ୍ର ରାଉତ, ସମ୍ମାନୀତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଉପାଧ୍ୟକ୍ଷ ସୁଜିତ୍ ପୁହାଣ, ବିଦ୍ୟାଳୟର ଆଲୁମିନି କମିଟି ସଭାପତି ଜ୍ୟୋତିଷଚନ୍ଦ୍ର ଦାସ, ଜିଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷୀ ସେଠୀ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରକଳ୍ପିତ ପ୍ରକଳ୍ପଗୁଡ଼ିକୁ ବୁଲି ପରିଦର୍ଶନ କରିବା ସହିତ ସେମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ କମଳଲୋଚନ ନାୟକ, ସାରଦା ପ୍ରଶନ୍ନ ଓଝା, ରଶ୍ମୀରଞ୍ଜନ ମଲ୍ଲିକ, ସହଦେବ ସେଠୀ, ଅକ୍ଷୟ କୁମାର ରାଉତ, ସରୋଜିନୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ।



## ମାନସିକ ଭିନ୍ନକ୍ଷମ ଯୁବକଙ୍କ ଜନ୍ମଦିନ ପାଳନ

ରାଜନଗର, ୨୮।୧୧(ସମିସ): ପରିବାରରେ ବନ୍ଧୁ ପ୍ରିୟଜନ ନିଜର ଓ ସମ୍ପର୍କୀୟଙ୍କ ଜନ୍ମଦିନ ପାଳନ କରିଥା'ନ୍ତି। ମାତ୍ର ନିଜର ପରିଚୟ ଜାଣି ନ ଥିବା ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଜନ୍ମଦିନ ଯୁବକମାନେ ପାଳନ କରିଛନ୍ତି। ଗାଁକୁ ଏହି ମାନସିକ ବିକାରଗ୍ରସ୍ତ ଯୁବକ ଆସିଥିବାରୁ ଚୁଟି କାଟି ଗାଧେଇ ଦେବା ସହ ନୂଆ ଡ୍ରେସ ପିନ୍ଧାଇ କେକ୍ କାଟି ଜନ୍ମଦିନ ପାଳନ କରିଛନ୍ତି। ରାଜନଗର ବ୍ଲକ ଚାନ୍ଦିବାଉଁଶମୂଳ ପଞ୍ଚାୟତର ଢୋଲମରା ଗାଁରେ ଏହି ନିଆରା କାର୍ଯ୍ୟକ୍ରମ ପାଳନ କରାଯାଇଛି। ଢୋଲମରା ଗାଁରେ ୨୦୨୨ କାର୍ତ୍ତିକ ପୂର୍ଣ୍ଣିମାରେ ଜଣେ ମାନସିକ ବିକାରଗ୍ରସ୍ତ ଯୁବକ ଆସି ପହଞ୍ଚିଥିଲେ। ବର୍ଷେ ହେଲା ଏହି ଯୁବକ ଏହି ଗାଁରେ ରହିଆସୁଛନ୍ତି। ଗାଁର ଅଲେଖ ମଠ ଓ ଯୁବ ପରିଷଦ ଘରେ ଏହି ଯୁବକ ରହୁଛନ୍ତି। ଗ୍ରାମର ଯୁବ ସମାଜସେବୀ ସରୋଜ କୁମାର ରାଉତଙ୍କ ନେତୃତ୍ୱରେ ମହେଶ୍ୱର ନାୟକ, ଟୁବୁଲା ରାଉତ, ନିରାକାର ରାଉତ, ସୁରଥ ଦାସ, କୁନା ରାଉତ ପ୍ରମୁଖ ଯୁବକ ବିକାରଗ୍ରସ୍ତ ଯୁବକଙ୍କ ଚୁଟି କାଟିଦେବା ସହ ନୂଆ ବସ୍ତ୍ର ପିନ୍ଧାଇ ଯୁବକ ସଂଘ ଘରେ କେକ୍ କାଟିଛନ୍ତି। ଯୁବକର ନାଁ ଗାଁର ଯୁବକମାନେ ଡିଜେ ରଖିଛନ୍ତି।

## ବଳଦେବ ବିଦ୍ୟାଳୟରେ 'ଯୁବ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବାଲିକୁଦା, ୨୮।୧୧(ସମିସ):**




ଯୁବ ପ୍ରତିଭାମାନଙ୍କୁ ଲୋକଲୋଚନକୁ ଆଣିବା ସହିତ ସେମାନଙ୍କୁ ଏକ ସଚେତନ ଯୁବକ ଓ ଯୁବତୀ ଭାବେ ଗଢି ତୋଳିବା ପାଇଁ ରାଜ୍ୟ ସରକାର ତଥା ଉଚ୍ଚ ଶିକ୍ଷା ବିଭାଗ ରାଜ୍ୟର ସମସ୍ତ ମହାବିଦ୍ୟାଳୟଗୁଡ଼ିକରେ ଓଡ଼ିଶାର କ୍ରୀଡ଼ା ଓ ଯୁବ ବ୍ୟାପାର ଦ୍ୱାରା ପ୍ରଯୋଜିତ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' ଆରମ୍ଭ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମ ଆଗାମୀ ଡିସେମ୍ବର ମାସ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟଗୁଡ଼ିକରେ କ୍ରୀଡ଼ା ପ୍ରତିଯୋଗିତା, ସାଂସ୍କୃତିକ ଏବଂ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ପରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାଲିକୁଦା ବ୍ଲକ ଅନ୍ତର୍ଗତ ବୋରିକିନା ହରିଶପୁର୍ ବଳଦେବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ରେଣୁକା ସ୍ୱାଇଁ ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ ବର୍ଣ୍ଣାଢ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ଆଇନଜୀବୀ ପ୍ରକାଶ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିକୁଦା ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାର ବିକାଶ ଚନ୍ଦ୍ର ମହାନ୍ତି ଓ ଅନୁଷ୍ଠାନର ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ବରାଳ ଯୋଗଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଯୋଜିତ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷାଧିକାରୀ ବାଇଧର ପ୍ରଧାନ ଏହି କାର୍ଯ୍ୟକ୍ରମ ଯୁବଗୋଷ୍ଠୀଙ୍କୁ ନୂତନ ଦିଗଦର୍ଶନ ଦେବ ବୋଲି କହିଥିଲେ।ଅନୁଷ୍ଠାନର ଅଧ୍ୟକ୍ଷା ରେଣୁକା ସ୍ୱାଇଁ ପ୍ରାରମ୍ଭିକ ସ୍ୱାଗତ୍ ଭାଷଣ ଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଅଧ୍ୟାପକ ଅଶୋକ କୁମାର ସ୍ୱାଇଁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ମଙ୍ଗଳାଚରଣ ଗାନ କରିଥିଲେ। ଅଧ୍ୟାପକ ତଥା 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ସଂଯୋଜକ ଅଧ୍ୟାପକ ଅଜୟ କୁମାର ଭୋଳ ଓ ଅଧ୍ୟାପକ ବସନ୍ତ କୁମାର ସ୍ୱାଇଁ ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ଡା. ଅକ୍ଷୟ କୁମାର ଜେନା, ଶିବପ୍ରସାଦ ଦାସ, ଦିଲ୍ଲୀପ କୁମାର ମହାନ୍ତି, ଶିଶିର କୁମାର ଦାଶ, ପ୍ରବୀର କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ନନ୍ଦ, ଚିତ୍ତରଞ୍ଜନ ଦାସ, ବିଘ୍ନରାଜ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ଲତିକା ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଅକ୍ଷୟ କୁମାର ଓଝା, ଜଗନ୍ନାଥ ରାଉଳ, ସୁବାଷ ଚନ୍ଦ୍ର ପରିଡ଼ା, ବିଶ୍ୱଜିତ ବିଶ୍ୱାଳ, ତାରକେଶ୍ୱର ମହାନ୍ତି, ରମେଶ ଚନ୍ଦ୍ର ବାରିକ, କ୍ଷୀରୋଦ ମହାନ୍ତି, ପତିତପାବନ ବାରିକ, ବିଜୟ ସେଠୀ, ବିଚିତ୍ରା ନନ୍ଦ ସାହୁ ଓ ମନୋଜ କୁମାର ଦାସ ପ୍ରମୁଖ ସହଯୋଗ କରିଥିଲେ।









## ବିଭିନ୍ନ ସ୍ଥାନରେ କାର୍ତ୍ତିକେଶ୍ୱରଙ୍କ ପୂଜା

ରାଜନଗର, ୨୮।୧୧(ସମିସ): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ରାଜନଗର ବ୍ଲକର ପ୍ରାୟ ପ୍ରତ୍ୟେକ ଗାଁରେ ନାମ ସଂକୀର୍ତ୍ତନ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ଗ୍ରାମବାସୀ ଓ ଯୁବକ ସଂଘ ପକ୍ଷରୁ କାର୍ତ୍ତିକେଶ୍ୱରଙ୍କ ପୂଜା ଅନୁଷ୍ଠିତ ହୋଇଛି। ରାଜନଗର ବ୍ଲକର ବିଭିନ୍ନ ସ୍ଥାନରେ ଶତାଧିକ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଛନ୍ତି। ଏଥିପାଇଁ ଗାଁର ପରିବେଶ ଉତ୍ସବ ମୁଖର ହୋଇପଡ଼ିଥିଲା।

## ଦେଉଳସାହିରେ କାର୍ତ୍ତିକେଶ୍ୱର ପୂଜା

ଓଳାଭର/ରାଜକନିକା, ୨୮।୧୧(ସମିସ): ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ପଞ୍ଚାୟତର ଦେଉଳସାହି ଗ୍ରାମରେ ପ୍ରତିବର୍ଷ ଭଳି ଚଳିତବର୍ଷ ଦେଉଳସାହି କାର୍ତ୍ତିକେଶ୍ୱରର ପୂଜା କମିଟି ପକ୍ଷରୁ କାର୍ତ୍ତିକେଶ୍ୱରଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କଳସ ଶୋଭାଯାତ୍ରା କରି ପବିତ୍ର ବଉଳ ପୋଖରୀରୁ ପାଣି ଆଣି କଳସ ସ୍ଥାପନ କରିବା ସହିତ ଠାକୁରଙ୍କୁ ଆବାହନ କରାଯାଇଥିଲା। ନୀତିକାନ୍ତି ଅନୁଯାୟୀ ପୂଜା ସମ୍ପନ୍ନ କରାଯାଇଛି। ଦେଉଳସାହି ଗ୍ରାମବାସୀ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ।

# ଜାନୁଆରୀ ୬ରୁ କେନ୍ଦ୍ରାପଡ଼ା ପୁସ୍ତକ ମେଳା

କେନ୍ଦ୍ରାପଡ଼ା, ୨୮।୧୧(ସମିସ)



ମହିପାଳ ଟେଲିକମ ପଡ଼ିଆରେ ଏକବିଂଶ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳା ଆଗାମୀ ଜାନୁଆରୀ ୬ରୁ ଆରମ୍ଭ ହେବ। ୮ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଉକ୍ତ ମେଳା ୧୩ ତାରିଖରେ ଶେଷ ହେବ। ଜିଲ୍ଲାର କଳା, ସଂସ୍କୃତି ଓ ବୌଦ୍ଧିକତା କ୍ଷେତ୍ରରେ କାର୍ଯ୍ୟରତ ଅନୁଷ୍ଠାନ କେନ୍ଦ୍ରାପଡ଼ା ଇଭେଣ୍ଟ ମାନେଜର୍ସ (କେମ) ପକ୍ଷରୁ ଆୟୋଜିତ ହୋଇଆସୁଥିବା ଉକ୍ତ ମେଳାକୁ ସବୁ ଦିଗରୁ ସଫଳ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠାନର ସଭାପତି ଇଂ ଅକ୍ଷୟ କୁମାର ପାଣିଙ୍କ ଅଧକ୍ଷତାରେ ମାଧପୁରସ୍ଥ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ବୈଠକରେ ଅଧିକ ସଂଖ୍ୟାରେ ପ୍ରତିଷ୍ଠିତ ପ୍ରକାଶନୀ ସଂସ୍ଥାକୁ ସାମିଲ କରିବା, ପୁସ୍ତକ କ୍ରୟ ପାଇଁ ଜିଲ୍ଲାର ବିଦ୍ୟାଳୟ ଓ ମହାବିଦ୍ୟାଳୟ, ଆନ୍ୟାନ୍ୟ ପାଠାଗାରକୁ ସମ୍ପୃକ୍ତ କରିବା, ପ୍ରତ୍ୟହ ବିଦ୍ୟାର୍ଥୀଙ୍କ ମଧ୍ୟରେ ମେଳା ପରିସରରେ ବିଭିନ୍ନ ପ୍ରତିଯୋଗିତା କରିବା, ସାରସ୍ୱତ ସମାବେଶର ଆୟୋଜନ, ବୌଦ୍ଧିକ ଚର୍ଚ୍ଚା, ସାହିତ୍ୟ ପୁରସ୍କାର ପ୍ରଦାନ ଆଦି ଉପରେ ଆଲୋଚନା କରାଯାଇଥିଲା।

**● ପ୍ରକାଶ ପାଇବ ଭିତରକନିକା ସ୍ୱତନ୍ତ୍ର ବିଶେଷାଙ୍କ**

ଚଳିତ ବର୍ଷ ଅନୁଷ୍ଠାନର ମୁଖପତ୍ର କେନ୍ଦ୍ରାପଡ଼ା ପରିକ୍ରମାଦର୍ପଣର ସ୍ୱତନ୍ତ୍ର ଭିତରକନିକା ବିଶେଷାଙ୍କ ପ୍ରକାଶ ପାଇବ। ଜୈବ ବିବିଧତା କ୍ଷେତ୍ରରେ ପ୍ରସିଦ୍ଧ ଆନ୍ତର୍ଜାତିକ ଅଭୟାରଣ୍ୟ ଭିତରକନିକା ଏହି ଜିଲ୍ଲାର ଗୌରବ ବୃଦ୍ଧି କରିଥିବାରୁ ଏହା ଉପରେ ତଥ୍ୟଭିତ୍ତିକ ଗବେଷଣାଧର୍ମୀ ଆଲେଖ୍ୟମାନ ସ୍ଥାନିତ ହେବ ବୋଲି ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ ପ୍ରକାଶ କରିଥିଲେ। ସମ୍ପାଦକ ମହମ୍ମଦ ଜାହିଦ ଖାଁ ସାଙ୍ଗଠନିକ ବିବରଣୀ ଓ ମେଳାର ସମ୍ଭାବ୍ୟ ବଜେଟ ଉପସ୍ଥାପନ କରିଥିଲେ। ମେଳାକୁ ସରସ ସୁନ୍ଦର କରିବା ସହ ନୂତନ ସଭ୍ୟ ଗ୍ରହଣ ଉପରେ ନବଜ୍ୟୋତି ରାୟ, ବଂଶୀଧର ମହାନ୍ତି, ତାରିଣୀ ପାଟ୍ଟଯୋଶୀ, ନିରଞ୍ଜନ ମେକାପ ପ୍ରମୁଖ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବ ଚରଣ ସାମଲ, ପ୍ରଦ୍ୟୁମ୍ନ ବେଉରା, ଶାନ୍ତନୁ ମଲିକ, ଶୁଭଙ୍କର ନାୟକ, ପ୍ରତାପ ସ୍ୱାଇଁ, ଲକ୍ଷ୍ମୀକାନ୍ତ ନାୟକ, ଗୌତମ ସାହୁ, ହିମାଂଶୁ ଦାସ, ସମ୍ବିତ ଶ୍ରୀଚନ୍ଦନ, ସରୋଜ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଇଂ ମାନସ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଆୟବାରେ ବୋଇତ ବନ୍ଦାଣ ଉତ୍ସବ

କେନ୍ଦ୍ରାପଡ଼ା, ୨୮।୧୧(ସମିସ): ମା' ବଜ୍ରମହାକାଳୀ ଯୁବକ ସଂଘ ପକ୍ଷରୁ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ବ୍ୟାପି ଏହି ଉତ୍ସବର ପ୍ରଥମ ଦିନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷ ଦିବସରେ ବିଭିନ୍ନ ସ୍କୁଲର ପିଲାଙ୍କ ପାଇଁ ବକ୍ତୃତା, ସଙ୍ଗୀତ, କୁଇଜ୍ ଓ ଅଭିନୟ ପ୍ରତିଯୋଗିତା କରାଯାଇଥିଲା। ସମସ୍ତଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶରତ ପଟ୍ଟନାୟକ, ଚିତ୍ତରଞ୍ଜନ ନାୟକ, ସୁରେନ୍ଦ୍ର ସ୍ୱାଇଁ, ପ୍ରାଣକୃଷ୍ଣ ଦାସ ଓ ଧ୍ରୁବ ବରାଳ ପରିଚଳନା କରିଥିଲେ।



## ମାର୍ଶାଘାଇ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଉତ୍ସବ



ମାର୍ଶାଘାଇ, ୨୮।୧୧(ସମିସ): ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ କାର୍ତ୍ତିକ ପୂର୍ଣ୍ଣମୀ ତିଥିରେ ୪୪ତମ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରଣୟ କୁମାର ପରିଜାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଓଡ଼ିଶା ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଯୋଗଦେଇ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ ପ୍ରତିଟି ବ୍ୟକ୍ତି ପାଇଁ ଆତ୍ମ ଚିନ୍ତନ, ଆତ୍ମ ସମୀକ୍ଷା, ପ୍ରତିଜ୍ଞା, ସହଯୋଗିତାର ଓ ଶିକ୍ଷାନୁଷ୍ଠାନ ପ୍ରଗତିର ଆଧାର ବୋଲି କହିଥିଲେ। ମୁଖ୍ୟବକ୍ତା ଭୁବନେଶ୍ୱର କମଳା ନେହେରୁ ମହିଳା ମହାବିଦ୍ୟାଳୟ ପ୍ରାଧ୍ୟାପକ ବ୍ୟଙ୍ଗକବି ଡଃ ରମାକାନ୍ତ ମହାପାତ୍ର ଯୋଗଦେଇ ସଂସ୍କୃତି, ଐତିହ ପରମ୍ପରା କେବଳ ଓଡ଼ିଆ ଭାଷା ସାହିତ୍ୟ ଦ୍ୱାରା ହିଁ ସମ୍ଭବପର ବୋଲି ଅବିହିତ କରିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠା ସଭାପତି ଧ୍ରୁବ ଚରଣ ସ୍ୱାଇଁ, ସମ୍ପାଦକ ପୂର୍ବତନ ମନ୍ତ୍ରୀ ପ୍ରହ୍ଲାଦ ଚରଣ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମହାବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ସମ୍ପାଦକ ପୂର୍ବତନ ମାର୍ଶାଘାଇ ସମାଜ ସାମ୍ବାଦିକ ରସାନନ୍ଦ ରଥଙ୍କ ଭୂମିକା ଓ ନିଷ୍ଠାପର ଉଦ୍ୟମ ସର୍ବଦା ସ୍ମରଣୀୟ ହୋଇରହିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ ପ୍ରତିଷ୍ଠାତା କମିଟି ସହସମ୍ପାଦକ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ସଂଯୋଜକ ବରିଷ୍ଠ ପ୍ରାଧ୍ୟାପକ ସୁରେନ୍ଦ୍ରନାଥ ପଣ୍ଡା ମହାବିଦ୍ୟାଳୟ ପ୍ରତିଷ୍ଠାର ପୂର୍ବାଲୋକନ କରିଥିଲେ। ଆମନ୍ତ୍ରିତ ଅତିଥି ଭାବେ ମହାକାଳପଡ଼ା ବାୟାବାବା ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଲେଶଚନା ଦାଶ, କମଳା ନେହେରୁ ମହାବିଦ୍ୟାଳୟ ବରିଷ୍ଠ ବିଭାଗୀୟ ଅବସରପ୍ରାପ୍ତ ଅଧିକାରୀ ସରୋଜକାନ୍ତ ପ୍ରଧାନ ଯୋଗ ଦେଇଥିଲେ। ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ଡଃ ପ୍ରଭାତ ରଞ୍ଜନ ଲେଙ୍କା, ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ କୁମାର ଦାସ, ଉମେଶ ଚନ୍ଦ୍ର ଦାଶ, ଅଧ୍ୟାପିକା ଉପାସନା, କାଞ୍ଚନବାଳା ସାହୁ, ପ୍ରାଧ୍ୟାପିକା ମେନକା ପଲ, ନିରୂପାମା ରଥ, ଖଗେଶ୍ୱର ନାୟକ, ସୂର୍ଯ୍ୟକାନ୍ତ ଦାସ, ଅନୁରାଧା ଦାସ, ଶୁଭଦ୍ରା ଶୁଭଦର୍ଶିନୀ, ଅଧ୍ୟାପକ ଶାଶ୍ୱତ ଚନ୍ଦନ ସାମନ୍ତରାୟ, ମନୋଜ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟକ୍ଷ ପ୍ରଫେସର ଶ୍ରୀ ପରିଜା ମୁଖ୍ୟଅତିଥି ଶ୍ରୀ ପ୍ରଧାନ, ମୁଖ୍ୟବକ୍ତା ଡଃ ଶ୍ରୀ ମହାପାତ୍ରଙ୍କୁ କଲେଜ ପକ୍ଷରୁ ସମ୍ମାନିତ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ଦୀପକ କୁମାର ଦାସ ଧନ୍ୟବଦ ଅର୍ପଣ କରିଥିଲେ।

## ଶ୍ରୀକୃଷ୍ଣ ଏକାଡେମୀ ପ୍ଲାଟିନମ୍ ଜୁବୁଲି ଉତ୍ସବ ଉଦ୍‌ଯାପିତ

ଜଗତସିଂହପୁର, ୨୮।୧୧(ସମିସ): ଶ୍ରୀକୃଷ୍ଣ ଏକାଡେମୀ ପ୍ଲାଟିନିୟମ ଜୁବୁଲି ଉତ୍ସବ ସଭାପତି ଡ. ଅଭୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ସମ୍ମାନିତ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଓ ପ୍ରଧାନ ଶିକ୍ଷକ ଶୁକଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ନଟବର ବାରିକ ପ୍ରଦାନ କରିଥିବା ବେଳେ ଗୋପାଳକୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିନାୟକ ପଟ୍ଟନାୟକ, ଗୌରାଙ୍ଗ ଚରଣ ହୋତା, ରଶ୍ମିକାନ୍ତ ସାହୁ, ରମାକାନ୍ତ ସାହୁ, ନାରାୟଣ ନାୟକ, ଶ୍ରୀକାନ୍ତ ଚୌଧୁରୀ, ପ୍ରଣବ ଦେ, ବିପ୍ଳବ ଚୌଧୁରୀ, ଦୀପ୍ତି ଦାସ, ସଲିଲ ଘୋଷ, ବିଜୟ କୁମାର ରାଉତ, ଯଜ୍ଞାଶିସ ମହାପାତ୍ର, ପ୍ରଭୁଦତ୍ତ ସାହୁ, ଗଣେଶ୍ୱର ମାଣିଆ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ବିସ୍ମୟ ଖୁଣ୍ଟିଆ, ରଞ୍ଜିତ କୁମାର ଭଟ୍ଟାଚାର୍ଯ୍ୟ, ରଶ୍ମିରଞ୍ଜନ ସାହୁ, ଶ୍ରୀକାନ୍ତ କୁମାର ସାହୁ, ଦୀପକ କୁମାର ପଟ୍ଟନାୟକ, ଶନାତନ ଖୁଣ୍ଟିଆ, ଆଶିଷ କୁମାର ମାଣିଆ ଓ ଅନିରୁଦ୍ଧ ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ଡ. ଶଶାଙ୍କଶେଖର ଲେଙ୍କା, କ୍ରୀଡ଼ାବିତ୍ ଲୋଟେକେନ୍ଦୁ ଦାଶ, ସନାତନ ଖୁଣ୍ଟିଆ, ସୌମ୍ୟରଞ୍ଜନ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର କବି ଦୀପକ ଦାସଙ୍କ ରଚିତ ପୁସ୍ତକ 'ପଙ୍କର ମଣିଷ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

## ଜରାଶ୍ରମରେ ଶୀତବସ୍ତ୍ର ବଣ୍ଟନ

ପାରାଦୀପ, ୨୮।୧୧ (ସମିସ): କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ସାଇ ଜରାଶ୍ରମର ବୃଦ୍ଧ ଓ ବୃଦ୍ଧାମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ଏହି ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମରେ ତ୍ରିନାଥ ସାଇ ବସ୍ତି ଟ୍ରଷ୍ଟ ସଭାପତି ନିତ୍ୟାନନ୍ଦ ବେହେରା, ଉପସଭାପତି ସନ୍ତୋଷ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ସୁଜିତ୍ କୁମାର ବିଶ୍ୱାଳ ଏବଂ ସାଧାରଣ ସମ୍ପାଦକ କାହ୍ନୁଚରଣ ସାହୁ, ବିନୟ କୁମାର ବୋରା, ସରୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କମିଟିର ସାଧାରଣ ସଭ୍ୟ ମୁନି ଛାଟୋଇ, କାର୍ତ୍ତିକ ପାଇକରାୟ, ଲକ୍ଷ୍ମୀଧର ମଲ୍ଲିକ ଓ ଶଶିକାନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମା' ସାହାଡ଼େଇ ଡ୍ରାମାଟିକ୍ କ୍ଲବ୍ ପ୍ରସ୍ତୁତି ବୈଠକ

ଏରସମା, ୨୮।୧୧ (ସମିସ): ଏରସମା ବ୍ଲକ ଅନ୍ତର୍ଗତ ବଳେଇପୁର ମା' ସାହାଡ଼େଇ ଡ୍ରାମାଟିକ କ୍ଲବ୍‌ର ୪୮ତମ ପ୍ରସ୍ତୁତି ବୈଠକ ବଳେଇପୁର କାର୍ତ୍ତିକେଶ୍ୱେର ପୂଜା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୪୧ ବର୍ଷ ଧରି ବଳେଇପୁର ଗ୍ରାମବାସୀ ସମସ୍ତେ ଏକାଠି ହୋଇ ଭାଇଚାରା ବଜାୟ ରଖିବା ସହିତ କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପରିବେଷଣ କରିଆନ୍ତି। ଡିସେମ୍ବର ୩ ତାରିଖ ଦିନ ମୁକ୍ତମଞ୍ଚ ନାଟକ ନଟବର ବାରିକଙ୍କ ନିର୍ଦ୍ଦେଶନାରେ 'ବାବୁ ମୁଠେ ଭିକଦିଅ' ଓ ୪ ତାରିଖ ଦିନ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ପରିବେଷଣ କରାଯିବ। ବଳେଇପୁର ମା' ସାହାଡ଼େଇ ଡ୍ରାମାଟିକ କ୍ଲବ୍‌ର କୃପାସିନ୍ଧୁ ନାୟକ, ପ୍ରଦୀପ ରାଉତ, ମୀନକେତନ ନାୟକ, ଗୌରହରୀ ମହାପାତ୍ର, ପ୍ରତାପ ମହାପାତ୍ର, ବାବାଜୀ ରାଉତ, ଉଦୟ ନାଥ ସ୍ୱାଇଁ, ବାପୁ ନାୟକ ଓ ବନମାଳୀ ବାରିକଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ବିକିପୁରରେ ରାହାସ ଉତ୍ସବ

ମଣିଜଙ୍ଗା, ୨୮।୧୧(ସମିସ): ତିର୍ତ୍ତୋଲ ବ୍ଲକ ବୋଧେଇ ପଞ୍ଚାୟତର ବିକିପୁର ନୂଆପୋଖରୀଠାରେ ରାଧାକୃଷ୍ଣ ୟୁଥ୍ କ୍ଲବ୍ ପକ୍ଷରୁ ରାହାସ ଉତ୍ସବ ଅନୁଷ୍ଠିତ ହେଉଛି। ପ୍ରତ୍ୟେହ ସନ୍ଧ୍ୟାରେ ଭଜନ, ମେଲୋଡି ଓ ଡ୍ୟାନ୍ସ ପ୍ରୋଗ୍ରାମ ଅନୁଷ୍ଠିତ ହେଉଛି। ଗୌରାଙ୍ଗ ଚରଣ ଦାସଙ୍କ ପରିଚାଳନାରେ ୨୧ ବର୍ଷ ଧରି ଏହି ଅନୁଷ୍ଠାନ ଉତ୍ସବ ଆୟୋଜିତ ହେଉଛି।

## ହରିବୋଲ ଆଶ୍ରମରେ ନାମଯଜ୍ଞ ଓ ଗୀତାଯଜ୍ଞ

ମଣିଜଙ୍ଗା, ୨୮।୧୧(ସମିସ): ତିର୍ତ୍ତୋଲ ବ୍ଲକର ପିପ୍ପଳମାଧବ ପଞ୍ଚାୟତର ହରିବୋଲ ଆଶ୍ରମରେ ଚତୁର୍ଥ ପ୍ରହର ନାମଯଜ୍ଞ ଓ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଗ୍ରାମର ଜନସାଧାରଣ ସହଯୋଗ କରିଥିଲେ। ୪ଟି ସଂକୀର୍ତ୍ତନ ଦଳ ଯୋଗଦେଇଥିବା ଆଶ୍ରମର ଅନାଥ ବାବା ଜଣାଇଛନ୍ତି।

## ସୁକାନ୍ତ ଦାଶଙ୍କୁ କନିକା ଗୌରବ ସମ୍ମାନ



ରାଜକନିକା, ୨୮।୧୧(ସମିସ): ରାଜକନିକା ଆଥଲେଟିକ ଆସୋସିଏସନ ପକ୍ଷରୁ ରାଜକନିକା ସାମ୍ବାଦିକ ସୁକାନ୍ତ ଦାଶଙ୍କୁ କନିକା ଗୌରବ ସମ୍ମାନ ପ୍ରଦାନ କରାଯାଇଛି। ସମସ୍ୟା ବହୁଳ ରାଜକନିକା ବ୍ଲକରେ ବିଭିନ୍ନ ସାମାଜିକ ଆନ୍ଦୋଳନକୁ ନିଜ ସାମ୍ବାଦିକତାରେ ପ୍ରମୁଖତା ଦେଇ ମାଟି ପାଇଁ ଅହରହ କଲମ ଚାଳନା କରୁଥିବା ଶ୍ରୀ ଦାଶଙ୍କୁ ଆସୋସିଏସନ ପକ୍ଷରୁ କନିକା ଗୌରବ ସମ୍ମାନ ପ୍ରଦାନ କରାଯାଇ ତାଙ୍କର ଲେଖନୀ ଅଧିକରୁ ଅଧିକ ଶାଣିତ କରିବାକୁ ଆଶା ପୋଷଣ କରାଯାଇଛି।

## ଦିବ୍ୟାଙ୍ଗଙ୍କୁ ରୋଜଗାରକ୍ଷମ କରାଇବାକୁ ପ୍ରୟାସ



ରାଜନଗର, ୨୮।୧୧(ସମିସ): ରାଜନଗର ବ୍ଲକ ଓସ୍ତିଆ ପଞ୍ଚାୟତସ୍ଥ ଭଗବାନପୁର ଗ୍ରାମର ସୁନାକର ଜେନା (୬୫ ବର୍ଷ) ଜନ୍ମରୁ ଦିବ୍ୟାଙ୍ଗ। ଚାଳଘରେ ଏକା ରହୁଛନ୍ତି। ସେ ପ୍ରତିପୋଷଣ ପାଇଁ ରହୁଥିବା ଘରେ ଏକ ପାନ ଦୋକାନ କରିଥିଲେ। ମାତ୍ର ଗତ ୪/୫ ବର୍ଷ ହେଲା ତାଙ୍କ ଦୋକାନ ବନ୍ଦ ହୋଇଯାଇଥିଲା। ଏ ଖବର ପାଇ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଓଡ଼ିଶା ସାଇନ ଫାଉଣ୍ଡେସନର ସ୍ୱେଚ୍ଛାସେବୀ ଏହି ଦିବ୍ୟାଙ୍ଗଙ୍କ ନିକଟରେ ପହଞ୍ଚି ତାଙ୍କୁ ଦୋକାନ କରିବା ପାଇଁ ପାନ ଭଙ୍ଗା ସାମଗ୍ରୀ ସହିତ ବିସ୍କୁଟ, ମିକ୍ସଚର, ଚକଲେଟ ଆଦି ଯୋଗାଇ ଦେଇଛନ୍ତି। ପ୍ରାୟ ୧୦ ହଜାର ଟଙ୍କାର ସାମଗ୍ରୀ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଯୋଗାଇ ଦିଆଯାଇଛି। ସୁନାକର ବ୍ୟବସାୟ କରି ନିଜେ କିପରି ଚଳିପାରିବେ, ସେ ନେଇ ସଂଗଠନ ପକ୍ଷରୁ ସହାୟତା ଦିଆଯାଇଛି। ସଂଗଠନର ନିହାର ବିଶ୍ୱାଳ, ତପନ ମହାନ୍ତି, ଅମର ପାତ୍ର, ସୌମ୍ୟ ରଞ୍ଜନ ବଳ, ମଣିରାମ ସାହୁ, ରଞ୍ଜନ ପାତ୍ର, ସମୀର ପ୍ରଧାନ, ଭିକାରୀ ବାଇ, ସର୍ବେଶ୍ୱର ନାୟକ, ବିଷ୍ଣୁ ଚରଣ ଧଳ, ବିଷ୍ଣୁ ଚରଣ ଦାସ, ଅଶୋକ ନାୟକ ପ୍ରମୁଖ ସୁନାକରଙ୍କ ନିକଟରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି।

## କ୍ଷେତ୍ରପାଳ ପ୍ରଚାର ସମିତି ପକ୍ଷରୁ ଭାଗବତ ସପ୍ତାହ

ବାଲିକୁଦା, ୨୮।୧୧ (ସମିସ): ପବିତ୍ର କାର୍ତ୍ତିକ ମାସ ପଞ୍ଚୁକ ଅବସରରେ ବାଲିକୁଦା ବ୍ଲକ ମାଛଗାଁ ପଞ୍ଚାୟତ ଏରକଣା କ୍ଷେତ୍ରପାଳ ପ୍ରଚାର ସମିତି ପକ୍ଷରୁ ଭାଗବତ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସନ୍ଧ୍ୟାରେ ହୃଷିକେଶ ସାହୁ ଭକ୍ତମାନଙ୍କୁ ଭାଗବତ ମହିମା ଶୁଣାଇ ଥିବାବେଳେ ଅନ୍ୟ ସମସ୍ତ ରାତ୍ରରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ତଥା ଅବସରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ମହାନ୍ତି ନିତ୍ୟ ପ୍ରବଚନ ଦେଇଥିଲେ। ଏହାକୁ ଆୟୋଜନ କରିବାରେ ଗ୍ରାମର ଅନେକ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ।



### ବିନୋଦ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ତିନିଘରିଆ ଦଳକୁ ହରାଇ ଭୁବନେଶ୍ୱର ଚାମ୍ପିଅନ୍

ବିରିଡ଼ି, ୨୮।୧୧(ସମିସ): ବିରିଡ଼ି ବ୍ଲକ ୨୨ମୌଜା ମଇଦିପୁର-କମଳପୁର ଯୁବକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ବୈଦନାଥ ଖେଳପଡ଼ିଆ ଠାରେ ଏକଦିବସୀୟ ବିନୋଦ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ସୁଶୀଳ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପଡ଼ିଆରେ ମସାଲ ଶୋଭାଯାତ୍ରା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୁବକ ସଂଘର ସ୍ଥାୟୀ ସଭାପତି ରାସବିହାରୀ ଦାସ ଯୋଗଦେଇ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଯୁବକ ସଂଘର ଅଧ୍ୟକ୍ଷ ବିମ୍ବାଧର ଦାସ, ଉପସଭାପତି ବିଶ୍ୱଜିତ ପଟ୍ଟନାୟକ, ସମ୍ପାଦକ ସୁବ୍ରତ ପଟ୍ଟନାୟକ, ମୁଖ୍ୟ ସଂଯୋଜକ ପ୍ରକାଶ ଦାସ, କୋଷାଧ୍ୟକ୍ଷ ଚିରଞ୍ଜୀତ ପଟ୍ଟନାୟକ, କ୍ରୀଡ଼ା ସମ୍ପାଦକ



ବିଶ୍ୱନାଥ ଭୋଇ ପ୍ରମୁଖ ସାମିଲ ଥିଲେ। ଟୁର୍ଣ୍ଣାମେଣ୍ଟରେ ଚୌଦ୍ୱାର, ପ୍ରତାପ ନଗରୀ, ଭୁବନେଶ୍ୱର, ତିନିଘରିଆ, ଉଷୁମା, ପୂରଣ, ବମ୍ବିଲୋ, ଢେଙ୍କାନାଳ ପ୍ରଭୃତି ୮ଟି ଫୁଟବଲ ଦଳ ଭାଗନେଇଥିଲେ। ଫାଇନାଲ ମ୍ୟାଚ୍ ୟୁନାଇଟେଡ୍ ଭୁବନେଶ୍ୱର ଓ ତିନିଘରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଉଭୟ ଦଳ କେହି କାହାରିକୁ ଗୋଲ୍ ଦେଇନଥିଲେ। ଫଳରେ ରେଫ୍ରିଙ୍କ ଦ୍ୱାରା ଟ୍ରାଇବ୍ରେକ୍‌ର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଭୁବନେଶ୍ୱର ଦଳ ଚିତାକର୍ଷକ ଖେଳ ପ୍ରଦର୍ଶନ କରି ତିନିଘରିଆ ଦଳକୁ ୪-୩ ଗୋଲ୍‌ରେ ହରାଇ ମ୍ୟାଚ୍‌କୁ ଜିତିନେଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟ ମାନବାଧିକାର କମିଶନରଙ୍କ ବରିଷ୍ଠ ସଦସ୍ୟ ଅସୀମ ଅମିତାଭ ଦାସ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଫୁଡ୍ କର୍ପୋରେସନର ଅଧ୍ୟକ୍ଷ ଅବନୀ ସାହୁ, ସମ୍ମାନିତ ଅତିଥି ଭାବେ ରମାକାନ୍ତ ଭୋଇ, ନନ୍ଦକିଶୋର ବସ୍ତିଆ ଓ କାଳନ୍ଦୀ ବସ୍ତିଆ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିଅନ୍ ଓ ରନର୍ସଅପ ଦଳକୁ କପ୍ ସହ ଅର୍ଥରାଶି ଦେଇ ପୁରସ୍କୃତ କରିଥିଲେ।

## ଗ୍ରାମ୍ୟ ଉନ୍ନୟନ ରାସ୍ତାର ଭୂମିପୂଜନ



**କାମାକ୍ଷାନଗର, ୨୮।୧୧(ସମିସ):** ପରଜଙ୍ଗ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁଙ୍କ ଦ୍ୱାରା ପରଜଙ୍ଗ ନିର୍ବାଚନ ମଣ୍ଡଳୀର କଙ୍କଡ଼ାହାଡ଼ଠାରେ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଭୁକ୍ତ କୁଟୁରିଆଠାରୁ ଆଖୁଆପାଳ ରାସ୍ତା ନିର୍ମାଣର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଜିଲ୍ଲା ପରିଷଦ ସଦସ୍ୟ ନବକିଶୋର ସାହୁ, ପରଜଙ୍ଗ ୧ଜୋନ ଜିଲ୍ଲା ପରିଷଦ ସଦସ୍ୟା ରୁନୁ ବର୍ମା, ବିଜୁ ଜନତା ଦଳର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଧାୟକ ଉନ୍ନତି କରଣ କାର୍ଯ୍ୟର ଶୁଭ ଉଦଘାଟନ କରି କହିଥିଲେ ରାଜ୍ୟ ସରକାର ସବୁବେଳେ ସବୁ ସମୟରେ ଲୋକାଭିମୁଖୀ ଯୋଜନା, ଜନକଲ୍ୟାଣ କାର୍ଯ୍ୟ ପାଇଁ ଗୁରୁତ୍ୱ ଦେଇ ଆସିଛନ୍ତି।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଉପଭୋକ୍ତା



**କାମାକ୍ଷାନଗର, ୨୮।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବିଦ୍ୟୁତ୍ ସବ୍‌ଡିଭିଜନରେ ଅହେତୁକ ଭାବେ ବିଦ୍ୟୁତ୍ କାଟକୁ ଉପଭୋକ୍ତାଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ତାଳଚେର ଅଞ୍ଚଳର ଚାଇଁପାଳ ବିଦ୍ୟୁତ୍ ଡିଭିଜନରୁ ୩୩ କେଭି ତାରରେ ପରଜଙ୍ଗ ସବଡିଭିଜନକୁ ଆଜକୁ ଦୀର୍ଘ ୪୦ ବର୍ଷରୁ ଅଧିକ ହେବ ବିଦ୍ୟୁତ୍ ଉପଭୋକ୍ତାମାନଙ୍କୁ ବିଦ୍ୟୁତ୍ ସେବା ଯୋଗାଇ ଆସୁଛି। ପରଜଙ୍ଗ ବ୍ଲକର ୨୯ ପଞ୍ଚାୟତ ଓ କଙ୍କଡ଼ାହାଡ଼ ବ୍ଲକର ୧୦ ପଞ୍ଚାୟତକୁ ବିଦ୍ୟୁତ୍ ସେବା ଯୋଗାଉଥିବା ଉପଭୋକ୍ତା ଏହାକୁ ସହ୍ୟ କରି ନପାରି ପରଜଙ୍ଗ ଅଞ୍ଚଳର ବିଦ୍ୟୁତ୍ କମିଟି ସଭାପତି ଦୁର୍ଗା ପ୍ରସାଦ ପାତ୍ରଙ୍କ ନେତୃତ୍ୱରେ ସମ୍ପୂର୍ଣ୍ଣ ବିଦ୍ୟୁତ୍ ସବଡିଭିଜନ ଅଚଳ କରିଦେଇଛନ୍ତି। ଯେଉଁ ପର୍ଯ୍ୟନ୍ତ ଏହାର ସ୍ଥାୟୀ ପ୍ରତିକାର କରାନଯାଏ ତେବେ ଉପଭୋକ୍ତା ରାଜପଥକୁ ଅବରୋଧ କରିବାକୁ ଚେତେବନୀ ଦେଇଛନ୍ତି। କାରଣ ପବିତ୍ର କାର୍ତ୍ତିକ ମାସ ପୂର୍ଣ୍ଣିମା ତିଥିରେ ସମଗ୍ର ଅଞ୍ଚଳରେ ବିଦ୍ୟୁତ୍ କାଟ ହେବା ଓ ସମସ୍ତ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ଜନସାଧାରଣ ଅସୁବିଧା ଭୋଗିବା ନେଇ ଅସନ୍ତୋଷ ଦେଖା ଦେଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, କମିଟି ଉପସଭାପତି ସୁବ୍ରତ ପରିଡ଼ା, ଗ୍ରାମର ପୂର୍ବତନ ସଭାପତି ବିଭୂତି ଭୂଷଣ ସାମଲ, ଗ୍ରାମ କମିଟି ସଭାପତି ଶାନ୍ତନୁ ସାମଲ, ଦୀପକ ଗୋଛାୟତ, ପରଜଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରୀୟଜିତ୍ ସାମଲ, ପୂର୍ବତନ ସମିତି ସଭ୍ୟ ମୀନକେତନ ସାମଲଙ୍କ ସମେତ ଶତାଧିକ ଉପଭୋକ୍ତା ଉପସ୍ଥିତ ଥିଲେ।

## କଙ୍କଡ଼ାହାଡ଼ରେ ୬୮ତମ ଅଷ୍ଟପ୍ରହର ନାମଯଜ୍ଞ



**କଙ୍କଡ଼ାହାଡ଼, ୨୮।୧୧(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଉପଖଣ୍ଡ କଙ୍କଡ଼ାହାଡ଼ ଗ୍ରାମରେ ୬୮ତମ ଅଷ୍ଟ ପହର ନାମ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହା କାର୍ତ୍ତିକ ମାସ ପୂର୍ଣ୍ଣମୀର ପୂର୍ବ ଦିନ ଅଧିବାସ ରୀତିନୀତି ଅନୁଯାୟୀ କଳସ ସ୍ଥାପନ କରାଯାଇ ପୂର୍ଣ୍ଣମୀ ଦିନ ପ୍ରାତଃ ମଙ୍ଗଳ ଆଳତି, ପ୍ରଭାତ ବନ୍ଦନା, ଦଶ ଅବତାର ଓ ଶ୍ରୀ ଚୈତନ ଦେବଙ୍କ ନାମ ସଂକୀର୍ତ୍ତନ କରାଯାଇଥିଲା। ସମସ୍ତ କୀର୍ତ୍ତନ ମଣ୍ଡଳୀ ବୈଠକ ହୋଇ ଭଜନ, ଜଣାଣ କରାଯାଇ କଙ୍କଡ଼ାହାଡ଼ ଗ୍ରାମ ନଗର ପରିକ୍ରମା କରାଯାଇଥିଲା। ଆଖ ପାଖ ଗ୍ରାମରୁ ୨୨ଟି କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ଢେଙ୍କାନାଳର ନରଣପୁରୁ କୀର୍ତ୍ତନ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଏହି ନାମ ଯଜ୍ଞକୁ କଙ୍କଡାହାଡ଼ ଗ୍ରାମ ସଭାପତି ପ୍ରକାଶ ବିଶ୍ୱାଳ, ଗ୍ରାମ ପରିଚାଳନା କମିଟି ସମ୍ପାଦକ ତ୍ରିଲୋଚନ ପଣ୍ଡା, ନୀଳାମ୍ବର ପରିଡ଼ା, ସନାତନ ପରିଡ଼ାଙ୍କ ସହ ଗ୍ରାମବାସୀ ସହଯୋଗ କରିଥିଲେ।

## ବିକଶିତ ଭାରତ ସଂକଳ୍ପ ଯାତ୍ରା ଆରମ୍ଭ

**ଢେଙ୍କାନାଳ, ୨୮।୧୧(ସମିସ):** ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ସଚେତନତା ରଥର ଶୁଭାରମ୍ଭ ହୋଇଛି। ଏହି ସଚେତନତା ରଥକୁ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରାୟୋଜିତ ଏହି ସଚେତନତା ରଥ ସରକାରଙ୍କ ପ୍ରମୁଖ ଜନହିତକର, ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇବ। ଜିଲ୍ଲାରେ ୨ଟି ସଚେତନତା ରଥ ସମସ୍ତ ଅଞ୍ଚଳରେ ଦୁଇମାସ ଧରି ପରିକ୍ରମା କରିବ।

## ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

**କଙ୍କଡ଼ାହାଡ଼, ୨୮।୧୧(ସମିସ):** କଙ୍କଡ଼ାହାଡ଼-ଗଡ଼ପଳାଶୁଣି ପୂର୍ତ୍ତ ବିଭାଗ ରାସ୍ତାର ଗୋବରୀ ଗାଁ ନିକଟରେ ପିକ୍‌ଅପ୍ ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି। ଅନ୍ୟଜଣେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ମୃତ ବାଇକ ଆରୋହୀ ଜଣଙ୍କ ମହାବିରୋଡ଼ ଥାନା ଡୋଲିଆ ଗାଁର ମିଲୁ ସିଂହ। ଗୁରୁତର ଯୁବକ ଜଣକ ସେହି ଗାଁର ବାପୁନ ସିଂହ। ଉଭୟେ ଏକ ବାଇକ ଯୋଗେ ଘରୁ ଡୋଲିଆ ଗାଁ ପୁରୁଣା ସାହିକୁ ଯାଉଥିବା ବେଳେ କଙ୍କଡ଼ାହାଡ଼ ଆଡୁ ଦ୍ରୁତ ଗତିରେ ଆସୁଥିବା ଏକ ପିକଅପ୍ ଗାଡି ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣା ସ୍ଥଳରେ ହିଁ ମିଲୁଙ୍କ ମୃତ୍ୟୁ ହୋଇଥିଲା। ଗୁରୁତରଙ୍କୁ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଏ ନେଇ ଗୋବରୀ ଗାଁ ନିକଟରେ ବେଶ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା।

### ଢେଙ୍କାନାଳରେ ୪୦୦ ହାତୀଙ୍କ ଚଳପ୍ରଚଳ

# ୫ ବର୍ଷରେ ୬୭ଟି ହାତୀ ମୃତ, ୮୭ ଜଣଙ୍କ ଜୀବନହାନି

**ଢେଙ୍କାନାଳ, ୨୮।୧୧(ସମିସ)**

ହାତୀକୁ ଜାତୀୟ ଐତିହ୍ୟର ମାନ୍ୟତା ମିଳିଛି। ହାତୀଙ୍କ ସୁରକ୍ଷା ପାଇଁ କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ବେଶ୍ ତତ୍ପର। କିନ୍ତୁ ଢେଙ୍କାନାଳ ବନଖଣ୍ଡ ହାତୀଙ୍କ ମୃତ୍ୟୁ ସମଗ୍ର

**ଅଣ୍ଡରପାସ ନିର୍ମାଣ ନେଇ ଅନିଶ୍ଚିତତା**

ଦେଶରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଗତ ୫ ବର୍ଷ ମଧ୍ୟରେ ୬୭ଟି ହାତୀଙ୍କ ମୃତ୍ୟୁକୁ ନେଇ ପରିବେଶବିତ୍ ମାନେ ଉଦବେଗ ପ୍ରକାଶ କରିଥିବା ବେଳେ ହାତୀଙ୍କ ସୁରକ୍ଷାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଢେଙ୍କାନାଳ ବନଖଣ୍ଡ ପ୍ରାୟ ୧୭୩୭ ବର୍ଗ କିଲୋମିଟର ଅଞ୍ଚଳରେ ପରିମିତ। ଜଙ୍ଗଲ ମଧ୍ୟରେ ୧୧୪୧ ବର୍ଗ କିମି ସଂରକ୍ଷିତ ଜଙ୍ଗଲ ରହିଥିବା ବେଳେ ୧୩୭୮ କିମି ଗ୍ରାମ୍ୟ ଜଙ୍ଗଲ ରହିଛି। ମୋଟ ୮ଟି ରେଞ୍ଜ ୩୭ଟି ସେକସନ୍ ଓ ୧୦୪ଟି ବିଟ୍ ହାଉସ ରହିଥିବା ବେଳେ ୧୭୪ଟି ହାତୀ ବସବାସ କରୁଛନ୍ତି। ଢେଙ୍କାନାଳ ହାତୀଙ୍କ ସହିତ ପଡୋଶୀ ଜିଲ୍ଲା କେଉଁଝର, କଟକ ଆଠଗଡ଼ରୁ ଅନ୍ୟ ହାତୀ ଆସିବା ଯୋଗୁ ମୋଟ ୪ଶହ ହାତୀ ବର୍ତ୍ତମାନ ରହିଛନ୍ତି। ଜିଲ୍ଲାର କଙ୍କଡାହାଡ, ହିନ୍ଦୋଳ ଓ ମହାବିରୋଡ ଅଞ୍ଚଳ ହାତୀଙ୍କର ଆଡ୍ଡାସ୍ଥଳୀ ପାଲଟିଛି। ହାତୀ ଦୈନିକ ରାଜପଥ, ରେଳପଥ ଅତିକ୍ରାନ୍ତ କରିବା ସହିତ ଜଙ୍ଗଲ ମଧ୍ୟରେ ୨୫ରୁ ୩୦ କମି ରାସ୍ତାରେ ଚଳାପ୍ରଚଳ କରିଥାନ୍ତି। ହାତୀକୁ ଜାତୀୟ ଐତିହ୍ୟ ଭାବରେ ଗଣନା କରାଯାଇଥିବା ବେଳେ ହାତୀର ସୁରକ୍ଷା ପାଇଁ ହାତୀ ସ୍କ୍ୱାର୍ଡ ଗଠନ କରାଯିବା ସହିତ ହାତୀ ଚଳପ୍ରଚଳ ଉପରେ ନଜର ରଖାଯାଇଛି। କିନ୍ତୁ ବନ ବିଭାଗ ଏବଂ ବିଦ୍ୟୁତ୍ ବିଭାଗର ଦୋମୁହାଁ ନିତୀ ଯୋଗୁ ବନାଞ୍ଚଳର ବିଭିନ୍ନ ସ୍ଥାନରେ ଅଳ୍ପ ଉଚ୍ଚତାରେ ବିଦ୍ୟୁତ୍ ତାର ଗୁଡିକ ଝୁଲି ରହିଥିବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀମାନଙ୍କର ଶୋଚନୀୟ ମୃତ୍ୟୁ ଘଟୁଛି। ମିଳିଥିବା ତଥ୍ୟ ଅନୁସାରେ ୨୦୧୮-୧୯ରେ ୧୭ଟି, ୨୦୧୯-୨୦ରେ ୧୬ଟି, ୨୦୨୦-୨୧ରେ ୧୬ଟି, ୨୦୨୧-୨୨ରେ ୧୧ଟି ଏବଂ ୨୦୨୨-୨୩ରେ ୧୬ଟି ଓ ୨୦୨୩-୨୪ରେ ବର୍ତ୍ତମାନ ସୁଦ୍ଧା ୮ଟି ହାତୀଙ୍କ ମୃତ୍ୟୁ ଘଟିଥିବାର ଜଣାପଡ଼ିଛି। ସେହିପରି ହାତୀ ଆକ୍ରମଣରେ ୮୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୧୦ ଜଣ ଆହତ ହୋଇଛନ୍ତି। ବର୍ତ୍ତମାନ ବେସରକାରୀ ତଥ୍ୟ ଅନୁସାରେ ଜିଲ୍ଲାରେ ୪ଶହରୁ ଅଧିକ ହାତୀ ଚଳପ୍ରଚଳ କରୁଥିବାର ଜଣାପଡ଼ିଛି। ଏହି ହାତୀମାନେ ମୁଖ୍ୟତଃ ପରଜଙ୍ଗ, କୁମୁସୀ, ଡିହଡୋଳ, ପାଟରପଦା, ପାଣିଭଣ୍ଡାର ଅଞ୍ଚଳରେ ଅଧିକ ସମୟ ବସବାସ କରୁଥିବା ବେଳେ ବ୍ରାହ୍ମଣୀ ନଦୀପାର ହୋଇ ରେଳ ଲାଇନ ଓ ଜାତୀୟ ରାଜପଥ ପାରହୋଇ ଯାତାୟାତ କରୁଛନ୍ତି। ବନବିଭାଗର ଅପାରଗତା ଯୋଗୁ ଏଭଳି ସର୍ବଦା ଘଟୁଥିବା ବେଳେ ଜିଲ୍ଲାରେ ହାତୀ ବଂଶ ସମ୍ପୂର୍ଣ୍ଣ ଭାବରେ ଲୋପ ପାଇବ ବୋଲି ପରିବେଶବିତ୍‌ମାନେ ପ୍ରକାଶ କରିଛନ୍ତି।

### ଜିରାଳ କାର୍ତ୍ତିକେଶ୍ୱର ମହୋତ୍ସବ ଉଦ୍‌ଘାଟିତ

## ୨୫ରୁ ଅଧିକ ମେଢ଼; ୩ରେ ରାବଣ ପୋଡ଼ି, ୪ରେ ଭସାଣି

**ମାର୍ଥାପୁର, ୨୮।୧୧(ସମିସ):** ଭୁବନ ବ୍ଲକ ଅନ୍ତର୍ଗତ ଜିରାଳ ଗ୍ରାମର ୧୯ତମ ପ୍ରସିଦ୍ଧ କାର୍ତ୍ତିକେଶ୍ୱର ମହୋତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଉଦୟନାଥ ଲେଙ୍କା ଏହି ଉତ୍ସବକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସମବାୟ ସମିତି ସଭାପତି ରବିନାରାୟଣ ନାୟକ, ଗ୍ରାମ୍ୟ କମିଟି ସଭାପତି ଅର୍ଜ୍ଜୁନ ଚରଣ ପଣ୍ଡା ଓ ମୁଖ୍ୟବକ୍ତା ଭାବେ ସମାଜସେବୀ ଶଙ୍କର୍ଷଣ ପଣ୍ଡାଙ୍କ ସମେତ, ଶ୍ୟାମ ସୁନ୍ଦର ପଣ୍ଡା, ସର୍ବେଶ୍ୱର ପଣ୍ଡା, ଅଲେଖ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଏହି କାର୍ତ୍ତିକ ମହୋତ୍ସବ ପୂର୍ଣ୍ଣିମା ଦିନ ଠାରୁ ଆରମ୍ଭ ହୋଇଛି ଓ ଚଳିତ ବର୍ଷ ଅଧିକ ମାତ୍ରାରେ ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଗ୍ରାମ୍ୟ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଆଖପାଖ ଅଞ୍ଚଳରେ ଜିରାଳ ଗ୍ରାମଟି ବ୍ୟବସାୟୀକ ପେଣ୍ଠସ୍ଥଳୀ ହୋଇଥିବାରୁ କାର୍ତ୍ତିକେଶ୍ୱର ମହୋତ୍ସବରେ ବେଶ୍ ଭିଡ ଦେଖିବାକୁ ମିଳୁଛି। ଚଳିତ ବର୍ଷ ପାଖା ପାଖି ପାଞ୍ଚ ସହରୁ ଅଧିକ ବ୍ୟବସାୟୀକ



ଷ୍ଟଲ ପଡ଼ିଛ ଓ ପିଲାଙ୍କ ଦୋଳି, ଦୁଇଟି ଅପେରା ଟିମ୍, ସୁସ୍ୱାଦୁ ଖାଦ୍ୟ ଓ ମହିଳାଙ୍କ ପାଇଁ ଘର କରୋଣା ଜିନିଷ ମିଳୁଥିବାରୁ ଲୋକଙ୍କ ଭିଡ ଦେଖିବାକୁ ମିଳୁଛି। ଦୈନିକ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି ଓ ବିଭିନ୍ନ ପୂଜା ମଣ୍ଡପରେ ୨୫ରୁ ଅଧିକ ମେଢ଼ ପୂଜା ପାଉଛନ୍ତି। ବିଶେଷ କରି ବଡ ବଜାର ମେଢ଼ ଏବର୍ଷ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ସାଜିଛି। ସାଇଶ୍ରୀ କ୍ଲବ୍ ଆନୁକୂଲ୍ୟରେ ୩ ତାରିଖରେ ରାବଣ ପୋଡି ଉତ୍ସବ ଓ ୪ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବା ନେଇ କମିଟି ପକ୍ଷରୁ ସୂଚନା ଦିଆଯାଇଛି। କମିଟି ଚେୟାରମ୍ୟାନ ଶ୍ୟାମ ସୁନ୍ଦର ପଣ୍ଡା, ଉପସଭାପତି ରୁଦ୍ରାକ୍ଷ ପ୍ରସାଦ ଲେଙ୍କା, କମିଟି ଉପଦେଷ୍ଟା ରବି ନାରାୟଣ ବେହେରା, ରବି ନାୟକ, ଅମିୟ ମହାନ୍ତି, ପ୍ରଶାନ୍ତ ରାଉତ, ଶୁଭକାନ୍ତ ନାୟକ, ଗଙ୍ଗାଧର ନାୟକ, ବାବୁରାମ ପ୍ରଧାନ, ପ୍ରକାଶ ଚନ୍ଦ୍ର ଲେଙ୍କା, କୀର୍ତ୍ତିବନ୍ତ ନାୟକ, ଅଭିଷେକ ପଣ୍ଡା, ଗାଗୁ ନାୟକ, ସନ୍ତୋଷ ବେହେରା, ଜଗନ୍ନାଥ ପରିଡ଼ା ଓ ସମସ୍ତ ଯୁବ ଗୋଷ୍ଠୀ ଓ ଗ୍ରାମ୍ୟ କମିଟି ସହଯୋଗରେ କାର୍ତ୍ତିକେଶ୍ୱର ମହୋତ୍ସବ ଅନୁଷ୍ଠିତ ହେଉଛି।

## ଖଙ୍କିରା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ପ୍ରଫେସର କୈଳାସ

**ଗଁନ୍ଦିଆ, ୨୮।୧୧(ସମିସ):** ଗନ୍ଦିଆ ବ୍ଲକ ଅନ୍ତର୍ଗତ ଖଙ୍କିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଜି ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପରଖିବା ପାଇଁ କଟକ ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର କୈଳାସ ଚନ୍ଦ୍ର ମହାପାତ୍ର ଗସ୍ତ କରିଥିଲେ। ଗ୍ରାମାଞ୍ଚଳରେ ସର୍ଜରୀ ତଥା ଯେ କୌଣସି ପ୍ରକାର ରୋଗ ସମ୍ବନ୍ଧୀୟ ଅସୁବିଧା ପାଇଁ କଟକସ୍ଥିତ ଏସସିବିରେ ତାଙ୍କୁ ସାକ୍ଷାତ କଲେ ସବୁ ପ୍ରକାରର ସୁଯୋଗ ମିଳିପାରିବ ବୋଲି ପ୍ରଫେସର ମତାମତ ଦେଇଥିଲେ। ଏଥିରେ ଖଙ୍କିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଚନ୍ଦ୍ର ରାୟ ଓ ଆୟୁଷ ଡା ଅବନୀକାନ୍ତ ନନ୍ଦ ଓ ସମସ୍ତ କର୍ମଚାରୀ ଯୋଗଦାନ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ପ୍ରାକ୍ତନ ଶିକ୍ଷକ ହେମନ୍ତ ବ୍ରହ୍ମ, ପୂର୍ବତନ ସରପଞ୍ଚ ନରହରି ସାହୁ, ଗ୍ରାମ୍ୟ ପ୍ରାକ୍ତନ ବ୍ୟକ୍ତି ମାଧବ ଚନ୍ଦ୍ର ଦାସ ଓ ପୂର୍ବତନ ସରପଞ୍ଚ ଅଜୟ କୁମାର ଧୀର ଯୋଗଦାନ କରି ଗ୍ରାମାଞ୍ଚଳରେ କିପରି ସ୍ୱାସ୍ଥ୍ୟସେବା ସହଜ ଓ ସରଳ ହୋଇପାରିବ ସେନେଇ ପ୍ରଫେସରଙ୍କ ସହ ଆଲୋଚନା କରିଥିଲେ।

## ମାଇକ୍ରୋମିଡିଆ ପକ୍ଷରୁ ଆୟୋଜିତ କପିଳାସ ମହୋତ୍ସବ ଉଦ୍‌ଯାପିତ

**ଢେଙ୍କାନାଳ, ୨୮।୧୧(ସମିସ):** ଢେଙ୍କାନାଳର ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ମାଇକ୍ରୋମିଡିଆ ଆୱାରନେସ୍ ଅନୁଷ୍ଠାନର ୨୧ତମ ବାର୍ଷିକ, ରାଜ୍ୟସ୍ତରୀୟ ପ୍ରତିଭା ଚୟନ ଓ ପ୍ରତିଭା ସମ୍ମାନ-୨୦୨୩ ତଥା କପିଳାସ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗତ ୨୫ ତାରିଖଠାରୁ କପିଳାସ ପୀଠରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଗୋପବନ୍ଧୁ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା।

ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଯୋଗଦେଇ କହିଲେ, ଢେଙ୍କାନାଳ ଜିଲ୍ଲାର କଳାକାରମାନେ ପ୍ରତିଭାବାନ୍। ସେମାନଙ୍କ ପ୍ରତିଭା ବିକଶିତ ହେଲେ ଅନୁଷ୍ଠାନଗୁଡିକ ଆଗକୁ ବଢ଼ିବ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ ବୋଇତ ବନ୍ଦାଣ ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ସହଯୋଗ ମିଳିଲେ କଳାକାର ଓ ଅନୁଷ୍ଠାନଗୁଡିକ ବଞ୍ଚିପାରିବ। ମାଇକ୍ରୋମିଡ଼ିଆ ପକ୍ଷରୁ ୨୧ ବର୍ଷ ଧରି ଏହି ପ୍ରତିଭା ଚୟନ ଓ ପ୍ରତିଭା ସମ୍ମାନ କରି ଆସୁଛନ୍ତି ଏହା ଅତ୍ୟନ୍ତ ଗୌରବର କଥା ଏହା ସହିତ ୫ ବର୍ଷ ଧରି କପିଳାସ ପୀଠରେ ଏହି ମହୋତ୍ସବ ଆୟୋଜନ କରି ସମସ୍ତଙ୍କୁ ଏକାଠି କରି କଳା ସଂସ୍କୃତି ପାଇଁ କାର୍ଯ୍ୟ କରି ଜିଲ୍ଲାକୁ ଗୌରବ ମଣ୍ଡିତ କରୁଥିବାରୁ ଅନୁଷ୍ଠାନର ସମସ୍ତଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ, ପରିବେଶବିତ୍ ପ୍ରଦ୍ୟୁମ୍ନ ରଥ, ସାମାଜିକ କର୍ମୀ ସୁକାନ୍ତ କୁମାର ମିଶ୍ର, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ସାମାଜିକ କର୍ମୀ ନରେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ଉତ୍ସବରେ ସଭାପତିତ୍ୱ କରିଥିଲେ। ସମ୍ପାଦିକା ମଧୁସ୍ମିତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କପିଳାସ ମହୋତ୍ସବର ଆବାହକ ଇଂ ସୌମ୍ୟବ୍ରତ ସାହୁ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନୁଷ୍ଠାନ ଅନ୍ୟତମ ଉପଦେଷ୍ଟା ସତ୍ୟ ସ୍ୱରୂପ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଗୀଟାର ବାଦକ ଗୁରୁ ବିମଳ କୁମାର ପ୍ରଧାନ, କଣ୍ଠଶିଳ୍ପୀ ତଥା ସାହିତ୍ୟିକା ରଶ୍ମିତା ରାଉତ, ସାହିତ୍ୟିକ ରାଜୀବ ଲୋଚନ ସ୍ୱାଇଁ, ଶଲ୍ୟ ବିଶେଷଜ୍ଞ ଡା. ସତ୍ୟନାରାୟଣ ମହାପାତ୍ର, ସମାଜସେବୀ ନରେନ୍ଦ୍ର କୁମାର ସାମଲ, ଶିକ୍ଷାବିତ୍ ପବିତ୍ର ମୋହନ ମହାପାତ୍ର, ଯୁବ ଉଦ୍ୟୋଗୀ ସୁଶାନ୍ତ କୁମାର ସାହୁ ଓ ରାଜ୍ୟ ଲୋକକଳା ସଂଘ ଉପସଭାପତି ଅବନୀ ମିଶ୍ରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।

ଅନୁଷ୍ଠାନର ନିର୍ଦ୍ଦେଶକ ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଶାନ୍ତ ପାଣି ସଂଯୋଜନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅନୁଷ୍ଠାନ ପକ୍ଷରୁ ସ୍ୱତନ୍ତ୍ର କବିତା ଆସର ଆୟୋଜନ କରାଯାଇ ଥିଲା। ଏହି ସାହିତ୍ୟ ଆସରରେ ପୂର୍ବତନ ଓଡ଼ିଆ ସାହିତ୍ୟ ଏକାଡେମୀର ରାଜ୍ୟ ସଦସ୍ୟ ବାହାଦୁର ପାଟଶାଣୀ, ଜିଲ୍ଲା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥ, ବରିଷ୍ଠ ସାହିତ୍ୟକ ରାଧାନାଥ ରଥ ଯୋଗଦାନ କରି ଅନୁଷ୍ଠାନ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ସାହିତ୍ୟିକା ସଂଯୁକ୍ତା ସରଣ, ମମତା ମିଶ୍ର, ନିବେଦିତା ରଥଙ୍କ ସଂଯୋଜନାରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ।

## 'ମେରା ମାଟି, ମେରା ଦେଶ' କାର୍ଯ୍ୟକ୍ରମରେ ଢେଙ୍କାନାଳ ପ୍ରଥମ

**ଢେଙ୍କାନାଳ, ୨୮।୧୧(ସମିସ):** ଢେଙ୍କାନାଳ ଜିଲ୍ଲା ନେହେରୁ ଯୁବକେନ୍ଦ୍ର ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବାରୁ ରାଜ୍ୟସ୍ତରୀୟ ଯୁବମହୋତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଛି। ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଏବଂ ନେହେରୁ ଯୁବକେନ୍ଦ୍ର ସଂଗଠନ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ଯୁବମହୋତ୍ସବକୁ

● ରାଜ୍ୟସ୍ତରୀୟ ଯୁବ ମହୋତ୍ସବ



କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦଘାଟନ କରିଥିଲେ। ଏହି ଅବସରରେ ଢେଙ୍କାନାଳ ଜିଲ୍ଲାରେ ମେରି ମାଟି ମେରା ଦେଶ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପନ୍ନ ହୋଇଥିବାରୁ ନେହରୁ ଯୁବକେନ୍ଦ୍ରର ଢେଙ୍କାନାଳ ଜିଲ୍ଲାର ଦାୟିତ୍ୱରେ ଥିବା ଉପନିର୍ଦ୍ଦେଶକ ଅଶୋକ କୁମାର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ପୁରସ୍କୃତ କରାଯାଇଛି।

## ନଗନା ନାଗନାଥେଶ୍ୱରଙ୍କଠାରେ ମହାକାର୍ତ୍ତିକ ବୁଡ଼

**ଢେଙ୍କାନାଳ, ୨୮।୧୧(ସମିସ):** ଢେଙ୍କାନାଳ ସଦର ବ୍ଲକ ବଣସିଂହ ଏବଂ ଚାଉଳିଆ ପଞ୍ଚାୟତ ବଡ଼ ନଗନା ସ୍ଥିତ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଶ୍ରୀ ଶ୍ରୀ ନାଗ ନାଥେଶ୍ୱରଙ୍କ ପାଖରେ ପ୍ରବାହିତ ଉତ୍ତରବାହୀ ଗଙ୍ଗାରେ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ମହାକାର୍ତ୍ତିକ ବୁଡ଼ ପକାଇବା ସହିତ ଶ୍ରୀ ଶ୍ରୀ ନାଗନାଥେଶ୍ୱର୍ ଆଞ୍ଚଳିକ ଉନ୍ନୟନ ପରିଷଦ ପକ୍ଷରୁ ପ୍ରଥମ କରି ମହାକାର୍ତ୍ତିକ ବୁଡ଼, ବୋଇତ ବନ୍ଦାଣ ଏବଂ ପଲ୍ଲି ପ୍ରତିଭା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଭାପତି ସୁଦାମ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ଅବନୀ ମିଶ୍ର ଓ ବିକାଶ ରଥଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ପରେ ଅଞ୍ଚଳର ପଲ୍ଲି ପ୍ରତିଭା କାର୍ଯ୍ୟକ୍ରମ ମାଧ୍ୟମରେ ବହୁ କଳାକାର ନୃତ୍ୟ ଗୀତ ପରିବେଷଣ କରିଥିଲେ।

## କାର୍ତ୍ତିକେଶ୍ୱର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ତାଳବେଡ଼ା ଟିମ୍ ଚାମ୍ପିଅନ



**କାମାକ୍ଷାନଗର, ୨୮।୧୧(ସମିସ):** କଙ୍କଡାହାଡ଼ ବ୍ଲକ ଚାନ୍ଦପୁର ପଞ୍ଚାୟତ ଟିପେଇଝରଣ ଖେଳ ପଡ଼ିଆଠାରେ କାର୍ତ୍ତିକେଶ୍ୱର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୧୫ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହେଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେଇଥିଲା। ଫାଇନାଲ ମ୍ୟାଚ ତାଳବେଡା କ୍ରିକେଟ କ୍ଲବ ଓ ନରହରିପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ପ୍ରଥମେ ତାଳବେଡ଼ା କ୍ଲବ ପ୍ରଥମେ ବ୍ୟାଟିଂ କରି ୮୮ ରନ କରିଥିଲା ବେଳେ ନରହରିପୁର କ୍ରିକେଟ କ୍ଲବ ୧୨ ଓଭରରେ ୭୮ ରନ କରି ପରାଜୟ ହେଇଥିଲା। ତାଳବେଡା କ୍ରିକେଟ ଟିମ ବିଜୟୀ ହେଇ ଚମ୍ପିୟାନ ହେଇଅଛି। ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଉଭୟ ସମୀର ସାହୁ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ଶତ୍ରୁଜିତ ପ୍ରଧାନ, ଦିପୁନ ସାହୁ, ଧାରାବିବରଣୀ ପ୍ରଦାନ କରିଥିଲେ ବୁନୁ ପରିଡ଼ା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ଯୋଗଦେଇ ଚାମ୍ପିଅନ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ ରନର୍ସ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ କ୍ରିକେଟ କ୍ଲବର ସଭାପତି ସୁଶୀଲ ପରିଡ଼ା, ସମ୍ପାଦକ ସୁଶାନ୍ତ ପରିଡ଼ା, ସମାଜସେବୀ ମିଟୁ ପରିଡ଼ା, ଫକୀର ସାହୁ ଯୋଗ ଦେଇଥିଲେ।

### ଜିଲ୍ଲାସ୍ତରୀୟ ସଂସଦୀୟ କ୍ଷେତ୍ର ସଡ଼କ ସୁରକ୍ଷା କମିଟି ବୈଠକ

# ୫୫ନଂ ଜାତୀୟ ରାଜପଥ ନିର୍ମାଣରେ ବିଳମ୍ବକୁ ନେଇ ଅସନ୍ତୋଷ

**ଢେଙ୍କାନାଳ, ୨୮।୧୧(ସମିସ)**

ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ସଂସଦୀୟ କ୍ଷେତ୍ର ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦ ମହେଶ ସାହୁ ଅଧ୍ୟକ୍ଷତା କରି ଢେଙ୍କାନାଳ ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କୁ ଅଧିକ ଗୁରୁତ୍ୱ ଦେବାପାଇଁ କହିଥିଲେ। ଏହା ସହିତ ଯେ ପର୍ଯ୍ୟନ୍ତ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ସରିନାହିଁ ସେ ପର୍ଯ୍ୟନ୍ତ ଯେଉଁ ରାସ୍ତା ଅଛି ତାହାର ସଠିକ୍ ସମୟରେ ମରାମତି କରିବାକୁ କହିଛନ୍ତି।

ଏହି ବୈଠକରେ ବିଧାୟକ ସୁଧିର କୁମାର ସାମଲ ଯୋଗଦେଇ ଜିଲ୍ଲାରେ ଟ୍ରକ୍ ଟର୍ମିନାଲ ନିର୍ମାଣ ଉପରେ



ଗୁରୁତ୍ୱାରୋପ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ଏହି ବୈଠକରେ ଯୋଗଦେଇ ଜିଲ୍ଲାରେ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ସଡକ ଦୁର୍ଘଟଣା ହ୍ରାସ ଘଟିଛି ବୋଲି କହିଥିଲେ। ୨୦୨୨ ମସିହାରେ ମୋଟ ୪୭୧ଟି ଦୁର୍ଘଟଣା ଘଟିଥିବା ବେଳେ ୨୦୫ଜଣ ମୃତ୍ୟୁ ବରଣ କରିବା ସହ ୩୩୮ଜଣ ଆଘାତପ୍ରାପ୍ତ ହୋଇଥିଲେ। ୨୦୨୩ ମସିହାରେ ବର୍ତ୍ତମାନ ସୁଦ୍ଧା ୩୩୭ଟି ସଡକ ଦୁର୍ଘଟଣା ଘଟିଥିବା ବେଳେ ୧୫୦ଜଣ ମୃତ୍ୟୁବରଣ କରିଥିବା ବେଳେ ୩୪୭ଜଣ ଗୁରୁତର ଆହତ ହୋଇଛନ୍ତି। ବୈଠକରେ ସଡକ ସୁରକ୍ଷାକୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର କରାଯାଇଛି। ଏହା ସହିତ ଯେଉଁ ସ୍ଥାନରେ ସାଇନବୋର୍ଡ ଲାଗିନାହିଁ ସେସବୁ ସ୍ଥାନମାନଙ୍କରେ ତୁରନ୍ତ ସାଇନବୋର୍ଡ ଲଗାଇବାକୁ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ବିଭାଗୀୟ ଅଧିକାରୀଙ୍କୁ କହିଛନ୍ତି।

ଏହି ବୈଠକରେ ଜିଲ୍ଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ପୌର ପରିଷଦ ଅଧ୍ୟକ୍ଷା ଜୟନ୍ତୀ ପାତ୍ର, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ସଡକ ସୁରକ୍ଷା କମିଟିର ସଦସ୍ୟ ପ୍ରଦ୍ୟୁମ୍ନ ରଥ, ସାଂସଦଙ୍କ ସଦର ବ୍ଲକ ପ୍ରତିନିଧି ପ୍ରତାପ କୁମାର ଦାଶ, ମୋଟରଯାନ ନିରୀକ୍ଷକ ଇଂ ଦେବାଶିଷ ସ୍ୱାଇଁଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଖାଦ୍ୟରେ ମସଲା ସ୍ତରର ମାତ୍ରାକୁ ନେଇ ସତର୍କ ସୂଚନା




ସାଧାରଣତଃ ଭାରତୀୟ ଖାଦ୍ୟରେ ଅଧିକ ତେଲ ମସଲା ଓ ରାଗର ବ୍ୟବହାର ହୋଇଥାଏ। ଅବଶ୍ୟ ଏଭଳି ଖାଦ୍ୟ ସହ ପ୍ରତ୍ୟେକ ଭାରତୀୟ ଅଭ୍ୟସ୍ତ କିନ୍ତୁ ବିଦେଶୀମାନେ ଏହିପ୍ରକାର ଖାଦ୍ୟ ସହ ସେତେ ବେଶି ପରିଚିତ ହୋଇ ନ ଥାନ୍ତି। ସେଥିପାଇଁ ସେମାନେ ଭାରତୀୟ ଖାଦ୍ୟକୁ ଖାଇବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ସେହିପରି କିଛି ଲୋକ ଏଭଳି ଅଛନ୍ତି, ହୋଟେଲ ତଥା ରେଷ୍ଟୋରାଁର ଖାଦ୍ୟ ଭଲ ନ ଲାଗିଲେ ସେମାନେ ଟଙ୍କା ଫେରସ୍ତ ପାଇଁ ଦାବି କରନ୍ତି। ଏହି କ୍ରମରେ ବିଟ୍ରେନରେ ଗୋଟିଏ ଭାରତୀୟ ରେଷ୍ଟୋରାଁ ବିଦେଶୀ ଗ୍ରାହକଙ୍କ ପାଇଁ ଏକ ବିଶେଷ ପ୍ରକାର ସତର୍କ ସୂଚନା ଜାରି କରିଛନ୍ତି। ତାହା ପୁଣି ଖାଦ୍ୟରେ ମସଲା ସ୍ତରକୁ ନେଇ। ରେଷ୍ଟୋରାଁର ଦେଶୀ ଖାଦ୍ୟ ଖାଇବା ପୂର୍ବରୁ ବିଦେଶୀ ଗ୍ରାହକଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି। ଏନେଇ ହୋଟେଲ ଏକ ସୂଚନାଫଳକ ମଧ୍ୟ ଲଗାଇଛି। ଯାହାର ଫଟୋ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏହି ସୂଚନାରେ ଲେଖାଯାଇଛି,'ସ୍ପାଇସ୍ ଲେଭଲ ୱାର୍ଣ୍ଣିଂ। ସ୍ତର ୦-୫। ଆପଣ ମସଲାଯୁକ୍ତ ଖାଦ୍ୟ ଅର୍ଡର ଦେଇ ଖାଇ ପାରୁ ନାହାନ୍ତି, ସେଥିପାଇଁ ଟଙ୍କା ଫେରସ୍ତ କରାଯିବ ନାହିଁ।' ରେଷ୍ଟୋରାଁର ଏହି ପ୍ରକାର ସତର୍କ ସୂଚନାକୁ ନେଇ ଲୋକମାନେ ଭିନ୍ନ ଭିନ୍ନ ପ୍ରକାର ମଜାଦାର ପ୍ରତିକ୍ରିୟା ଦେଇଛନ୍ତି।

# 'ମର୍ଦ୍ଦାନି-୩' ଏଥର ବି ରାଣୀ



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ରାଣୀ ମୁଖାର୍ଜୀ 'ମର୍ଦ୍ଦାନି-୩' ସିନେମାକୁ ନେଇ ଚର୍ଚ୍ଚାରେ ରହିଥିଲେ। ତେବେ ଏବେ ଏହି ସିନେମାରେ କାମ କରିବା ପାଇଁ ରାଣୀ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଜଣାପଡ଼ିଛି। ସେ ଏହି ସିନେମା ସୁଟିଂ ୨୦୨୪ରେ ଆରମ୍ଭ କରିବେ। ଏହାବାଦ୍ ଏବେ ଫିଲ୍ମ ପାଇଁ ଅନ୍ୟ କଳାକାରଙ୍କ ମନୋନୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଏକ ସାକ୍ଷାତକାରରେ ରାଣୀ 'ମର୍ଦ୍ଦାନି-୩'ରେ କାମ କରିବା ନେଇ ସେ ତାଙ୍କ ଇଚ୍ଛା ଜାହିର୍ କରିଥିଲେ। ତେବେ ସିନେମାର କାହାଣୀ ଉପରେ ତାଙ୍କ କାମ ନିର୍ଭର କରେ ବୋଲି ସେ କହିଥିଲେ। କାରଣ କାହାଣୀ ଭଲ ଥିଲେ ହିଁ ଏଥିରେ ଅଭିନୟ କରିବେ ବୋଲି ପୂର୍ବରୁ ସେ କହିଥିଲେ। ତେଣୁ ଏବେ ସିନେମାର କାହାଣୀ ତାଙ୍କୁ ଭଲ ଲାଗିଥିବା କୁହାଯାଉଛି। ଯେଉଁଥିପାଇଁ ସେ ସିନେମାରେ କାମ କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଅନ୍ୟପଟେ 'ମର୍ଦ୍ଦାନି' ଏବଂ 'ମର୍ଦ୍ଦାନି-୨'ରେ ରାଣୀଙ୍କ ଅଭିନୟକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ସେଥିପାଇଁ 'ମର୍ଦ୍ଦାନି-୩'ରେ ମଧ୍ୟ ରାଣୀ ଆକ୍ସନ ମାଧ୍ୟମରେ ଦର୍ଶକଙ୍କୁ ଭରପୂର ମନୋରଞ୍ଜନ କରିବେ ବୋଲି ଆଶା କରାଯାଉଛି।

## ଯୌତୁକ ପ୍ରଥାକୁ ନା

# ଅକ୍ଷର ସାଜି ସଚେତନତା

ଯୌତୁକ ନେବାଦେବା ଆଇନଗତ ଅପରାଧ। ଯଦିଓ ଯୌତୁକ ନେବା ଏକ ଘୃଣ୍ୟ ପରମ୍ପରା ବୋଲି ଅନେକ ହୃଦୟଙ୍ଗମ କଲେଣି, ତଥାପି ଆମ ସମାଜରେ ଯୌତୁକ ଜନିତ ଘଟଣା ପାଇଁ ବିଭିନ୍ନ ସମୟରେ ମହିଳାମାନେ ନିର୍ଯ୍ୟାତିତ ହେଉଛନ୍ତି। ତେଣୁ ସମାଜରୁ ଏହି କୁ-ପ୍ରଥାର ବିଲୋପ ଲାଗି ସରକାରୀ ଓ ବେସରକାରୀସ୍ତରରେ ନାନା ପଦକ୍ଷେପ ନିଆଯିବା ସହ ସଚେତନା କରାଯାଉଛି। ଏବେ କିନ୍ତୁ ନିଆରା ଢଙ୍ଗରେ ସ୍କୁଲ ଛାତ୍ରଛାତ୍ରୀ ଯୌତୁକ ପ୍ରଥା ରୋକିବାକୁ ଅଣ୍ଟା ଭିଡ଼ିଛନ୍ତି। ଯୌତୁକ ପ୍ରଥା ବିଷୟରେ ଲୋକଙ୍କୁ ସଚେତନତା କରିବାକୁ ଯାଇ ସେମାନେ ଶୃଙ୍ଖଳିତ ଭାବେ ଧାଡ଼ି ଧାଡ଼ି ହୋଇ ବସିରହିଛନ୍ତି। ଏମାନଙ୍କ ବସିବା ଶୈଳୀରୁ 'ଯୌତୁକ ନେବା ପାପ' ଲେଖାଯାଇଛି। ସ୍କୁଲର ଗୁରୁଜୀ ଗୁରୁମା ସେଠାରେ ଉପସ୍ଥିତ ରହିଛନ୍ତି। ତେବେ ଏସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ୪ଟି ଫଟୋ ଭାଇରାଲ ହୋଇଥିବାବେଳେ କୁନି ପିଲାଙ୍କ ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚାରିଟି ଫଟୋରେ 'ଯୌତୁକ ନେବା ପାପ ଅଟେ' ଲେଖାଯାଇଥିଲା। ଏହି ଲେଖା ପାଇଁ ପିଲାଙ୍କର ପ୍ରୟାସ ଭିନ୍ନ ଥିଲା। ଅର୍ଥାତ୍ ପିଲାମାନେ ଧାଡ଼ି ଧାଡ଼ି ହୋଇ ବସି ଏହି ଅକ୍ଷରକୁ ସୂଚାଇଥିଲେ। ଯୌତୁକ ପ୍ରଥାକୁ ରୋକିବାକୁ ଛାତ୍ରଛାତ୍ରୀଙ୍କ ଅକ୍ଷର ସାଜିବା ମାମଲା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବାବେଳେ ଏହାକୁ ଅଧିକାଂଶ ଖୁବ୍ ପ୍ରଶଂସା କରିଛନ୍ତି।



# ବର ବେକରେ ୨୦ ଲକ୍ଷର ଟଙ୍କାମାଳ



ବାହାଘରକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାର ଅଜବ ଘଟଣା ସାମ୍ନାକୁ ଆସିଛି। ବର କେତେବେଳେ ଖେଳଣା ଘୋଡ଼ାରେ ବସି ଆସୁଛି ତ ଆଉ କେତେବେଳେ କନ୍ୟା ଏଲଇଡି ଲାଇଟ୍ ଖଚିତ ଲେହେଙ୍ଗା ପିନ୍ଧୁଛି। ଏହି କ୍ରମରେ ଏବେ ଗୋଟିଏ ବାହାଘରରେ ବରର ମାଳ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ଏ ମାଳ କୌଣସି ଫୁଲରେ ତିଆରି ହୋଇ ନାହିଁ, ଏହା ହେଉଛି ଟଙ୍କା ମାଳ। ସେଥିପାଇଁ ଏହି ମାଳଟି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସେ ବେକରେ ୫୦୦ ଟଙ୍କା ନୋଟ୍‌ରେ ତିଆରି ବିରାଟକାୟ ମାଳ ପକାଇଛନ୍ତି। ତେବେ ସେ ପକାଇଥିବା ଏହି ମାଳର ସମୁଦାୟ ଟଙ୍କା ହେଉଛି ୨୦ ଲକ୍ଷ। ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଏଥିରୁ ଦେଖିବାକୁ ମିଳୁଛି, ବର ଜଣକ ଛାତ ଉପରେ ଛିଡ଼ା ହୋଇଛନ୍ତି ଏବଂ ଉପରୁ ତଳୁ କେବଳ ନୋଟ୍ ମାଳ ନଜର ଆସୁଛି। ଅବଶ୍ୟ ପ୍ରଥମେ ଏହାକୁ ଗଣିଲେ ହଜାର ଟଙ୍କା ମଧ୍ୟରେ ରହିବ ବୋଲି କୁହାଯାଉଥିଲା। ଯେତେବେଳେ ଟଙ୍କା ମାଳକୁ ଗଣାଗଲା, ସମୁଦାୟ ଟଙ୍କା ୨୦ ଲକ୍ଷ ବୋଲି ଜଣାପଡ଼ିଲା। ସେଇଠୁ ବର ବେକରେ ପଡ଼ିଥିବା ଏତେ ଲକ୍ଷର ଟଙ୍କା ମାଳ ଦେଖିବା ପାଇଁ ଆଖପାଖ ଗାଁରୁ ଲୋକେ ଆସି ପହଞ୍ଚି ଥିଲେ। ଅନ୍ୟପଟେ ଏହା କେଉଁ ସ୍ଥାନର ଯଦିଓ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ, ତଥାପ ଏହି ଘଟଣା ହରିଆଣାର କୁରେଶୀପୁର ଗାଁର ବୋଲି କୁହାଯାଉଛି।

# କାଳହେଲା ଗାଲ ସର୍ଜରୀ

# ଚାରିବର୍ଷ ବନ୍ଦ ହେଲାନି ଆଖି



ସମାଜରେ ଏମିତି ଅନେକ ଲୋକ ଅଛନ୍ତି, ଯେଉଁମାନେ ସୁନ୍ଦର ଦିଶିବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀ କରାଇଥାନ୍ତି। ଅନେକ ସର୍ଜରୀ ସଫଳ ହେଉଥିବାବେଳେ କିଛି ଜଣଙ୍କ କ୍ଷେତ୍ରରେ ଏହା ସମସ୍ୟା ସୃଷ୍ଟି କରେ। ସମୟକ୍ରମେ ଏହି ସମସ୍ୟା ଏମିତି ଜଟିଳ ହୋଇଯାଏ, ଯେ ଏହା ଜଣେ ବ୍ୟକ୍ତିଙ୍କ ଜୀବନ ଜିଇଁବାରେ ବାଧକ ସାଜିଥାଏ। ଏମିତି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ଇଂଲଣ୍ଡ, ବର୍ମିଂହାମ୍ ସହରରେ ରହୁଥିବା ଅବସରପ୍ରାପ୍ତ ବ୍ୟକ୍ତି ପିଟ୍ ବ୍ରଡହର୍ଷ୍ଟ (୮୧)। ଫୁଲିଲା ଗାଲ ବା 'ହମ୍ପଷ୍ଟର ଗାଲ'କୁ ସଜାଡିବାକୁ ପାଇଁ ସେ ଏପରି ଭୟାନକ ସର୍ଜରୀ କରାଇଥିଲେ ଯେ, ଏଥିପାଇଁ ଦୀର୍ଘ ଚାରି ବର୍ଷ ନିଜ ଆଖିକୁ ସେ ବନ୍ଦ କରିପାରୁନଥିଲେ। ଏହି କାରଣରୁ ତାଙ୍କ ଜୀବନ ସଜାଡି ହେବା ବଦଳରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଚାରି ବର୍ଷ ଧରି ଖୋଲାରହିଥିବା ଆଖିର ଚିକିତ୍ସା ପାଇଁ ସେ ନିଜର ପୂରା ପେନ୍‌ସନ୍ ଖର୍ଚ୍ଚ କରିଦେଇଥିଲେ। ୧୯୫୯ରେ ଦାନ୍ତ ସମସ୍ୟା ଯୋଗୁଁ ଗାଲ ବହୁତ ବଡ଼ ହୋଇଥିଲା। ଏହି କାରଣରୁ ଜଣେ ଯୁବତୀଙ୍କ ସହ ତାଙ୍କର ସମ୍ପର୍କ ମଧ୍ୟ ଭାଙ୍ଗିଯାଇଥିଲା। ଏହାକୁ ଦୃଷ୍ଟି ଦେଲେ, ୨୦୧୮ ମସିହାରେ ହସ୍‌ପିଟାଲାରେ ଗାଲକୁ ଛୋଟ କରିବା ପାଇଁ ସେ ୧୧ଲକ୍ଷ ଟଙ୍କା ଖର୍ଚ୍ଚ କରି ଗଲା, ଆଖି ତଳର ସ୍ୱତନ୍ତ୍ର ଚିକିତ୍ସା କରିଥିଲେ। କିନ୍ତୁ ସର୍ଜରୀ ପରେ ପରେ ତାଙ୍କର ଚକ୍ଷୁ ସମସ୍ୟା ଦେଖାଦେଇଥିଲା। ଆଖି ଜଳାପୋଡ଼ା ହେବା ପରି ଲାଗିଲା। ଯଦିଓ ଆଖି ସମସ୍ୟା ରହିବନି ବୋଲି ଡାକ୍ତର କହିଥିଲେ, କିନ୍ତୁ ସେମିତି ଆଦୌ ହୋଇନଥିଲା। ଶୋଇବା ସମୟରେ ମଧ୍ୟ ତାଙ୍କ ଆଖି ବନ୍ଦ ହେଉନଥିଲା। ଏଥିପାଇଁ ସେ ଅନେକ ସର୍ଜରୀ କରାଇଛନ୍ତି। ଚଳିତ ବର୍ଷ ଜୁଲାଇ ମାସରେ ସେ ଥାଇଲାଣ୍ଡରେ ସର୍ଜରୀ କରାଇବା ପରେ ଏବେ ତାଙ୍କର ଆଖି ଭଲ ଭାବେ ବନ୍ଦ ହୋଇପାରୁଛି।

# ନିଷିଦ୍ଧ ଦ୍ୱୀପ

ଦୁନିଆରେ ବହୁ ରହସ୍ୟମୟ ସ୍ଥାନ ରହିଛି। ସେଥିମଧ୍ୟରୁ କିଛି ସୁରକ୍ଷିତ ସ୍ଥାନ ଥିବାବେଳେ କିଛି ବିପଦପୂର୍ଣ୍ଣ। ଯେଉଁ ସ୍ଥାନକୁ ଯିବାପାଇଁ ଲୋକମାନଙ୍କୁ ବାରଣ କରାଯାଇଥାଏ। ନିକଟରେ ଏପରି ଏକ ସ୍ଥାନ ଥିବା ଜଣାପଡ଼ିଛି, ଯେଉଁଠାରେ ମୃତ ଶ୍ରମିକମାନଙ୍କ ଆତ୍ମା ଘୂରିବୁଲୁଥିବା କୁହାଯାଉଛି। ଏହି ସ୍ଥାନ ଜାପାନରେ ରହିଛି। ଜାପାନର ହାସିମା ଦ୍ୱୀପକୁ 'ବିପଦପୂର୍ଣ୍ଣ ଦ୍ୱୀପ' ବୋଲି କୁହାଯାଏ। ଯାହା ନାଗାସାକି ସହରରୁ ହାରାହାରି ୧୫କିଲୋମିଟର ଦୂରରେ ଅବସ୍ଥିତ। ଏହା ଏକ ଛୋଟ ନିଛାଟିଆ ଦ୍ୱୀପ। ଏହି ଦ୍ୱୀପ ନିଜ ମଧ୍ୟରେ ଦାସତ୍ୱର ଭୟଙ୍କର ଅତୀତ ବହନ କରିଛି। କୁହାଯାଏ, ଏଠାରେ ଅତୀତରେ ୧୩୦୦ ରୁ ଅଧିକ ନିର୍ଯାତିତ ଶ୍ରମିକ ଏବଂ ଯୁଦ୍ଧବନ୍ଦୀମାନଙ୍କ ଶବକୁ ପୋତାଯାଇଥିଲା। ପରବର୍ତ୍ତୀ ସମୟରେ ସେହି ଶ୍ରମିକମାନଙ୍କର ଅତୃପ୍ତ ଆତ୍ମା ଏହି ଦ୍ୱୀପରେ ଘୂରିବୁଲୁଛି। ୪୦ବର୍ଷ ଧରି ଏହି ଦ୍ୱୀପ ଖାଲି ପଡ଼ିଛି। ଏହାର ୯୫ପ୍ରତିଶତ ସ୍ଥାନରେ ଲୋମାନଙ୍କ ପ୍ରବେଶକୁ ନିଷେଧ କରାଯାଇଛି। ତଥ୍ୟାନୁଯାୟୀ ଏହି ଦ୍ୱୀପ ୧୬ଏକର ଜମିରେ ନିର୍ମାଣ ହୋଇଛି। ଯାହାକୁ 'ଗୁନ୍କାଞ୍ଜିମା' ବୋଲି କୁହାଯାଏ। ଏହି ଦ୍ୱୀପର ଆକାର ଅନୁଯାୟୀ ହୋଇଥିବାରୁ ଏହାକୁ 'ଯୁଦ୍ଧଜାହାଜ ଦ୍ୱୀପ' ବୋଲି ମଧ୍ୟ କୁହାଯାଇଥାଏ। ଏହା ସମ୍ପୂର୍ଣ୍ଣ ଜନାକୀର୍ଣ୍ଣ କଂକ୍ରିଟ୍ ସହର ଅଟେ। ୧୮୮୭ ମସିହାରେ କୋଇଲା ସମ୍ବଳର ସନ୍ଧାନ ପରେ ମିତ୍ସୁବିସି ଏହି ହାସିମା ଦ୍ୱୀପ କିଣିଥିଲେ। ଏଠାରେ ସମୁଦ୍ର ଗର୍ଭରୁ କୋଇଲା ଖନନ କରିବାପାଇଁ ବହୁ ସଂଖ୍ୟାରେ ଶ୍ରମିକଙ୍କର ଆବଶ୍ୟକ ହେଉଥିଲା। ତେଣୁ ଏଠାରେ ବଡ଼ ବଡ଼ ଅଟାଳିକାମାନ ତିଆରି କରାଯାଇଥିଲା। ଜାପାନରେ ପ୍ରଥମଥର ପାଇଁ ଏହି ମଜଭୁତ କଂକ୍ରିଟ୍ ଅଟାଳିକା ୧୯୧୬ ମସିହାରେ ନିର୍ମାଣ କରାଯାଇଥିଲା। ଯେଉଁଥିରେ ଖଣି ଶ୍ରମିକମାନଙ୍କ ପାଇଁ ସାତମହଲା ବିଶିଷ୍ଟ ଅଟ୍ଟାଳିକା ରହିଥିଲା। ପରେ ସେଠାରେ ସ୍କୁଲ୍, ଡାକ୍ତରଖାନା ଆଦି ଖୋଲାଯାଇଥିଲା। ଏକ ସମୟରେ ଏହି ଦ୍ୱୀପରେ ୫୩୦୦ଲୋକ ବାସ କରୁଥିଲେ।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟିରେ ମିଶ୍ରିତ ଫଳ ମିଳିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ମନ ପ୍ରସନ୍ନ ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭ ଫଳ ମିଳିବ। ଘରେ ପୂଜାପାଠ ଆୟୋଜନ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ରହିବ।

**ମିଥୁନ:** ଅବିବାହିତଙ୍କ ବିବାହ ସ୍ଥିର ହେବ। ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। କୌଣସି ଇଚ୍ଛା ପୂରଣ ହେବ। ମାଆ-ବାପାଙ୍କ ସହ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ବ୍ୟବସାୟକୁ ନେଇ ନୂଆ ଯୋଜନା କରିବେ। ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଧାର୍ମିକ ସ୍ଥାନକୁ ଯିବାର ଯୋଜନା କରିବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ। ବ୍ୟବସାୟରେ ପରିବର୍ତ୍ତନ ଆସିବ।

**ତୁଳା:** ଚାକିରିରେ ବଦଳି ସମ୍ଭାବନା ଅଛି। ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** କାମରେ ଧୈର୍ଯ୍ୟର ଅଭାବ ରହିବ। ଆଇଟି ଓ ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟରେ ସୁଧାର ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଅନ୍‌ଲାଇନ୍ କାର୍ଯ୍ୟରୁ ଲାଭ ମିଳିବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ଅଯଥା ଖର୍ଚ୍ଚ ବଢ଼ିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଆସିବ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ।

**କୁମ୍ଭ:** ଦିନଟି ବ୍ୟସ୍ତତା ଭିତରେ ଅତିବାହିତ ହେବ। ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ସହକର୍ମୀଙ୍କ ସହଯୋଗରେ ଅଫିସ୍ କାର୍ଯ୍ୟ ପୂରା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ଦିନ କାଟିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।



# ଗାଡ଼ିରେ ରଖନ୍ତୁ ଏହି ଜିନିଷ

**ନକାରାତ୍ମକ ଶକ୍ତି ଓ ଅଶୁଭ ପ୍ରଭାବରୁ ଦୂରେଇ ରହିବା ପାଇଁ ଯାନବାହନର ବାସ୍ତୁ ଉପରେ ମଧ୍ୟ ବିଶେଷ ଦୃଷ୍ଟି ଦେବା ଆବଶ୍ୟକ। ତେବେ ଗାଡ଼ିରେ କେଉଁ ସବୁ ଜିନିଷ ରଖିଲେ ସକାରାତ୍ମକ ଶକ୍ତି ବୃଦ୍ଧି ପାଏ, ଜାଣିବା ସେ ସମ୍ପର୍କରେ...**

- ବାସ୍ତୁ ଅନୁସାରେ, ଗାଡ଼ିରେ ସକାରାତ୍ମକ ଶକ୍ତି ବୃଦ୍ଧି କରିବା ପାଇଁ ଗାଡ଼ିର ଡ୍ୟାସ୍‌ବୋର୍ଡରେ ଗଣେଶ, ଦୁର୍ଗା ଓ ଶିବଙ୍କ ପ୍ରତିମା ରଖିବା ଜରୁରି।
- ନକାରାତ୍ମକ ଶକ୍ତି ଦୂର କରିବା ପାଇଁ ଗାଡ଼ିରେ କଳା କଇଁଛ ରଖିବା ଶୁଭ।
- ସେହିପରି ପାଣି ବୋତଲ ଗାଡ଼ିରେ ରଖିବା ଦ୍ୱାରା ମନ ନିର୍ମଳ ରହେ।
- ଗାଡ଼ିରେ ମୟୂର ପୁଚ୍ଛ, ଶିବଙ୍କ ଡମ୍ବରୁ ଏବଂ ଦୁର୍ଗା ମା'ଙ୍କ ଓଢ଼ଣି ରଖିବା ଶୁଭଦାୟକ। ଏହା ଦ୍ୱାରା ଜୀବନର ସମସ୍ତ ବାଧା ଦୂର ହୋଇଥାଏ।

## ଆଜିର ଇତିହାସ

- ୧୭୭୫: ସାର୍ ଜେମ୍ସ ଜେଙ୍କ ଦ୍ୱାରା ଅଦୃଶ୍ୟ ସ୍ୟାହିର ଆବିଷ୍କାର।
- ୧୮୯୯- ସ୍ପେନ୍‌ରେ ବାର୍ସେଲୋନା ଫୁଟବଲ୍ କ୍ଲବ୍ ଗଠିତ।
- ୧୯୬୧- ରୁଷୀୟ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କ ଭାରତ ଆଗମନ।
- ୧୯୮୯- ତତ୍କାଳୀନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଇସ୍ତଫା।
- ୨୦୦୮ - ୬୦ ଘଣ୍ଟାର କମାଣ୍ଡୋ ଅପରେସନ୍ ପରେ ମୁମ୍ବାଇ ଆତଙ୍କବାଦୀଙ୍କ କବଳରୁ ମୁକ୍ତ।
- ୨୦୧୧- ଅହମିୟା ଲେଖିକା ତଥା ଜ୍ଞାନପୀଠ ପୁରସ୍କାର ବିଜେତା ଇନ୍ଦିରା ଗୋସ୍ୱାମୀଙ୍କ ପରଲୋକ।

■ ସାପ ଜରିଆରେ ମାଆ-ଝିଅଙ୍କୁ ହତ୍ୟା ଘଟଣା

# ସ୍ନେକ୍ ହେଲ୍ପଲାଇନ୍‌ର ଦୁଇ ସଦସ୍ୟଙ୍କ ବୟାନ ରେକର୍ଡ

**ବ୍ରହ୍ମପୁର,୨୮ ।୧୧(ସମିସ):** ସାପ ଜରିଆରେ ମା'-ଝିଅକୁ ହତ୍ୟା ମାମଲାରେ କବିସୂର୍ଯ୍ୟନଗର ଜେଏମ୍ଏଫ୍‌ସି କୋର୍ଟରେ ମଙ୍ଗଳବାର ସ୍ନେକ୍-ହେଲ୍ପଲାଇନ୍‌ର ଦୁଇ ସଦସ୍ୟଙ୍କ ବୟାନ ରେକର୍ଡ ହୋଇଛି। ସେମାନେ ହେଲେ, ସ୍ନେକ୍ ହେଲ୍ପ-ଲାଇନ୍‌ର ଦକ୍ଷିଣ ଓଡ଼ିଶା ସଂଯୋଜକ ସ୍ୱାଧୀନ କୁମାର ସାହୁ ଓ ନବଘନ ସ୍ୱାଇଁ।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୭ ତାରିଖରେ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅଢ଼େଇବର ଗାଁରେ ଗଣେଶ ପାତ୍ରଙ୍କ ସ୍ତ୍ରୀ ବାସନ୍ତୀ ଓ ୨ ବର୍ଷର ଝିଅର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ହେଲେ ଏହି ଘଟଣାକୁ ନେଇ ସମସ୍ତଙ୍କର ସନ୍ଦେହ ରହିଥିଲା। ଘଟଣାର ୫ ଦିନ ପରେ ଅର୍ଥାତ୍ ୧୨ ତାରିଖ ଦିନ ବାସନ୍ତୀଙ୍କ ବାପା ଖଲିପାତ୍ର ଅଭିଯୋଗ କରିଥିଲେ ଯେ ତାଙ୍କ ଝିଅ ଓ ନାତୁଣୀକୁ ତାଙ୍କ ଜ୍ୱାଇଁ ଗଣେଶ ପାତ୍ର ହତ୍ୟା କରିଛି। ଅଭିଯୋଗକୁ ଆଧାର କରି ପୁଲିସ ଗଣେଶଙ୍କୁ ଜେରା କରିବାରୁ ସେ ସତ ଉଗାରି ପକାଇଥିଲେ। ଦୁହିଁଙ୍କ ଦାମ୍ପତ୍ୟ ଜୀବନରେ ଫାଟ ଥିଲା ଏବଂ ଅନ୍ୟ ଜଣେ ପୁରୁଷଙ୍କ ସହ ବାସନ୍ତୀଙ୍କ ସମ୍ପର୍କ ଥିଲା ବୋଲି ଗଣେଶ ସନ୍ଦେହ କରୁଥିଲେ। ତେଣୁ ସବୁଦିନ ପାଇଁ ସେ ବାସନ୍ତୀଙ୍କୁ ରାସ୍ତାରୁ ହଟାଇଦେବା ପାଇଁ ଯୋଜନା କରିଥିଲେ। ଯୋଜନାନୁଯାୟୀ, ପୋଲସରାର ଜଣେ ସାପୁଆଙ୍କଠାରୁ ଏକ ବିଷଧର ସାପ ଆଣି ସ୍ତ୍ରୀ ଓ ୨ବର୍ଷର ଝିଅ ଶୋଇଥିବା ସ୍ଥାନରେ ଛାଡ଼ି ଦେଇଥିଲେ। ସାପ ଦଂଶନରେ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଦୁହିଁଙ୍କ ମୃତ୍ୟୁ ପରେ କାଳେ କାହାରି ସନ୍ଦେହ ହେବ, ତେଣୁ ସାପକୁ ବାଡ଼େଇ ମାରି ଦେଇଥିଲେ। ଏହା ଏକ ସୁପରିକଳ୍ପିତ ହତ୍ୟା ବୋଲି ଜଣାପଡ଼ିବା ପରେ ପୁଲିସ ଗଣେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଆପରାଧିକ ଘଟଣାରେ ସାପକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଇଛି। ସାପଧରାଳି ଟଙ୍କା ଲୋଭରେ ସାପକୁ ଅପରାଧରେ ନିୟୋଜିତ କରୁଛନ୍ତି।

ଆଣ୍ଡାମାନରେ ଘନୀଭୂତ ହେଉଛି ଲଘୁଚାପ

# ୩ରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ବର୍ଷା

**ଭୁବନେଶ୍ୱର, ୨୮ ।୧୧ (ସମିସ):** ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଘନୀଭୂତ ହେବାରେ ଲାଗିଛି। ଲଘୁଚାପ କେନ୍ଦ୍ରସ୍ଥଳରେ ବର୍ତ୍ତମାନ ମେଘଖଣ୍ଡ ଏକତ୍ରିତ ହୋଇ ଚାଲିଛି। ଏହି ଲଘୁଚାପ ଶକ୍ତିଶାଳୀ ହୋଇ ୩୦ତାରିଖ ସୁଦ୍ଧା ଅବପାତରେ ପରିଣତ ହେବ। ପରବର୍ତ୍ତୀ ୪୮ଘଣ୍ଟା ମଧ୍ୟରେ ଏହା ବାତ୍ୟାର ରୂପ ନେବ। ବାତ୍ୟାର ଗତିପଥ ଓ ଏହାର ତୀବ୍ରତା ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଏଯାବତ୍ କୌଣସି ସୂଚନା ଦିଆଯାଇ ନଥିଲେ ହେଁ ଏହାର ପ୍ରଭାବ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ ଓଡ଼ିଶାରେ ଅଧିକ ଅନୁଭୂତ ହେବ ବିଭିନ୍ନ ମଡେଲ୍ ଆକଳନ କରୁଛନ୍ତି। ତେବେ ଅବପାତ ସୃଷ୍ଟି ହେବା ପରେ ଆଇଏମ୍‌ଡି ଏହାର ଚିତ୍ର ଅଧିକ ସ୍ପଷ୍ଟ କରିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ବାତ୍ୟାକୁ ନେଇ ପ୍ରାରମ୍ଭିକ ଚେତାବନୀ ମଧ୍ୟ ଜାରି ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୩ ତାରିଖରେ ବାତ୍ୟା ଯୋଗୁଁ ଓଡ଼ିଶାର ଉପକୂଳବର୍ତ୍ତୀ କିଛି ଜିଲ୍ଲାରେ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। ୩ ତାରିଖରେ ଦକ୍ଷିଣ ଓଡ଼ିଶାର କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ପୁରୀ ଓ ଜଗତ୍‌ସିଂହପୁରର କିଛି

- ■ ୧ରୁ ସମୁଦ୍ର ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ
- ■ ୭ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ଏସ୍ଆରସି
- ■ ୩ରେ ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରଭାବ

କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ଆଶଙ୍କା ରହିଛି। ସେହିପରି ୪ ତାରିଖରେ ଏହାର ପ୍ରଭାବ ବୃଦ୍ଧି ପାଇବା ସହ ରାଜ୍ୟର ସମସ୍ତ ଉପକୂଳବର୍ତ୍ତୀ ଜିଲ୍ଲା ଯଥା ଗଞ୍ଜାମ, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭଦ୍ରକ, ପୁରୀ, ଖୋର୍ଦ୍ଧା, କନ୍ଧମାଳ, ଗଜପତି ଓ ରାୟଗଡ଼ା ଜିଲ୍ଲାରେ ବର୍ଷା ଆଶଙ୍କା ଥିବା ପାଣିପାଗ କେନ୍ଦ୍ର କହିଛି। ସମ୍ଭାବ୍ୟ ବାତ୍ୟା ଯୋଗୁଁ ସମୁଦ୍ର ଧୀରେଧୀରେ ଅଶାନ୍ତ ହେବାରେ ଲାଗିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୧ତାରିଖରୁ କେନ୍ଦ୍ରୀୟ ବଙ୍ଗୋପସାଗର ସଂଲଗ୍ନ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ପବନର ଘଣ୍ଟା ପ୍ରତି ବେଗ ୪୦-୫୦ କିମି ରହିବ। ଏହାର ଝଟ୍‌କା ୬୦କିମି ପହଞ୍ଚିବ। ୨ରେ ଏହା ବଢ଼ି ଘଣ୍ଟା ପ୍ରତି ୫୦-୬୦ ଓ ଝଟ୍‌କା ପବନ ୭୦ କିମି ଛୁଇଁବ। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୧ ତାରିଖରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଆଧାରରେ ଏସ୍ଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ଉପକୂଳବର୍ତ୍ତୀ ୬ ଜିଲ୍ଲାର ଜିଲ୍ଲାପାଳଙ୍କ ସମେତ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ କରାଯାଇଛି। ମତ୍ସ୍ୟଜୀବୀମାନେ ଯେପରି ୧ ତାରିଖ ପରେ ସମୁଦ୍ର ମଧ୍ୟକୁ ନଯିବେ ଓ ଯେଉଁମାନେ ସମୁଦ୍ର ମଧ୍ୟରେ ଅଛନ୍ତି, ସେମାନଙ୍କୁ ୧ ତାରିଖ ସୁଦ୍ଧା କୂଳକୁ ଫେରାଇ ଆଣିବାକୁ ସୁନିଶ୍ଚିତ କରିବାକୁ କୁହାଯାଇଛି। ସୂଚନାଥାଉ କି, ଆଣ୍ଡାମାନ ସାଗରରେ ଥିବା ଲଘୁଚାପ ପଶ୍ଚିମ ଉତ୍ତର ପଶ୍ଚିମ ଦିଗରେ ଗତି କରି ୩୦ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ। ପରେ ଏହା ଦିଗ ପରିବର୍ତ୍ତନ କରି ଉତ୍ତର ଦିଗରେ ଗତି କରିବ। ଏହାର ପରବର୍ତ୍ତୀ ୪୮ ଘଣ୍ଟାରେ ଦକ୍ଷିଣ ପଶ୍ଚିମ ସଂଲଗ୍ନ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ଏକ ବାତ୍ୟାରେ ପରିଣତ ହେବ।

ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଘଟଣା

# ୭ ଜଣଙ୍କୁ ଆଜୀବନ କାରାଦଣ୍ଡ

**କେନ୍ଦୁଝର, ୨୮।୧୧ (ସମିସ):** ସଦର ଥାନା ଅଞ୍ଚଳରେ ୨୦୧୯ମସିହାରେ ଘଟିଥିବା ଗୁଣିଗାରେଡ଼ି ସନ୍ଦେହରେ ଜଣେ ବୃଦ୍ଧଙ୍କୁ ହତ୍ୟା ମାମଲାର ବିଚାର କରି କେନ୍ଦୁଝର ଅତିରିକ୍ତ ଜିଲ୍ଲା ଦୌରାଜଜ୍ କୋର୍ଟ ମଙ୍ଗଳବାର ୭ଜଣ ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ, ସେଣ୍ଡକାପ ଗ୍ରାମର ରବୀନ୍ଦ୍ର ମୁଣ୍ଡା, ନରହରି ମୁଣ୍ଡା, ବଳଭଦ୍ର ମୁଣ୍ଡା, ବୈଶାଖୁ ମୁଣ୍ଡା, ଚେମା ମୁଣ୍ଡା, ଟୁରା ମୁଣ୍ଡା ଓ ଟିମା ମୁଣ୍ଡା। ପୁଲିସ ତଦନ୍ତ ଓ ୧୩ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ମମିତା ଦାଶ ଆଜି ଏହି ରାୟ ଶୁଣାଇଛନ୍ତି। ପ୍ରତ୍ୟେକଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦାୟ ହେଲେ, ଅଧିକ ୬ ମାସ ଲେଖାଁଏ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ମାମଲାର ବିବରଣୀରୁ ପ୍ରକାଶ, ଗୁଣିଗାରେଡ଼ି କରୁଥିବା ସନ୍ଦେହରେ ଗ୍ରାମର ଦୀନବନ୍ଧୁ ମୁଣ୍ଡା(୬୫)ଙ୍କୁ ଆସାମୀମାନେ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ୨୦୧୯ଏପ୍ରିଲ୍ ୧୪ ତାରିଖରେ ଏହି ଆପରାଧିକ ଘଟଣା ଘଟିଥିଲା। ଅଭିଯୁକ୍ତମାନେ ଦୀନବନ୍ଧୁଙ୍କୁ ଗାଁ ଅଙ୍ଗନବାଡ଼ି କେନ୍ଦ୍ରକୁ ଡାକି ହତ୍ୟା କରିଥିଲେ। ମୃତକଙ୍କ ବୋହୂ ଏ ସଂପର୍କରେ ସଦର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏଡିଜେ କୋର୍ଟର ଏପିପି ପ୍ରଫୁଲ୍ଲ କୁମାର ପାତ୍ର ମାମଲା ପରିଚାଳନା କରୁଥିଲେ।

ଉତ୍ତରକାଶୀ ଟନେଲରୁ ଉଦ୍ଧାର ହେଲେ ୫ ଓଡ଼ିଆ ଶ୍ରମିକ

# ଗାଁରେ ଖୁସିର ମାହୋଲ

**ବାରିପଦା/ଭଦ୍ରକ/ବାସୁଦେବପୁର/ଡାବୁଗାଁ, ୨୮ ।୧୧(ସମିସ):** ଉତ୍ତରାଖଣ୍ଡ ଉତ୍ତରକାଶୀରେ ନିର୍ମାଣାଧୀନ ଟନେଲ୍ ଭୁଶୁଡ଼ି ଗତ ୧୭ ଦିନ ଧରି ଫସି ରହିଥିବା ୪୧ ଶ୍ରମିକ ଆଜି ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ଏହି ୪୧ ଶ୍ରମିକଙ୍କ ମଧ୍ୟରେ ଓଡ଼ିଶାର ୫ଜଣ ଶ୍ରମିକ ରହିଥିଲେ। ସେମାନଙ୍କ ମଧ୍ୟରେ ମୟୂରଭଞ୍ଜର ସର୍ବାଧିକ ୩ଜଣ ରହିଥିବା ବେଳେ ଭଦ୍ରକ ଓ ନବରଙ୍ଗପୁରରୁ ଜଣେ ଲେଖାଏଁ ଶ୍ରମିକ ରହିଥିଲେ। ସେମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବେଢ଼ାକୁଦରର ଧୀରେନ ନାଏକ, ଯୋଗୀବନ୍ଧର ବିଶେଶ୍ୱର ନାଏକ, ତିରିଂ ଥାନା ଅନ୍ତର୍ଗତ କୁଳଦିଆ ବଡକେଡମର ରାଜୁ ନାଏକ, ଭଦ୍ରକ ବାସୁଦେବପୁର ବ୍ଲକ୍ ଚାଳିଶଚେନ୍‌ର ତପନ ମଣ୍ଡଳ ଏବଂ ନବରଙ୍ଗପୁର ଡାବୁଗାଁ ବ୍ଲକ୍ ତାଳବେଢ଼ାର ଭଗବାନ ଭତ୍ରା। ଏହି ଖବର ପ୍ରଚାରିତ ହେବା ପରେ ଆଜି ଶ୍ରମିକଙ୍କ ପରିବାର, ଗାଁ ଓ ଆଖପାଖ ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି। କିଏ ବାଜା ବଜାଇ ତ କିଏ ବାଣ ଫୁଟାଇ ଖୁସି ମନାଇଛନ୍ତି। ସେହିପରି ୧୭ ଦିନ ପରେ ପୁଅ ଉଦ୍ଧାର ହୋଇଥିବାରୁ ମୁହଁ ଦେଖିବା ପାଇଁ ପରିବାରବର୍ଗ ଭିଡିଓ କଲ୍ କରି ତା' ଦେହପା' ବିଷୟରେ ପଚାରି ବୁଝିଛନ୍ତି।

ଆଜି ତପନ ଟନେଲରୁ ଉଦ୍ଧାର ହେବା ନେଇ ଖବର ପାଇବା ପରେ ପରିବାର ଲୋକ ଖୁସିରେ ଆତ୍ମହରା ହୋଇଯାଇଥିଲେ। ଉଦ୍ଧାର ହେବା ପରେ ତାଙ୍କ ପରିବାର ଲୋକେ ଭିଡିଓ କଲ୍ କରି ତପନକୁ ଦେଖିଛନ୍ତି। ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଚାଳିଶଚେନ୍ ଗାଁକୁ ଯାଇ ତପନଙ୍କ ପରିବାରବର୍ଗଙ୍କୁ ଭେଟିଛନ୍ତି। ଗାଁରେ ତପନଙ୍କ ଘରେ ଶହଶହ ଲୋକେ ରୁଣ୍ଡ ହୋଇ ଖୁସିବ୍ୟକ୍ତ କରିଛନ୍ତି। ତପନଙ୍କ ବାପା ମଣ୍ଟୁଲାଲ ମଣ୍ଡଳ ଓ ମାଆ ଗୌରୀ ମଣ୍ଡଳ ପୁଅ ଉଦ୍ଧାର ପରେ ଭଗବାନ ଆମ ଡାକ ଶୁଣିଛନ୍ତି ବୋଲି କହି କାନ୍ଦି ପକାଇଥିଲେ।

ସୂଚନାଯୋଗ୍ୟ, ଏହି ଶ୍ରମିକମାନେ ୧୭ ଦିନ ସୁଡ଼ଙ୍ଗରେ ରହିଥିବା ବେଳେ ସେମାନଙ୍କ ପରିବାର ଓ ଆତ୍ମୀୟସ୍ୱଜନ ଆଶା ଆଶଙ୍କାରେ ଥିଲେ। ଏପରିକି ସେମାନଙ୍କ ଘରେ ଚୁଲି ଜଳିବା ବନ୍ଦ ହୋଇଯାଇଥିଲା। ଯିଏ ଯେତେ ଆଶ୍ୱାସନା ଦେଲେ ମଧ୍ୟ ସେମାନଙ୍କ ମନୋବଳ ମରିଯାଇଥିଲା।

# ପୁଣି ଗୋଟିଏ ଗାଈକୁ ମାରି ଖାଇଲା ମହାବଳ

**ପାରଳାଖେମୁଣ୍ଡି/ରା.ଉଦୟଗିରି, ୨୮ ।୧୧(ସମିସ):** ସୁଦୂର ମହାରାଷ୍ଟ୍ରରୁ ଚାଲି ଆସିଥିବା ମହାବଳ ବାଘଟି ଶନିବାର ପୁଣି ଗୋଟିଏ ଗାଈକୁ ମାରି ଖାଇଛି। ନୂଆଗଡ଼ ବ୍ଲକ୍ ଅନୁଗୁର ପଞ୍ଚାୟତ ଅନ୍ତର୍ଗତ ହୁଆମା ଗ୍ରାମର ତିମତି ଭୂୟାଁଙ୍କ ଗୋଟିଏ ଗାଈକୁ ଘୋଷାରି ନେଇ ମହାବଳଟି ଖାଇଥିବା ଜଣାଯାଇଛି। ଗତ କିଛି ଦିନ ତଳେ ବାଘର ବିକଟାଳ ଗର୍ଜନ ଶୁଣି ଆଖପାଖ ଲୋକମାନେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ସୋମବାର ସକାଳେ ରା.ଉଦୟଗିରି ବନାଞ୍ଚଳ ଅଧିକାରୀ ଉମାଶଙ୍କର ବିଷୋୟୀଙ୍କ ନେତୃତ୍ୱରେ ଦେବଗିରି ଓ ମହେନ୍ଦ୍ର ବନାଞ୍ଚଳର ଅଧିକାରୀ ଓ କର୍ମଚାରୀମାନେ ହୁଆମା ଗ୍ରାମ ନିକଟକୁ ଯାଇଥିଲେ। ସେଠାରେ ଛାନ୍‌ଭିନ୍ କରିବା ପରେ ମହାବଳର ପାଦଚିହ୍ନ ଓ ପାଖରେ ଏକ ଗାଈର କିଛି ଅଂଶବିଶେଷ ଦେଖିବାକୁ ମିଳିଥିଲା। ବନ ବିଭାଗର ସବିଶେଷ ସୂଚନାନୁଯାୟୀ, ଉକ୍ତ ମହାବଳଟି ସୋମବାର ରାତିରେ ନିକଟବର୍ତ୍ତୀ ରାୟଗଡ଼ା ବନଖଣ୍ଡ ଅନ୍ତର୍ଗତ ଗୁଡ଼ାରୀ ରେଞ୍ଜର କେନ୍ଦୁଗୁଡ଼ା ବିଟ୍ ଅଞ୍ଚଳରେ ବୁଲାବୁଲି



କରୁଥିଲା। ତେଣୁ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ସତର୍କ କରିଦିଆଯାଇଛି। ରା. ଉଦୟଗିରି, ନୂଆଗଡ଼ ଏବଂ ମୋହନା ବ୍ଲକ୍ ଅଞ୍ଚଳର ସମସ୍ତ ଗ୍ରାମବାସୀଙ୍କୁ ସତର୍କ ସୂଚନା ଦିଆଯାଇଛି। ସଂଧ୍ୟା ପରେ ପଦାକୁ ନ ବାହାରିବା ଏବଂ ଗାଈ ଓ ଅନ୍ୟ ଗୃହପାଳିତ ପଶୁଙ୍କୁ ଗୁହାଳରେ ରଖିବା ପାଇଁ ବନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ସୂଚନାଯୋଗ୍ୟ, ଏହି ମହାବଳ ବାଘଟି ପ୍ରାୟ ଦୁଇ ମାସ ହେଲା ମହାବଳ ଗଜପତି ଜିଲ୍ଲାର

- ● କେନ୍ଦୁଗୁଡ଼ା ବିଟ୍‌ରେ ବୁଲୁଛି
- ● ପାଦଚିହ୍ନ ଠାବ, ସତର୍କ କରାଇଲା ବନ ବିଭାଗ

ରାୟଗଡ଼, ଗୋଷାଣି, ଗୁମ୍ମା ଏବଂ ନୂଆଗଡ଼ ବ୍ଲକ ଅଞ୍ଚଳରେ ଘୂରି ବୁଲୁଛି। ପ୍ରଥମେ ସେ ରାୟଗଡ଼ ଏବଂ ଗୋଷାଣି ବ୍ଲକ ଅଞ୍ଚଳରେ ବୁଲାବୁଲି କରି ସୀମାନ୍ତ ଆନ୍ଧ୍ରପ୍ରଦେଶକୁ ପଳାଇଥିଲା। ମାସେ ପରେ ପୁଣି ସେ ଗୋଷାଣି ବ୍ଲକ ଏବଂ ରାୟଗଡ଼ ବ୍ଲକ୍‌କୁ ପ୍ରତ୍ୟାବର୍ତ୍ତନ କରିଛି। ସମ୍ଭବତଃ ସେ ବାସସ୍ଥାନ ଖୋଜୁଛି ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଯୁକ୍ତି ବାଢ଼ିଛନ୍ତି।

# ଧାନ ଜଗିବାକୁ ଯାଇଥିଲେ, ହାତୀ ଦଳିଦେଲା

**କାମାକ୍ଷାନଗର, ୨୮ ।୧୧(ସମିସ):** କଙ୍କଡ଼ାହାଡ଼ ବ୍ଲକ୍ ମହାବିରୋଡ ବନାଞ୍ଚଳ ଅନ୍ତର୍ଗତ ଗଡ଼ପଳାଶୁଣି ପଞ୍ଚାୟତ ନାଗେଶ୍ୱର ଗାଁରେ ଗତକାଲି ବିଳମ୍ବିତ ରାତିରେ ହାତୀପଲଙ୍କ ଆକ୍ରମଣରେ ଜଣେ ଚାଷୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ, ନାଗେଶ୍ୱର ଗାଁର ଦୟାନିଧି ସିଂହ(୩୫)। ସୂଚନାନୁସାରେ, ଗତ କିଛି ଦିନ ହେଲା ସ୍ଥାନୀୟ ଅଞ୍ଚଳରେ ଏକ ହାତୀପଲ ଉପଦ୍ରବ ଚଳାଇଛନ୍ତି। ହାତୀ ଦାଉରୁ ଚାଷ ଜମିକୁ ସୁରକ୍ଷା ଦେବା ପାଇଁ କିଛି ଗ୍ରାମବାସୀଙ୍କ ସହ ନାଗେଶ୍ୱର ଯାଇଥିଲେ। ଏହି ସମୟରେ ଗାଁ ପାଖ ପୋଖରୀ ପାଖରେ ଏକ ହାତୀପଲ ସେମାନଙ୍କୁ ଗୋଡ଼ାଇଥିଲେ। ଅନ୍ୟମାନେ ଦୌଡ଼ି ପଳାଇଥିବା ବେଳେ ଦୟାନିଧି ଗୋଟିଏ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ପାଦରେ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୟାନିଧିଙ୍କ ମୃତ୍ୟୁ ପରେ ପରିବାର ଲୋକମାନେ ଭାଙ୍ଗି ପଡ଼ିଛନ୍ତି। ଘରେ ପତ୍ନୀ ରୀନାରାଣୀ ସିଂହ, ଦୁଇ ନାବାଳିକା ଝିଅ ଅଛନ୍ତି। ତେଣୁ ଉକ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହେଉଛି। ଖବର ପାଇ ମହାବିରୋଡ ରେଞ୍ଜ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମହାବିରୋଡ ଥାନା ଏଏସ୍ଆଇ ଶେଷଦେବ ଲେଙ୍କା ଦୟାନିଧିଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାଯାଇଛି। ଏ ସଂକ୍ରାନ୍ତରେ ମହାବିରୋଡ ରେଞ୍ଜ ଅଧିକାରୀ ହରେଶ ଚନ୍ଦ୍ର କିଷାନ କହିଛନ୍ତି, ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଦିଆଯିବ।

■ ନାବାଳିକାକୁ ଅପହରଣ ପରେ ଦୁଷ୍କର୍ମ

# ଦୋଷୀକୁ ୨୦ ବର୍ଷ ଜେଲ

**ବାରିପଦା, ୨୮ ।୧୧ (ସମିସ):** ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟ ଜଜ୍ ସୁମିତା ଜେନା ମଙ୍ଗଳବାର ଅଭିଯୁକ୍ତ ଚନ୍ଦନ ସିଂ(୨୫)କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଚନ୍ଦନକୁ ୧୩ ହଜାର ଟଙ୍କା ଜରିମାନା ଦେବାକୁ ରାୟରେ ଉଲ୍ଲେଖ ରହିଛି।



ଜରିମାନା ଅନାଦାୟ ହେଲେ, ଅଧିକ ୪ମାସ ଜେଲ୍ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ଅପରପକ୍ଷେ, ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସହାୟତା ବିଭାଗଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଆପରାଧିକ ଘଟଣା ୨୦୧୮ ଜୁନ୍‌ରେ ଘଟିଥିଲା। ଚନ୍ଦନର ଘର ବୈଶିଙ୍ଗା ଥାନା ଅନ୍ତର୍ଗତ ସାତପୋଉଟିଆ ଗ୍ରାମରେ। ଜଣେ ନାବାଳିକା ତା'ର ମାଉସୀଙ୍କ ଘରକୁ ବୁଲିବାକୁ ଆସିଥିବା ବେଳେ ଚନ୍ଦନ ତାକୁ ପାଖ ହାଟକୁ ବୁଲାଇନେବା ବାହାନାରେ ଅପହରଣ କରିନେଇଥିଲା। ସେ ନାବାଳିକାକୁ ବାଲେଶ୍ୱର ଜିଲ୍ଲା ରୁପ୍ସାସ୍ଥିତ ସମ୍ପର୍କୀୟ ଘରକୁ ନେଇଯିବା ସହ ସେଠାରେ ତାକୁ ଦୁଷ୍କର୍ମ କରିଥିଲା। ଅପରପକ୍ଷେ, ବହୁ ଖୋଜାଖୋଜି ପରେ ଝିଅକୁ ନ ପାଇବାରୁ ନାବାଳିକାର ପରିବାରଲୋକ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଚନ୍ଦନକୁ ଗିରଫ କରିଥିଲା। ପକ୍ସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ କୁମାର ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ବୈପାରୀଗୁଡ଼ା ଆଇଆଇସି ଗିରଫ

**ଭୁବନେଶ୍ୱର/ଜୟପୁର,୨୮ ।୧୧(ସମିସ):** ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କୋରାପୁଟ ବୈପାରୀଗୁଡ଼ା ଥାନା ଆଇଆଇସି ସୁଶାନ୍ତ ଶତପଥୀଙ୍କୁ ଭିଜିଲାନ୍ସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ଇନ୍ସପେକ୍ଟର୍ ଶ୍ରୀ ଶତପଥୀ ଗତକାଲି ବୈପାରୀଗୁଡ଼ାରୁ କଟକ ଆସୁଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ପିଛା ଜୟପୁରରୁ କାବୁ କରିଥିଲା। ବସ୍ ଭିତରେ ତାଙ୍କ ପାଖରୁ ନଗଦ ୨.୭୦ ଲକ୍ଷ ଟଙ୍କା ଜବତ କରିବା ପରେ ଭିଜିଲାନ୍ସ ଟିମ୍ ତାଙ୍କର ବିଭିନ୍ନ ସ୍ଥାନରେ ଚଢ଼ଉ କରି ଆଉ ନଗଦ ୩୭.୨୭ଲକ୍ଷ ଟଙ୍କା ଜବତ କରିଛି।

ଭିଜିଲାନ୍ସର ସୂଚନାନୁସାରେ, ଥାନାଧିକାରୀ ଶ୍ରୀ ଶତପଥୀଙ୍କ ସହ ଗଞ୍ଜେଇ ମାଫିଆଙ୍କ ଭଲ ସଂପର୍କ ଥିଲା। ସେମାନଙ୍କ ସହ ହାତ ମିଳାଇ ଶ୍ରୀ ଶତପଥୀ ପ୍ରଚୁର କଳାଧନ ରୋଜଗାର କରି ଆସୁଥିଲେ। ଏ ସଂପର୍କରେ ସୂଚନା ମିଳିବା ପରେ ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ପ୍ରକ୍ରିୟା ଆରମ୍ଭ କରିଦେଇଥିଲା। ଗତକାଲି ଏକ ବସ୍‌ରେ ସେ ନଗଦ ୨ ଲକ୍ଷ ୭୦ ହଜାର ଟଙ୍କା ଧରି କୋରାପୁଟରୁ କଟକ ଆସୁଥିବା ଭିଜିଲାନ୍ସ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା। ଭିଜିଲାନ୍ସ ଅଧିକାରୀମାନେ ଉକ୍ତ ବସ୍‌କୁ ପିଛା କରି ଜୟପୁରଠାରେ ଅଟକାଇବା ପରେ ଥାନାଧିକାରୀ ଶ୍ରୀ ଶତପଥୀଙ୍କୁ ଯାଞ୍ଚ କରିଥିଲେ। ତାଙ୍କ ପାଖରୁ ଭିଜିଲାନ୍ସକୁ ନଗଦ ୨ଲକ୍ଷ ୭୦ ହଜାର ଟଙ୍କା ମିଳିଥିଲା। ଏହି ସୂଚନା ପାଇବା ପରେ ଅନ୍ୟ ସ୍ଥାନରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସର ଟିମ୍‌ଗୁଡ଼ିକ ତାଙ୍କର କାର୍ଯ୍ୟାଳୟ, ସରକାରୀ କ୍ୱାର୍ଟର୍ସ ଓ କଟକସ୍ଥିତ ସରକାରୀ କ୍ୱାର୍ଟର୍ସରେ ଏକକାଳୀନ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ବୈପାରୀଗୁଡ଼ାସ୍ଥିତ ସରକାରୀ





କ୍ୱାର୍ଟର୍ସରୁ ୩ଲକ୍ଷ ଟଙ୍କା, ବୈପାରୀଗୁଡ଼ା ପୁଲିସ ଷ୍ଟେସନ୍‌ସ୍ଥିତ ଅଫିସ୍‌ରୁ ୧.୮୦ଲକ୍ଷ ଟଙ୍କା ଓ କଟକସ୍ଥିତ ସରକାରୀ କ୍ୱାର୍ଟର୍ସରୁ ୨୯.୭୭ଲକ୍ଷ ଟଙ୍କା ମିଳିଥିଲା। ଏହି ସେ ସବ୍-ଇନ୍ସପେକ୍ଟର ପାଇଁ ପରୀକ୍ଷା ଦେଇଥିଲେ। ସେଥିରେ ସୁଶାନ୍ତ ଉତ୍ତୀର୍ଣ୍ଣ ହୋଇଥିଲେ। ୨୦୦୮ ମସିହାରେ ପୁଲିସ ସବଇନ୍ସପେକ୍ଟର ପରୀକ୍ଷା ଦେଇ ଚାକିରି ଜିଲ୍ଲାର ସାଇବର ଥାନା ଦାୟିତ୍ୱରେ ରହିଥିଲେ। ୨୦୨୩ ଅଗଷ୍ଟରେ ତାଙ୍କୁ ବୈପାରୀଗୁଡ଼ା ଥାନା ଆଇଆଇସି ଭାବେ ବଦଳି କରାଯାଇଥିଲା। ତାଙ୍କ ନାମରେ ପୂର୍ବରୁ

- ● ଜବତ ହେଲାଣି ୩୭ ଲକ୍ଷ ୨୭ ହଜାର ଟଙ୍କା
- ● ଥାନା ଚାମ୍ବରରେ ରଖିଥିଲେ ୨୯ ଲକ୍ଷ ୭୭ ହଜାର ଟଙ୍କା
- ● କନଷ୍ଟେବଲରୁ ଥାନା ଅଧିକାରୀ ହୋଇଥିଲେ
- ● ୪ଥର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରେ ବି ସୁଧୁରିନଥିଲେ
- ● ଗଞ୍ଜେଇ ମାଫିଆଙ୍କ ସହ ସମ୍ପର୍କ ରଖି କଳାଧନ ରୋଜଗାର କରୁଥିଲେ

ସମସ୍ତ ନଗଦ ଅର୍ଥକୁ ମିଶାଇଲେ ମୋଟ ୩୭.୨୭କ୍ଷ ଟଙ୍କା ହେବ। ଜବତ ଟଙ୍କାର ହିସାବ ଭିଜିଲାନ୍ସ ଅଧିକାରୀମାନେ ମାଗିଥିଲେ ମଧ୍ୟ ସେ ଦେଇ ନପାରିବାରୁ ତାଙ୍କୁ ଗିରଫ କରାଯାଇଛି। ଭିଜିଲାନ୍ସ ପକ୍ଷରୁ କୋରାପୁଟ ଭିଜିଲାନ୍ସରେ ଗତକାଲି ଏକ ମାମଲା ରଜୁ କରାଯାଇ ଶତପଥୀଙ୍କୁ ଗିରଫ କରାଯାଇଛି।

ସୂଚନାଯୋଗ୍ୟ, ୧୯୯୯ ମସିହାରେ ସୁଶାନ୍ତ କନଷ୍ଟେବଳ ଭାବେ ଚାକିରି ଆରମ୍ଭ କରିଥିଲେ। ଦୀର୍ଘ ଦିନ ଧରି କନଷ୍ଟେବଳ ଭାବେ କାମ କରିବା ପରେ ସେ ୨୦୦୮ରେ ପାଇବା ପରେ ୨୦୦୮-୦୯ରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ପ୍ରଶିକ୍ଷଣ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇଥିଲେ। ୨୦୦୯ରୁ ୨୦୨୩ ମସିହା ଜୁଲାଇ ମାସ ମଧ୍ୟରେ ସେ କେନ୍ଦୁଝର ଜିଲ୍ଲାରେ ପୁଲିସ୍ ଏସ୍ଆଇ, ନରସିଂହପୁର ଥାନା, ତିଗିରିଆ ଥାନା, ଆଠଗଡ଼ ଥାନା, ମଙ୍ଗଳାବାଗ ଥାନା, ନାଉଗାଁ ଥାନା ଓ ରମାନଗୁଡ଼ା ଥାନାରେ ସବଇନ୍ସପେକ୍ଟର୍ ଭାବେ କାର୍ଯ୍ୟ କରିଥିଲେ। ଚଳିତବର୍ଷ ଜୁଲାଇ ମାସରେ ସେ ଇନ୍ସପେକ୍ଟର ପାହ୍ୟାକୁ ପଦୋନ୍ନତି ପାଇବା ପରେ କୋରାପୁଟ ୪ଥର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୨୦୧୨ ମସିହାରେ ବେଆଇନ କାରବାରରେ ଲିପ୍ତ ରହିବାରୁ ଜଗତସିଂହପୁର ଏସ୍‌ପି ତାଙ୍କୁ ବ୍ଲାକ୍-ମାର୍କ ଦେଇଥିଲେ। ୨୦୧୮ ମସିହାରେ ମଧ୍ୟ କଟକ ଏସ୍‌ପି ତାଙ୍କ ନାମରେ ପ୍ରୋସିଡିଂ କରିଥିଲେ। ସେହିଭଳି ୨୦୨୦ରେ ରାୟଗଡ଼ା ତାଙ୍କର ଏଭଳି କାମ ପାଇଁ ତାଙ୍କୁ ଚେତାବନୀ ଦେଇଥିଲେ। ୨୦୨୦ ଜାନୁୟାରୀ ୩୦ରେ ରାୟଗଡ଼ା ଏସ୍‌ପି ତାଙ୍କୁ ନିଲମ୍ବିତ କରିଥିଲେ। ଏତେ ସବୁ ପରେ ମଧ୍ୟ ସୁଶାନ୍ତ ଏଭଳି କଳାଧନ ଅର୍ଜନ କରିବାରେ ଲାଗି ପଡ଼ିଥିଲେ।

ମହିଳା ସଶକ୍ତୀକରଣରେ ସରକାରଙ୍କ ପ୍ରତିବଦ୍ଧତା

# ୮ ବର୍ଷରେ ଆର୍ଥିକ ସହାୟତା ୧୯ ଗୁଣ ବୃଦ୍ଧି

**ଭୁବନେଶ୍ୱର,୨୮ ।୧୧(ସମିସ):** ମହିଳା ସଶକ୍ତୀକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ରାଜ୍ୟରେ ସୃଷ୍ଟି କରିଛି ନୂଆ ବିପ୍ଳବ। ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ରାଜ୍ୟର ବିକାଶରେ ସେମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର କାର୍ଯ୍ୟକ୍ରମ 'ମିଶନ ଶକ୍ତି' ଏବେ ସଶକ୍ତ ଓ ସମୃଦ୍ଧ ହେବାରେ ଲାଗିଛି। ବିଭାଗୀୟ ସଚିବ ସୁଜାତା ରାଉତ ପାଣ୍ଡିଆନଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ଯୋଗୁଁ ବିଭାଗ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିବାକୁ ଯାଉଛି। ବିଗତ ୮ ବର୍ଷ ମଧ୍ୟରେ ମିଶନ ଶକ୍ତିକୁ ଆର୍ଥିକ ସହାୟତା ପ୍ରଦାନ ୧୯ ଗୁଣ ବୃଦ୍ଧି ପାଇଛି। କେବଳ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରବାହ ୧୫ ହଜାର କୋଟି ଅତିକ୍ରମ କରିବ ବୋଲି ସୂଚନା ମିଳିଛି। ଗତ ଆର୍ଥିକ ବର୍ଷରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୧୧୦୦୦ କୋଟି ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ମାତ୍ର ଚଳିତ ବର୍ଷ ଅଧିକ ୪୦୦୦ କୋଟି ଟଙ୍କା ଋଣ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବା ସହ ଏହାର କାର୍ଯ୍ୟାନ୍ୱୟନ ନିମନ୍ତେ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ମହିଳାମାନଙ୍କୁ ଆତ୍ମନିର୍ଭର ସହ ସ୍ୱାବଲମ୍ବୀ କରିବାରେ ଏହି ଋଣ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଏସ୍ଏଚ୍‌ଜିରୁ ଏସ୍ଏମ୍ଇ ଯାତ୍ରାପଥ ସୁଗମ ହୋଇଛି।

ଗତ୨୦୧୬-୧୭ରେ ମହିଳା ଗୋଷ୍ଠୀ ପିଛା ହାରାହାରି ୧.୦୬ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ସମ୍ପ୍ରତି ଏହା ପ୍ରାୟ ୩ଗୁଣ ଅଧିକ ହୋଇଛି। ବର୍ତ୍ତମାନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ହାରାହାରି ଋଣ ସହାୟତା ୩.୦୧ ଲକ୍ଷରେ ପହଞ୍ଚିଛି ଏବଂ ଆଗାମୀ ଦିନରେ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ଗତ ଚାରି ବର୍ଷମଧ୍ୟରେ ୪ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଧଛାଡ ବାବଦରେ ସିଧାସଳଖ ୫୮୭ କୋଟି ଟଙ୍କା ଫେରସ୍ତ କରାଯାଇଛି ଏବଂ କେବଳ ଗତ ବର୍ଷ ଏ ବାବଦରେ ୨୧୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତ ୬ ବର୍ଷ ମଧ୍ୟରେ ଏସ୍ଏଚ୍‌ଜି ଋଣର ଏନ୍‌ପିଏ ୧୪.୨ ପ୍ରତିଶତରୁ ୧.୯୯ ପ୍ରତିଶତକୁ ବଡ଼ ହ୍ରାସ ରେକର୍ଡ କରାଯାଇଛି। ସାରା ଦେଶରେ ଏହା ସବୁଠାରୁ ଶ୍ରେଷ୍ଠ ପରିଣାମ ବୋଲି ମଧ୍ୟ କୁହାଯାଉଛି। ପୁନଶ୍ଚ ପ୍ରଥମ ଥର ପାଇଁ ଓଡ଼ିଶାରେ ୧୧୦୩ ଟି ପଞ୍ଚାୟତ ଏନପିଏ ମୁକ୍ତ ହୋଇଥିବାବେଳେ ଏହାକୁ ଭାରତ ସରକାର ମଧ୍ୟ ପ୍ରଶଂସା କରିଛନ୍ତି।

ରାଜ୍ୟରେ ବର୍ତ୍ତମାନ ୬ଲକ୍ଷ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀରେ ପ୍ରାୟ ୭୦ ଲକ୍ଷ ମହିଳା ସଦସ୍ୟ ରହିଛନ୍ତି। ଏମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବାଲାଗି ରାଜ୍ୟ ସରକାର ଋଣ ପ୍ରଦାନ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥି ସହିତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ଉତ୍ପାଦିତ ସାମଗ୍ରୀ ପାଇଁ କିଭଳି ବଜାର ସୃଷ୍ଟି କରାଯାଇ ପାରିବ ସେ ଦିଗରେ ମଧ୍ୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଅନ୍ୟପକ୍ଷରେ ମିଶନ ଶକ୍ତି ଅଧିନରେ କାର୍ଯ୍ୟରତ ମହିଳା କର୍ମଚାରୀଙ୍କ ପାଇଁ ବହୁବିଧ ସୁବିଧା କରିଛନ୍ତି ରାଜ୍ୟ ସରକାର। ୬୧୭୮ ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘ ପାଇଁ କମ୍ୟୁନିଟି ପାଣ୍ଠିର ବ୍ୟବସ୍ଥା, ମହାସଂଘ କର୍ମକର୍ତ୍ତାମାନଙ୍କର ମିଟିଂ ଓ ଗସ୍ତ ଖର୍ଚ୍ଚ ବାବଦକୁ ଆର୍ଥିକ ସହାୟତା, ୭୦ହଜାର କମ୍ୟୁନିଟି ସହାୟତା କର୍ମଚାରୀମାନଙ୍କ ପାଇଁ ୟୁନିଫର୍ମ ଓ ସ୍ମାର୍ଟଫୋନ୍ ଭତ୍ତା ସମେତ ୨ ହଜାର ବ୍ୟାଙ୍କ ମିତ୍ରଙ୍କ ପାଇଁ ଲ୍ୟାପଟପ୍‌ର ବ୍ୟବସ୍ଥା କରାଯାଇଛି। ଏହାସହ କର୍ମଚାରୀଙ୍କ ପାଇଁ ମିଶନ ଶକ୍ତି ସ୍କୁଟରର ମଧ୍ୟ ବ୍ୟବସ୍ଥା କରାଯାଇଛି।

- ■ ଚଳିତ ବର୍ଷ ମିଶନ ଶକ୍ତିକୁ ଋଣ ଛୁଇଁବ ୧୫ ହଜାର କୋଟି ଟଙ୍କା
- ■ ଗତ ଆର୍ଥିକ ବର୍ଷ ତୁଳନାରେ ୪୦୦୦ କୋଟି ଟଙ୍କା ଅଧିକ ଋଣ
- ■ ୧୪.୨%ରୁ ୧.୯୯%କୁ ହ୍ରାସ ପାଇଛି ଏସ୍ଏଚ୍‌ଜି ଋଣର ଏନ୍‌ପିଏ

### ରାଜ୍ୟ ସରକାରଙ୍କ 'ନୂଆ-ଓ' ଅଭିଯାନ ଆରମ୍ଭ

# ୬ କ୍ରୀଡ଼ା ପାଇଁ ୪୭ ହଜାର ଦଳ ପଞ୍ଜୀକୃତ

ଭୁବନେଶ୍ୱର, ୨୮ ।୧୧(ସମିସ): ଯୁବବର୍ଗଙ୍କ ସଶକ୍ତିକରଣ ପାଇଁ ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରରେ ଆଉ ଏକ ଐତିହାସିକ ପଦକ୍ଷେପ ନେଇଛନ୍ତି। ସରକାର ମଙ୍ଗଳବାର 'ନୂଆ-ଓ' ଅଭିଯାନ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବହୁ କ୍ରୀଡ଼ା ଶୃଙ୍ଖଳା ଓ ସାଂସ୍କୃତକ କାର୍ଯ୍ୟକ୍ରମ ଆୟୋଜନ ହେବ। ସାରା ରାଜ୍ୟରେ ଏହି ଅଭିଯାନ ଆରମ୍ଭ ହେବ। ୬ଟି ବର୍ଗରେ ଏହି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ହେବ। ଏଥିରେ ଖୋ ଖୋ, କ୍ରିକେଟ, ହକି, ଫୁଟବଲ, କବାଡି ଓ ଭଲିବଲକୁ ସାମିଲ କରାଯାଇଛି। ୧୩ରୁ ୩୫ ବର୍ଷ ବୟସ୍କ ଖେଳାଳିମାନେ ଏହି କ୍ରୀଡ଼ା ପ୍ରତିଯୋଗିତାଗୁଡିକରେ ଅଂଶଗ୍ରହଣ କରିବାକୁ ନାମ ପଞ୍ଜୀକୃତ କରିବେ।




ଏହି କ୍ରୀଡ଼ାଗୁଡିକରେ ମହିଳା ଓ ପୁରୁଷ ବିଭାଗରେ ମୋଟ୍ ୪୭ ହଜାର ଦଳ ପଞ୍ଜିକୃତ କରିଛନ୍ତି। ୧୯, ୭୦୧ଟି ଦଳ କ୍ରିକେଟ ପାଇଁ, ୮, ୩୮୫ ଫୁଟବଲ ପାଇଁ ପଞ୍ଜୀକୃତ ହୋଇଛନ୍ତି। ସେହିପରି ଭଲିବଲ ପାଇଁ ୭, ୫୬୭, କବାଡି ପାଇଁ ୬, ୨୦୨, ଖୋ ଖୋ ପାଇଁ ୪, ୨୦୯ ଓ ହକି ପାଇଁ ୧, ୬୮୩ଟି ଦଳ ପଞ୍ଜୀକୃତ କରିଛନ୍ତି। କେବଳ ମହିଳା ବର୍ଗରେ ମୋଟ୍ ୫, ୦୦୦ଦଳକୁ ପଞ୍ଜୀକରଣ କରାଯାଇଛି। ୪ଟି ପର୍ଯ୍ୟାୟରେ ଏହି କ୍ରୀଡା ଅଭିଯାନ କାର୍ଯ୍ୟକାରୀ ହେବ। ବ୍ଲକ ସ୍ତର/ଯୁବି, ସଂସ୍ଥାଗତ, ଜିଲ୍ଲା ଓ ରାଜ୍ୟସ୍ତରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ସରକାରଙ୍କ ଉଚ୍ଚଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା, ଅନୁସୂଚିତ ଜାତି ଓ ଉପଜାତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି ଓ କୃଷକ ବିକାଶ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଜିଲ୍ଲା ପ୍ରଶାସନ, ରାଜ୍ୟ କ୍ରୀଡ଼ା ସଂଘ ମିଳିତ ଭାବେ ଏହି କାର୍ଯ୍ୟକ୍ରମକୁ ସଫଳତ କରିବା ପାଇଁ ପୂର୍ଣ୍ଣପ୍ରାଣରେ ପ୍ରୟାସ କରିବେ।

### ୧୩ତମ ଜାତୀୟ ବରିଷ୍ଠ ହକି

# ହରିୟାଣାକୁ ହରାଇ ପଞ୍ଜାବ ଚାମ୍ପିଅନ




ଚେନ୍ନଇ, ୨୮ ।୧୧ (ଏଜେନ୍ସି): ରୋମାଞ୍ଚକର ଫାଇନାଲରେ ହରିୟାଣାକୁ ସଡନ ଡେଥ୍‌ରେ ୯-୮ ଗୋଲରେ ପରାସ୍ତ କରି ପଞ୍ଜାବ ଏଠାରେ ଚାଲିଥିବା ଜାତୀୟ ପୁରୁଷ ହକିର ତ୍ରୟୋଦଶ ସଂସ୍କରଣରେ ଚାମ୍ପିଅନ ହୋଇଛି। ମୋଟ୍ ୧୩ ଗୋଟି ସଂସ୍କରଣରୁ ପଞ୍ଜାବ ୪ର୍ଥଥର ଲାଗି ଟ୍ରଫି ହାସଲ କରିବାର ସୌଭାଗ୍ୟ ଲାଭ କରିଛି।

ଡିଫେଣ୍ଡିଂ ଚାମ୍ପିଅନ ହରିୟାଣା ଓ ପଞ୍ଜାବ ମଧ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ ବେଶ୍ ରୋମାଞ୍ଚକ ରହିଥିଲା। ନିର୍ଦ୍ଧାରିତ ୬୦ ମିନିଟ୍ ମଧ୍ୟରେ ଉଭୟ ଦଳ ୨ଟି ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ମ୍ୟାଚ୍ ୨-୨ରେ ଟାଇ ରହିଥିଲା। ଏହାପରେ ସୁଟ୍-ଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ମଧ୍ୟ ଫଳାଫଳ ବାହାରି ନ ଥିଲା। ଶେଷରେ ସୁଟ୍ ଆଉଟ୍‌ରେ ପଞ୍ଜାବ ୯-୮ ଗୋଲରେ ବିଜୟୀ ହୋଇ ଟାଇଟଲ୍ ଜିତିଥିଲା। ସୁଟ୍-ଆଉଟ୍ ଓ ସଡନ ଡେଥ୍‌କୁ ମିଶାଇ ମୋଟ୍ ୨୭ ସଟ୍ ହୋଇଥିଲା। ଏଥିପୂର୍ବରୁ ସେମିଫାଇନାଲରେ ଦୁଇ ପରାଜିତ ଦଳ ତାମିଲନାଡୁ ଓ କର୍ଣ୍ଣାଟକ ମଧ୍ୟରେ କାଂସ୍ୟ ପଦକ ପାଇଁ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ତାମିଲନାଡୁ ବିଜୟୀ ହୋଇ କାଂସ୍ୟ ପଦକ ଜିତିଥିଲା। ଓଡ଼ିଶା ଏହି ପ୍ରତିଯୋଗିତାରେ କ୍ୱାର୍ଟର ଫାଇନାଲରୁ ହାରି ବିଦାୟ ନେଇଥିଲା।

## ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ 'ୟୁନିଲାଇଟ୍ କପ୍' ଆଜିଠୁ

ଭୁବନେଶ୍ୱର, ୨୮ ।୧୧ (ସମିସ): ଓଡ଼ିଶା ଭେଟେରାନ ଫୁଟ୍‌ବଲ ପ୍ଲେୟର୍ସ ଆସୋସିଏସନ ପକ୍ଷରୁ ବୁଧବାରଠାରୁ ସ୍ଥାନୀୟ ୟୁନିଟ୍-୬ ବାଳକ ବିଦ୍ୟାଳୟ ପଡ଼ିଆରେ ଆନ୍ତଃବିଦ୍ୟାଳୟ ଫୁଟ୍‌ବଲ ପ୍ରତିଯୋଗିତା 'ୟୁନିଲାଇଟ୍ କପ୍' ଆରମ୍ଭ ହେବ। ଉଦ୍‌ଘାଟନୀ ମୁକାବିଲାରେ କଟକର ସୟଦ ସେମିନାରୀ ସ୍କୁଲ ଓ ଭୁବନେଶ୍ୱରର ଘାଟିକିଆ ସ୍କୁଲ ପରସ୍ପରକୁ ଭେଟିବେ। ଏହାପରେ ଗୁରୁବାର ୨ଟି ମ୍ୟାଚ୍ ଖେଳାଯିବ। ବିକାଶ ସ୍କୁଲ ଓ ୟୁନିଟ୍-୬ ମଧ୍ୟରେ ପ୍ରଥମ ଏବଂ କିସ୍ ଓ ୟୁନିଟ୍-୧ ମଧ୍ୟରେ ୨ୟ ମ୍ୟାଚ୍ ଅନୁଷ୍ଠିତ ହେବ। ଓଡିଏମ୍ ସ୍କୁଲ ଓ କ୍ୟାପିଟାଲ୍ ହାଇସ୍କୁଲ ମଧ୍ୟରେ ଶେଷ କ୍ୱାର୍ଟର ଫାଇନାଲ ଶୁକ୍ରବାର ଖେଳାଯିବ। ଏହି ୪ଟି ଯାକ ମ୍ୟାଚର ବିଜେତା ମଧ୍ୟରେ ଶନିବାର ସେମିଫାଇନାଲ ଏବଂ ରବିବାର ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ସଂଘର ସଭାପତି ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ କର୍ପୋରେଟର ପୁଷ୍ପା ରାଉତ, ୟୁନିଟ୍-୬ ବାଳକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରୂପାଲି ସେନାପତି, ଆୟୋଜକ ଭେଟେରାନ ସଂଘର ସଭାପତି ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି।

## ଫିଲିପ୍ସଙ୍କୁ ୪ ୱିକେଟ୍; ବାଂଲାଦେଶ ୩୧୦/ ୯

### ପ୍ରଥମ ଟେଷ୍ଟ



ସିଲ୍‌ହଟ୍, ୨୮ ।୧୧ (ଏଜେନ୍ସି): ଘରୋଇ ବାଂଲାଦେଶ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ମଙ୍ଗଳବାରଠାରୁ ସ୍ଥାନୀୟ ସିଲ୍‌ହଟ୍ ଇଣ୍ଟରନ୍ୟାସନାଲ କ୍ରିକେଟ୍ ଷ୍ଟାଡିୟମରେ ପ୍ରଥମ ଟେଷ୍ଟ ଆରମ୍ଭ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ବାଂଲାଦେଶ ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୮୫ ଓଭରରେ ୯ ୱିକେଟ୍ ହରାଇ ୩୧୦ ରନ କରିଛି। ଫଳରେ ପ୍ରଥମ ଦିବସର ସମ୍ମାନ ଉଭୟ ଦେଶକୁ ଯାଇଛି। ଖରାପ ଆଲୋକ ଯୋଗୁ ୫ ଓଭର ପୂର୍ବରୁ ଖେଳକୁ ବନ୍ଦ ରଖାଯାଇଥିଲା।

ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜର ଏହି ପ୍ରଥମ ମ୍ୟାଚରେ ଟସ୍ ଜିତି ବାଂଲାଦେଶ ଅଧିନାୟକ ନାଜମୋଲ୍ ହୋସେନ ସାଣ୍ଟୋ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଘରୋଇ ଦଳର ବ୍ୟାଟର୍‌ଙ୍କ ମିଳିତ ପ୍ରୟାସ ଯୋଗୁ ଦଳ ପ୍ରଥମ ଦିବସରେ ୯ ୱିକେଟ୍ ହରାଇଥିଲେ ମଧ୍ୟ ୩୧୦ ରନର ଏକ ସମ୍ମାନଜନକ ସ୍କୋର କରିବାରେ ସଫଳ ହୋଇଥିଲା। ଦଳ ପକ୍ଷରୁ ଓପନର୍ ମହମ୍ମଦୁଲା ହାସନ ଜୟ ସର୍ବାଧିକ ୮୬ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ସାଣ୍ଟୋ (୩୭ ରନ), ମୋମିନୁଲ୍ ହକ୍ (୩୭) ଓ ନୁରୁଲ ହାସାନ (୨୯) ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ରୂପାନ୍ତରିତ କରିବାରେ ବିଫଳ ହୋଇଥିଲେ। ପ୍ରଥମ ଦୁଇଟି ସେସନରେ ଭଲ ଖେଳିଥିବା ବାଂଲାଦେଶ ଶେଷ ତଥା ୩ୟ ସେସନରେ ୫ ୱିକେଟ୍ ହରାଇଥିଲା। ବାଂଲା ବ୍ୟାଟର୍‌ମାନେ ବିଶେଷ କରି ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସ୍ପିନରଙ୍କୁ ଖେଳିବାରେ ଅଡୁଆର ସମ୍ମୁଖୀନ ହୋଇଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ପାର୍ଟଟାଇମ୍ ସ୍ପିନର ଗ୍ଲେନ ଫିଲିପ୍ସ ସର୍ବାଧିକ ୪ଟି, ଅଜାଜ ପଟେଲ୍ ଓ କାଏଲ୍ ଜେମିସନ ୨ଟି ଲେଖାଏ ଏବଂ ଇଶ୍ ସୋଧୀଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଥିଲା।

## ଜାତୀୟ ବରିଷ୍ଠ ପୁରୁଷ ହକି କ୍ୟାମ୍ପ୍‌ରେ ଓଡ଼ିଶାରୁ ୪

ବେଙ୍ଗାଲୁରୁ, ୨୮ ।୧୧ (ଏଜେନ୍ସି): ହକି ଇଣ୍ଡିଆ ଆନୁକୂଲ୍ୟରେ ଜାତୀୟ ବରିଷ୍ଠ ପୁରୁଷ ହକି କ୍ୟାମ୍ପ୍ ବୁଧବାରଠାରୁ ସ୍ଥାନୀୟ ସାଇ ସେଣ୍ଟରରେ ଆରମ୍ଭ ହେବାକୁ ଯାଉଛି। ଏଥିନିମନ୍ତେ ହକି ଇଣ୍ଡିଆ ପକ୍ଷରୁ ଘୋଷିତ ୩୯ ଜଣିଆ ସମ୍ଭାବ୍ୟ ଦଳରେ ଓଡ଼ିଶାରୁ ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ରକ୍ଷଣଭାଗ ଖେଳାଳି ଅମିତ୍ ରୋହିଦାସ, ନୀଲମ ସଞ୍ଜୀପ ଖେସ୍, ଦୀପସାନ ତିର୍କୀ ଓ ଅଗ୍ରଭାଗରେ ଶିଳାନନ୍ଦ ଲାକ୍ରା। ପିଆର୍ ଶ୍ରୀଜେସ ଓ କ୍ରିଷ୍ଣା ବାହାଦୁର ପାଠକଙ୍କ ସମେତ କ୍ୟାମ୍ପରେ ୫ଜଣ ଗୋଲ୍‌ରକ୍ଷକଙ୍କୁ ଡକରା ମିଳିଛି। ଏହି ଶିବିରରୁ ଚୂଡ଼ାନ୍ତ ଭାରତୀୟ ଦଳ ଘୋଷଣା କରାଯିବ। ଯେଉଁମାନେ ଡିସେମ୍ବର ୧୫ରୁ ସ୍ପେନରେ ଆରମ୍ଭ ହେବାକୁ ଥିବା ପଞ୍ଚରାଷ୍ଟ୍ରୀୟ ହକି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

'ହାଙ୍ଗଝୋଉ ଏସୀୟ କ୍ରୀଡ଼ାର ସଫଳତା ପରେ ପ୍ରଥମଥର ପାଇଁ ଏହି ଜାତୀୟ ଶିବିର ଆୟୋଜିତ ହେବ। ନିକଟରେ ଚେନ୍ନଇରେ ଶେଷ ହୋଇଥିବା ଜାତୀୟ ବରିଷ୍ଠ ପୁରୁଷ ହକି ପ୍ରତିଯୋଗିତାର ପ୍ରଦର୍ଶନ ଆଧାରରେ ଶିବିର ଲାଗି ଖେଳାଳି ଚୟନ କରାଯାଇଛି। ଅଧିକାଂଶ ଯୁବ ଓ ପ୍ରତିଭାବାନ ଖେଳାଳିଙ୍କୁ ଏହି ଶିବିରରେ ସୁଯୋଗ ଦିଆଯାଇଛି' ବୋଲି ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍ କହିଛନ୍ତି।

### ● ଟି-୨୦ ବିଶ୍ୱକପ୍ ୨୦୨୪

## ନାମ୍ବିଆର ଯୋଗ୍ୟତା ହାସଲ



ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଉତ୍ତରରେ ଥିବା ପଡୋଶୀ ଦେଶ ନାମ୍ବିଆରେ କ୍ରିକେଟର ଯଥେଷ୍ଟ କ୍ରେଜ ରହିଥିବାର ପ୍ରମାଣ ମିଳିଛି। ଭାରତର ଏହି ଆଫ୍ରିକୀୟ ଦେଶ ଆସନ୍ତାବର୍ଷ ଆୟୋଜନ ହୋବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛି। ଏହି ବିଶ୍ୱକପ୍ ଆମେରିକାର ଓ ୱେଷ୍ଟଇଣ୍ଡିଜ୍‌ରେ ଜୁନ୍ ୪ରୁ ଆରମ୍ଭ ହୋଇ ୩୦ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

ନାମ୍ବିଆ ମଙ୍ଗଳବାର ତାଞ୍ଜାନିଆକୁ ୫୮ ରନରେ ପରାସ୍ତ କରି ଏହି ସଫଳତା ପାଇଛି। ଏଥିସହ ଆଫ୍ରିକା କ୍ୱାଲିଫାୟର୍ସରେ ନାମ୍ବିଆ ସବୁ ୫ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି। ନାମ୍ବିଆ ତୃତୀୟଥର ପାଇଁ ଟି-୨୦ ବିଶ୍ୱକପ୍ ଖେଳିବ। ପୂର୍ବରୁ ୨୦୨୧ରେ ଏହି ଦେଶ ସୁପର-୧୨ରେ ସ୍ଥାନ ହାସଲ କରିବାର ସଫଳ ହୋଇଥିଲା। ମଙ୍ଗଳବାର ଦକ୍ଷିଣ ଆଫ୍ରିକାର ୱାଣ୍ଡରର୍ସ ଷ୍ଟାଡିୟମରେ ଟସ୍ ହାରି ନାମ୍ବିଆ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲା। ଜବାବରେ ତାଞ୍ଜାନିଆ ୨୦ ଓଭରରେ ୬ ୱିକେଟ ହରାଇ ୯୯ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଏଥିସହ ନାମ୍ବିଆ ଆଫ୍ରିକା କ୍ୱାଲିଫାୟର୍ସରେ ୫ଟି ମ୍ୟାଚ୍ ଖେଳି ସବୁଥିରେ ବିଜୟ ହାସଲ କରିବା ସହ ୧୦ ପଏଣ୍ଟ ପାଇଁ ତାଲିକା ଶୀର୍ଷରେ ରହିଛି। ଆଫ୍ରିକା କ୍ୱାଲିଫାୟର୍ସରେ ଅଂଶଗ୍ରହଣ କରିଥିବା ଅନ୍ୟ ଦେଶଗୁଡିକ ହେଲେ ଉଗାଣ୍ଡା, କେନିୟା, ଜିମ୍ବାୱେ, ନାଇଜେରିଆ, ରୁୱାଣ୍ଡା।

### ● ଭାରତର ବିଶ୍ୱକପ୍ ପରାଜୟ

## କାରଣ ଦର୍ଶାଇଲେ ଆକ୍ରମ

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଦିନିକିଆ ବିଶ୍ୱକପ୍ ଶେଷ ହେବାର ଗୋଟିଏ ସପ୍ତାହ ବିତିଯାଇଥିଲେ ମଧ୍ୟ ଭାରତର ଫାଇନାଲ ପରାଜୟ ନେଇ ଚର୍ଚ୍ଚା ଥମିନାହିଁ। ପାକିସ୍ତାନ ପୂର୍ବତନ ଦ୍ରୁତ ବୋଲର ୱାସିମ ଆକ୍ରମ ଏବେ ଏ ନେଇ ମତ ରଖିଛନ୍ତି। ଷ୍ଟାର ସ୍ପୋର୍ଟ୍ସ ସହ ବାର୍ତ୍ତାଳାପ କରିବା ବେଳେ ଆକ୍ରମ ସାମାଜିକ ଗଣମାଧ୍ୟମ, ଟେଲିଭିଜନ୍ ଓ ପ୍ରଶଂସକମାନଙ୍କୁ ନିଜର ଦୋଷ ସ୍ୱୀକାର କରିବାକୁ କହିଛନ୍ତି। ଫାଇନାଲ ପୂର୍ବରୁ ଏମାନେ ଭାରତକୁ ବିଶ୍ୱକପ୍‌ର ଚାମ୍ପିଅନ ବୋଲି ଘୋଷିତ କରିସାରିଥିଲେ। କ୍ରମାଗତ ୧୦ଟି ମ୍ୟାଚ୍ ଜିତି ଭାରତ ଦମ୍‌ଦାର ପ୍ରଦର୍ଶନ କରିଥିଲା। ଫଳରେ ଭାରତ ବିଶ୍ୱକପ୍ ଚାମ୍ପିଅନ ହେବ ବୋଲି ସମସ୍ତେ ନିଶ୍ଚିତ ହୋଇଥିଲେ ଓ ଏହା ଦ୍ୱାରା ପ୍ରଶଂସକଙ୍କ ଆଶା ଆହୁରି ଦୃଢ ହୋଇଥିଲା। ତେଣୁ ସାମାଜିକ ଗଣମାଧ୍ୟମ ଓ ପ୍ରଶଂସକମାନେ ସେମାନଙ୍କ ଦୋଷ ସ୍ୱୀକାର କରିବା ଉଚିତ୍ ବୋଲି ଆକ୍ରମ କହିଛନ୍ତି। ଭାରତ କେବଳ ଗୋଟିଏ ମ୍ୟାଚ୍‌ରେ ଖରାପ ଖେଳିଥିଲା। ବିଜୟ ପାଇଁ ଅଷ୍ଟ୍ରେଲିଆକୁ ଶ୍ରେୟ ଦିଆଯିବା ଉଚିତ। ସାମାଜିକ ଗଣମାଧ୍ୟମଗୁଡିକୁ ସେତେଟା ଗୁରୁତ୍ୱ ଦେବା ଉଚିତ ନୁହଁ। ପରାଜୟ ଗ୍ଲାନିକୁ ଭୁଲି ଆଗକୁ ବଢ଼ିବା ଉଚିତ ବୋଲି ସେ ମତ ଦେଇଛନ୍ତି। ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ ଉଚ୍ଚକୋଟୀର ଥିଲା। ଆଉ ୬ ମାସ ପରେ ଟି-୨୦ ବିଶ୍ୱକପ୍ ଖେଳାଯିବ। ତେଣୁ ପଛ କଥା ଭୁଲି ଟି-୨୦ ବିଶ୍ୱକପ୍ ଉପରେ ଧ୍ୟାନ ଦିଆଯିବା ଉଚିତ ହେବ ବୋଲି ଆକ୍ରମ କହିଛନ୍ତି। ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆ ୬ ୱିକେଟରେ ଭାରତକୁ ପରାସ୍ତ କରି ରେକର୍ଡ ୫ମଥର ପାଇଁ ଚାମ୍ପିଅନ ହୋଇଥିଲା।



## ଗଣେଶଙ୍କୁ ବ୍ରିଗେଡିୟର ଜ୍ଞାନ ସିଂହ ସମ୍ମାନ




ଭୁବନେଶ୍ୱର, ୨୮ ।୧୧ (ସମିସ): ରାଜ୍ୟ ତଥା ଦେଶର ଜଣାଶୁଣା ପର୍ବତାରୋହୀ ଗଣେଶ ଜେନାଙ୍କୁ ସମ୍ମାନଜନକ ବ୍ରିଗେଡ଼ିୟର ଜ୍ଞାନ ସିଂହ ଜାତୀୟ ଦୁଃସାହସିକ ସମ୍ମାନ ମିଳିଛି। ବର୍ଷ ୨୦୨୩ ଲାଗି ଗଣେଶଙ୍କୁ ଏହି ପୁରସ୍କାର ମିଳିଛି। ନୂଆଦିଲ୍ଲୀର ଅନ୍ତର୍ଜାତୀୟ ୟୁଥ୍ ହଷ୍ଟେଲରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନ୍ୟାସନାଲ ଆଡ୍‌ଭେଞ୍ଚର ଫାଉଣ୍ଡେସନ (ଏନ୍‌ଏଏଫ୍)ର ସଭାପତି ଲେଫ୍ଟନାଲ ଜେନେରାଲ ରମଣ ଧାୱନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣେଶଙ୍କୁ ନଗଦ ଆର୍ଥିକ ପୁରସ୍କାର, ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ଏନ୍‌ଏଏଫ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ୱିଙ୍ଗ କମାଣ୍ଡର କେକେ ବର୍ମା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ।

ମଙ୍ଗଳବାର ଗଣେଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ହରେଶ ମିଶ୍ର, ବିଜୟ ରାଉତଙ୍କ ସମେତ ଶକ୍ତି ମହାନ୍ତି, ଚିନ୍ମୟ ମହାରଣା, ଶିବଶଙ୍କର ପଣ୍ଡା, ବିଶ୍ୱରଞ୍ଜନ ସାହୁ, ରଘୁନାଥ ସାମନ୍ତରାୟ ଓ ବିଭାରାଣୀ ପାତ୍ର ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଏଏସ୍‌ଏ ପରାମର୍ଶଦାତା ଅଶୋକ ମହାନ୍ତି ମଧ୍ୟ ଅଶୋକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମାର୍ଚ୍ଚ ୨ରୁ ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍



ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଆସନ୍ତାବର୍ଷ ମାର୍ଚ୍ଚ ୨ରୁ ଭାରତର ସର୍ବପ୍ରଥମ ଟେନିସ ବଲ ଟି-୧୦ ଟୁର୍ଣ୍ଣାମେଣ୍ଟ ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର ଲିଗ୍ (ଆଇଏସ୍‌ପିଏଲ୍) ଆରମ୍ଭ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏଥିରେ ମୋଟ୍ ଉପରେ ୬ଟି ଦଳ ତଥା ଫ୍ରାଞ୍ଚାଇଜ୍ ଅଂଶଗ୍ରହଣ କରିବେ। ମୁମ୍ବଇ, ହାଇଦରାବାଦ, ବେଙ୍ଗାଲୁରୁ, ଚେନ୍ନାଇ, କୋଲକାତା ଓ ଶ୍ରୀନଗର ଭଳି ସହରକୁ ଏହି ଫ୍ରାଞ୍ଚାଇଜ୍‌ଗୁଡିକ ପ୍ରତିନିଧିତ୍ୱ କରିବେ। ଲିଗ୍‌ରେ ମୋଟ୍ ୧୯ଟି ମ୍ୟାଚ୍ ଖେଳାଯିବ। ମୁମ୍ବଇରେ ହିଁ ସବୁ ମ୍ୟାଚ୍ ଖେଳାଯିବ। ଏହି ଲିଗ୍ ମାଧ୍ୟମରେ ଦେଶରେ କ୍ରିକେଟ ପ୍ରତିଭା ଚିହ୍ନଟ ହେବା ସହ ଏଗୁଡିକର ବିକାଶ ହେବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କୋଷାଧ୍ୟକ୍ଷ ଆଶିଷ ସେଲାର କହିଛନ୍ତି। ଆଶିଷ ଆଇଏସ୍‌ପିଏଲର କୋର୍ କମିଟିର ସଦସ୍ୟ ରହିଛନ୍ତି। ସେହିପରି ଏହି ଲିଗ୍ ମାଧ୍ୟମରେ ଯୁବ କ୍ରିକେଟରମାନେ ନିଜର ଦକ୍ଷତା ପ୍ରମାଣିତ କରିବାର ସୁଯୋଗ ପାଇବେ ବୋଲି ପୂର୍ବତନ ଭାରତୀୟ କୋଚ୍ ତଥା ଅଲରାଉଣ୍ଡର ରବିଶାସ୍ତ୍ରୀ କହିଛନ୍ତି।

### ଭାରତୀୟ କୁସ୍ତି ମହାସଂଘ ନିର୍ବାଚନ

# ରହିତାଦେଶ ଉଠାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ନିର୍ବାଚନ ନେଇ ରାସ୍ତା ସଫା ହୋଇଛି। ସୁପ୍ରିମ୍‌କୋର୍ଟ ମଙ୍ଗଳବାର କୁସ୍ତି ମହାସଂଘର ନିର୍ବାଚନ ନେଇ ଜାରି ହୋଇଥିବା ରହିତାଦେଶକୁ ଉଠାଇ ଦେଇଛନ୍ତି। ପୂର୍ବରୁ ହରିୟାଣା ଓ ପଞ୍ଜାବ ହାଇକୋର୍ଟ ଅଗଷ୍ଟ ୧୨ରେ ନିର୍ବଚନ ଉପରେ ରହିତାଦେଶ ଲାଗୁ କରିଥିଲେ। ଅଗଷ୍ଟ ୧୨ରେ ଭାରତୀୟ ଅଲିମ୍ପିକ୍ କମିଟିର ତତ୍ତ୍ୱାବଧାନରେ ଡବ୍ଲ୍ୟୁଏଫ୍‌ଆଇର ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମଥିଲା।



### କାହିଁକି ଲାଗୁ ହୋଇଥିଲା ରହିତାଦେଶ

କିନ୍ତୁ ନିର୍ବାଚନ ଠିକ୍ ପୂର୍ବରୁ ହରିୟାଣା କୁସ୍ତି ସଂଘ (ଏଚ୍‌ଡବ୍ଲ୍ୟୁଏ)ର ଅଭିଯୋଗକୁ ଭିତ୍ତି କରି ହାଇକୋର୍ଟ ନିର୍ବାଚନ ଉପରେ ରହିତାଦେଶ ଲାଗୁ କରିଥିଲେ। ଏଚ୍‌ଡବ୍ଲ୍ୟୁଏ ବଦଳରେ ଅନ୍ୟ ଆସୋସିଏସନଗୁଡିକୁ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଅନୁମତି ଦିଆଯାଇଛି ବୋଲି ସଂଘ ଅଭିଯୋଗ କରିଥଲା। ଏଚ୍‌ଡବ୍ଲ୍ୟୁଏ କିନ୍ତୁ ଡବ୍ଲ୍ୟୁଏଫ୍‌ଆଇ ଓ ହରିୟାଣା ଅଲିମ୍ପିକ୍ସ ଆସୋସିଏସନ ସହିତ ଅନୁବନ୍ଧିତ ରହିଛି। କଂଗ୍ରେସ ସାଂସଦ ଦୀପେନ୍ଦ ହୁଡା ଏଚ୍‌ଡବ୍ଲ୍ୟୁଏର ଅଧ୍ୟକ୍ଷ ରହିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ପୂର୍ବତନ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ସିଂଙ୍କୁ ବିରୋଧ କରି ମହିଳା କୁସ୍ତିଯୋଦ୍ଧାଙ୍କୁ ଧାରଣା ଦେଇଥିଲେ। ଏମାନଙ୍କୁ ଧାରଣାଦେବା ପାଇଁ ହୁଡା ଉସ୍‌କାଇଥିଲେ ବୋଲି ଅଭିଯୋଗ ହୋଇଥିଲା। ତେଣୁ ନିର୍ବାଚନ ଉପରେ କୋର୍ଟ ରହିତାଦେଶ ଲାଗୁ କରିଥିଲେ।

### ଅଗଷ୍ଟ ୧୨ରେ ହୋଇଥାନ୍ତା ନିର୍ବାଚନ

ଉଲ୍ଲେଖଥାଉ କି, ଗତ ଜାନୁଆରୀ- ଫେବୃଆରୀରେ ବ୍ରିଜଭୂଷଣଙ୍କ ବିରୋଧରେ ଯୌନ ନିର୍ଯାତନାର ଅଭିଯୋଗ ଆଣି ଧାରଣାରେ ବସିଥିଲେ। ଏମାନଙ୍କ ମଧ୍ୟରେ ବିନେଶ ଫୋଗତ, ବଜରଙ୍ଗ ପୂନିଆ, ସାକ୍ଷୀ ମଲିକ ଓ ସଙ୍ଗୀତା ଫୋଗତଙ୍କ ଭଳି ତାରକା ଆଥଲେଟ ସାମିଲ ରହିଥିଲେ। ଏହି ବିବାଦ ପରେ ଭାରତୀୟ ଅଲିମ୍ପିକ ଆସୋସିଏସନ (ଆଇଓଏ) ଡବ୍ଲ୍ୟୁଏଫ୍‌ଆଇକୁ ଭଙ୍ଗ କରି ଆଡହକ୍ କମିଟି ବନାଇଥିଲା ଓ ଏହାକୁ ନୂଆ ଅଧିକାରୀମାନଙ୍କୁ ନିର୍ବଚିତ କରିବାକୁ ଦାୟିତ୍ୱ ପ୍ରଦାନ କରିଥିଲା। ଆଡହକ କମିଟି ଅଗଷ୍ଟ ୧୨ରେ ନର୍ବାଚନ କରିବାକୁ ତାରିଖ ଧାର୍ଯ୍ୟ କରିଥିଲା।

## ତୃତୀୟ ଟି-୨୦: ଗାଏକ୍ୱାଡ୍‌ଙ୍କ ଶତକ ବେକାର; ଅଷ୍ଟ୍ରେଲିଆ ୫ ୱିକେଟରେ ବିଜୟୀ

# ମ୍ୟାଚ୍ ଛଡ଼ାଇନେଲେ ମ୍ୟାକ୍ସୱେଲ

ଗୁଆହାଟୀ, ୨୮ ।୧୧(ଏଜେନ୍ସି): ଅଷ୍ଟ୍ରେଲୀୟ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ଆଉ ଏକ ନିର୍ଣ୍ଣାୟକ ଇନିଂସ ଖେଳିଛନ୍ତି। ତାଙ୍କ ବିସ୍ଫୋରକ ଅପରାଜିତ ଶତକୀୟ ପାଳି ବଳରେ ଭାରତର ବିପକ୍ଷ ତୃତୀୟ ଟି-୨୦ ମ୍ୟାଚ୍‌ରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ଅନ୍ତିମ ବଲରେ ୫ ୱିକେଟରେ ବିଜୟୀ ହୋଇଛି। ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମରେ ମଙ୍ଗଳବାର ଟସ୍ ଜିତି ଅଷ୍ଟ୍ରେଲିଆ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଭାରତ ପ୍ରଥମେ ବ୍ୟାଟିଂ କରି ୩ ୱିକେଟ ହରାଇ ୨୨୨ ରନ ସଂଗ୍ରହ କରିଥିଲା। ଜବାବରେ ଅଷ୍ଟ୍ରେଲିଆ ୨୦ ଓଭରରେ ୫ ୱିକେଟ ହରାଇ ୨୨୫ ରନକରି ବିଜୟୀ ହୋଇଛି। ଷଷ୍ଠ ୱିକେଟରେ ଗ୍ଲେନ ମ୍ୟାକ୍ସୱେଲ ଓ ମାଥ୍ୟୁ ୱେଡ୍ ୪୦ ବଲରୁ ଅପରାଜିତ ୯୧ ରନକରି ଦଳକୁ ଜିତାଇଥିଲେ। ବିଜୟ ସହ ଅଷ୍ଟ୍ରେଲିଆ ସିରିଜକୁ ଫେରିଛି। ପରାଜୟ ସତ୍ତ୍ୱେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୨-୧ରେ ଅଗ୍ରଣୀ ବଜାୟ ରଖିଛି। ଅନ୍ତିମ ଦୁଇ ଓଭରରେ ମ୍ୟାକ୍ସୱେଲ ଓ ୱେଡ୍ ୪୩ ରନ ସଂଗ୍ରହ କରିଥିଲେ। ଅନ୍ତିମ ଓଭରରେ ପ୍ରସିଦ୍ଧ କ୍ରିଷ୍ଣା ୨୩ ବ୍ୟୟ କରିଥିଲେ। ଷଷ୍ଠ ବୋଲରଙ୍କ ଅନୁପସ୍ଥିତି ଭାରତ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି।

୨୨୩ ରନର କଷ୍ଟସାଧ୍ୟ ବିଜୟଲକ୍ଷ୍ୟର ପିଛା କରି ଅଷ୍ଟ୍ରେଲିଆ ଭଲ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ଅନ୍ତରରେ ୱିକେଟମାନ ହରାଇଥିଲା। ଓପନର ଆରୋନ ହାର୍ଡି ପ୍ରଥମେ ୧୬ ରନ କରିଥିବା ବେଳେ ଅର୍ଶଦୀପ ସିଂଙ୍କ ଦ୍ୱାରା ଆଉଟ ହୋଇଥିଲେ। ୧୮ ବଲରୁ ୮ ଚୌକା ସହ ୩୫ ରନକରି ଟ୍ରାଭିସ ହେଡ୍ ଆଭେସ ଖାନ୍‌ଙ୍କ ବଲ୍‌ରେ ପ୍ୟାଭିଲିଅନ ଫେରିଥିଲେ। ସେହିପରି ଜୋଶ ଇଂଲିଶ ୧୦ ଓ ଟିମ୍ ଡେଭିଡ୍ ଖାତା ଖୋଲିବା ପୂର୍ବରୁ ବିଷ୍ଣୋଇ ଦ୍ୱାରା ଆଉଟ ହୋଇଥିଲେ। ମାର୍କସ ଷ୍ଟୋଇନିସ ୧୭ ରନକରି ଅକ୍ଷର ପଟେଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ୪୮ ବଲରୁ ୮ଟି ଲେଖାଏ ଚୌକା ଓ ଛକା ସହ ୧୦୪ ରନର ଅପରାଜିତ ଶତକୀୟ ପାଳି ଖେଳିଥିଲେ। ସେହିପରି ୱେଡ୍ ୧୬ ବଲରୁ ୨୮ ରନକରି ଅପରାଜିତ ରହିଥିଲେ। ଭାରତ ତରଫରୁ ରବି ବିଷ୍ଣୋଇ ୨, ଅର୍ଶଦୀପ, ଆଭେସ ଓ ଅକ୍ଷର ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ଶୁକ୍ରବାର ଚତୁର୍ଥ ଟି-୨୦ ରାୟପୁରରେ ଖେଳାଯିବ।

### ଋତୁରାଜଙ୍କ ବିସ୍ଫୋରକ ବ୍ୟାଟିଂ

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଭାରତୀୟ ଦଳ ୨୪ ରନରେ ଦୁଇ ୱିକେଟ ହରାଇ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଇନ୍‌ଫର୍ମ ଓପନର ଯଶସ୍ୱୀ ଜୟସ୍ୱାଲ ମାତ୍ର ୬ ରନ କରିଥିବା ବେଳେ ଜାସନ ବେହରେନଡୋର୍ଫଙ୍କ ବଲ୍‌ରେ ୱିକେଟକିପର ମାଥ୍ୟୁ ୱେଡଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ୱିକେଟକିପର ବ୍ୟାଟର ଇଶାନ କିଶନ ବଡ଼ ସଟ୍ ଖେଳିବାକୁ ଯାଇ କଭରରେ ମାର୍କସ ଷ୍ଟୋଇନିସ୍‌ଙ୍କ ହାତରେ ଧରାପଡ଼ି ପ୍ୟାଭିଲିଅନ ଫେରିଥିଲେ। ପାୱାରପ୍ଲେରେ ଭାରତ ଧିମା ବ୍ୟାଟିଂ କରିଥିଲା। ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ଋତୁରାଜ ଗାଏକ୍ୱାଡ୍ ତୃତୀୟ ୱିକେଟରେ ୪୭ ବଲରୁ ୫୭ ରନ ସଂଗ୍ରହ କରି ସ୍ଥିତି ସିମ୍ଭାଳିବାକୁ ପ୍ରୟାସ କରିଥିଲେ। ସୂର୍ଯ୍ୟକୁମାର ୨୯ ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୨ ଛକା ସହ ୩୯ ରନ କରିଥିବା ବେଳେ ଆରୋନ ହାର୍ଡିଙ୍କ ବଲ୍‌ରେ ବଡ଼ ସଟ୍ ଖେଳିବାକୁ ପ୍ରୟାସ କରିଥିଲେ ମଧ୍ୟ ୱିକେଟ ପଛରେ ୱେଡ୍ ହାତରେ ଧରାପଡ଼ିଥିଲେ। ଫଳରେ ମାତ୍ର ୮୧ ରନରେ ଭାରତର ୩ଟି ୱିକେଟର ପତନ ହୋଇଥିଲା। ଏହାପରେ ଋତୁରାଜ ଓ ତିଳକ ବର୍ମା ଆଉ କୌଣସି କ୍ଷତି ହେବାକୁ ଦେଇ ନଥିଲେ। ଦୁଇ ବ୍ୟାଟର ବିସ୍ଫୋରକ ବ୍ୟାଟିଂ କରି ମାତ୍ର ୫୯ ବଲରେ ଅପରାଜିତ ୧୪୧ ରନ ସଂଗ୍ରହ କରି ଦଳର ସ୍କୋର ୨୦୦ ରନ ପାର କରାଇଥିଲେ। ମାତ୍ର ୫୭ଟି ବଲର ସମ୍ମୁଖୀନ ହୋଇ ଋତୁରାଜ ୧୩ ଚୌକା ଓ ୭ ଛକା ସହ ୧୨୩ ରନର ବିସ୍ଫୋରକ ଶତକୀୟ ପାଳି ଖେଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଛକା ମାରି ସେ କ୍ୟାରିୟରର ପ୍ରଥମ ଟି-୨୦ ଶତକ ହାସଲ କରିଥିଲେ। ସେହିପିର ତିଳକ ୨୪ ବଲର ୪ ଚୌକା ସହ ୩୧ ରନକରି ଅପରାଜିତ ରହିବା ସହ ଋତୁରାଜଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ପାଇଁ କେନ୍ ରିଚାର୍ଡସନ, ବେହରେନଡୋର୍ଫ ଓ ଆରୋନ ହାର୍ଡି ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।



**ଗ୍ଲେନ ମ୍ୟାକ୍ସୱେଲ**
ରନ- ୧୦୪*
ବଲ୍- ୪୮
ଛକା- ୮
ଚୌକା- ୮

### ଅନ୍ତିମ ଓଭରରେ ମ୍ୟାକ୍ସୱେଲ ଦେଲେ ୩୦ ରନ

ମ୍ୟାକ୍ସୱେଲ ଅନ୍ତିମ ଓଭର ବୋଲିଂ କରିଥିଲେ ଓ ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ଋତୁରାଜ ଏହି ଓଭରରେ ୩୦ ସଂଗ୍ରହ କରି ନିଜର ଶତକ ପୂରଣ କରିଥିଲେ। ଡେଥ୍ ଓଭର ଅର୍ଥାତ ଅନ୍ତିମ ୩ ଓଭରରେ ଋତୁରାଜ ଓ ତିଳକ ୭୪ ରନ ସଂଗ୍ରହ କରି ଭ୍ରମଣକାରୀ ବୋଲରଙ୍କୁ ନିରାଶ କରିଥିଲେ। ୧୭ତମ ଓଭରରରେ ବେହରେନଡୋର୍ଫ ୭, ୧୮ତମ ଓଭରରେ ଆରୋନ ହାର୍ଡି ୨୫ ରନ ବ୍ୟୟ କରିଥିଲେ। ସେହିପରି ୧୯ତମ ଓଭରରେ ୧୨ ରନ ସଂଗ୍ରୀହୃତ ହୋଇଥିଲା। ଅଷ୍ଟ୍ରେଲୀୟ ଟି-୨୦ ଇତିହାସରେ ମ୍ୟାକ୍ସୱେଲ୍‌ଙ୍କ ଏହି ଅନ୍ତିମ ଓଭର ସବୁଠାରୁ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲା।

### ସଂକ୍ଷିପ୍ତ ସ୍କୋର

ଭାରତ: ୨୨୨/୩, ୨୦ ଓଭର (ଋତୁରାଜ- ୧୨୩*, ସୂର୍ଯ୍ୟକୁମାର- ୩୯, ତିଳକ-୩୧*, ରିଚାର୍ଡସନ- ୧/୩୪, ବେହରେନଡୋର୍ଫ- ୧/୧୨, ହାର୍ଡି- ୧/୬୪)।

ଅଷ୍ଟ୍ରେଲିଆ: ୨୨୫/୫, ୨୦ ଓଭର (ମ୍ୟାକ୍ସୱେଲ-୧୦୪*, ହେଡ- ୩୫, ୱାଡେ- ୨୮*, ଷ୍ଟୋଇନିସ-୧୭, ବିଷ୍ଣୋଇ- ୨/୩୨, ଅକ୍ଷର- ୧/୩୭, ଆଭେସ- ୧/୩୭)।

## ଟି-୨୦ରେ ଶତକ: ଗାଏକ୍ୱାଡ ୫ମ ଭାରତୀୟ ଓପନର୍



ଗୁଆହାଟୀ, ୨୮ ।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ବିପକ୍ଷରେ ମଙ୍ଗଳବାର ଏଠାରେ ଖେଳାଯାଇଥିବା ୩ୟ ଟି-୨୦ ମ୍ୟାଚରେ ଭାରତର ଋତୁରାଜ ଗାଏକ୍ୱାଡ ୫୭ ବଲରେ ୧୨୩ ରନର ଅପରାଜିତ ଶତକୀୟ ପାଳି ଖେଳିଥିଲେ। ଏଥିସହ ସେ ୫ମ ଭାରତୀୟ ଓପନର୍ ଭାବେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ତାଙ୍କ ପୂର୍ବରୁ ଭାରତୀୟ ଓପନର୍ ଭାବେ ରୋହିତ୍ ଶର୍ମା, ଶୁବମାନ ଗିଲ୍, ବିରାଟ କୋହଲି, ଯଶସ୍ୱୀ ଜୟସ୍ୱାଲ ଟି-୨୦ରେ ଶତକ ମାରିଛନ୍ତି। ଏମାନଙ୍କ ମଧ୍ୟରୁ ରୋହିତ୍ ସର୍ବାଧିକ ୪ଟି ଶତକ ଅର୍ଜନ କରିଥିବାବେଳେ ଅନ୍ୟମାନଙ୍କ ନାମରେ ଗୋଟିଏ ଲେଖାଏ ରହିଛି।

## ସିରିଜ ମଝିରେ ମୁକେଶଙ୍କୁ ବିବାହ ଛୁଟି



ନୂଆଦିଲ୍ଲୀ, ୨୮ ।୧୧(ଏଜେନ୍ସି): ବାହା ହେବା ପାଇଁ ଭାରତୀୟ ଦ୍ରୁତ ବୋଲର ମୁକେଶ କୁମାର ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ଟି-୨୦ ସିରିଜ ଅଧାରୁ ଓହରିଯାଇଛନ୍ତି। ମୁକେଶ ଛୁଟି ପାଇଁ ଅନୁରୋଧ କରିଥିଲେ ଓ ତାଙ୍କୁ ଏଥିପାଇଁ ଅନୁମତି ଦିଆଯାଇଛି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ସୂଚନା ଦିଆଯାଇଛି। ଫଳରେ ୩୦ ବର୍ଷୀୟ ମୁକେଶ ଗୁଆହାଟୀରେ ମଙ୍ଗଳବାର ଅନୁଷ୍ଠିତ ତୃତୀୟ ଟି-୨୦ ମ୍ୟାଚ୍ ଖେଳି ନାହାନ୍ତି। ତାଙ୍କ ସ୍ଥାନରେ ୩୧ ବର୍ଷୀୟ ଡାହାଣହାତୀ ଦ୍ରୁତ ବୋଲର ଦୀପକ ଚହରଙ୍କୁ ତୃତୀୟ ଟି-୨୦ ପାଇଁ ଦଳରେ ସାମିଲ କରାଯାଇଛି। ତେବେ ମୁକେଶ ଶୁକ୍ରବାର ରାୟପୁରରେ ଆୟୋଜନ ହେବାକୁ ଥିବା ଚତୁର୍ଥ ଟି-୨୦ ପାଇଁ ଦଳକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ବୋର୍ଡ ତରଫରୁ କୁହାଯାଇଛି। ଚହର କିନ୍ତୁ ସିରିଜର ବାକି ମ୍ୟାଚ୍‌ଗୁଡିକ ପାଇଁ ଦଳରେ ବଜାୟ ରହିବେ। ମୁକେଶ ସିଧା ଘରକୁ ଫେରିଛନ୍ତି। ମଙ୍ଗଳବାର ଗୋରଖପୁରରେ ତାଙ୍କ ବିବାହ ଉତ୍ସବ ଆୟୋଜିତ ହୋଇଛି। ମୁକେଶ ବିହାରର ଛପରା ସହରର ବନିୟାପୁରର ବେରୁଇ ଗ୍ରାମର ଦିବ୍ୟା ସିଂଙ୍କୁ ବିବାହ କରିବେ। ମୁକେଶ ଏପର୍ଯ୍ୟନ୍ତ ଭାରତ ପାଇଁ ଗୋଟିଏ ଟେଷ୍ଟ, ୩ ଦିନିକିଆ ଓ ୪ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଗତବର୍ଷ ଆଇପିଏଲ୍‌ରେ ମୁକେଶଙ୍କୁ ଦିଲ୍ଲୀ କ୍ୟାପିଟାଲ୍ସ ୫ କୋଟି ଟଙ୍କା ବିନିମୟରେ କ୍ରୟ କରିଥିଲା। ଏହାପରେ ସେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ତାଙ୍କ ବିବାହ ଉତ୍ସବରେ ଏକାଧିକ ଭାରତୀୟ କ୍ରିକେଟର ସାମିଲ ହେବାର ସମ୍ଭାବନା ରହିଛି।

ନନ୍ଦିଘୋଷ CAREER Opportunities

NANDIGHOSHA Network Pvt. Ltd., a leading & fast-growing Odia News Channel invites applications for its Input department. Deserving candidates may send their CVs specifying positions applied for;

| Sl. No. | Positions | Experience |
|---|---|---|
| 1 | Reporter (Sports) | 1. Master in Journalism from a recognized institute. 2. 5 to 8 years of experience in sports reporting. Priority will be given to electronic media reporting. 3. He/She must have a knowledge of news with excellent writing & speaking skills. |
| 2 | Reporter | 1. Master in Journalism from a recognized institute. 2. Minimum 6 years of experience in news reporting. 3. He/She must have a knowledge of news with excellent writing & speaking skills. |

Please apply along with your detailed CV with recent passport size photo via e-mail to suhana.tabsum@nandighoshatv.com by 30th Nov, 2023.

*Only shortlisted candidates will be called for Personal Interview.

Sd/- HR Dept.




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର